



RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-316 BHUBANESWAR MONDAY 13 MAY 2024 PAGE-16 ₹ 6.00

ବର୍ଷ-୪୧ ସଂଖ୍ୟା-୩୧୬ ଭୁବନେଶ୍ୱର ସୋମବାର ୧୩ ମେ ୨୦୨୪ ପୃଷ୍ଠା-୧୬ ଟ.୬.୦୦





# ଲୋକଙ୍କ ଘୋଷଣାପତ୍ର - ୨୦୨୪

## ଯୁବ ଓଡ଼ିଶା

- ଆଗାମୀ ୧୦ ବର୍ଷରେ ରାଜ୍ୟର ଯୁଗବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ୍।
- ପ୍ରତିବର୍ଷ ୧ ହଜାର କୋଟି ବଜେଟ୍ ଉପରେ ନିଜ ଭବିଷ୍ୟତର ନିଷ୍ପତ୍ତି ନେବେ ଯୁବବର୍ଗ।
- ନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କୁ ୧୪,୦୦୦ ଟଙ୍କା ଓ ଛାତ୍ରଙ୍କୁ ୧୨,୦୦୦ ଟଙ୍କାର ବର୍ଦ୍ଧିତ ବୃତ୍ତି ପ୍ରଦାନ କରାଯିବ।
- ନୂଆ-ଓ ଛାତ୍ରବୃତ୍ତି ଓ ମ୍ୟାଜିକ୍ କାର୍ଡ଼ର ପରିସର ବୃଦ୍ଧି କରାଯାଇ ସମସ୍ତ ୟୁଜି, ପିଜି, ଡିପ୍ଲୋମା ଏବଂ ପଲିଟେକ୍ନିକ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ।
- ପ୍ରତିଷ୍ଠା ହେବ ଓଡ଼ିଶା ଦକ୍ଷତା ଓ ଉଦ୍ୟୋଗ ବିଶ୍ୱବିଦ୍ୟାଳୟ।
- ଯୁବବର୍ଗଙ୍କୁ ମିଳିବ ୨ ଲକ୍ଷ ସରକାରୀ ନିଯୁକ୍ତି।

## ମାଗଣା ବିଜୁଳି

- ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ୯୦% ପରିବାରକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି।
- ଚାଷୀମାନଙ୍କ ପାଇଁ ମାଗଣା ବିଜୁଳି।

## ମହିଳା ସଶକ୍ତିକରଣ

- ମିଶନ ଶକ୍ତି ମହିଳାଙ୍କୁ ମିଳିବ ବିନା ସୁଧରେ ୧୫ ଲକ୍ଷ ଟଙ୍କାର ଋଣ।
- ମିଶନ ଶକ୍ତିକୁ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ।
- ୨୦୩୬ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ଜେଣ୍ଡର ବଜେଟ୍ ଆସିବ।
- ମହିଳା ଉଦ୍ୟୋଗୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଫ୍ଟ ଲୋନ ଯୋଗାଇବା ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି।
- ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳ ମିଶନ ଶକ୍ତି ମା'ମାନଙ୍କ ପାଇଁ ପେନସନ।

## ସ୍ୱାସ୍ଥ୍ୟ

- ସମସ୍ତଙ୍କୁ BSKY ନବୀନ କାର୍ଡ଼ରେ ଅନ୍ତର୍ଭୁକ୍ତ କରାଯିବ।
- ସରକାରୀ କର୍ମଚାରୀ, କମ୍ୟୁନିଟି କର୍ମଚାରୀ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ।
- ଓଡ଼ିଶାରେ ଡାକ୍ତରମାନଙ୍କ ସଂଖ୍ୟା ଅଧିକ ହେବ।

## କୃଷକ

- ଓଡ଼ିଶା, ଦେଶରେ କୃଷକଙ୍କ ଆୟ ବୃଦ୍ଧିରେ ଏକ ନମ୍ବର ରାଜ୍ୟ ହେବ।
- ବିନା ସୁଧରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ।
- ଚାଷୀମାନଙ୍କ ପାଇଁ ମାଗଣା ବିଜୁଳି।
- ମଣ୍ଡିଗୁଡ଼ିକର ଆଧୁନିକୀକରଣ ପାଇଁ ୫୦୦ କୋଟି ଟଙ୍କାର ଅନୁଦାନ।
- ଝିଅ ବିବାହ ପାଇଁ ଚାଷୀ ପରିବାରକୁ ୨୫,୦୦୦ ଟଙ୍କାର ସହାୟତା ମିଳିବ।

## ଅନୁସୂଚିତ ଜାତି (SC)

- ପ୍ରତିବର୍ଷ ୧୦,୦୦୦ ଅନୁସୂଚିତ ଜାତିର ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ଅନୁସୂଚିତ ଜାତିର ଯୁବବର୍ଗଙ୍କୁ ଉଦ୍ୟୋଗ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ଉପରେ ରିହାତି ମିଳିବ।

## ଅନୁସୂଚିତ ଜନଜାତି (ST)

- ଏସ.ଡି.ସିଗୁଡ଼ିକୁ ଦୁଇଗୁଣ ପାଣ୍ଠି ଯୋଗାଇ ଦିଆଯିବ।
- କେନ୍ଦୁପତ୍ରର ମୂଲ୍ୟ ବିଡ଼ା ପିଛା ୨ ଟଙ୍କା ବୃଦ୍ଧି ସହିତ ତୋଳାଳୀମାନଙ୍କ ପାଇଁ ୫୦% ଏବଂ ବନ୍ଧାଳୀମାନଙ୍କ ପାଇଁ ୧୦%ର ବୋନସ୍ ଯୋଗାଇ ଦିଆଯିବ।
- ପ୍ରତିବର୍ଷ ୧୦,୦୦୦ ଜନଜାତିର ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ଜନଜାତିର ଯୁବବର୍ଗଙ୍କୁ ଉଦ୍ୟୋଗ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ଉପରେ ରିହାତି ମିଳିବ।

## ଅନ୍ୟାନ୍ୟ ପଛୁଆ ବର୍ଗ (OBC)

- ପ୍ରତିବର୍ଷ ୧୦,୦୦୦ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ଅନ୍ୟାନ୍ୟ ପଛୁଆ ବର୍ଗର ଯୁବବର୍ଗଙ୍କୁ ଉଦ୍ୟୋଗ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ଉପରେ ରିହାତି ମିଳିବ।
- ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ହେବ SEBC-OBC ଜନଗଣନା।

## ସଂଖ୍ୟାଲଘୁ ସମ୍ପ୍ରଦାୟ

- ସଂଖ୍ୟାଲଘୁମାନଙ୍କର ଶିକ୍ଷାନୁଷ୍ଠାନ ଏବଂ ମହତ୍ତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ 5T ଅଧୀନରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିକାଶ କରାଯିବ।
- ସ୍ୱୟମ୍ ଯୋଜନା ଦ୍ୱାରା ସଂଖ୍ୟାଲଘୁ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଶେଷ ଧ୍ୟାନ ଦିଆଯିବ।

## ମଧ୍ୟବିତ୍ତ ବର୍ଗ

- ସମସ୍ତ ମଧ୍ୟବିତ୍ତ ପରିବାରକୁ BSKYରେ ଅନ୍ତର୍ଭୁକ୍ତ କରାଯିବ।
- ମାଗଣା ବିଜୁଳି ସେବାରେ ଅନ୍ତର୍ଭୁକ୍ତ କରାଯିବ।
- ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣର ସୁଧ ଉପରେ ରିହାତି ମିଳିବ।
- ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣର ସୁଧ ଉପରେ ରିହାତି ମିଳିବ।
- ସମସ୍ତଙ୍କ ପାଇଁ ବସ୍, ମେଟ୍ରୋ ଏବଂ ବିମାନ ଯୋଗେ ସୁଲଭ ପରିବହନ ବ୍ୟବସ୍ଥା କରାଯିବ।

## ଶ୍ରମିକ

- ସର୍ବନିମ୍ନ ମଜୁରି ଦୁଇଗୁଣ ହେବ।
- ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ପାଣ୍ଠି ଦୁଇଗୁଣ ହେବ।
- ଶ୍ରମିକମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣର ସୁବିଧା ହେବ।
- ଛାତ୍ରବୃତ୍ତି ଏବଂ ଶିକ୍ଷା ଋଣର ସୁବିଧା।
- କାରିଗର ଓ ବୁଣାକାରଙ୍କ ପାଇଁ ମାସିକ ସ୍ୱତନ୍ତ୍ର ପେନସନ ବ୍ୟବସ୍ଥା।

## ବରିଷ୍ଠ ନାଗରିକ

- ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ BSKYରେ କର୍କଟ, ମାନସିକ ସ୍ୱାସ୍ଥ୍ୟ, ଅକ୍ଷମତାର ସର୍ବଭାରତୀୟ ସ୍କ୍ରିନିଂ ଅନ୍ତର୍ଭୁକ୍ତ କରାଯିବ।
- ପିପିପି ମୋଡ୍ ରେ ସାରା ରାଜ୍ୟରେ ସ୍ଥାପନ ହେବ ସକ୍ରିୟ ବାର୍ଦ୍ଧକ୍ୟ କେନ୍ଦ୍ର।
- ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ପୁରୀକୁ ଯାତ୍ରା ପାଇଁ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ ଅନ୍ତର୍ଭୁକ୍ତ କରାଯିବ।

## ଭିନ୍ନକ୍ଷମ

- ଭିନ୍ନକ୍ଷମଙ୍କୁ ଉଦ୍ୟୋଗୀ କରିବା ପାଇଁ 'ଭିନ୍ନକ୍ଷମ ଉତ୍କର୍ଷ କେନ୍ଦ୍ର' ସ୍ଥାପନ କରାଯିବ।
- ଏସିସଟିଭ ଟେକ୍ନୋଲୋଜି ଏବଂ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ୧୦୦ କୋଟି ଟଙ୍କାର ଏକ ଇମ୍ପାକ୍ଟ ପାଣ୍ଠି ଗଠନ କରାଯିବ।
- ଡିଜିଟାଲ ସାକ୍ଷରତା ବୃଦ୍ଧି ସହ ଭିନ୍ନକ୍ଷମ ମହିଳା ଓ ଝିଅମାନଙ୍କ ପାଇଁ ସ୍ମାର୍ଟଫୋନ୍ ର ବ୍ୟବସ୍ଥା କରାଯିବ।
- ଭିନ୍ନକ୍ଷମ କଲ୍ୟାଣ ତଥା ବିକାଶ ପାଇଁ ରାଜ୍ୟ ବଜେଟ୍ କୁ ବହୁଗୁଣ କରାଯିବ।

## ଅର୍ଥନୀତି ଅଭିବୃଦ୍ଧି

- ପୁଞ୍ଜିନିବେଶ କ୍ଷେତ୍ରରେ ଦେଶର ଶ୍ରେଷ୍ଠ ୩ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇବ।
- ନୂତନ ଯୁଗର ଟେକ୍ନୋଲୋଜି, AI ଚାଳିତ ଜ୍ଞାନ ଓ ଅର୍ଥନୀତି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।
- ଓଡ଼ିଶାକୁ ଆଇଟି ହବ୍, ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ ଇକୋସିଷ୍ଟମରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯିବ।
- ୧୦୦ଟି ଉଚ୍ଚମାନର ଇକୋ ପର୍ଯ୍ୟଟନ ସ୍ଥଳ ନିର୍ମାଣ ହେବ।
- ୫୦୦ କୋଟି ଟଙ୍କାର ମଧ୍ୟମ ଓ ଲଘୁ ଶିଳ୍ପ ପାଇଁ କର୍ପସ୍ ପାଣ୍ଠି ଗଠନ କରାଯିବ।

## ଗୁଣାତ୍ମକ ଶିକ୍ଷା

- ପର୍ଯ୍ୟାୟକ୍ରମେ 5T ଅଧୀନରେ ସମସ୍ତ ସ୍କୁଲ ଓ କଲେଜକୁ ରୂପାନ୍ତରିତ କରାଯିବ।
- ପ୍ରତି ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (OAV)କୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ପ୍ରତିଷ୍ଠା କରାଯିବ।
- ରାଜ୍ୟର ମହାପୁରୁଷମାନଙ୍କ ସହ ଜଡ଼ିତ ୧୦୦ଟି ବିଦ୍ୟାଳୟକୁ 'ଐତିହ୍ୟ ବିଦ୍ୟାଳୟ ପ୍ରକଳ୍ପ' କରାଯିବ।

## ଭିତ୍ତିଭୂମି ଏବଂ ଯୋଗାଯୋଗ

- ଭୁବନେଶ୍ୱର-ପୁରୀ ବିମାନବନ୍ଦର ମଧ୍ୟରେ ଏକ୍ସପ୍ରେସ ୱେ ଏବଂ ଅର୍ଥନୈତିକ କରିଡର ନିର୍ମାଣ ହେବ।
- ଗୋପାଳପୁର ଏବଂ ଜୟପୁରକୁ ସଂଯୋଗ କରି ୫,୦୦୦ କୋଟି ଟଙ୍କା ବ୍ୟୟରେ ବିଜୁ ଏକ୍ସପ୍ରେସ୍ ୱେ (ଦକ୍ଷିଣ)ର ନିର୍ମାଣ କାର୍ଯ୍ୟ ଶେଷ କରାଯିବ।
- ଲକ୍ଷ୍ମୀ ବସ୍ ଯୋଜନାର ପରିସର ବୃଦ୍ଧି କରାଯାଇ ଗ୍ରାମଗୁଡ଼ିକୁ ଜିଲ୍ଲା ସଦର ମହକୁମା ଓ ନିକଟସ୍ଥ ବଡ଼ ସହର ସହ ସଂଯୋଗ କରାଯିବ।
- ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଯାତ୍ରାରେ ରିହାତି ମିଳିବ।
- କୋଷ୍ଟାଲ ଏକ୍ସପ୍ରେସ ୱେର ବିକାଶ କରାଯିବ।
- ପୁରୀରେ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦରର ନିର୍ମାଣ କରାଯିବ।
- ଅନ୍ତର୍ଜାତୀୟ ସହରଗୁଡ଼ିକୁ ଯୋଡୁଥିବା ବିମାନ ସଂଖ୍ୟା ବୃଦ୍ଧି ହେବ।

## କ୍ରୀଡ଼ା ବିକାଶ

- ଓଡ଼ିଶାକୁ ଦେଶର ପ୍ରମୁଖ କ୍ରୀଡ଼ା କ୍ଷେତ୍ର ଭାବେ ବିକଶିତ କରିବାର ଧାରା ଅବ୍ୟାହତ ରହିବ।
- ବାରବାଟୀରେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ, ସମ୍ବଲପୁରରେ ଫୁଟବଲ ଷ୍ଟାଡିୟମ, ବ୍ରହ୍ମପୁରରେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ହେବ।
- 5T ଜରିଆରେ ପ୍ରତିଭା ଚୟନଠାରୁ ଆରମ୍ଭ କରି ବିଶେଷଜ୍ଞ କୋଚିଂ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ରହିବ।

## ବ୍ୟାପକ ଗ୍ରାମୀଣ ସୁବିଧା ଏବଂ ସେବା

- ରାସନ କାର୍ଡ଼ ଜରିଆରେ ଖାଦ୍ୟ ସୁରକ୍ଷା।
- ବିଶୁଦ୍ଧ ପାନୀୟ ଜଳ ଓ ପାଇପ୍ ଯୋଗେ ଜଳ ଯୋଗାଣ।
- ଆମ ହସ୍ପିଟାଲ ଯୋଗେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା।
- ସମସ୍ତଙ୍କୁ BSKYରେ ଅନ୍ତର୍ଭୁକ୍ତ କରାଯିବ।
- ସମସ୍ତ ସ୍କୁଲ ଓ କଲେଜ 5T ଉପକ୍ରମରେ ସାମିଲ ହେବେ।
- ଯୋଗ୍ୟ ଗ୍ରାମୀଣ ପରିବାରକୁ ବିନା ମୂଲ୍ୟରେ ବିଜୁଳି।
- ଆମ ବ୍ୟାଙ୍କ ଜରିଆରେ ଆର୍ଥିକ କାରବାର ସୁବିଧା ପ୍ରଦାନ କରାଯିବ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରକୁ ୧୦ ଲକ୍ଷ ଘର ଦିଆଯିବ।
- ମୋବାଇଲ ଓ ବ୍ରଡବ୍ୟାଣ୍ଡ ସଂଯୋଗ ବୃଦ୍ଧି।
- ଉନ୍ନତ ଗ୍ରାମୀଣ ରାସ୍ତା ଓ ସେତୁ ସ୍ଥାପନ କରାଯିବ।
- ସମସ୍ତ ଗ୍ରାମ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସଦର ମହକୁମାକୁ ଲକ୍ଷ୍ମୀ ବସ୍ ସେବାର ପରିସର ବୃଦ୍ଧି କରାଯିବ।

## ସହରୀକରଣ

- ୪ଟି ମେଗା ଅର୍ବାନ କ୍ଲଷ୍ଟରର ବିକାଶ: ଭୁବନେଶ୍ୱର-କଟକ-ଖୋର୍ଦ୍ଧା-ପୁରୀ, ସମ୍ବଲପୁର-ଝାରସୁଗୁଡ଼ା-ରାଉରକେଲା, ବାରିପଦା-ବାଲେଶ୍ୱର-ଭଦ୍ରକ ଏବଂ ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର।
- ସମୟସୀମା ଅନୁଯାୟୀ ଭୁବନେଶ୍ୱର-କଟକ ମେଟ୍ରୋ ନିର୍ମାଣ ଶେଷ ଏବଂ କଟକ, ଖୋର୍ଦ୍ଧା ଓ ପୁରୀକୁ ସଂଯୋଗ କରିବା ପାଇଁ ସମ୍ପ୍ରସାରଣ।
- ଜାଗା ମିଶନର ପରିସର ବୃଦ୍ଧି।

## ଭାଷା ହିଁ ଭବିଷ୍ୟତ

- ଐତିହ୍ୟ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଶାସ୍ତ୍ରୀୟ ଭାଷା ଓଡ଼ିଆର ବିକାଶ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯିବ।
- ପଶ୍ଚିମ ଓଡ଼ିଶାର ଭାଷାଗୁଡ଼ିକର ଗବେଷଣା ଓ ବିକାଶ ପାଇଁ ୨୫ କୋଟି ଟଙ୍କାର କର୍ପସ ପାଣ୍ଠି କରାଯିବ।

## ଖାଦ୍ୟ ନିରାପତ୍ତା

- ସମସ୍ତ ଯୋଗ୍ୟ ପରିବାରକୁ ରାସନ କାର୍ଡ଼ ପ୍ରଦାନ।
- ମଣ୍ଡିଗୁଡ଼ିକର ଉନ୍ନତି ପାଇଁ ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯିବ।

## ଆଞ୍ଚଳିକ ସମନ୍ୱୟ

- ବିଜୁ ଏକ୍ସପ୍ରେସ୍ ୱେର ନିର୍ମାଣ ସହିତ ଝାରସୁଗୁଡ଼ା, ଜୟପୁର ଓ ମାଲକାନଗିରିକୁ ବିମାନ ଯୋଗାଯୋଗ ସୁଦୃଢ଼ କରାଯିବ।
- ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ 'ଫୁଡ ଓ ଆଗ୍ରୋ ପ୍ରୋସେସିଂ' ଶିଳ୍ପ ଉପରେ ଗୁରୁତ୍ୱ ଦିଆଯିବ।
- ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଜଳସେଚନ, ଶିଳ୍ପ, ଶିକ୍ଷାନୁଷ୍ଠାନ, ସଡ଼କ ଓ ସେତୁର ଉନ୍ନତିକୁ ପ୍ରାଧାନ୍ୟ ଦିଆଯିବ।

## ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ

- ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ 'ଓଡ଼ିଶା ଜଳବାୟୁ ପରିବର୍ତ୍ତନ ଆକ୍ସନ୍ ପ୍ଲାନ୍-୨୦୩୬' ପ୍ରସ୍ତୁତ କରାଯିବ।
- ବୈଦ୍ୟୁତିକ ବାହନ (EV) ବ୍ୟବହାର ଓ କ୍ରୟ ପାଇଁ ପ୍ରୋତ୍ସାହନ ବୃଦ୍ଧି କରାଯିବ।

## ସୁଶାସନ

- 5T ନୀତି ଓ ମୋ ସରକାର ଆଧାରରେ ଉନ୍ନତ ଶାସନ ପାଇଁ ପ୍ରୟାସ ଜାରି ରହିବ।
- ମୋ ସରକାରକୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବା ସହ ଅଭିଯୋଗ ସମାଧାନ ବ୍ୟବସ୍ଥା ପ୍ରତିଷ୍ଠା କରାଯିବ।
- ଓଡ଼ିଶା ଆଧ୍ୟାତ୍ମିକ ପ୍ରଗତି ପାଇଁ ସୁନାମ ଅର୍ଜନ କରିଛି, ଏହାକୁ ବିଶ୍ୱ ଦରବାରରେ ପ୍ରଦର୍ଶନ କରାଯିବ।

5T ନବୀନ ଗ୍ୟାରେଣ୍ଟି



**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ ଲୋକସଭା ବିଧାନସଭା**

# ୨୧ରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ

■ ଭୁବନେଶ୍ୱର, ୧୨।୫ (ସମିସ): ଆସନ୍ତା ମେ' ଚତୁର୍ଥ ସପ୍ତାହ ଆଡ଼କୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ସମ୍ଭବତଃ ମେ' ୨୧ ତାରିଖରେ ପୋର୍ଟବ୍ଲେୟାର ନିକଟରେ ଦକ୍ଷିଣ ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହି ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ଫଳରେ ୨୩ ତାରିଖରେ ମୌସୁମୀ ଉତ୍ତର ଆଣ୍ଡାମାନ



ଛୁଇଁପାରେ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି। ସେ କହିଛନ୍ତି ଯେ ସ୍ୱାଭାବିକ ଭାବେ ମେ' ୨୨ ତାରିଖରେ ମୌସୁମୀ ଆଣ୍ଡାମାନ ଛୁଇଁଥାଏ। ମାତ୍ର ଏହି ଘୂର୍ଣ୍ଣିବଳୟ ଯୋଗୁଁ ୨୨ରେ ଯଦିବା ଆଣ୍ଡମାନରେ କିଛି ବର୍ଷା ହେବ, କିନ୍ତୁ ବର୍ଷାର ପରିମାଣ ଓ ପବନର ବେଗରୁ ଜଣାପଡୁଛି ଯେ ମୌସୁମୀ ୨୨ ପରେ ଆଣ୍ଡାମାନ ଛୁଇଁବ। ▶ପୃଷ୍ଠା-୯


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-316 ♦BHUBANESWAR ♦MONDAY ♦13 MAY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୧୬ ♦ଭୁବନେଶ୍ୱର ♦ସୋମବାର ♦୧୩ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ବଲାଙ୍ଗିର ଓ ବରଗଡ଼ ସଂସଦୀୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର

# ଜୁଲାଇରୁ ମାଗଣା ବିଜୁଳି; ଆପଣମାନେ ଖୁସି ତ?



### କଣ୍ଟାବାଞ୍ଜିବାସୀଙ୍କ ମୁହଁରେ ଫୁଟିଲା 'ନବୀନ' ଆନନ୍ଦ

■ ଭୁବନେଶ୍ୱର/ବଲାଙ୍ଗିର/ବରଗଡ଼, ୧୨।୫ (ସମିସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଲୋକସଭା ଓ ବରଗଡ଼ ଲୋକସଭା କ୍ଷେତ୍ରରେ କରିଛନ୍ତି ନିଆରା ନିର୍ବାଚନ ପ୍ରଚାର। ସାଧାରଣ ଲୋକଙ୍କ ସହ ଭାବବିନିମୟ କରିଛନ୍ତି। କଣ୍ଟାବାଞ୍ଜିରୁ ତାଙ୍କର ପ୍ରାର୍ଥିତ୍ୱ, ଜୁଲାଇ ମାସରୁ ମାଗଣା ବିଜୁଳି ପ୍ରଦାନ ନିଷ୍ପତ୍ତିରେ ଲୋକମାନେ ଖୁସି କି ନାହିଁ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳ ନେତାମାନେ ମିଛ କହୁଛନ୍ତି ଓ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଉଲ୍ଲେଖ କରି ତାଙ୍କୁ, ବିଜୁଜନତା ଦଳ ଓ ଶଙ୍ଖ ଚିହ୍ନକୁ ଆଶୀର୍ବାଦ କରିବାକୁ ଅନୁରୋଧ କରିଛନ୍ତି।

ବଲାଙ୍ଗିର ସଂସଦୀୟ କ୍ଷେତ୍ରର ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀ ଆଜି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଏହି ସମାବେଶରେ ମୁଁ ଏଠାରୁ ବିଧାନସଭା ପ୍ରାର୍ଥୀ ହୋଇଛି, ଆପଣମାନେ ଖୁସି ତ ବୋଲି ନବୀନଙ୍କ ପ୍ରଶ୍ନରେ କଣ୍ଟାବାଞ୍ଜିବାସୀଙ୍କ ଖୋଲା ହୃଦୟର ସମ୍ମତି ସୂଚକ 'ହଁ' ଧ୍ୱନି ଗଗନପବନ ପ୍ରକମ୍ପିତ କରିଛି। ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ ବିଜେଡି ସରକାର ଲୋକଙ୍କୁ ମାଗଣା ବିଜୁଳି ଦେବାକୁ ଘୋଷଣା କରିଥିବା ▶ପୃଷ୍ଠା-୯

### ଦିନରେ ଲଣ୍ଠନ ଦେଖାଉଛନ୍ତି 'ଡବଲ ଇଞ୍ଜିନ' ସରକାର: ପାଣ୍ଡିଆନ

## ଜୁନ୍ ୯ରେ ମୁଖ୍ୟମନ୍ତ୍ରୀଙ୍କ ଶପଥ; 'ବିଜୁଳି ଛାଡ଼'ରେ ପ୍ରଥମ ଦସ୍ତଖତ

- ରାଜ୍ୟର ୯୦ ପ୍ରତିଶତ ପରିବାରକୁ ଦେବାକୁ ପଡ଼ିବ ନାହିଁ ବିଜୁଳି ବିଲ୍
- ପ୍ରଧାନମନ୍ତ୍ରୀଙ୍କ କାନ୍ଧରୁ ଓହ୍ଲାଇଲେ ଅମାନତ ହରାଇବେ କେନ୍ଦ୍ରମନ୍ତ୍ରୀ
- ବିଏସ୍‌କେୱାଇ ସ୍ମାର୍ଟକାର୍ଡରେ ଲୋକଙ୍କୁ ଏଟିଏମ୍ ଭଳି ସୁବିଧା ମିଳୁଛି
- କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଯୋଜନା' ଚଳାଉଛନ୍ତି ବୀମା କମ୍ପାନୀ
- ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଶବ୍ଦ ବ୍ୟବହାର ବିରୋଧୀଙ୍କୁ ମହଙ୍ଗା ପଡ଼ିବ
- କଣ୍ଟାବାଞ୍ଜିରୁ 'ରେକର୍ଡ ମାର୍ଜିନ୍'ରେ ଜିତି ଇତିହାସ ରଚିବେ ମୁଖ୍ୟମନ୍ତ୍ରୀ



■ ବଲାଙ୍ଗିର, ୧୨।୫ (ସମିସ): ମୁଖ୍ୟମନ୍ତ୍ରୀ ସର୍ବଦା ଆପଣମାନଙ୍କ ହିତ କଥା ଚିନ୍ତା କରନ୍ତି। ସେଇଥିପାଇଁ ଆପଣମାନଙ୍କୁ ମାଗଣା ବିଜୁଳି ପ୍ରଦାନ ନିମନ୍ତେ ଘୋଷଣା କରିଛନ୍ତି। ଜୁନ୍ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ସେହିଦିନ 'ବିଜୁଳି ଛାଡ଼' ନିଷ୍ପତ୍ତିରେ ପ୍ରଥମ ଦସ୍ତଖତ ମାରିବେ। ଜୁଲାଇରୁ ଆପଣମାନେ ଆଉ ▶ପୃଷ୍ଠା-୯

### ଆଜି ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

# ଟିପ ବାଛିବ ନେତା



### ୪ ଲୋକସଭା ଓ ୨୮ ବିଧାନସଭା କ୍ଷେତ୍ରରେ ମତଦାନ

- ୬୨,୮୭,୨୨୨ ଭୋଟରଙ୍କ ପାଇଁ ୭୩୦୩ ବୁଥ୍
- ୫୩,୦୦୦ ପୁଲିଂ କର୍ମଚାରୀ ନିୟୋଜିତ
- ୧୨୦୬ ବୁଥ୍‌ରେ ୪ଟା ସୁଦ୍ଧା ସରିବ ମତଦାନ



■ ଭୁବନେଶ୍ୱର, ୧୨।୫ (ସମିସ): ସୋମବାର ଦେଶର ଚତୁର୍ଥ ଓ ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୪ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନ ପାଇଁ ଭୋଟରମାନେ ମତଦାନ କରିବେ। ରାଜ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳିତ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୁରକ୍ଷା ବ୍ୟବସ୍ଥା ସହିତ ପୋଲିଂବୁଥ୍‌ରେ ପୋଲିଂପାର୍ଟି ପହଞ୍ଚି ସମସ୍ତ ପ୍ରକ୍ରିୟା ଶେଷ କରିଛନ୍ତି।

କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ଆଦି ୪ ସଂସଦୀୟ କ୍ଷେତ୍ରର ମୋଟ ୬୨,୮୭,୨୨୨ ମତଦାତା ନିଜ ନିଜର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୩୦,୯୭,୫୨୭ ପୁରୁଷ, ୩୧,୮୯,୦୬୦ ମହିଳା ଓ ୬୩୫ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ସେହିପରି ମତଦାନ ନିମନ୍ତେ ୯୧୫୫ଟି ବାଲାଟ୍ ୟୁନିଟ୍, ୯୫୦୭ଟି କଣ୍ଟ୍ରୋଲ ୟୁନିଟ୍ ▶ପୃଷ୍ଠା-୯

### ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ

## ଆଜି ୯୬ ଲୋକସଭା ଆସନ ପାଇଁ ମତଦାନ

■ ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଲୋକସଭା ନିର୍ବାଚନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ (ଚତୁର୍ଥ) ରେ ସୋମବାର ୯ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୯୬ଟି ସଂସଦୀୟ କ୍ଷେତ୍ରରେ ମତଦାନ ହେବାକୁ ଯାଉଛି। ଏହି ଆସନ ମଧ୍ୟରେ ଆନ୍ଧ୍ର ପ୍ରଦେଶର ୨୫, ତେଲଙ୍ଗାନାର ୧୭, ଉତ୍ତରପ୍ରଦେଶର ୧୩, ମହାରାଷ୍ଟ୍ରର ୧୧, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ, ବିହାରର ୫, ଝାଡ଼ଖଣ୍ଡର ୪, ଓଡ଼ିଶାର ୪ ଓ ଜମ୍ମୁ-କାଶ୍ମୀରର ୪ଟି ଆସନ ସାମିଲ ରହିଛି।




**ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

# ପୁଲିସ ସଜାଗ, ସଶସ୍ତ୍ର ବାହିନୀ ତତ୍ପର




**ଭୁବନେଶ୍ୱର,୧୨।୫(ସମିସ):** ଆସନ୍ତାକାଲି ଓଡ଼ିଶାରେ ଅନୁଷ୍ଠିତ ହେବ ପ୍ରଥମ ପର୍ଯ୍ୟାୟ ନିର୍ବାଚନ। ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକସଭା ଓ ୨୮ଟି ବିଧାନସଭା କ୍ଷେତ୍ର ପାଇଁ ମତଗ୍ରହଣ କରାଯିବ। ୯ ପୁଲିସ ଜିଲ୍ଲାରେ ୬୨୮୨ସ୍ଥାନରେ ୭୨୯୮ ମତଦାନ କେନ୍ଦ୍ର ମଧ୍ୟରୁ ୫୩୭ଟି ବୁଥ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ରହିଛି। ନିର୍ବାଚନ ପରିଚାଳନାର ସୁରକ୍ଷା ଲାଗି ବିଭିନ୍ନ ପାହ୍ୟାର ୧୭ ହଜାର ପୁଲିସ କର୍ମଚାରୀଙ୍କସହ ୧୦୪ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ, ୬୬ ପ୍ଲାଟୁନ ଆର୍ମ ପୁଲିସ ଫୋର୍ସଙ୍କୁ ମୁତୟନ କରାଯାଇଛି। ୨୯ଜଣ ଅତିରିକ୍ତ ଏସ୍‌ପି, ୫୭ ଡିଏସ୍‌ପି, ୧୫୪ ଇନ୍‌ସପେକ୍ଟର, ୧୪୫୭ଏଏସ୍‌ଆଇ/ଏସ୍‌ଆଇଙ୍କ ସହ ୬୬୩୯ କନଷ୍ଟେବଲ/ହାବିଲଦାର ଜଣ, ୫୫୮୧ଗୃହରକ୍ଷୀ/ଗ୍ରାମରକ୍ଷୀ ନିର୍ବାଚନ ପରିଚାଳନାରେ ନିୟୋଜିତ ହୋଇଛନ୍ତି। ସେହିପରି ଜିପିଏସ୍ ସଂଯୋଗ ସହ ୬୦୦ ମୋବାଇଲ ପାଟ୍ରୋଲିଂ ପାର୍ଟି ମଧ୍ୟ ନିର୍ବାଚନକୁ ତତ୍ତ୍ୱାବଧାନ କରିବେ।

- ୯ ପୁଲିସ ଜିଲ୍ଲାରେ ୭୨୯୮ ବୁଥ, ମାଓ ଅଧ୍ୟୁଷିତ ଅଞ୍ଚଳରେ ୫୩୭
- ୧୫ ଷ୍ଟ୍ରଙ୍ଗରୁମରେ ସୁରକ୍ଷିତ ରହିବ ଇଭିଏମ୍ ଓ ଭିଭିପାଟ୍
- ୧୭ ହଜାର ପୁଲିସ, ୬୦୦ ଭ୍ରାମ୍ୟମାଣ ପାଟ୍ରୋଲିଂ ପାର୍ଟି ମୁତୟନ
- ୧୦୪ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ, ୬୬ ପ୍ଲାଟୁନ ଆର୍ମ ପୁଲିସ
- ନୂଆପଡ଼ାର ସୁନାବେଡ଼ାକୁ ହେଲିକପ୍ଟରରେ ଗଲେ ପୁଲିଂ ପାର୍ଟି
- ଜରୁରୀ ଆବଶ୍ୟକତା ଲାଗି ପ୍ରସ୍ତୁତ ରହିଛି ଦୁଇଟି ହେଲିକପ୍ଟର
- ମାଓ ଇଲାକାରେ ୩ ଦିନ ଜାରି ରହିବ ତଲାସୀ ଅପରେସନ୍

ଆସନ୍ତାକାଲି ନିର୍ବର୍‌ାଚନ ହେଉଥିବା ୯ ପୁଲିସ ଜିଲ୍ଲା ମଧ୍ୟରୁ ୬ଟି ଜିଲ୍ଲାରେ ମାଓ ଗତିବିଧି ରହିଛି। ଏହି ପରିପ୍ରେକ୍ଷୀରେ ମାଲକାନାଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଗୁଇନ୍ଦା ବ୍ୟବସ୍ଥାକୁ ସକ୍ରିୟ କରିବା ସହ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଏହି ୪ମାସ ହେବ ଏହି ୬ଟି ଜିଲ୍ଲାରେ ୫୩୯ଟି ନକ୍ସଲ ବିରୋଧୀ ଅଭିଯାନ କରଯାଇଛି। ନିର୍ବାଚନ ଲାଗି ଗତ ଦୁଇ ଦିନ ହେବ ସିଆର୍‌ପିଏଫ୍ ଓ ବିଏସ୍‌ଏଫ୍‌କୁ ନେଇ ୧୩୮ଟି ଅପରେସନ୍ ପାର୍ଟି ଓ ୩୭ ୟୁନିଟ୍ ଏସ୍‌ଓଜି ଓ ଡିଭିଏଫ ଜଙ୍ଗଲରେ ମାଓ ଅପରେସନ୍ ଚଳାଇଛନ୍ତି। ଛତିଶଗଡ଼ ୫ଟି ଓ ଆନ୍ଧ୍ରପ୍ରଦେଶ ୯ଟି ସୀମାବର୍ତ୍ତୀ ସ୍ଥାନରେ ଅପରେସନ୍ ଚାଲିଛି। ମାଓ ଇଲାକାରେ ନିର୍ବାଚନ ଥିବା ଅତିରିକ୍ତ ଡିଜି ଅପରେସନ ଦେବଦତ୍ତ ସିଂ କଳାହାଣ୍ଡିରେ କ୍ୟାମ୍ପ କରି ସେଠାରୁ ମନିଟରିଂ କରୁଛନ୍ତି। ସେପରି କୋଟିଆରେ ବ୍ୟାପକ ପୁଲିସ ବନ୍ଦୋବସ୍ତ କରାଯାଇଛି। ମାଓ ଅଞ୍ଚଳରେ ଭୋଟ୍ ବର୍ଜନର ପୋଷ୍ଟର ଲାଗିଛି। ବିଭିନ୍ନ ସ୍ଥାନରେ ଲଗାଯାଇଥିବା ପୋଷ୍ଟରକୁ ଜବତ କରାଯାଇଛି। ସେଥିରୁ କେତେ ନକଲି ଓ ଅସଲ ରହିଛି, ତାକୁ ପୁଲିସ ତର୍ଜମା କରୁଛି।

ସେହିପରି ଆଇନଶୃଙ୍ଖଳା ରକ୍ଷା ଓ ନିର୍ବାଚନ ପରିଚାଳନା ପାଇଁ ୯ ପୁଲିସ ଜିଲ୍ଲାରେ ଥିବା ୫୧ଟି ଚେକ୍‌ପୋଷ୍ଟ ରହିଛି। ଯାହା ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ଜିଲ୍ଲା ସଂଲଗ୍ନ। ସୀମାଗୁଡିକୁ ସିଲ୍ କରାଯାଇ କଡାକଡି ଭାବେ ଯାଞ୍ଚ କରାଯାଉଛି। ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ ମୁତାବକ ଫ୍ଲାଇସ୍କ୍ୱାଡ ଗଠନ କରାଯାଇଛି। ନିର୍ବାଚନ ହେବାକୁ ଥିବା ୯ ଜିଲ୍ଲାରେ ୨୧୦ଟି ଫ୍ଲାଇସ୍କ୍ୱାଡ ଟିମ୍ ରହିଛନ୍ତି। ନିର୍ବାଚନ ସଂକ୍ରାନ୍ତ କୌଣସି ଅଭିଯୋଗ ଆସିଲେ, ସେମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରୁଛନ୍ତି। ଏହାବ୍ୟତୀତ ୧୫୫ଟି ଷ୍ଟାଟିକ ସର୍ଭେଲାନ୍ସ ଟିମ୍ ପରିଭ୍ରମଣ କରୁଛନ୍ତି। ଏହି ୯ଟି ଜିଲ୍ଲାରେ ୧୫ଟି ଇଭିଏମ ଷ୍ଟ୍ରଙ୍ଗରୁମ ରହିଛି। ନିର୍ବାଚନ ପରେ ସେଠାରେ ଇଭିଏମ୍‌ଗୁଡିକୁ ରଖାଯିବ। ଏହି ଇଭିଏମ୍ ସୁରକ୍ଷା ଲାଗି ଦୁଇସ୍ତରରେ ସୁରକ୍ଷା ଦାୟିତ୍ୱ ବିଭକ୍ତ କରାଯାଇଛି। ଇଭିଏମ୍ ସୁରକ୍ଷା ଦାୟିତ୍ୱରେ ଗୋଟିଏ ପ୍ଲାଟୁନ ଅର୍ଦ୍ଧ ସାମରିକ ବାହିନୀ ରହିବେ। ଆଉ ବାହାର ସୁରକ୍ଷା ଲାଗି ଗୋଟିଏ ପ୍ଲାଟୁନ ଆର୍ମ ପୁଲିସ ଫୋର୍ସ ରହିବେ।

ଅନ୍ୟପକ୍ଷରେ ୨୮ଟି ନିର୍ବାଚନମଣ୍ଡଳୀରେ ପୁଲିଂ ପାର୍ଟି ପହଞ୍ଚିଛନ୍ତି। ନୂଆପଡ଼ାର ସୁନାବେଡ଼ା ଅଞ୍ଚଳରେ ୭ଟି ବୁଥ୍‌କୁ ହେଲିକପ୍ଟରରେ ପୁଲିଂ ପାର୍ଟି ଯାଇଛନ୍ତି। ଏହାବ୍ୟତୀତ ନକ୍ସଲ ବିରୋଧୀ କୌଣସି ଅଘଟଣ ଘଟିଲେ, ତାକୁ ମୁକାବିଲା କରିବା ଦୁଇଟି ହେଲିକପ୍ଟର ମୁତୟନ ରହିଛି ବୋଲି ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ ସୂଚନା ଦେଇଛନ୍ତି। ଏହି ଅବସରରେ ଆଇନ୍‌ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ଏଡିଜି ଏସ୍‌ଏପି ଆର୍‌ପି କୋଚେ, ଆଇଜି ଟ୍ରେନିଂ ଏସ୍. ସାଇନି, ଆଇଜି କ୍ରାଇମ୍‌ବ୍ରାଞ୍ଚ ସିଫେନ୍ ଅହମ୍ମଦ, ଆଇଜି ପ୍ରୋଭିଜନିଂ ଯତୀନ୍ଦ୍ର କୋଏଲ୍ ଓ ମୁଖ୍ୟାଳୟ ଏଆଇଜି ବାତୁଲା ଗଙ୍ଗାଧର ଉପସ୍ଥିତ ଥିଲେ।

## ଫୋକସ୍‌ରେ ସୋସିଆଲ୍ ମିଡିଆରେ ଅପପ୍ରଚାର

**ଭୁବନେଶ୍ୱର,୧୨।୫(ସମିସ):** ରାଜ୍ୟରେ ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ପଦକ୍ଷେପ ନେଇଛି ରାଜ୍ୟ ପୁଲିସ। ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ସମୟରେ ଫେକ୍ ନ୍ୟୁଜ ହେଉ ଅବା ଅପପ୍ରଚାର ରୋକିବାକୁ ବେଶି ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ଠାରୁ ଜିଲ୍ଲାସ୍ତରରେ ସୋସିଆଲ୍ ମିଡିଆ ମନିଟରିଂ ସେଲ୍‌ଫ ସ୍ଥାପନ ହୋଇଛି। ଏହିକ୍ରମରେ ସୋସିଆଲ ମିଡିଆ ସମ୍ପର୍କିତ ୧୧୧ଟି ଅଭିଯୋଗ ହୋଇଛି। ବିଭିନ୍ନ ବିବାଦିତ ୩୫୦ଟି ପୋଷ୍ଟ ସୋସିଆଲ ମିଡିଆରୁ ଅପସାରଣ କରାଯାଇଛି। ଏଥିସହ ଆଇଟି ଆକ୍ଟରେ ୫ଟି ମାମଲା ରୁଜୁ କରାଯାଇଛି। ଏଥିରେ ସମ୍ପୃକ୍ତି ରହିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେଭଳି ୬୪୩ଟି ସୋସିଆଲ ମିଡିଆ ଆକାଉଣ୍ଟଗୁଡିକ ଉପରେ କଡା ନିଜର ରଖାଯାଇଛି।

## ୮୭୯ଟି ସ୍ଥାନରେ ନାହିଁ ଇଣ୍ଟରନେଟ୍ ସୁବିଧା

ନିର୍ବାଚନ ଲାଗି ଯୋଗାଯୋଗକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ କିଛି ସ୍ଥାନରେ ଇଣ୍ଟରନେଟ୍ ନ ଥିବା ପୁଲିସ ପାଇଁ ସମସ୍ୟା ସୃଷ୍ଟି କରିଛି। ରାଜ୍ୟର ୮୭୯ଟି ସ୍ଥାନରେ ମୋବାଇଲ ଯୋଗାଯୋଗ ଓ ଇଣ୍ଟରନେଟ୍ ସୁବିଧା ନଥିବା ସ୍ଥାନଗୁଡିକୁ ଚିହ୍ନଟ କରାଯାଇଛି। ସେଠାରେ ଭିଏଚ୍‌ଏଫ୍, ସାଟେଲାଇଟ୍ ଫୋନ୍ ସହ ବାଇକ ଇନ୍‌ଫର୍ମମାନଙ୍କୁ ନିୟୋଜିତ କରାଯିବାକୁ ବ୍ୟବସ୍ଥା ହୋଇଛି। ଏହାକୁ ଆଇଜି କମ୍ୟୁନିକେସନସତୀଶ ଗଜଭିୟେ ମନିଟରିଂ କରୁଛନ୍ତି।

## ଏଥର ନିଶାମୁକ୍ତ ନିର୍ବାଚନ ଲକ୍ଷ୍ୟ

ନିଶା ବିରୋଧରେ ସ୍ୱତନ୍ତ୍ର ଧରପଗଡ଼ ଜାରି ରହିଛି। ଏହିକ୍ରମରେ ୪ଲକ୍ଷ ୫୦ହଜାର ଲିଟର ବିଦେଶୀ ମଦ ଜବତ କରାଯାଇଛି। ୨୨ହଜାର ମାମଲା ରୁଜୁ କରାଯିବା ସହ ସମ୍ପୃକ୍ତି ରହିଥିବା ୩୪୨୮ଜଣଙ୍କୁ ଗିରଫ ହୋଇଛନ୍ତି। ୭୦୨୫ କୁଇଣ୍ଟାଲ ଗଞ୍ଜେଇ, ସାଢ଼େ ୪ କିଲୋ ବ୍ରାଉନସୁଗର ଜବତ ହୋଇଛି। ଏହି ନିଶାଦ୍ରବ୍ୟ କାରବାରରେ ସମ୍ପୃକ୍ତି ରହିଥିବା ୧୪୪୮ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୫ହଜାର ୫୩ ଏକର ଗଞ୍ଜେଇ କ୍ଷେତକୁ ନଷ୍ଟ କରାଯାଇଛି। ୩୭୫୦ ଲିଟର କଫ୍‌ସିରପ, ଦୁଇଟି ବଡ଼ ଡିପୋ ଠାବ କରାଯିବା ସହ ୧୦୪୮ଜଣଙ୍କୁ ଗିରଫ କରାଯାଇଛି।

## ପେସାଦାରଙ୍କୁ ଏନ୍‌ଏସ୍‌ଏ ଆଇନ ଛାଟ

ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ଲାଗି ଗତ ଜାନୁଆରୀ ପ୍ରଥମ ସପ୍ତାହରେ ଓଡ଼ିଶା ପୁଲିସ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି କରାଯାଇଛି। ୩୭୮୯୮ ହଜାର ମାମଲାରେ ୱାରେଣ୍ଟି (ଜାମିନ୍ ବିହୀନ ଗିରଫ ପରୱାନା) ଜାରି କରାଯାଇଥିଲା। ସେଥିମଧ୍ୟରୁ ୩୩୦୦୦ବ୍ୟକ୍ତି ଗିରଫ ହୋଇଛନ୍ତି କିମ୍ବା କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେପରି ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ ୧୦୭, ୧୦୯ କିମ୍ବା ୧୧୦ ଦଫା ଲଗାଯାଇଛି। ଏହିକ୍ରମରେ ୩୯୯୮୭ଟି ମାମଲାରେ ୪୭୨୮୯ଜଣ ବ୍ୟକ୍ତିଙ୍କ ବିରୋଧରେ ନୋଟିସ୍ ଜାରି କରି ବଣ୍ଡ ନିଆଯାଇଛି। ୭ଜଣଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ୍(ଏନ୍‌ଏସ୍‌ଏ) ଲାଗୁ କରାଯାଇଛି।




## ୪ କୋଟି ଟଙ୍କା ଜବତ, ୩ ବନ୍ଧୁକ କାରଖାନା ଠାବ

ନିର୍ବାଚନ ସମୟରେ ଟଙ୍କା କାରବାର ରୋକିବାକୁ ବିଭିନ୍ନ ସ୍ଥାନରେ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ପକ୍ଷରୁ ଯାଞ୍ଚ କରାଯାଇଛି। ବିଭିନ୍ନ ଜିଲ୍ଲାରୁ ଏଯାବତ୍ ନଗଦ ୪ କୋଟି ୧ ଲକ୍ଷ ଟଙ୍କା ଜବତ ହୋଇଛି। ଅନୁରୂପ ଭାବରେ ନିର୍ବାଚନ ସମୟରେ ଅସ୍ତ୍ରଶସ୍ତ୍ର ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯାଇଛି। ଏଯାବତ୍ ୨୩୩ଟି ବନ୍ଧୁକ, ୧୨ଟି ମାଗାଜିନ୍, ୧୧୩ଟି ବୋମା, ୧୫୩୦ଟି ବିସ୍ଫୋରକ ଜବତ ହୋଇଛି। ଏଥିସହ ବେଆଇନ୍ ଭାବେ ଚାଲିଥିବା ୩ଟି ବନ୍ଧୁକ କାରଖାନା ଠାବ କରାଯାଇଛି।

## ନିର୍ବାଚନ ପରିଚାଳନା ଲାଗି ଶତପ୍ରତିଶତ ପ୍ରଶିକ୍ଷଣ

ନିର୍ବାଚନ ପରିଚାଳନା ଲାଗି ପ୍ରଶିକ୍ଷଣ ସବୁଠୁ ଗୁରୁତ୍ୱ ବହନ କରିଥାଏ। ଏହିକ୍ରମରେ ପୁଲିସ ଅଧିକାରୀ, ହୋମଗାର୍ଡ, ଗ୍ରାମରକ୍ଷୀଙ୍କ ସମେତ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହୁଥିବା ବ୍ୟକ୍ତିଙ୍କୁ ତାଲିମ୍ ଦିଆଯାଇଛି। ରାଜ୍ୟ ଓ ଜିଲ୍ଲାସ୍ତରରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ରାଜ୍ୟରେ ମାଷ୍ଟର ଟ୍ରେନରମାନଙ୍କ ପ୍ରଶିକ୍ଷଣ ଦିଆଯାଇଥିବା ଜିଲ୍ଲାସ୍ତରରେ ସମସ୍ତ କର୍ମଚାରୀଙ୍କ ଶତପ୍ରତିଶତ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିର ଲାଗି ନୋଡାଲ ଅଫିସର ଥିବା ଆଇଜି ଟ୍ରେନିଂ ଏସ୍.ସାଇନି ମନିଟରିଂ କରୁଛନ୍ତି।

## ୧୨୬୪ଟି ମାଓ ବିରୋଧରେ ଅପରେସନ୍

ରାଜ୍ୟର ମାଓ ଅଧ୍ୟୁଷିତ ଅଞ୍ଚଳରେ ସୁରକ୍ଷାକୁ ସୁନିଶ୍ଚିତ କରାଯାଉଛି। ଗତ ୪ମାସ ହେବ ମାଓ ଗତିବିଧି ରହିଥିବା ଜିଲ୍ଲାଗୁଡିକରେ ଅପରେସନ୍‌କୁ ଜୋରଦାର କରାଯାଉଛି। କନ୍ଧମାଳ ଓ ବୌଦ୍ଧ ସମେତ ଅନ୍ୟ ଜିଲ୍ଲାଗୁଡିକରେ ମାଓ ବିରୋଧୀ ମୁକାବିଲା ଜାରି ରହିଛି। ଜାନୁଆରୀରୁ ଏଯାବତ୍ ବିଭିନ୍ନ ଜିଲ୍ଲାରେ ୧୨୬୪ଟି ମାଓ ବିରୋଧୀ ଅପରେସନରେ ୩ କ୍ୟାଡ଼ର ମାଓବାଦୀଙ୍କ ସହ ୪ଜଣ ନିହତ ହୋଇଛନ୍ତି। ୧୭ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ମାଓ ଶିବିର ଠାବକରି ନଷ୍ଟ କରାଯାଇଛି ଏବଂ ସେଠାରୁ ୬ଟି ବନ୍ଧୁକ, ବିସ୍ଫୋରକ, ଗୋଳାବାରୁଦ ଜବତ କରାଯାଇଛି।

## ୫୩୭ ଫ୍ଲାଇଂ ସ୍କ୍ୱାଡ୍ ଓ ୭୨୨ଟି ଏସଏସ୍‌ଟି

ସମଗ୍ର ରାଜ୍ୟରେ ୫୩୭ଟି ଫ୍ଲାଇଂସ୍କ୍ୱାଡ ଓ ୭୨୨ଟି ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ କାର୍ଯ୍ୟକ୍ଷମ ହୋଇଛି। ଜିଲ୍ଲାସ୍ତରରେ ଅବ୍‌ଜରର୍ଭର ଓ ସ୍ୱତନ୍ତ୍ର ଅବ୍‌ଜରର୍ଭର ଆସିଛନ୍ତି। ୧୨୧ଟି ଆନ୍ତଃରାଜ୍ୟ ସୀମାବର୍ତ୍ତୀ ଚେକ୍‌ପୋଷ୍ଟରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ସହ ସିସିଟିଭି ଲଗାଯାଇଛି। ଓଡ଼ିଶାକୁ କେତେ ଗାଡି ଆସୁଛି ଓ ଯାଉଛି ତା'ର ତାଲିକା ରଖାଯାଉଛି। ସେହିପରି ଜିଲ୍ଲାସ୍ତରରେ ୨୮୦ଟି ଚେକ୍‌ପୋଷ୍ଟ ରହିଛି। ଜିଲ୍ଲା ସ୍ତରରେ ସମନ୍ୱୟ ରକ୍ଷା କରି ଯାଞ୍ଚ କରାଯାଉଛି। ଏଥିସହ ୨୫ କମ୍ପାନୀ ପୁଲିସ ଫୋର୍ସ ନିର୍ବାଚନ ଅଧିକାରୀଙ୍କ ଅନୁମତିକ୍ରମେ ବିଭିନ୍ନ ରାଜ୍ୟକୁ ପଠାଇଯାଇଛି।

# ଅଗ୍ନିପଥ ସ୍କିମ୍ ଏକ ଗଭୀର ଷଡ଼ଯନ୍ତ୍ର

**ଭୁବନେଶ୍ୱର, ୧୨।୫(ସମିସ):** ଦେଶର ପ୍ରତିରକ୍ଷା ବିଭାଗକୁ ଯୋଜନାବଦ୍ଧ ଭାବରେ ଦୁର୍ବଳ କରିବା ପାଇଁ ମୋଦୀ ସରକାର ଉଦ୍ୟମ କରୁଛନ୍ତି। ଦେଶର ସେନା ଓ ଯୁବବର୍ଗଙ୍କ ଭବିଷ୍ୟତକୁ ଅଗ୍ନିପଥ ଯୋଜନା ମାଧ୍ୟମରେ ଅନ୍ଧାରକୁ ଠେଲି ଦେବାର ଅପଚେଷ୍ଟା ଚାଲିଛି। ଆଜି ପ୍ରଦେଶ କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଜାତୀୟ କଂଗ୍ରେସର ଏକ୍ସ ସର୍ଭିସ୍‌ମ୍ୟାନ ବିଭାଗର ଅଧକ୍ଷ କର୍ଣ୍ଣେଲ୍ ରୋହିତ୍ ଚୌଧୁରୀ ଏପରି ବିଷୋଦ୍‌ଗାର କରିଛନ୍ତି।

**ସେନାବାହିନୀରେ ବିଭେଦ ସୃଷ୍ଟି କରୁଛନ୍ତି କେନ୍ଦ୍ର ସରକାର**

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ କଠୋର ସମାଲୋଚନା କରି ସେ କହିଥିଲେ ଯେ ୧୦ବର୍ଷର ମୋଦୀ ସରକାର ସମୟରେ ଦେଶରେ ଆତଙ୍କବାଦୀ ହମ୍‌ଲା ବଢ଼ିଛି। ଏହି ସମୟରେ ୨୦୦୦ରୁ ଅଧିକ ଯବାନ ସହିଦ୍ ହୋଇଛନ୍ତି। ଭାରତ ଭଳି ଦେଶ ଆଜି ୫୦ବର୍ଷର ରେକର୍ଡତୋଡ଼ ଉତ୍କଟ ବେକାରୀ ସମସ୍ୟା ଦେଇ ଗତି କରୁଥିବା ବେଳେ ସେନାବାହିନୀରେ ନିଯୁକ୍ତି ଅପେକ୍ଷାରେ ଥିବା ଏ ଦେଶର ଏକ କୋଟିରୁ ଊର୍ଦ୍ଧ୍ୱ ଯୁବକ ଆଜି ମୋଦୀ ସରକାରଙ୍କ ଅଗ୍ନିପଥ ଯୋଜନା ଯୋଗୁଁ ପ୍ରତାରିତ ଏବଂ ହତାଶ ହୋଇଛନ୍ତି। ବର୍ତ୍ତମାନ ଅଗ୍ନିପଥ ଯୋଜନା ମାଧ୍ୟମରେ କେନ୍ଦ୍ର ସରକାର ସାଧାରଣ ସେନା ଓ ଅଗ୍ନବୀରଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଛନ୍ତି।



ପୂର୍ବରୁ ସେନାବାହିନୀରେ ପ୍ରତ୍ୟେକ ବର୍ଷ ୮୦ହଜାରରୁ ଊର୍ଦ୍ଧ୍ୱ ସ୍ଥାୟୀ ଚାକିରି ପାଇଁ ନିଯୁକ୍ତି ଦିଆଯାଉଥିବା ବେଳେ ମୋଦି ସରକାରଙ୍କ ସମୟରେ ତାହା କମି କମି ୪୦ ହଜାରକୁ ଖସି ଆସିଛି। ଆଜି ଦେଶରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦ୍ର ସରକାରଙ୍କ ଅଧୀନ ବିଭିନ୍ନ ବିଭାଗରେ ଖାଲି ପଡ଼ିଛି। ଦେଶର ସେନାବାହିନୀରେ ୩ଲକ୍ଷରୁ ଊର୍ଦ୍ଧ୍ୱ ପଦ ଖାଲି ପଡ଼ିଛି। ଅଗ୍ନିପଥ ଯୋଜନା ମାଧ୍ୟମରେ ୪ ବର୍ଷିଆ ଠିକା ନିଯୁକ୍ତିରେ ଜଣେ ଯୁବକକୁ ତା'ର ଯୁବକ ଅବସ୍ଥାରେ ଚାକରିରୁ ଅବସର ଦିଆଯାଉଛି। ଅପରପକ୍ଷେ ପ୍ରଧାନମନ୍ତ୍ରୀ ମୋଦୀ ୭୫ବର୍ଷ ବୟସରେ ମଧ୍ୟ ପୁଣି ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଛନ୍ତି। ଆଜି ଦେଶର ସେନା କର୍ମଚାରୀଙ୍କର ହାରାହାରି ବୟସ ୩୦ ବର୍ଷ ହୋଇଥିବା ବେଳେ ୪ ବର୍ଷ କାର୍ଯ୍ୟ ପରେ ଅବସର ନେବା କାହା ସ୍ୱାର୍ଥରେ ବୋଲି କର୍ଣ୍ଣେଲ ଚୌଧୁରୀ ପ୍ରଶ୍ନ କରିଛନ୍ତି।

ଅଗ୍ନିବୀର ଯୋଦ୍ଧାମାନେ ୱାନ୍ ରାଙ୍କ-ୱାନ୍ ପେନସନ, ସହିଦର ମାନ୍ୟତା, ଅବସରକାଳୀନ ସୁବିଧା ଇତ୍ୟାଦିରୁ ବଞ୍ଚିତ ହେଉଛନ୍ତି। ସେନାରେ ଜଣେ ସ୍ଥାୟୀ କର୍ମଚାରୀ ଜୀବନଯାକ ମେଡିକାଲ, କ୍ୟାଣ୍ଟିନ୍, ପେନସନ ଭଳି ସୁବିଧା ପାଉଥିବା ବେଳେ ୪ବର୍ଷିଆ ଅଗ୍ନିବୀର ଏ ସୁଯୋଗରୁ କ'ଣ ପାଇଁ ବଞ୍ଚିତ ହେବେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗର ଅଧକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ମିଡିଆ ସଂଯୋଜକ ପ୍ରଭାତ କୁମାର, ପିସିସି ମୁଖପାତ୍ର ପ୍ରଶାନ୍ତ ଶତପଥୀ ଓ କାର୍ଗିଲ ଯୋଦ୍ଧା ତଥା ଝାଡ଼ଖଣ୍ଡ ପିସିସି ଏକ୍ସ ସର୍ଭିସ୍‌ମ୍ୟାନ ବିଭାଗର ଅଧକ୍ଷ ଏଚ୍‌ଏନ୍ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଅଧିକାରୀଙ୍କୁ ଧମକାଉଛନ୍ତି ବିଜେପି ବିଧାୟକ ପ୍ରାର୍ଥୀ ସରୋଜ

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର,୧୨।୫(ସମିସ):** ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି ବିଜେପି ଆସ୍କା ବିଧାୟକ ପ୍ରାର୍ଥୀ ସରୋଜ ପାଢ଼ୀ। ଭୋମି ପଞ୍ଚାୟତ ନୂଆପଲୀ ଛକରେ ରବିବାର ଏନ୍‌ଫୋର୍ସମେଣ୍ଟ ଟିମ୍ ଯାଞ୍ଚ କରିବା ସମୟରେ କଥିତ ଭାବେ ସେ କାର୍ଯ୍ୟରତ ଅଧିକାରୀଙ୍କୁ ଧମକାଇଛନ୍ତି। ଏହା ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାର ବାଧକ ଦର୍ଶାଇ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି। ଏହାସହ ନିର୍ବାଚନ ସମୟରେ ଭୟର ବାତାବରଣ ସୃଷ୍ଟି କରୁଥିବା ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରିଛି। ସିଇଓଙ୍କୁ ଅଭିଯୋଗ କରିବାକୁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ସାଂସଦ ଡ. ସସ୍ମିତ ପାତ୍ର ଓ ସୁଲତା ଦେଓ, ଓମ୍ ପ୍ରକାଶ ସାହୁ, ମିହିର ରାୟ, ଡ. ପ୍ରିୟବ୍ରତ ମାଝୀ, ମାହିକ୍ଷୀତା ମିଶ୍ର, ଇସ୍ମିତା ସାହୁ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ।




## ପୁଣି ଓଡ଼ିଶା ଆସିବେ, ମୋଦୀ, ଶାହ ଓ ନଡ୍ଡା

**ଭୁବନେଶ୍ୱର, ୧୨।୫(ସମିସ):** ପୁଣିଥରେ ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଦୁଇ ଦିନିଆ ଓଡ଼ିଶା ଗସ୍ତ ସାରି ଶନିବାର ମୋଦୀ ଭୁବନେଶ୍ୱର ଛାଡ଼ିଥିବା ବେଳେ ପୁଣି ଥରେ ୨୦ ତାରିଖରେ ତାଙ୍କର ଓଡ଼ିଶା ଗସ୍ତ ରହିଛି। ରବିବାର ରାଜ୍ୟ ବିଜେପି ଉପ-ସଭାପତି ଗୋଲକ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦ ତାରିଖରେ ପ୍ରଧାନମନ୍ତ୍ରୀ ପୁଣିଥରେ ଓଡ଼ିଶା ଆସିବେ। ଏହି ଗସ୍ତରେ ତାଙ୍ଗର ପୁରୀରେ ରୋଡ୍ ଶୋ' କାର୍ଯ୍ୟକ୍ରମ ରହିଛି। ସେହିପରି ସେହିଦିନ କଟକ ଓ ଅନୁଗୋଳରେ ଜନସଭାକୁ ମଧ୍ୟ ସମ୍ବୋଧିତ କରିବେ ବୋଲି ସ୍ଥିର ହୋଇଛି। ସେହିପରି ମେ' ୧୫ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କର ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ରାଉରକେଲା, କଣ୍ଟାବାଞ୍ଜି ଓ ସୋରଡ଼ାରେ ଜନସଭା କରିବେ। ସେହିପରି ୧୭ ତାରିଖରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ମଧ୍ୟ ଓଡ଼ିଶା ଆସିବେ। ସେ ସୁନ୍ଦରଗଡ଼, ହିଞ୍ଜିଳି ଓ ପଦ୍ମପୁରରେ ନିର୍ବାଚନୀ ସଭାରେ ଯୋଗଦେବେ ବୋଲି ଜଣାପଡ଼ିଛି।

**ପ୍ରଥମ ପର୍ଯ୍ୟାୟ ମତଦାନ ଆଜି**

# ପୂର୍ବତନ ମନ୍ତ୍ରୀ, ପିସିସି ସଭାପତି ଓ ବହୁ ହେଭିୱେଟ୍‌ଙ୍କ ଭାଗ୍ୟ ପରୀକ୍ଷା

**ଭୁବନେଶ୍ୱର,୧୨।୫(ସମିସ):** ସୋମବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଭୋଟ ପଡ଼ିବ। ଏହି ପର୍ଯ୍ୟାୟ ନିର୍ବାଚନରେ ବହୁ ହେଭିୱେଟ୍ ନେତାଙ୍କ ଭାଗ୍ୟ ପରୀକ୍ଷା ହେବ। ନିର୍ବାଚନ ଯୋଗୁଁ ରାଜ୍ୟର ପ୍ରମୁଖ ୩ରାଜନୈତିକ ଦଳର ପ୍ରାର୍ଥୀମାନେ ଜୋର୍‌ଦାର ପ୍ରଚାର କରିଥିବା ବେଳେ ଭୋଟରଙ୍କ ମନ ଜିଣିବାକୁ ଭରପୂର ଉଦ୍ୟମ କରିଛନ୍ତି। ଏହି ପର୍ଯ୍ୟାୟରେ ୪ଟି ଯଥା ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡି ଲୋକସଭା କ୍ଷେତ୍ର ଏବଂ ଏହା ଅଧୀନରେ ଆସୁଥିବା ୨୮ ବିଧାନସଭା ଆସନ ପାଇଁ ମତଦାନ ହେବ। ଏହି ୪ଟି ଲୋକସଭା ଆସନ ପାଇଁ ମୋଟ ୩୭ଜଣ ପ୍ରାର୍ଥୀ ରହିଛନ୍ତି। ୩୭ ଜଣଙ୍କ ମଧ୍ୟରୁ ଲୋକସଭାରେ ବ୍ରହ୍ମପୁରରୁ ବିଜେଡି ପ୍ରାର୍ଥୀ ଭୃଗୁବକ୍ସି ପାତ୍ର ଓ ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ପ୍ରାର୍ଥୀ ରହିଛନ୍ତି। ସେହିପରି କୋରାପୁଟ ଆସନ ପାଇଁ ପ୍ରଥମ ପର୍ଯ୍ୟାୟରେ ଭୋଟ୍ ପଡୁଥିବା ବେଳେ ଏଠାରୁ ସପ୍ତଗିରି ଉଲ୍ଲାକା ଓ କୌଶଲ୍ୟା ହିକ୍କାଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେଉଛି। ସେହିପରି ନବରଙ୍ଗପୁର ଆସନରୁ ଯଥାକ୍ରମେ ପ୍ରଦୀପ ମାଝୀ, ଭୁଜବଳ ମାଝୀ ଓ ବଳଭଦ୍ର ମାଝୀଙ୍କ ମଧ୍ୟରେ ଲଢ଼େଇ ହେଉଥିବା ବେଳେ କଳାହାଣ୍ଡି ଲୋକସଭା ଆସନ ପାଇଁ ବିଜେଡି ବିଜେପି ମଧ୍ୟରେ କଡ଼ା ଟକ୍କର୍ ଦେଖିବାକୁ ମିଳୁଛି। ଏହି ୪ଟି ଆସନରୁ ୨୦୧୯ରେ କୋରାପୁଟ ଆସନରେ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା ବିଜୟୀ ହୋଇଥିବା ବେଳେ କଳାହାଣ୍ଡିରୁ ବିଜେପି ସାଂସଦ ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ। ବାକି ବ୍ରହ୍ମପୁର ଓ ନବରଙ୍ଗପୁର ଆସନ ବିଜେଡି ଦଖଲ କରିଥିଲା।









ସେହିପରି ଏହି ୪ଟି ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ବିଧାନସଭା ଆସନଗୁଡ଼ିକରେ ମଧ୍ୟରେ ବହୁ ହେଭିୱେଟ୍ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଏଥିରେ ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କଠାରୁ ଆରମ୍ଭ କରି, କଂଗ୍ରେସର ଭକ୍ତ ଦାସ, ପିସିସି ସଭାପତି ଶରତ ପଟ୍ଟନାୟକ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିକ୍ରମ ପଣ୍ଡା, ସିଦ୍ଧାନ୍ତ ମହାପାତ୍ରଙ୍କ ବିଧାନସଭା ପ୍ରାର୍ଥୀ ରହିଛନ୍ତି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ପର୍ଯ୍ୟାୟରେ ୩୭ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ମଇଦାନରେ ୩୦ ଜଣ ପୁରୁଷ ଏବଂ ୭ ଜଣ ମହିଳା ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ୨୮ଟି ବିଧାନସଭା ଆସନ ପାଇଁ ମୋଟ ୨୪୩ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୧୪ ଜଣ ପୁରୁଷ ଏବଂ ୨୯ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। କୋରାପୁଟ, କଳାହାଣ୍ଡି ଓ ବ୍ରହ୍ମପୁର ଲୋକସଭା କ୍ଷେତ୍ର ପାଇଁ ୧୧ ଜଣ ଲେଖାଏଁ ପ୍ରାର୍ଥୀ ଏବଂ ନବରଙ୍ଗପୁରରେ ୪ ଜଣ ପ୍ରାର୍ଥୀ ରହିଛନ୍ତି। ଝରିଗାଁ, ନବରଙ୍ଗପୁର ଓ ଡେବ୍ରିଗାଁ ପାଇଁ ସର୍ବନିମ୍ନ ୩ ଜଣ ଲେଖାଏଁ ପ୍ରାର୍ଥୀ ରହିଛନ୍ତି। ବ୍ରହ୍ମପୁର ବିଧାନସଭା କ୍ଷେତ୍ର ପାଇଁ ସର୍ବାଧିକ ୧୭ପ୍ରାର୍ଥୀ ରହିଛନ୍ତି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-316 ♦BHUBANESWAR ♦MONDAY ♦13 MAY 2024 ♦PAGE-16 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୩୧୬ ♦ଭୁବନେଶ୍ୱର ♦ସୋମବାର ♦୧୩ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

# ଭୋଟ୍‌ଦାନ ପାଇଁ ପାଗ ଅନୁକୂଳ

■ **ଭୁବନେଶ୍ୱର,୧୨।୫(ସମିସ):** ସୋମବାର ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଲୋକସଭା ଆସନ ଏବଂ ଏହି ସବୁ ଲୋକସଭା ଆସନ ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ତେବେ ଭୋଟଗ୍ରହଣ ଅବଧି ସମୟରେ ଏହି ସବୁ ସ୍ଥାନରେ ପାଗ ଅନୁକୂଳ ରହିପାରେ। ପାଣିପାଗ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି, ସୋମବାର ଦକ୍ଷିଣ ଓଡ଼ିଶାରେ ଭାରି ବର୍ଷା ହେବାର ସମ୍ଭାବନା ନାହିଁ। କିଛି ସ୍ଥାନରେ ହାଲୁକା ବା ମଧ୍ୟମ ଧରଣର ବର୍ଷା ହୋଇପାରେ। ଲଗାତାର ବର୍ଷା ହେବ ନାହିଁ ବା ଦିନ ତମାମ ଲାଗି ରହିବ ନାହିଁ। ଯଦି ବର୍ଷା ହେବ, ତା'ହେଲେ ଘଣ୍ଟେ କି ଦୁଇ ଘଣ୍ଟା ମଧ୍ୟରେ ପୂରା କମିଯିବ। ସେହିପରି ତାପମାତ୍ରା ମଧ୍ୟ ୩୫ ଡିଗ୍ରୀ ପାଖାପାଖି ରହିବ। ତେଣୁ ମୋଟାମୋଟି ଭାବେ ଆସନ୍ତାକାଲି ମତଦାନ ବେଳେ ପାଗ ଅନୁକୂଳ ରହିବ ବୋଲି ସେ କହିଛନ୍ତି।

କିଛି ଦିନ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେଉଥିବା ବେଳେ ଦେଶର ରାଜ୍ୟଗୁଡ଼ିକରେ ଖରା ଯୋଗୁଁ ▸ପୃଷ୍ଠା-୯

## ଗଢ଼ାଚାଲିଛି ତିନିରଥ...

# ୫ଟି ତୁମ୍ବର ଗୋଲେଇ ଶେଷ

■ **ପୁରୀ,୧୨।୫(ସମିସ):** ଗତ ଶୁକ୍ରବାର ରଥ ନିର୍ମାଣ ଅନୁକୂଳ ହୋଇଥିବା ବେଳେ ପ୍ରଥମେ ତୁମ୍ବ ତିଆରି ଚାଲିଛି। ରବିବାର ସୁଦ୍ଧା ତିନି ରଥର ୫ଟି ତୁମ୍ବର ଗୋଲେଇ ସହ ମଠା କାର୍ଯ୍ୟ ଶେଷ ହୋଇଛି। ପ୍ରଥମ ଦିନରେ କରତି ସେବକମାନେ ତିନି ଚାଲିକୁ ଗୋଟିଏ ଗୋଟିଏ ତୁମ୍ବ କାଠ ଗଡ଼ କରି ଯୋଗାଇଥିଲେ। ରବିବାର ଦ୍ୱିତୀୟ ଦିନରେ କରତି ସେବକମାନେ ଆଉ ଦୁଇଟି ଲେଖାଏଁ ତୁମ୍ବ ଗଡ଼ କରି ତିନି ରଥ ଚାଲିକୁ ଭୋଇ ସେବକଙ୍କ ଦ୍ୱାରା ଯୋଗାଇ ଦେଇଛନ୍ତି। ତାଳଧ୍ୱଜ ରଥର ମହାରଣା ସେବକ ଦୁଇଟି ତୁମ୍ବର ଗୋଲେଇ କାର୍ଯ୍ୟ ପରେ ମଠା କାର୍ଯ୍ୟ ସମ୍ପୂର୍ଣ୍ଣ କରି ତୃତୀୟ ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି।



ଦେବଦଳନ ରଥର ମହାରଣା ସେବକ ଗୋଟିଏ ତୁମ୍ବର ଗୋଲେଇ କାର୍ଯ୍ୟ ସହ ମଠା କାର୍ଯ୍ୟ ସାରି ଆଉ ୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ନନ୍ଦିଘୋଷ ରଥର ୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ପରେ ମଠା କାର୍ଯ୍ୟ ସରି ଆଉ ୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରହିଛି। ତେବେ ତିନିରଥ ପାଇଁ ମୋଟ ୪୨ ତୁମ୍ବ ନିର୍ମାଣ କରାଯିବ। ନୃସିଂହ ଚତୁର୍ଦ୍ଦଶୀରେ ଗୁଜକାଠ ଅନୁକୂଳ ହେବା ପରେ କଟାଯାଇ ସାଇଜ୍ କରାଯିବ। ୭ ଦିନରେ ତୁମ୍ବରେ ସୂତା ବାଡ଼ାଯିବ ବୋଲି ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଶନିବାରଠାରୁ ପ୍ରସ୍ତୁତ କରିଥିବା ଶାଳକୁ ବିଧି ପ୍ରକାରେ ପୂଜା କରି ଅଗ୍ନି ସଂଯୋଗ କରିଛନ୍ତି। ଅରକଣ୍ଟା ପ୍ରସ୍ତୁତ ପାଇଁ ଜିଆଇ ଲୁହା ରଡ କାଟି କାମ ଆରମ୍ଭ କରିଛନ୍ତି। ରବିବାର ରଥଖଳାରେ ମୋଟ ୪୫ ଜଣ ସେବକ କାମରେ ନିୟୋଜିତ ହୋଇଥିଲେ।

## ବରଗଡ଼ ପ୍ରଚାର ସମାବେଶରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ପାଣ୍ଡିଆନ

# ଓଡ଼ିଶାବାସୀଙ୍କୁ ବୋକା ଭାବୁଛି ବିଜେପି

- ■ ଅସ୍ମିତା କଥା କହୁଥିବା ପ୍ରଧାନମନ୍ତ୍ରୀ ସମ୍ବଲପୁରୀ ଭାଷା ପାଇଁ କ'ଣ କରିଛନ୍ତି?
- ■ ସମ୍ବିଧାନରେ ସ୍ଥାନ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ୫ଥର ଚିଠିକୁ କାହିଁକି ଖାରଜ କରିଦେଲେ
- ■ ବିଜେପୁର ଓ ପଦ୍ମପୁରକୁ ଟ୍ରେନ୍ ଚଳାଇବାକୁ ଦେଇଥିବା ପ୍ରତିଶ୍ରୁତି ପାସୋରିଗଲେ
- ■ ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ସହ ମିଶି ଓଡ଼ିଶା ସ୍ୱାର୍ଥହାନି କରିଛନ୍ତି ଛତିଶଗଡ଼ ସରକାର
- ■ ବରଗଡ଼ର କ୍ୟାନସର ହସ୍ପିଟାଲ ହେବ ରାଜ୍ୟର ସବୁଠାରୁ ବଡ଼ କର୍କଟ ଚିକିତ୍ସା କେନ୍ଦ୍ର
- ■ ମୁଖ୍ୟମନ୍ତ୍ରୀ ଏଠାରେ ୫ ମହିଳା ପ୍ରାର୍ଥୀ ଦେଇଛନ୍ତି, ବିଜେପି ୧୦୦ ବର୍ଷରେ ବି କରିପାରିବନି

■ **ଭୁବନେଶ୍ୱର,୧୨।୫(ସମିସ):** ରବିବାର ବରଗଡ଼ ସଂସଦୀୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ନିର୍ବାଚନ ପ୍ରଚାର କରି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ବିଜେପି ସରକାର ଏବଂ କେନ୍ଦ୍ରମନ୍ତ୍ରୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। କେନ୍ଦ୍ର ସରକାରର ଅପାରଗତାକୁ ନେଇ କଟୁ ସମାଲୋଚନା କରିବା ସହିତ ଓଡ଼ିଶାବାସୀଙ୍କୁ ବୋକା ବୋଲି ଭାବନ୍ତୁ ନାହିଁ ବୋଲି ଚେତାଇ ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରି ଏହାର କାର୍ଯ୍ୟକାରିତାକୁ ନେଇ ସାଧାରଣ ଲୋକଙ୍କୁ ପ୍ରଶ୍ନ କରିଛନ୍ତି। ଲୋକମାନେ ଆନନ୍ଦରେ 'ହଁ' ଭଳି ବିଜେଡି ପ୍ରତି ସେମାନଙ୍କ ସମର୍ଥନ ଓ ଭଲପାଇବା ପ୍ରଦର୍ଶନ କରିଛନ୍ତି।

ସମାବେଶରେ ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ଏଠାକୁ ପ୍ରଧାନମନ୍ତ୍ରୀ ଆସିଥିଲେ। ଅସ୍ମିତା କଥା କହିଲେ; କିନ୍ତୁ ସମ୍ବଲପୁରୀ ଭାଷା ପାଇଁ ସେମାନେ କଣ କରିଛନ୍ତି? ତାହାର ଉତ୍ତର ସେମାନେ ଦେଇ ପାରିବେ ନାହିଁ। ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ କାର୍ଯ୍ୟସୂଚୀରେ ସ୍ଥାନ ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ ୫ ଥର ଚିଠି ଲେଖିଛନ୍ତି, କେନ୍ଦ୍ର ସରକାର କିଛି କଲେ ନାହିଁ। ଖାଲି କହି ଦେଲେ କିଛି ଲାଭ ନାହିଁ, କାମ କରି ଦେଖାଇବାକୁ ହୁଏ। କେନ୍ଦ୍ରର ବିଜେପି ସରକାର, ଛତିଶଗଡ଼ର ବିଜେପି ସରକାର ମିଶି ଓଡ଼ିଶା ବିରୋଧରେ କାମ କଲେ। ମହାନଦୀରେ ଅନେକ ଡ୍ୟାମ, ଆଡିବନ୍ଧ କଲେ। କେନ୍ଦ୍ରୀୟ ଜଳ ଆୟୋଗ ଏଥିରେ ହସ୍ତକ୍ଷେପ କରି ଏହାକୁ ବନ୍ଦ କରିବାର କଥା, କିନ୍ତୁ କଲେ ନାହିଁ। ଏ ଅଞ୍ଚଳର କେନ୍ଦ୍ରମନ୍ତ୍ରୀ ଆଖି ବନ୍ଦ କରି ରହିଲେ; କିନ୍ତୁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ସୁପ୍ରିମ କୋର୍ଟ ଗଲେ, ଟ୍ରିବୁନାଲ ଗଠନ ହେଲା, ତାପରେ ଯାଇ ତାଙ୍କ କାମ ବନ୍ଦ ହେଲା।

ସେ ପୁଣି କହିଥିଲେ ଯେ ଅସ୍ମିତା କଥା କହୁଥିବା କେନ୍ଦ୍ରମନ୍ତ୍ରୀ ଆମର ମହାନ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ପାଇଁ କିଛି କରି ନାହାନ୍ତି। ଟଙ୍କାଟିଏ ବି ଦେଇ ନାହାନ୍ତି, ମ୍ୟୁଜିୟମ ଓ ସ୍ମୃତି ▸ପୃଷ୍ଠା-୯





# ଖୋର୍ଦ୍ଧାରେ ବିଶାଳ ରୋଡ୍ ଶୋ'

■ **ଖୋର୍ଦ୍ଧା,୧୨।୫(ସମିସ):** ଭୁବନେଶ୍ୱର ଲୋକସଭା ଅଧୀନ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଜେଡି ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ରବିବାର ସଂଧ୍ୟାରେ ଏକ ରୋଡ୍ ଶୋ'ରେ ଦଳୀୟ ପ୍ରାର୍ଥୀଙ୍କ ଲାଗି ଜୋରଦାର୍ ପ୍ରଚାର କରିଛନ୍ତି। ଯୋଡ଼ିଶଙ୍ଖ ନାଦକୁ ଘୋଡ଼ାନାଚ ଓ ଦୁଲୁଦୁଲି ବାଦ୍ୟରେ ପୂରା ଖୋର୍ଦ୍ଧା ସହର କମ୍ପି ଉଠିଥିଲା। ସେହିପରି ଝିଲିମିଲି ଆଲୁଅ ସାଙ୍ଗକୁ ରହି ରହି ଆତସବାଜୀରେ ପୂରା ପରିବେଶ ଆଲୋକମୟ ହୋଇଉଠିଥିଲା। ଏହି ଅବସରରେ ଶ୍ରୀ ପାଣ୍ଡିଆନ ଷଷ୍ଠଥର ଲାଗି ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଲୋକଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ଏଠାକାର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ। ଖୋର୍ଦ୍ଧାବାସୀଙ୍କ ମଙ୍ଗଳକାମନା କରି ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଲୋକଙ୍କ ଭଲ ପାଇବା ଓ ସମର୍ଥନ ଲାଗି ସେ ସବୁଦିନ ପାଇଁ ଋଣୀ ହୋଇ ରହିବେ।

ଶ୍ରୀ ପାଣ୍ଡିଆନ୍ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧାକୁ ବେଶି ଭଲ ପାଆନ୍ତି। ଖୋର୍ଦ୍ଧାର ଉନ୍ନତି ଲାଗି ସେ ସର୍ବଦା ଚିନ୍ତା କରିଥା'ନ୍ତି। ଆସନ୍ତା ଜୁନ୍ ୯ରେ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବା ପରେପରେ ମାଗଣା ବିଜୁଳି ବିଲ ଉପରେ ପ୍ରଥମ ଦସ୍ତଖତ କରିବେ। ସେହିପରି ପ୍ରଥମ କ୍ୟାବିନେଟ ବୈଠକରେ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସୁବିଧା, ଏସ୍‌ଏଚଜି ମହିଳାମାନଙ୍କୁ ପେନସନ୍ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ମୋହର ମାରିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆପଣମାନେ ଆଶୀର୍ବାଦ କରନ୍ତୁ ବୋଲି ସେ ଅନୁରୋଧ କରିଥିଲେ।

ସ୍ଥାନୀୟ ମୁକୁନ୍ଦପ୍ରସାଦ ଜଟଣୀ ଓଭରବ୍ରିଜ୍ ନିକଟରୁ ଆରମ୍ଭ ହୋଇଥିବା ଏହି ରୋଡ୍ ଶୋ' ମୁକୁନ୍ଦପ୍ରସାଦ ଛକ, ଗୋଡ଼ିପୋଖରୀ ଛକ, ଟ୍ରାଫିକ୍ ଛକ, ସମବାୟ ବ୍ୟାଙ୍କ ଛକ, ବ୍ୟାଙ୍କ ଛକ, ଭେଟେରିନାରୀ ଛକ, ନୂଆ ବସ୍‌ଷ୍ଟାଣ୍ଡ ଛକ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲା। ଏହି ସମୟରେ ସବୁ ଛକରେ ପୁଷ୍ପ ବର୍ଷା କରାଯାଇଥିଲା। ରାସ୍ତାକଡ଼ରେ ହଜାର ହଜାର ଲୋକ ଛିଡ଼ା ହୋଇ ଶ୍ରୀ ପାଣ୍ଡିଆନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଜୟ ଜଗନ୍ନାଥ ନାରା ସାଙ୍ଗକୁ ନବୀନ ଜିନ୍ଦାବଦ ଓ ହୁଳହୁଳିରେ ସହର କମ୍ପି ଉଠିଥିଲା।

## ୨୫ ବର୍ଷର ବିଜେପି ସରକାର ବନାମ ୨୪ ବର୍ଷର ବିଜେଡି ସରକାର

# 'ଗୋଲାପୀ' ନୁହେଁ; ଗୁଜରାଟ ଛବି 'ଧୂସର'

■ **ଭୁବନେଶ୍ୱର,୧୨।୫(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁଜରାଟ ଗୋଲାପୀ ଛବି ଉପରୁ ପରଦା ହଟାଇଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ୧୫ ବର୍ଷ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ଗୁଜରାଟ ଢ଼ାଞ୍ଚାରେ ସରକାର ଗଢ଼ିବା ପାଇଁ ଗୋଟିଏ ସୁଯୋଗ ଦେଲେ ସେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିଦେବେ ବୋଲି ଘୋଷଣା କରି ନିଜ ଦଳକୁ ଭୋଟ ଦେବାକୁ ସେ ବିଭିନ୍ନ ସମାବେଶରେ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ନିର୍ବାଚନ ସମାବେଶଗୁଡ଼ିକରେ ପ୍ରଧାନମନ୍ତ୍ରୀ ଦେଖାଇଥିବା ଗୋଲାପୀ ଛବିର ବାସ୍ତବତାକୁ ନିଜ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି କାର୍ତ୍ତିକ। ଗୁଜୁରାଟ ଓ ଓଡ଼ିଶା ମଧ୍ୟରେ ଥିବା ତାରତମ୍ୟକୁ ଦର୍ଶାଇବା ସହ କିଏ ଓଡ଼ିଶାକୁ ଏକ ନମ୍ବର କରିବାକୁ ଚାହୁଁଛି ତାହା ଦେଖିବାକୁ ଶ୍ରୀ ପାଣ୍ଡିଆନ୍ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ନିଜ ପୋଷ୍ଟରେ ବିଭିନ୍ନ କ୍ଷେତ୍ରର ତୁଳନାତ୍ମକ ତଥ୍ୟ ରଖି ଓଡ଼ିଶା ଓ ଗୁଜୁରାଟ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଇଛନ୍ତି ଶ୍ରୀ ପାଣ୍ଡିଆନ। ଜାତୀୟ ସ୍ୱାସ୍ଥ୍ୟ ଓ ପରିବାର ସର୍ଭେ-୫ ରିପୋର୍ଟକୁ ଆଧାର କରି ସେ ଦର୍ଶାଇଛନ୍ତି ଯେ ବର୍ତ୍ତମାନ ୫ ବର୍ଷରୁ କମ୍ ବୟସର ପିଲାଙ୍କ ସ୍ୱାଭାବିକଠାରୁ କମ୍ ଓଜନ

### ତୁଳନାତ୍ମକ ତଥ୍ୟ ରଖି ପାଣ୍ଡିଆନ୍‌ଙ୍କ କଟାକ୍ଷ

- ■ ବହୁ କ୍ଷେତ୍ରରେ ଓଡ଼ିଶା ତୁଳନାରେ ପଛୁଆ ରହିଛି ଗୁଜରାଟ
- ■ ଶିକ୍ଷା ଓ ମହିଳା ସଶକ୍ତୀକରଣରେ ଓଡ଼ିଶାଠାରୁ ଗୁଜରାଟ ପଛୁଆ
- ■ ହାରାହାରି ମୁଣ୍ଡପିଛା ଋଣ, ରକ୍ତହୀନତା ଆଦି ପ୍ରସଙ୍ଗରେ ଆଗୁଆ

ଥିବା ପିଲାଙ୍କ ସଂଖ୍ୟା ଓଡ଼ିଶାରେ ୨୯.୭ ପ୍ରତିଶତ ରହିଥିବା ବେଳେ ଗୁଜୁରାଟରେ ଏହି ସଂଖ୍ୟା ୩୯.୭ %। ଏପରିକି ଜାତୀୟ ହାର ୩୨ ପ୍ରତିଶତ ଠାରୁ ଓଡ଼ିଶା ଏ କ୍ଷେତ୍ରରେ କମ୍ ରହିଛି। ମହିଳା ରକ୍ତହୀନତା ହାରରେ ମଧ୍ୟ ଓଡ଼ିଶା ତୁଳନାରେ ଗୁଜୁରାଟ ଉପରେ ରହିଛି। ଓଡ଼ିଶାରେ ମହିଳା ରକ୍ତହୀନତା ହାର ୬୪.୫ ପ୍ରତିଶତ ରହିଥିବା ବେଳେ ଗୁଜୁରାଟରେ ଏହା ୬୯ ପ୍ରତିଶତ। ଶିଶୁଙ୍କ ରକ୍ତହୀନତା କ୍ଷେତ୍ରରେ ମଧ ଓଡ଼ିଶା ତୁଳନାରେ ଗୁଜୁରାଟର ସ୍ଥିତି ଅଧିକ ସମ୍ବେଦନଶୀଳ। ଓଡ଼ିଶାରେ ଶିଶୁଙ୍କ କ୍ଷେତ୍ରରେ ୬୪.୨ ପ୍ରତିଶତ ରକ୍ତହୀନତା ଦେଖାଦେଉଥିବା ବେଳେ ଗୁଜୁରାଟରେ ୭୯.୭ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର। ଏପରିକି ଜାତୀୟ ହାର ୬୭.୧ ପ୍ରତିଶତ ତୁଳନାରେ ଓଡ଼ିଶା ଭଲ ସ୍ଥାନରେ ରହିଛି। ଟିକାକରଣରେ ଗୁଜରାଟଠାରୁ ଓଡ଼ିଶା ବହୁ ଆଗରେ ରହିଛି। ରାଜ୍ୟରେ ଟିକାକରଣ ହାର ୯୦.୫ ପ୍ରତିଶତ; ମାତ୍ର ଗୁଜୁରାଟରେ ଏହା ୭୬.୩ ପ୍ରତିଶତ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ମଧ ଗୁଜୁରାଟ ତୁଳନାରେ ଓଡ଼ିଶାର ପ୍ରଦର୍ଶନ ବହୁ ଉପରେ। ରାଜ୍ୟରେ ୮୬.୫ ପ୍ରତିଶତ ମହିଳାଙ୍କର ବ୍ୟାଙ୍କ ଆକାଉଣ୍ଟ ରହିଛି। ହେଲେ ଗୁଜୁରାଟରେ ଏହି ହାର ୭୦ ପ୍ରତିଶତ ମଧ୍ୟରେ ସୀମିତ। ଓଡ଼ିଶାର ୫୦.୧ ପ୍ରତିଶତ ମହିଳାଙ୍କ ନିକଟରେ ମୋବାଇଲ୍ ଥିବା ବେଳେ ଗୁଜୁରାଟରେ ୪୮.୮ ମହିଳାଙ୍କ ନିକଟରେ ମୋବାଇଲ୍ ଫୋନ୍ ରହିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶା ତୁଳନାରେ ମୁଣ୍ଡ ପିଛା ଋଣରେ ଗୁଜୁରାଟରେ ଢ଼େର ଅଧିକ। ଓଡ଼ିଶାରେ ବ୍ୟକ୍ତିଗତ ମୁଣ୍ଡପିଛା ଋଣ ଭାର ୨୨୨୦୮ ଟଙ୍କା ରହିଥିବା ବେଳେ ଗୁଜୁରାଟରେ ଏହି ବ୍ୟକ୍ତିଗତ ଋଣ ପରିମାଣ ୫୮୮୭୮ ଟଙ୍କା। ଆର୍‌ବିଆଇ ତଥ୍ୟ ଅନୁଯାୟୀ ପ୍ରାଥମିକ ଶିକ୍ଷାରେ ନାମଲେଖା ହାର ଓଡ଼ିଶାରେ ୯୭.୯ ପ୍ରତିଶତ ରହିଥିବା ବେଳେ ଗୁଜୁରାଟରେ ଏହା ୯୦.୯ ପ୍ରତିଶତ। ଓଡ଼ିଶାରେ ମାଧ୍ୟମିକ ଶିକ୍ଷାରେ ▸ପୃଷ୍ଠା-୯

## ■ ନିୟମ ମାନୁନାହାନ୍ତି ବିଜେପି ନେତା

# ନିର୍ବାଚନରେ ପିଲାଙ୍କୁ ବ୍ୟବହାର କରିଛନ୍ତି ଅରବିନ୍ଦ ଢାଲି

■ **ଭୁବନେଶ୍ୱର, ୧୨।୫ (ସମିସ):** ନିର୍ବାଚନରେ ପିଲାମାନଙ୍କୁ ହାତବାରିସି କରିଛନ୍ତି ବିଜେପି ନେତା। ବିଜେପିର ବିଧାୟକ, ସାଂସଦ ପ୍ରାର୍ଥୀ ବାରମ୍ବାର ପିଲାମାନଙ୍କୁ ନିର୍ବାଚନ ରାଲିରେ ବ୍ୟବହାର କରୁଛନ୍ତି। ଅଭିଯୋଗ ପରେ ମଧ୍ୟ ଆଇନକୁ ସମ୍ମାନ ନାହିଁ। ନୀତି ନିୟମ ସତେଯେପରି ବିଜେପି ନେତାମାନଙ୍କ ପାଇଁ ମୂଲ୍ୟହୀନ ହୋଇପଡ଼ିଛି। ପୂର୍ବରୁ ରାଜ୍ୟ ବିଜେପିର ବହୁ ପ୍ରାର୍ଥୀଙ୍କ ବିରୋଧରେ ଛୋଟ ପିଲାଙ୍କ ନିୟୋଜନ ଅଭିଯୋଗ ଆସିଥିବା ବେଳେ ଏବେ ଜୟଦେବ ବିଜେପି ବିଧାୟକ ପ୍ରାର୍ଥୀ ଅରବିନ୍ଦ ଢ଼ାଲିଙ୍କ ବିରୋଧରେ ମଧ୍ୟ ଅନୁରୂପ ଅଭିଯୋଗ କରିଛି ବିଜେଡି।



### ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ବିଜେଡିର ଅଭିଯୋଗ କରିଛି ଯେ ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ପିଲାମାନଙ୍କୁ ▸ପୃଷ୍ଠା-୯

SIKSHA 'O' ANUSANDHAN
SAAT-2024
Empowering students for a brighter future
M.TECH PROGRAMMES OFFERED
■ M.Tech in Communication System Engineering
■ M.Tech in Computer Science & Engineering
■ M.Tech in Heat Power & Thermal Engineering
■ M.Tech in Power System & Power Electronics
■ M.Tech in Structural Engineering
APPROVAL & RECOGNITIONS
■ Approved by UGC & AICTE
■ Re-accredited by NAAC with A++ Grade
■ Accredited by NBA
■ Ranked in QS World Rankings 2024
NIRF INDIA RANKINGS 2023
■ 15th Best in University Category
■ 27th Best in Engineering Category
A monthly stipend will be provided to M.Tech students for a maximum period of two years
To apply for admission through SAAT, Please visit: www.soa.ac.in

## ଲୋକକଥା



ଓଡିଶାରେ ଆଜି ଭୋଟର କରନ୍ତି
ଆପଣାର ମତଦାନ,
କପାଳ କାହାର ଫାଟିବ, ଫୁଟିବ
କନକନ ନେତା ମନ।
ପରୀକ୍ଷା ଭଳିଆ ଦିନ,
କାମ ଅନୁସାରେ ଫଳ ଯେ ମିଳିବ
ନ ହୁଅ ଟି ଛନଛନ ।।

## ମତଦାନ ପାଇଁ ସ୍ୱାଭିମାନ ଅଞ୍ଚଳରେ ଉତ୍ସାହ

# ବୋଟ୍‌ରେ ଗଲେ ପୁଲିଂ କର୍ମଚାରୀ

■ **ମାଲକାନଗିରି/ଚିତ୍ରକୋଣ୍ଡା,୧୨।୫ (ସମିସ):** ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ଦୁର୍ଗମ ଯନ୍ତ୍ରୀ ପଞ୍ଚାୟତର ଯନ୍ତ୍ରୀ ଓ ସନ୍ନ୍ୟାସୀଗୁଡ଼ା ଗ୍ରାମରେ ମତଦାନ ପାଇଁ ପୁଲିଂ ପାର୍ଟି ରବିବାର ଦିନ ପ୍ରାୟ ୧୧ଟାରେ ସ୍ୱତନ୍ତ୍ର ବୋଟ୍ ଯୋଗେ ଯାତ୍ରା ଆରମ୍ଭ କରିଛନ୍ତି। ଚିତ୍ରକୋଣ୍ଡାର ଲଞ୍ଚ ଘାଟରୁ ସେମାନେ ସମସ୍ତ ଯନ୍ତ୍ରାଂଶ ନେଇ ବୋଟ୍‌ରେ ଯାଇଛନ୍ତି। ପ୍ରାୟ ପ୍ରତି ନିର୍ବାଚନ ବେଳେ ଏହି ସ୍ୱାଭିମାନ ଅଞ୍ଚଳରେ ପୁଲିଂ ପାର୍ଟି ଯିବା ପାଇଁ ହେଲିକପ୍ଟର ଆବଶ୍ୟକତା ହେଉଥିବା ବେଳେ ଚଳିତଥର କିନ୍ତୁ ସ୍ଥିତିରେ ପରିବର୍ତ୍ତନ ହୋଇଛି। ▸ପୃଷ୍ଠା-୯



## ସେବାରେ ଏୟାର ଆମ୍ବୁଲାନ୍ସ

■ **ଭୁବନେଶ୍ୱର, ୧୨।୫(ସମିସ):** ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ଏୟାର ଆମ୍ବୁଲାନ୍ସ ନିୟୋଜିତ କରାଯିବ। ଆସନ୍ତାକାଲି ଆରମ୍ଭ ହେଉଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ ଏୟାର ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ଏହା ୧୨ରୁ ୨୦ ତାରିଖ ପର୍ଯ୍ୟନ୍ତ ସେବାରେ ରହିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ମତାଦାତାମାନଙ୍କୁ ଜରୁରୀ ପରିସ୍ଥିତିରେ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରଖାନା ନେବାରେ ଏୟାର ଆମ୍ବୁଲାନ୍ସ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି।



# ଦୁଇ ମହିଳା ଲୁଟେରା ଗିରଫ





ଭୁବନେଶ୍ୱର, ୧୨।୫(ସମିସ): 'ମୋ ବସ୍'ରୁ ଲୁଟ୍‌ପାଟ୍ କରୁଥିବା ଗ୍ୟାଙ୍ଗର ଆଉ ଦୁଇ ମହିଳାଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ମହିଳା ହେଲେ ପଶ୍ଚିମବଙ୍ଗ ବଲମପୁରର ରାଣୀ ସିଂହ (୨୦) ଓ ଲକ୍ଷ୍ମୀ ସିଂହ (୨୨)। ପୁଲିସ ସୂଚନା ଅନୁଯାୟୀ, ଚନ୍ଦ୍ରଶେଖରପୁର ବିଡିଏ କଲୋନୀର ପାର୍ବତୀ ସାହୁ ଗତ ଶୁକ୍ରବାର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ 'ମୋ ବସ୍'ରେ ବସି ଘରକୁ ଫେରୁଥିଲେ। ସେହି ସମୟରେ ଲାଜବତୀ, ରାଣୀ ଓ ଲକ୍ଷ୍ମୀ ମିଶି ତାଙ୍କ ମୋବାଇଲ ଫୋନ ଚୋରି କରି ନେଇ ଯାଇଥିଲେ। ପାର୍ବତୀ ବସ୍‌ରୁ ଓହ୍ଲାଇବା ସମୟରେ ତାଙ୍କର ମୋବାଇଲ ଫୋନ୍‌ଟିକୁ ନପାଇବାରୁ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା। ଗତକାଲି ଓମଫେଡ୍ ଛକରେ ଚଢ଼ଉ କରି ଲାଜବତୀଙ୍କୁ କାବୁ କରିବା ସହ ତାଙ୍କର ହେପାଜତରୁ ଚୋରି ମୋବାଇଲ ଫୋନ ଜବତ କରି କୋର୍ଟ ଚାଲାଣ କରିଥିଲା। ତା' ଠାରୁ ମିଳିଥିବା ସୂଚନା ଆଧାରରେ ରବିବାର ପଟିଆ 'ମୋ ବସ୍' ଡିପୋ ନିକଟରେ ଚଢ଼ଉ କରି ସେଠାରୁ ରାଣୀ ଓ ଲକ୍ଷ୍ମୀଙ୍କୁ ଗିରଫ କରିଥିଲା। ମହିଳାମାନେ କଟକ ଲିଙ୍କ ରୋଡ୍ ଓ ଓଏମ୍‌ପି ଛକରେ ରହୁଥିବାବେଳେ ପ୍ରତ୍ୟେକ ଦିନ ମୋବାଇଲ ଚୋରି କରିବା ପାଇଁ ଭୁବନେଶ୍ୱର ଆସୁଥିବା ତଦନ୍ତ ବେଳେ ଜଣାପଡ଼ିଛି। ତଦନ୍ତ ପରେ ଦୁଇ ମହିଳାଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

# ଓଗାଳପଡ଼ା ଅଞ୍ଚଳରୁ ଘର ତାଲା ଭାଙ୍ଗି ଚୋରି

ଯାଁଳା, ୧୨।୫(ସମିସ): ଇନ୍‌ଫୋସିଟି ଥାନା ଯାଁଳା ପଞ୍ଚାୟତ ଓଗାଳପଡ଼ା ଅଞ୍ଚଳରୁ ଘରେ କେହି ନଥିବାବେଳେ ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ନିରଞ୍ଜନ ସାହୁ। ମିଳିଥିବା ସୂଚନା ଅନୁସାରେ ରଞ୍ଜନ ଓ ତାଙ୍କ ଭାଇ ସୋମନାଥ ଓଗାଳପଡ଼ା ଅଞ୍ଚଳରେ ଘର କରି ରୁହନ୍ତି। ଦୁଇ ଭାଇ ଅକ୍ଷୟ ତୃତୀୟା ପାଇଁ ନିଜ ଗାଁକୁ ଯାଇଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଫୋନ, ପାଣି ମଟର, ଗ୍ୟାସ ଟାଙ୍କି, ଚୂଲା ଓ ଅନ୍ୟାନ୍ୟ ଆସବାବ ପତ୍ର ସହ ନଗଦ ୧୦ ହଜାର ଟଙ୍କା ଚୋରି କରିନେଇଥିଲେ। ନିରଞ୍ଜନ ଗାଁରୁ ଫେରି ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇବା ପରେ ତଦନ୍ତ ଚଳାଇଛି।

**ବଢୁଛି କାର୍ଯ୍ୟ ଭାର**

# ମାମଲା ନେବାକୁ ନାରାଜ ଆଇଆଇସି

ଭୁବନେଶ୍ୱର, ୧୨।୫(ସମିସ):

ରାଜ୍ୟର ବିଭିନ୍ନ ପୁଲିସ ଜିଲ୍ଲାରେ କାମ କରୁଥିବା ଆଇଆଇସିଙ୍କ ଠାରୁ ଆରମ୍ଭ କରି ରାଜଧାନୀରେ କାମ କରୁଥିବା ଇନ୍ସପେକ୍ଟରମାନେ ସର୍ବାଧିକ ପରିଶ୍ରମ କରୁଛନ୍ତି। ସେମାନେ ଥାନାର ସମସ୍ତ କାର୍ଯ୍ୟ ବୁଝିବା ସହ ଆଇନଶୃଙ୍ଖଳା ରକ୍ଷା କରିବା, ଭିଆଇପି ଡ୍ୟୁଟି ଏବଂ ଥାନା ଅଞ୍ଚଳର ଲୋକଙ୍କ କଥା ବୁଝିବାରେ ସମୟ ଯାଉଛି। ଯେଉଁଥି ପାଇଁ ସେମାନେ ରହିଥିବା ନିୟମକୁ ବି ଭୁଲି ଯାଉଛନ୍ତି। ଡିଜି ଅଫିସ୍‌ରୁ ହୋଇଥିବା ନିର୍ଦ୍ଦେଶକୁ ମଧ୍ୟ ସେମାନେ ପାଳନ କରିପାରୁନାହାନ୍ତି। ସହରାଞ୍ଚଳ ଥାନାରେ ଥିବା ଆଇଆଇସିମାନେ ମାସକୁ ଅତିକମ୍‌ରେ ୪ଟି ମାମଲାର ତଦନ୍ତ ଭାର(ଆଇଓ) ନେବାକୁ ବାଧ୍ୟ। ସେହିପରି ଗ୍ରାମାଞ୍ଚଳ ଥାନାର ଅଧିକାରୀ ମାସକୁ ୩ଟି ମାମଲାର ତଦନ୍ତ ଭାର ନେବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଏବେ କାମ ଚାପ ଯୋଗୁଁ ଥାନା ଅଧିକାରୀ ମାମଲା ନେବାକୁ କୁଣ୍ଠ କୁଣ୍ଠ ହେଉଛନ୍ତି। ସେମାନେ ଅତି ସମ୍ବେଦନଶୀଳ ମାମଲାକୁ ଥାନାର ଏସ୍‌ଆଇ, ଏଏସ୍‌ଆଇଙ୍କୁ ଦେଉଛନ୍ତି। ଯେଉଁଥି ପାଇଁ ମାମଲା ଦିଗହରା ହେବାର ଅଧିକ ସମ୍ଭାବନା ରହିଛି। କାରଣ ଇନ୍ସପେକ୍ଟରଙ୍କ ଭଳି ଥାନାର ଏସ୍‌ଆଇଙ୍କ ଅଭିଜ୍ଞତା ନଥିବାରୁ ସେମାନେ ସଠିକ୍ ଭାବେ ମାମଲାର ତଦନ୍ତ କରି ପାରୁନାହାନ୍ତି। ଯଦି ଅଭିଯୁକ୍ତଙ୍କୁ ଗିରଫ କରୁଛନ୍ତି ତେବେ ତାଙ୍କ ବିରୋଧରେ ଉପଯୁକ୍ତ ପ୍ରମାଣ ଏବଂ ଚାର୍ଜସିଟ୍ ଦେଇ ପାରୁନାହାନ୍ତି। ଯାହାଫଳରେ ଅଭିଯୁକ୍ତ ଦୋଷ କରିଥିଲେ ମଧ୍ୟ ପ୍ରମାଣ ଅଭାବରୁ କୋର୍ଟରୁ ଖଲାସ ହୋଇଯାଉଛି। ବିଶେଷ କରି ଇନ୍ସପେକ୍ଟର କେବଳ ବଳାତ୍କାର, ଗଣବଳାତ୍କାର, ହତ୍ୟା, ସାଇବର ଠକେଇ ଏବଂ ବିସ୍ଫୋରଣ ଭଳି ସଂଗୀନ ମାମଲା ନେବାକୁ ବାଧ୍ୟ। କିନ୍ତୁ ଏହି ସମ୍ବେଦନଶୀଳ ମାମଲା ଥାନା ଅଧିକାରୀ ନେଉନାହାନ୍ତି।



**ନିର୍ଦ୍ଧାରିତ ୪ ମାମଲା ବି ନେଉନାହାନ୍ତି**

**ସାଇବର ଥାନା ହେବା ପରେ ମିଳିଛି ଆଶ୍ୱସ୍ତି**

**ମାମଲା ଶେଷ କରିବାକୁ ଏସ୍‌ଆଇ, ଏଏସ୍‌ଆଇଙ୍କୁ ଚାପ**

## ■ ଚିନ୍ତା ବଢ଼ାଉଥିଲା ସାଇବର ମାମଲା



ସାଇବର ମାମଲା ଥାନା ଅଧିକାରୀଙ୍କ ଚିନ୍ତା ବଢାଉଥିଲା। କାରଣ ସାଇବର ମାମଲାର ତଦନ୍ତ ଭାର କେବଳ ଥାନାର ଇନ୍ସପେକ୍ଟର ନେଇ ପାରିବେ। ବାଧ୍ୟ ହୋଇ ଥାନା ଅଧିକାରୀ ନିଜେ ମାମଲା ରୁଜୁ କରି ନିଜେ ତଦନ୍ତ ଅଧିକାରୀ ହେଉଥିଲେ। କିନ୍ତୁ ସାଇବର ଥାନା ହେବା ପରେ ତାଙ୍କୁ ଆଶ୍ୱସ୍ତି ମିଳିଛି। ସେମାନେ ଆଉ ସାଇବର ମାମଲା ରୁଜୁ କରୁନାହାନ୍ତି। କି ତାଙ୍କୁ ତଦନ୍ତ କରିବାକୁ ପଡୁଛି। ସେମାନେ ମନ ଇଚ୍ଛା ଗୋଟିଏ କିମ୍ବା ଦୁଇଟି ମାମଲା ନେଇ ବସି ପଡୁଛନ୍ତି। କୋଭିଡ୍ ପରେ ସାଇବର ଠକେଇ ବଢ଼ିଥିଲା। ତେଣୁ ଏକାଧିକ ଥାନା ଅଧିକାରୀ ମାମଲା ରୁଜୁ କରିବାକୁ ବାଧ୍ୟ ହେଲେ। ତେଣୁ ସେମାନଙ୍କ ନାମରେ ସାଇବର ମାମଲା ଏବେ ବି ଗଡୁଛି।

## ଇନ୍ସପେକ୍ଟରଙ୍କ ନାମରେ ଗଡୁଛି ପୁରୁଣା ମାମଲା

ଥାନାର ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କ ଉପରେ ମାମଲା ଶେଷ କରିବାକୁ ଚାପ ପକାଉଛନ୍ତି ଇନ୍ସପେକ୍ଟର। କିନ୍ତୁ ଥାନା ଇନ୍ସପେକ୍ଟର ନାମରେ ଗଡୁଛି ପୁରୁଣା ସମ୍ବେଦନଶୀଳ ମାମଲା। ହତ୍ୟା, ବଳାତ୍କାର, ବୋମା ମାଡ଼ ଭଳି ମାମଲା। ଏହି ମାମଲା ବର୍ଷ ବର୍ଷ ଗଡୁଥିଲେ ମଧ୍ୟ ସେମାନେ ଶେଷ କରୁନାହାନ୍ତି। ଯାହାଫଳରେ ଏକାଧିକ ଇନ୍ସପେକ୍ଟରଙ୍କ ବଦଳି ପରେ ଏହି ମାମଲା ସବୁ ଦିଗହରା ହେଉଛି। ବିଶେଷ କରି ଥାନା ଅଧିକାରୀଙ୍କ ନାମରେ ସାଇବର ମାମଲା ସର୍ବାଧିକ ଗଡୁଛି।

## ମାମଲା ନ ସାରିଲେ ଛୁଟି ନାହିଁ

ଥାନା ଅଧିକାରୀ ଏବେ ମାମଲା ନେଉନାହାନ୍ତି। କିନ୍ତୁ ଥାନାରେ ରୁଜୁ ହେଉଥିବା ମାମଲାର ତଦନ୍ତ ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କ ଦେଉଛନ୍ତି। ଏହିଭଳି ପ୍ରତି ମାସରେ ଥାନାର ଜଣେ ଏସ୍‌ଆଇ ୩୦ରୁ ଊର୍ଦ୍ଧ୍ୱ ମାମଲା ତଦନ୍ତ କରିବାକୁ ଦିଆଯାଉଛି। ହେଲେ ତାଙ୍କୁ ମାସକୁ ମାମଲା ଶେଷ କରିବାକୁ ଚାପ ପକାଯାଉଛି। ମାସକୁ ସେମାନଙ୍କୁ ୯୦ରୁ ଊର୍ଦ୍ଧ୍ୱ ମାମଲାର ତଦନ୍ତ ଶେଷ କରିବାକୁ ଦିଆଯାଉଛି। ଯାହାଫଳରେ ଏସ୍‌ଆଇ ଏବଂ ଏଏସ୍‌ଆଇ ତରବରିଆ ଭାବେ ମାମଲା ଶେଷ କରି ଦେଉଛନ୍ତି। କାହିଁକି ନା ମାମଲା ଶେଷ ନକଲେ ସେମାନଙ୍କୁ ଛୁଟି ଦିଆଯାଉନଥିବା ଅଭିଯୋଗ ହେଉଛି। ମାମଲା ନେଇଥିବା ଏକାଧିକ ଆଇଓ ଛୁଟି ମାଗିଲେ ତାଙ୍କୁ ଥାନା ଅଧିକାରୀ ମାମଲା ଶେଷ କରି ଯିବାକୁ କହୁଛନ୍ତି। ଟାର୍ଗେଟ ପୂରଣ ନକଲେ ଛୁଟି ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଉଛନ୍ତି।

**ଅର୍ମଦା ମାର୍ଟ ୧୨କୋଟି ଠକେଇ ମାମଲା**

# ପଙ୍କଜ ଓ ସହଯୋଗୀଙ୍କ ନାମରେ ଚାର୍ଜସିଟ୍

ଭୁବନେଶ୍ୱର, ୧୨।୫(ସମିସ): ଅର୍ମଦା ବଜାର ମାର୍ଟ ଫ୍ରାଞ୍ଚାଇଜ୍ ଦେବା ଆଳରେ ୧୨କୋଟି ଟଙ୍କାର ଠକେଇ ମାମଲାରେ ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା) ତାର ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ଏମ୍‌ଏସ୍ ଅର୍ମଦା ବଜାର ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରମୋଟର ନିର୍ଦ୍ଦେଶକ ପଙ୍କଜ କୁମାର ପରିଡ଼ା ଏବଂ ଅହମ୍ମଦାବାଦର ପର୍ଶୁରାମ ରାଜନିତଭାଇ ମାଷ୍ଟରମାଇଣ୍ଡ ଥିଲେ। ଠକେଇ ପାଇଁ ଦୁଇ ଜଣ ମାଷ୍ଟରମାଇଣ୍ଡ ଥିବା ନେଇ ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି। ୩ଶହ ପୃଷ୍ଠାର ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ପଙ୍କଜ ଏମ୍‌ବିଏ କରିଥିବାରୁ ସେ ଚାକିରି ଖୋଜି ଖୋଜି ନୟାନ୍ତ ହୋଇଥିଲେ। ଶେଷରେ ସେ ଏହି ଠକେଇ ରାସ୍ତାକୁ ଅପଣାଇଥିଲେ। ପର୍ଶୁରାମଙ୍କ ସହ ଭେଟ ହେଲା ପରେ ଉଭୟ ଠକେଇ କରିବା ପାଇଁ ଯୋଜନା କରିଥିବା ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି।

ଋତୁରାଜ ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କ ଲିଖିତ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଏମ୍‌ଏସ୍ ଅର୍ମଦା ବଜାର ପ୍ରାଇଭେଟ୍ ଲିମିଟେଡ୍ ଓ ଏହାର ନିର୍ଦ୍ଦେଶକ- ପର୍ଶୁରାମ ରାଜନେତଭାଇ ପାଲ ଏବଂ ପଙ୍କଜ କୁମାର ପରିଡ଼ା ତାଙ୍କୁ ଓ ତାଙ୍କର କିଛି ସମ୍ପର୍କୀୟଙ୍କୁ ଅର୍ମଦା ବଜାର ମାର୍ଟର ଫ୍ରାଞ୍ଚାଇଜ୍ ଦେବାକୁ କହି ୧.୨୬ କୋଟି ଟଙ୍କାର ଠକେଇ କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୋସେରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି ନିମନ୍ତେ ମାର୍ଟ ଖୋଲିବା ପାଇଁ ନିବେଶ କରିବାକୁ ସେମାନଙ୍କୁ କୁହାଯାଇଥିଲା। ଏଥିରୁ ସେମାନେ ଭଲ ଲାଭ ପାଇବେ ବୋଲି ଅଭିଯୁକ୍ତମାନେ କହିଥିଲେ। ତଦନ୍ତ ବେଳେ ଜଣାପଡ଼ିଲା ଯେ ଏମ୍‌ଏସ୍ ଅର୍ମଦା ବଜାର ପ୍ରାଇଭେଟ୍ ଲିମିଟେଡ୍ ନିର୍ଦ୍ଦେଶକ ଓ ପ୍ରମୋଟରମାନେ ରାଜ୍ୟର ସାଧାରଣ ଲୋକଙ୍କୁ ସେମାନଙ୍କ କମ୍ପାନୀରେ ନିବେଶ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ। ମିନି ମାର୍ଟ, ସୁପର ମାର୍ଟ, ହାଇପର ମାର୍ଟ, ମେଗା ମାର୍ଟ ଓ ସୁପର ମେଗା ମାର୍ଟ ଆଦି ଖୋଲିବା ନାଁରେ ସେମାନେ ଲୋକଙ୍କୁ ନିବେଶ କରିବାକୁ କହିଥିଲେ। ଏଥିରୁ ଅଧିକ ଲାଭ ମିଳିବାର ଲୋଭ ଦେଖାଇଥିଲେ ସେମାନେ। ଲୋକଙ୍କୁ ସେମାନେ ୨୦ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ନିବେଶ କରିବାକୁ କହିଥିଲେ। ଲୋକଙ୍କଠାରୁ ୧୨ କୋଟି ଆଦାୟ କରିବା ପରେ କମ୍ପାନୀର ନିର୍ଦ୍ଦେଶକ ଓ ପ୍ରମୋଟରଙ୍କ ଦେଖା ମିଳି ନଥିଲା। ନା ସେମାନେ କୌଣସି ସ୍ଥାନରେ ମାର୍ଟ ଖୋଲିଥିଲେ ନା ନିବେଶକଙ୍କୁ ଟଙ୍କା ଫେରାଇଥିଲେ। ଓଡ଼ିଶାରୁ ୧୨ କୋଟି ଟଙ୍କା ଆଦାୟ କରିବାରେ ପଙ୍କଜ କୁମାର ପରିଡ଼ା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କେବଳ ଓଡ଼ିଶାରେ ନୁହେଁ, ଝାଡ଼ଖଣ୍ଡ, ଜମ୍ମୁ ଓ କଶ୍ମୀର, ଗୁଜରାଟ, ଦିଲ୍ଲୀ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଆସାମ ଓ ମହାରାଷ୍ଟ୍ରରେ ମଧ୍ୟ ଏଭଳି ଢଙ୍ଗରେ ଠକେଇ ହୋଇଛି। ଗିରଫ ପଙ୍କଜ କୁମାର ପରିଡ଼ା କମ୍ପାନୀର ଝାଡ଼ଖଣ୍ଡ ଦାୟିତ୍ୱରେ ମଧ୍ୟ ଥିଲେ। ଠକେଇ ଟଙ୍କା ନେବା ପରେ ବମିଖାଲରେ ଥିବା ଅର୍ମଦା ବଜାର ମାର୍ଟକୁ ବନ୍ଦ କରି ଫେରାର ହୋଇଯାଇଥିଲେ।



**୯ଟି ରାଜ୍ୟକୁ ଲମ୍ବିଥିଲା ଠକେଇର ଚେର**

**ଖୁବ୍‌ଶୀଘ୍ର ଆରମ୍ଭ ହେବ ମାମଲାର ଶୁଣାଣି**

# ବହି ଗୋଦାମରେ ଅଗ୍ନିକାଣ୍ଡ



ଭୁବନେଶ୍ୱର, ୧୨।୫(ସମିସ): ରବିବାର ଭୋର ସମୟରେ ପାତ୍ରପଡ଼ାସ୍ଥିତ ଏକ ବହି ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ଲକ୍ଷାଧିକ ଟଙ୍କାର ବହି ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ପାତ୍ରପଡ଼ା ସନ୍ତୋଷୀ ମନ୍ଦିର ନିକଟରେ ସଂଗ୍ରାମ ପଟ୍ଟନାୟକଙ୍କର ଏକ ବହି ଗୋଦାମ ରହିଛି। ଏହି ଗୋଦାମରୁ ବିଭିନ୍ନ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ବହି ଯୋଗାନ୍ତି। ସେ ଗତକାଲି ରାତିରେ ଗୋଦାମ ତାଲା ପକାଇ ଭୁବନେଶ୍ୱର ସ୍ଥିତ ଘରକୁ ଫେରି ଯାଇଥିଲେ। ବିଳମ୍ବିତ ରାତିରେ କାଳବୈଶାଖୀ ଯୋଗୁଁ ବିଦ୍ୟୁତ କାଟ ହୋଇ ପୁଣି ଆସିଥିଲା। ଭୋର ପ୍ରାୟ ୩ଟା ସମୟରେ କୌଣସି କାରଣରୁ ବହି ଗୋଦାମରେ ନିଆଁ ଲାଗି ଯାଇଥିଲା। ଗୋଦାମ ସାରା ବହି ଥିବାରୁ କ୍ଷଣିକ ମଧ୍ୟରେ ନିଆଁ ଚାରି ଆଡ଼କୁ ବ୍ୟାପି ଯାଇଥିଲା। ନିଆଁ ଓ ଶବ୍ଦ ଶୁଣି ପଡ଼ୋଶୀମାନେ ଉଠି ଦମକଳବାହିନୀକୁ ଓ ଗୋଦାମ ମାଲିକଙ୍କୁ ଖବର ଦେଇଥିଲେ।

ଖବରପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଦୀର୍ଘ ଘଣ୍ଟାର ପ୍ରଚେଷ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ଅଗ୍ନିରୁ ବର୍ତ୍ତି ଯାଇଥିବା ବହି ଗୁଡ଼ିକ ପାଣି ଦ୍ୱାରା ନଷ୍ଟ ହୋଇ ଯାଇଥିଲା। ଏହାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ୟ ସର୍ଟ ସର୍କିଟ ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ଜୀବନ ହାରିଲେ ଯୁବକ

ଭୁବନେଶ୍ୱର, ୧୨।୫ (ସମିସ): ତମାଣ୍ଡୋ ଥାନା ସିଜୁପୁଟ ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସେହି ଗାଁର ରଶ୍ମୀରଞ୍ଜନ ଜେନା (୩୨)। ଅଭିଯୋଗ ଅନୁଯାୟୀ, ସିଜୁପୁଟର ରଶ୍ମୀରଞ୍ଜନ କଳିଙ୍ଗନଗର ଅଞ୍ଚଳରେ ଏକ ଦୋକାନ କରିଥିଲେ। ଗତକାଲି ଗାଁରେ ଡ୍ରାମା ଦେଖିସାରି ଘରକୁ ଫେରି ଶୋଇଥିଲେ। ସକାଳୁ ନ ଉଠିବାରୁ ପରିବାର ଲୋକ କବାଟ ବାଡ଼େଇଥିଲେ। ସନ୍ଦେହ ହେବାରୁ ପରିବାର ଲୋକେ ଘରର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ସେତେବେଳକୁ ରଶ୍ମୀରଞ୍ଜନ ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମହିଳା ବ୍ରାଉନ୍‌ସୁଗର୍ ବେପାରୀ ଗିରଫ



ଭୁବନେଶ୍ୱର, ୧୨।୫ (ସମିସ): ବ୍ରାଉନ୍‌ସୁଗର୍ ବିକ୍ରି କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ମହିଳା ହେଲେ ଡୁମୁଡୁମା ଫେଜ୍ ୪ ଅଞ୍ଚଳରେ ରହୁଥିବା ଜଙ୍କିଆ ଥାନା ସିକୋ ଅଞ୍ଚଳର ରୀତା ରାଉତରାୟ (୪୦)। ପୁଲିସ ସୂଚନା ମୁତାବକ, ଡୁମୁଡୁମା ଫେଜ ୪ ଅଞ୍ଚଳରେ ବ୍ରାଉନ୍‌ସୁଗର୍ ବିକ୍ରି ହେଉଥିବା ଖଣ୍ଡଗିରି ଥାନା ପୁଲିସକୁ ଖବର ମିଳିଥିଲା। ପୁଲିସର ଏକ ଟିମ୍ ସେଠାରେ ଚଢ଼ଉ କରି ଘର ସାମ୍ନାରେ କାର୍ ଭିତରେ ବସି ବ୍ରାଉନ୍‌ସୁଗର୍ ବିକ୍ରି କରୁଥିବାବେଳେ ରୀତାଙ୍କୁ କାବୁ କରିଥିଲା। ତଲାସି ସମୟରେ ପୁଲିସ ରୀତାଙ୍କ ହେପାଜତରୁ ୨୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର୍ ଓ ଏକ କାର୍ ଜବତ କରି ଥାନାକୁ ଆଣିଥିଲା। ସେ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ଏହି ବେଆଇନ କାରବାର କରି ଆସୁଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା। ଏ ନେଇ ଖଣ୍ଡଗିରି ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ରୀତାଙ୍କୁ କୋର୍ଟ ଚାଲାଣ କରିଛି।

# ଝାରପଡ଼ା ଜେଲ୍‌ରେ ଫିଙ୍ଗରପ୍ରିଣ୍ଟ ବ୍ୟବସ୍ଥା ଆରମ୍ଭ

ଭୁବନେଶ୍ୱର, ୧୨।୫(ସମିସ):

ଜେଲ ସଂସ୍କାର ଦିଗରେ ବିଭାଗ ଆଉ ଏକ ନୂଆ ପଦକ୍ଷେପ ନେଇଛି। ଏଣିକି ଓଡ଼ିଶାର ସମସ୍ତ କାରାଗାରରେ ଫିଙ୍ଗରପ୍ରିଣ୍ଟ ମେସିନ୍ ଲାଗିବ। ଜେଲକୁ ଆସୁଥିବା ସମସ୍ତ କଏଦୀଙ୍କ ଫିଙ୍ଗରପ୍ରିଣ୍ଟ ରହିବ। ଯାହାକି କ୍ରାଇମ୍ କ୍ରିମିନାଲ ଟ୍ରାକିଂ ଆଣ୍ଡ ନେଟୱାର୍କିଂ ସିଷ୍ଟମ (ସିସିଟିଏନ୍‌ଏସ୍) ସହ ଯୋଡ଼ି ହେବ। ଫିଙ୍ଗର ପ୍ରିଣ୍ଟରୁ କଏଦୀଙ୍କ କୁଣ୍ଡଳି ସଂଗ୍ରହ କରାଯିବ। ଏତିକି ନୁହେଁ, କଏଦୀଙ୍କ ଆଧାରକାର୍ଡ ବି ଯାଞ୍ଚ କରାଯିବ। ଆଧାରକାର୍ଡ ଭୁଲ କିମ୍ବା ମିଛ କହୁଥିଲେ ଏଥର ଧରାପଡ଼ିବେ କଏଦୀ।

ଏହିକ୍ରମରେ ଝାରପଡ଼ା ଜେଲକୁ ଗୋଟିଏ ଫିଙ୍ଗରପ୍ରିଣ୍ଟ ମିଳିଛି। ସେଥିରେ ୬୫୦ କଏଦୀଙ୍କ ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରାଯାଇଛି। ପରେ ସେଠାରେ ଅବଶିଷ୍ଟ କଏଦୀଙ୍କ ତଥ୍ୟ ପର୍ଯ୍ୟାୟକ୍ରମେ ଅପ୍‌ଲୋଡ୍ କରାଯିବ। ଜେଲକୁ ଆସୁଥିବା ନୂଆ ଓ ପୂର୍ବରୁ ଥିବା ପୁରୁଣା କଏଦୀଙ୍କ ଫିଙ୍ଗରପ୍ରିଣ୍ଟ ଅପଲୋଡ୍ କରାଯିବ। ଜେଲର କର୍ତ୍ତୃପକ୍ଷ ସମସ୍ତ କଏଦୀଙ୍କ ଫିଙ୍ଗରପ୍ରିଣ୍ଟ ନେଇଛନ୍ତି।

ପ୍ରଥମ ଦଫାରେ ଅଭିଯୁକ୍ତଙ୍କ କୁଣ୍ଡଳି ଯାଞ୍ଚ କରାଯାଉଛି। ଟିପ ଦ୍ୱାରା ଅଭିଯୁକ୍ତଙ୍କ ଅପରାଧର ପୃଷ୍ଠଭୂମି ଯୋଗାଡ଼ କରାଯାଉଛି। ଏହାକୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇ ଅପରାଧ ଅନୁଯାୟୀ ବ୍ୟବସ୍ଥା ଯୋଗାଇ ଦିଆଯାଉଛି। କାହାକୁ ସେଲ୍‌ଫରେ ତ ଆଉ ଆଉ କାହାକୁ ୱାର୍ଡରେ ରଖାଯାଉଛି। ଫଳରେ ଅଧିକ ଅପରାଧିକ ମାମଲାରେ ଥିଲେ ଫିଙ୍ଗରପ୍ରିଣ୍ଟରୁ ଜଣାପଡ଼ିବା ସହ ସୁରକ୍ଷାକୁ ବଢ଼ାଇ ଦିଆଯିବ।

ସେଭଳି ବହୁ ସମୟରେ ଜେଲକୁ ଆସୁଥିବା ଅପରାଧୀମାନେ ମିଥ୍ୟା ତଥ୍ୟ ଦେଉଛନ୍ତି। ଅପରାଧୀମାନେ ଅପରାଧ ଘଟାଇ ଏକାଧିକ ଥର ଜେଲ ଆସୁଛନ୍ତି। ସେମାନଙ୍କ ପୁରୁଣା ଅପରାଧର ପଞ୍ଜିକା ନଥିବାରୁ ଅନେକ କ୍ଷେତ୍ରରେ ପେସାଦାର ଅପରାଧୀଙ୍କ ଲାଗି କୋହଳ କରାଯାଉଛି। କେତେ ଅପରାଧରେ କଏଦୀଙ୍କ ସମ୍ପୃକ୍ତି ରହିଛି, କେଉଁ ପ୍ରକାରର ଅପରାଧ ରହିଛି ଓ ଜଘନ୍ୟ ଅପରାଧରେ ସଂଶ୍ଳିଷ୍ଟ ରହିଛି କି ନାହିଁ, ଫିଙ୍ଗରପ୍ରିଣ୍ଟ ଯାଞ୍ଚ ପରେ ଜଣାପଡ଼ିବ। ଅପରାଧ ଭିଆଇ ଏକାଧିକ ଥର ଜେଲକୁ ଆସୁଥିଲେ ଏହି ଫିଙ୍ଗରପ୍ରିଣ୍ଟ ମେସିନ୍ ଜେଲର କର୍ମଚାରୀଙ୍କ ଲାଗି ବେଶ୍ ସହାୟକ ହେବ। ଏଥିସହ ବହୁ ସମୟରେ ଜେଲକୁ ଆସୁଥିବା ଅପରାଧୀମାନେ ମିଛ କହୁଛନ୍ତି। ସେମାନେ ଦେଉଥିବା ଆଧାରକାର୍ଡ ନକଲି ରହୁଛି। ସେମାନେ ଜମା କରୁଥିବା ଆଧାରକାର୍ଡ ବି ନକଲି ରହିଛି। କେଉଁଠି ବାପା ନାମ ଭୁଲ୍ ତ କେଉଁଠି ପରିଚୟ ଭୁଲ୍ ରହିଛି। ଅନେକ କ୍ଷେତ୍ରରେ ଠିକଣା ବି ବଦଳାଇ ଦେଇଛନ୍ତି। ତେଣୁ କଏଦୀଙ୍କ ଆଧାରକାର୍ଡ ଯାଞ୍ଚ ଲାଗି ଏକ ମେସିନ୍ ଦିଆଯାଉଛି। ଉକ୍ତ ମେସିନ୍‌ରେ କଏଦୀଙ୍କ ଆଧାରକାର୍ଡ ପକାଇବା ପରେ ସେ ନକଲି କିମ୍ବା ଅସଲ ବୋଲି ଜଣାପଡ଼ିବ।

ରାଜ୍ୟର ୮୭ ଜେଲରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ରାଜ୍ୟର ସମସ୍ତ ୮୭ଜେଲକୁ ବି ମିଳିଛି। ଜେଲକୁ ଆସୁଥିବା କଏଦୀଙ୍କ ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରି ସେମାନଙ୍କ ଅପରାଧ ଚରିତ୍ରର ପଞ୍ଜିକା ଦେଖିପାରିବେ। ଅପରାଧୀ ଯଦି ପେସାଦାର ହେଉଥିବ ସେ ବିଷୟରେ ଆଗୁଆ ପଦକ୍ଷେପ ନେଇ ସୁରକ୍ଷାକୁ ବଢ଼ାଇ ଦିଆଯିବ। ସବୁଠାରୁ ବଡ କଥା ହେଲା ଫିଙ୍ଗରପ୍ରିଣ୍ଟ ମେସିନରେ ଆଙ୍ଗୁଠିର ଟିପ୍ ଅପଲୋଡ କରାଯିବ। ଏହା ସମସ୍ତ ଜେଲର ଫିଙ୍ଗରପ୍ରିଣ୍ଟ ମେସିନ୍ ସହ ସଂଯୋଗ କରାଯିବ। ସମ୍ପୃକ୍ତ କଏଦୀ ରାଜ୍ୟରେ ଥିବା ଅନ୍ୟ କେଉଁ ଜେଲ୍‌କୁ ଯାଇଥିଲେ, ତାହା ମେସିନ୍ ଦର୍ଶାଇବ ବୋଲି ସୂଚନା ମିଳିଛି।



**୬୫୦ କଏଦୀଙ୍କ କୁଣ୍ଡଳି ଯାଞ୍ଚ**

**ରାଜ୍ୟର ସମସ୍ତ ୮୭ ଜେଲ୍‌ରେ ବି ଲାଗିବ**

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



✓ ଅରୂପ ବେହେରା
ବାରିପଦା ୧ନଂ. ୱାର୍ଡ, ବୁଢ଼ିଖମାରୀ
ଧରାବତରଣ- ୧୫.୦୨.୧୯୭୦
ସର୍ଗାରୋହଣ- ୦୩.୦୫.୨୦୨୪

ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ।
ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ
ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ପୁଅ - ସାଗର, ଝିଅ- ଶ୍ରାବଣୀ, ସ୍ତ୍ରୀ- ବାସନ୍ତୀ, ବଡ ଭାଇ- ପ୍ରଦୀପ, ବଡ ଭାଉଜ- ପୁଷ୍ପଲତା, ମଝିଆଁ ଭାଉଜ- ଜ୍ୟୋତ୍ସାରାଣୀ, ବଡ ଭଉଣୀ- ଛବିରାଣୀ, ମଝିଆଁ ଭଉଣୀ- ଛାୟାରାଣୀ, ସାନ ଭଉଣୀ- ଛନ୍ଦାରାଣୀ, ବଡ ଭିଣେଇ- ଭାଗିରଥି, ମଝିଆଁ ଭିଣେଇ- ଗୋବର୍ଦ୍ଧନ, ସାନ ଭିଣେଇ- ମେଘନାଦ, ମାଆ- ପ୍ରମିଳା ଏବଂ ସମସ୍ତ ପରିବାର ବୃନ୍ଦ



## ମତଦାନକୁ ୧୨ ଦିନ ବାକି

# ଭୋଟର-ପ୍ରାର୍ଥୀ-କର୍ମୀ ସଜବାଜ

ଭୁବନେଶ୍ୱର, ୧୨।୫(ସମିସ):

ଆସନ୍ତା ୨୫ରେ ରାଜଧାନୀରେ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ଭୋଟର-ପ୍ରାର୍ଥୀ ଏବଂ ଦଳୀୟ କର୍ମୀଙ୍କ ହାତରେ ଆଉ ମାତ୍ର ୧୨ ଦିନ ସମୟ ରହିଲା। ତେଣୁ ଚାରିଆଡ଼େ ନିର୍ବାଚନକୁ ନେଇ ଚର୍ଚ୍ଚା। ପ୍ରାର୍ଥୀମାନେ ପ୍ରଚର ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ରୋଡ୍ ଶୋ' ରାଲି, ବୈଠକରେ ସମସ୍ତେ ବ୍ୟସ୍ତ। ବାହାଘର, ଭୋଜି, ବ୍ରତୋପନୟନ, ପିଲାଙ୍କ ଜନ୍ମଦିନ ପାର୍ଟିରେ ସମୟ ବାହାର କରି ବିଳମ୍ବିତ ରାତି ହେଉ ପଛେ ପହଞ୍ଚି ଯାଉଛନ୍ତି ନେତା। ଯେଉଁଠି ୩ରୁ ଅଧିକ ଲୋକ ଛିଡ଼ା ହୋଇଯାଉଛନ୍ତି ସେଠି ନିର୍ବାଚନର ଆଲୋଚନା ଆରମ୍ଭ ହୋଇଯାଉଛି। ଚା' ଖଟି ଠାରୁ ଆରମ୍ଭ କରି ଜଳଖିଆ ଦୋକାନ, ମଲ୍, କ୍ଲବ ଘର ସବୁଠି ନିର୍ବଚନର ଚର୍ଚ୍ଚା। ସକାଳୁ ପାର୍କରେ, ୧୦ଟା ବେଳେ ଦପ୍ତରରେ, ଦ୍ୱିପହରେ କ୍ୟାଣ୍ଟିନରେ, ସନ୍ଧ୍ୟାରେ ଖଟିରେ ଆଉ ରାତିରେ ଟିଭିରେ ସବୁଠି ଏବେ ନିର୍ବାଚନ, ନିର୍ବାଚନ ଆଉ ନିର୍ବାଚନ।

## ଇସ୍ତାହାର ପ୍ରତିଶ୍ରୁତି ଦୋହରାଇଲେ ଅଶୋକ ପଣ୍ଡା



ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ୱାର୍ଡ ନଂ ୨୩ ରେ କଳିଙ୍ଗ ଷ୍ଟୁଡିଓ ଛକ ଠାରୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଖଣ୍ଡଗିରି ବରବାରି, କଳିଙ୍ଗ ନଗର ପ୍ରଭୃତି ଅଞ୍ଚଳରେ ଜୋର୍‌ଦାର ପ୍ରଚାର କରିଥିଲେ। ଏହି ପ୍ରଚାର ସମୟରେ ମନ୍ତ୍ରୀ ଶୀ ପଣ୍ଡା ତାଙ୍କ ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାମ ସମ୍ପର୍କରେ ମନେପକାଇଥିଲେ। ଏହା ସହ ଦଳ ପକ୍ଷରୁ ଭୋଟରମାନଙ୍କୁ ନିର୍ବାଚନ ଇସ୍ତାହାର ମାଧ୍ୟମରେ ଦିଆଯାଇଥିବା ପ୍ରତିଶ୍ରୁତି ଦୋହରାଇଥିଲେ ମନ୍ତ୍ରୀ ଆଶୋକ ପଣ୍ଡା। ଏଥିରେ ମେଟ୍ରୋ ରେଳ ପ୍ରକଳ୍ପ ଠାରୁ ଆରମ୍ଭ କରି ମିଶନ ଶକ୍ତି ମା' ମାନଙ୍କ ପାଇଁ ବିନା ସୁଧରେ ୧୦ଲକ୍ଷରୁ ୧୫ଲକ୍ଷ ଟଙ୍କାକୁ ଋଣ ସୀମା ବୃଦ୍ଧି ଓ ପେନସନ, ଶହେ ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିଲ ଛାଡ, ଯୁବ ବଜେଟ, ଭଳି ଗ୍ୟାରେଣ୍ଟି ଯୋଜନା ସମ୍ପର୍କରେ କହିଥିଲେ। ସେହି ଭଳି ୱାଡ ନମ୍ବର ୬୫ରେ ବରିଷ୍ଠ ନାଗରିକ ମହାସଂଘରେ ଶ୍ରୀ ପଣ୍ଡା ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର କିରଣ ମାଝୀ, ପୂର୍ବତନ କର୍ପୋରେଟର କାର୍ତ୍ତିକ ସୁନ୍ଦରାୟ, ଦିଲ୍ଲୀପ ମାଝୀ, ଏକାମ୍ର ଛାତ୍ର ସଭାପତି ରାଜେଶ ପାତ୍ର, ଯୁବ ନେତା ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଛାତ୍ର ନେତା ଶିବ ପ୍ରସାଦ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

### ବସ୍ତିରେ ଊର୍ଦ୍ଧ୍ୱମୁଖୀ ରାଜନୀତି ପାରଦ

ରାଜଧାନୀରେ ରାଜନୀତିର କେନ୍ଦ୍ରରେ ବସ୍ତି। ତେଣୁ ରାଜନୈତିକ ଦଳଗୁଡ଼ିକର ପ୍ରଥମ ଟାର୍ଗେଟ ବସ୍ତି ଭୋଟର। ଯେନତେନ ପ୍ରକାର ସେମାନଙ୍କୁ ନିଜ ଆଡ଼କୁ ଭିଡିବାକୁ ଚାଲିଛି ଜୋରଦାର ପ୍ରୟାସ। ତେଣୁ ବସ୍ତିରେ ରାଜନୀତିର ପାରଦ ଏବେ ସବୁଠାରୁ ଊର୍ଦ୍ଧ୍ୱରେ। ନେତାମାନଙ୍କୁ ଅଧିକାଂଶ ସମୟରେ ବସ୍ତିରେ ଦେଖିବାକୁ ମିଳୁଛି। ଅଗଲ ଚଗଲ ହେଉଥିବା ବସ୍ତି ନେତାମାନଙ୍କ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି। କାହାକୁ ଘରକୁ ଡକାଯାଉଛି। ପୁଣି କାହାକୁ ତାରକା ହୋଟେଲରେ ରଙ୍ଗିନ କରାଯାଉଛି। କାହାକୁ ପ୍ରତିଶ୍ରୁତି ଦିଆଯାଉଛି। କାହାକୁ ଆଶ୍ୱାସନା। କାହାକୁ ଧମର ଭାଇ, ଧରମ ମଉସା, ଧରମ ପୁଅ ଆଉ ଧରମ ଭଉଣୀ ବାନାଉ ଯାଉଛି।

### ଘର ଭିତରେ ଟଣାଓଟରା, ବିବାଦ

ଗୋଟିଏ ଘରେ ଏକାଧିକ ଦଳର ସମର୍ଥକ ବାହାରୁଛନ୍ତି। ଏହାକୁ ନେଇ ଘର ଭିତରେ ବିବାଦ ବଢ଼ିବାରେ ଲାଗିଛି। ବାପ-ପୁଅ, ଭାଇ-ଭାଇ, ସ୍ୱାମୀ -ସ୍ତ୍ରୀ ମଧ୍ୟରେ ଟଣା ଓଟରା ଆଉ ବିବାଦ ବଢ଼ିବାରେ ଲାଗିଛି। ଏପରିକି ମାରପିଟ ପର୍ଯ୍ୟନ୍ତ କଥା ପଳାଉଛି। ବସ୍ତିରେ ରହୁଥିବା ଏଭଳି ପରିବାର ଗୁଡ଼ିକର ଅନ୍ୟ ଅଣ ରାଜନୈତିକ ସଦସ୍ୟମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ନିର୍ବାଚନ କେବେ ଶେଷ ହେବ। ଆଉ ଏ ଗୃହ ଯୁଦ୍ଧ ଶେଷ ହେବ ସେମାନେ ଦିନ ଗଣୁଛନ୍ତି।

## ବସ୍ତିବାସୀଙ୍କ ସମର୍ଥନ ଲୋଡ଼ିଲେ ଅନନ୍ତ



ରବିବାର ବିଜେଡି ଭୁବନେଶ୍ୱର ମଧ୍ୟ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ବୁନୁ ମାରାଥନ ପ୍ରଚାର କରିଛନ୍ତି। ପ୍ରେସ କଲୋନୀସ୍ଥିତ ରାଧାକୃଷ୍ଣ ମନ୍ଦିରରେ ବରିଷ୍ଠ ନାଗରିକ ମାନେ ବିଧାୟକ ପ୍ରାର୍ଥୀ ଶ୍ରୀ ଜେନା ଓ ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ଜେନା ସେମାନଙ୍କ ଠାରୁ ଆଶୀର୍ବାଦ ନେଇ ଘରକୁ ଘର ବୁଲି ଅଞ୍ଚଳବାସୀଙ୍କ ସମର୍ଥନ ଲୋଡିଥିଲେ। ପରେ ଗୁରୁଦ୍ୱାରରେ ଶିଖ ସମୁଦାୟଙ୍କୁ ଭେଟି ସମର୍ଥନ ଲୋଡ଼ିବା ଅବସରରେ ଚଳିତ ନିର୍ବାଚନରେ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ। ପରେ ବମିଖାଲସ୍ଥିତ କେନାଲ ବନ୍ଧ କେଳା ବିଜୁ ଆଦର୍ଶ କଲୋନୀ ବାସୀଙ୍କୁ ଭେଟିଥିଲେ। ୱାର୍ଡ ୩୭ରେ ନୟାପଲ୍ଲୀ ସ୍ଥିତ ଗୋଲାପ ରିଶୋର୍ଟରେ କର୍ପୋରେଟର ବନ୍ଦିତା ପାଲଙ୍କ ସଂଯୋଜନାରେ ଆୟୋଜିତ ବରିଷ୍ଠ ନାଗରିକଙ୍କ ବୈଠକରେ ଯୋଗଦେଇଥିଲେ। ଅପରାହ୍ଣରେ ୱାର୍ଡ ନମ୍ବର ୪୭ରେ ୟୁନିଟ୍-୮ ଗଜଲକ୍ଷ୍ମୀ ପୂଜା ପଡ଼ିଆ ନିକଟରେ ବିଶାଳ ବାଇକ ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କର୍ପୋରେଟର ସମିତା ମହାନ୍ତି ଯୋଗଦେଇ ଜନସାଧାରଣଙ୍କ ଠାରୁ ଆଶୀର୍ବାଦ ନେଇଥିଲେ।

## ଜୀବନର କେତେ ରଙ୍ଗ

# ଜୀବିକା ଦେଇଛି ପଇଡ଼

ଭୁବନେଶ୍ୱର, ୧୨।୫(ସମିସ): ଡହଡହ ଖରାବେଳେ ଗ୍ରାହକ ହାତକୁ ପଇଡ଼ଟିଏ ବଢ଼ାଇ ଦେବା ପରେ ଯେତିକି ଆତ୍ମତୃପ୍ତି ମିଳେ, ଜୀବିକା ପାଇଁ ଅନେକ ରାସ୍ତା ଥିଲେ ବି ସେତେବେଳେ ଏହା ହିଁ ସବୁଠୁ ଭଲ ମାଧ୍ୟମ ବୋଲି ମନେହୁଏ। ନିଜ ଜୀବିକା ତଥା ବ୍ୟବସାୟକୁ ନେଇ ଏଭଳି ସକାରାତ୍ମକ ମନ୍ତବ୍ୟ ଦେବା ବେଳେ ମନୋବଳ ଦୃଢ଼ ଥିଲେ କୌଣସି ବି ଜୀବିକା ଛୋଟ ନୁହେଁ ବୋଲି ପ୍ରତୀୟମାନ ହୁଏ। ଅବଶ୍ୟ ଆଜିକାଲି ଲୋକେ ପଇଡ଼କୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ତା'ଠାରୁ ମୃଦୁ୍ୟପାନୀୟକୁ ଅଧିକ ଗରୁତ୍ୱ ଦେଉଥିବାରୁ ପଇଡ଼ ବ୍ୟବସାୟରେ ବେଳେବେଳେ ଖର୍ଚ୍ଚ ବି ଉଠୁନଥିବା କୁହନ୍ତି ବିଦ୍ୱଶି। ନିଜର ପଇଡ଼ ବ୍ୟବସାୟକୁ ନେଇ ଏଭଳି ମତବ୍ୟକ୍ତ କରିଥିବା ୬୫ବର୍ଷୀୟ ବିଦ୍ୱଶି ନାୟକଙ୍କ ଘର ନୟାଗଡ଼ ଜିଲ୍ଲାରେ। ସେ ଦୀର୍ଘଦିନରୁ ରାଜଧାନୀରେ ପଇଡ଼ ବେପାର କରୁଛନ୍ତି।

ପ୍ରଥମେ ରାଜଧାନୀରେ ରହି କାଠ ଫ୍ୟାକ୍ଟ୍ରିରେ କାମ କରି ଘର ଚଳାଉଥିଲେ। ହେଲେ ଚାରିବର୍ଷ ତଳେ ଫ୍ୟାକ୍ଟ୍ରିରୁ କାମ ଚାଲିଗଲା ପରେ ସେ ପଇଡ଼ ବିକ୍ରିକୁ ଜୀବିକା ଭାବରେ ବାଛି ଦି ପଇସା ରୋଜଗାର କରି ଆସୁଛନ୍ତି। ସକାଳ ୬ଟାରୁ ତାଙ୍କ କାମ ଆରମ୍ଭ ହେଇଯାଏ। ଏବେ ପଇଡ଼ ପିଛା ଦର ୫୦ ଥିବାବେଳେ ନାଳୀ ପଇଡ଼ ଗୋଟାକୁ ୬୦ ଟଙ୍କାରେ ବିକ୍ରି କରିଥାନ୍ତି। ପୂର୍ବରୁ ପାସପୋର୍ଟ ଅଫିସ ସାମ୍ନାରେ ତାଙ୍କ ଟ୍ରଲିରେ ପଇଡ଼ ବିକ୍ରି କରୁଥିଲେ। ଏବେ ସେ ଏୟାରପୋର୍ଟ ପଛ ପାଖ ରାସ୍ତା ପାର୍ଶ୍ୱରେ ପଇଡ଼ ବିକ୍ରି କରୁଛନ୍ତି। ଏଠାରେ ଆଗଭଳି ଭଲ ବ୍ୟବସାୟ ହେଉନଥିଲେ ବି ଯାହା ଯେମିତି ପରିବାର ଚଳିଯାଉଛି। ସେଥିରେ ପୁଣି ଏହି ବ୍ୟବସାୟରେ ପ୍ରତିଯୋଗିତା ବଢ଼ିବାରେ ଲାଗିଛି। ପ୍ରତି ଛକରେ ୪ରୁ ପାଞ୍ଚଟି ପଇଡ଼ ବ୍ୟବସାୟୀଙ୍କୁ ଦେଖିବାକୁ ମିଳୁଛି। ସେଥିପାଇଁ ତାଙ୍କ ପାଖରେ ବି ଗ୍ରାହକଙ୍କ ସଂଖ୍ୟା କମୁଛି ବୋଲି ବିଦ୍ୱଶି ନିଜ ଦୁଃଖ ପ୍ରକାଶ କରି କୁହନ୍ତି। କେବେ କେବେ ପୂଜା ପର୍ବରେ ତାଙ୍କର ଅଧିକ ୧୫ରୁ ୨୦ଟା ପଇଡ଼ ବିକ୍ରି ହୋଇଥାଏ। ନହେଲେ ସେଇ ଖରାଦିନକୁ ଅପେକ୍ଷା ଥାଏ। କାରଣ ଏହି ସମୟରେ ହିଁ ତାଙ୍କର ଅଧିକ ବ୍ୟବସାୟ ହୁଏ। ହେଲେ ଆଗଭଳି ପଇଡ଼ର ଚାହିଦା କି ବିକ୍ରି ଆଉ ନାହିଁ। ଲୋକ ଏବେ ଥଣ୍ଡା ପାନୀୟ ପ୍ରତି ଅଧିକ ଚାହିଦା ରଖୁଛନ୍ତି। ତେଣୁ ତା'ର ପ୍ରଭାବ ତାଙ୍କ ଭଳି ପଇଡ଼ ବ୍ୟବସାୟୀଙ୍କ ଉପରେ ପଡୁଛି ବୋଲି କହିଛନ୍ତି।




■ ଲେଡି ଡ୍ୟାନ୍ସରଙ୍କ ମୃତ୍ୟୁ ଘଟଣା

## ପୁରୁଷ ବନ୍ଧୁ ଅଟକ, ପଚରାଉଚରା ଜାରି

ଭୁବନେଶ୍ୱର, ୧୨।୫(ସମିସ): ବଡ଼ଗଡ଼ ଥାନା ପଡ଼ା ସାହିରେ ଭଡ଼ାରେ ରହୁଥିବା ଲେଡି ଡ୍ୟାନ୍ସର ମୋନାଲିସା ଦାସଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଅଡୁଆରେ ପଡ଼ିଛନ୍ତି ପୁରୁଷ ବନ୍ଧୁ ନିହାର ଗିରି। ତାଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ପୁଲିସ ଏହି ମାମଲାରେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟରେ ଏହା ହତ୍ୟା ସ୍ପଷ୍ଟ ହେଲେ ପୁଲିସ ପୁରୁଷ ବନ୍ଧୁ ନିହାରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯଦି ଆତ୍ମହତ୍ୟା ନେଇ ସ୍ପଷ୍ଟ ହୁଏ ତେବେ ପୁଲିସ ଦଫା ୩୦୬(ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ଲଗାଇ କୋର୍ଟ ଚାଲାଣ କରିବ। ତେଣୁ ପୁଲିସ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଅନ୍ୟପଟରେ ପୁଲିସ ତାଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିଛି। ମୃତ ଯୁବତୀ ଜଣେ ଲେଡି ଡ୍ୟାନ୍ସର। ସେ ଅନେକ ପାର୍ଟି ଇଭେଣ୍ଟ ଓ ଷ୍ଟେଜ ସୋ'ରେ ଡ୍ୟାନ୍ସର ଭାବେ କାମ କରନ୍ତି। ଏପରିକି ରାଜ୍ୟ ବାହାରେ ମଧ୍ୟ ଯାଇ କାମ କରୁଥିଲେ। ଏକ ବର୍ଷ ହେବ ଭୁବନେଶ୍ୱରକୁ ଆସି ରହୁଥିଲେ। ତାଙ୍କ ଘର ଜଗତସିଂହପୁର ତିର୍ତ୍ତୋଲ ଅଲଣା। ତେବେ ସେ ଘରକୁ ଟଙ୍କାଟିଏ ପଠାଉ ନଥିବାରୁ ଟଙ୍କା ନେଣଦେଣକୁ ନେଇ କୌଣସି ପ୍ରକାର ବଚସା ହୋଇଥାଇ ପାରେ। ଯେଉଁଥି ପାଇଁ ପୁରୁଷ ବନ୍ଧୁ ହତ୍ୟା କରିଥାଇ ପାରେ ବୋଲି ପୁଲିସ ସନ୍ଦେହ କରୁଛି।

## ପୁଲିଂ ଅଧିକାରୀଙ୍କ ମୃତ୍ୟୁରେ ଓଷ୍ଟାର ଶୋକ

ଭୁବନେଶ୍ୱର, ୧୨।୫(ସମିସ): ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟରତ ପୁଲିଂ ଅଧିକାରୀ ଅଲେଖ ରନ୍ଧାରୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟଣାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ମୃତ୍ୟୁ ହେଲେ ୫୦ଲକ୍ଷ ଟଙ୍କା ସେମାନଙ୍କ ପରିବାରବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ ସଂଘ ଦାବି କରିଛି। ଏହାସହ ନିର୍ବାଚନ ପାଇଁ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷିତ ଯାତାୟତ ପାଇଁ ସରକାର ଓ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ମୃତ ଅଲେଖ ରନ୍ଧାରୀ ନବରଙ୍ଗପୁର ଜିଲ୍ଲାର କକଡ଼ିସେମଳା ହାଇସ୍କୁଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କୁ ପଞ୍ଚମ ପୁଲିଂ ଅଧିକାରୀ ଭାବେ ନିୟୋଜିତ କରାଯାଇଥିଲା। ଡିସ୍‌ପର୍ସାଲ୍ ସେଣ୍ଟରରୁ ବୁଥ୍‌କୁ ଯାଉଥିବା ବେଳେ ଉମରକୋଟ୍ ନିକଟରେ ସଡ଼କ ଦୁର୍ଘଟଣାର ଶୀକାର ହୋଇଥିଲେ। ତାଙ୍କ ମୃତ୍ୟୁରେ ଓଷ୍ଟାର ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

■ 'ଲକ୍ଷ୍ୟ ଡ୍ୟାନ୍ସ' ଏକାଡେମୀର ବାର୍ଷିକ ନୃତ୍ୟ ଓ ସଙ୍ଗୀତ ସମାରୋହ

## କଣ୍ଠଶିଳ୍ପୀ ଜୟଶ୍ରୀ ଧଳଙ୍କୁ 'ଲକ୍ଷ୍ୟ ସଙ୍ଗୀତ ସମ୍ମାନ'




ଭୁବନେଶ୍ୱର, ୧୨।୫(ସମିସ): ନୃତ୍ୟାନୁଷ୍ଠାନ 'ଲକ୍ଷ୍ୟ ଡ୍ୟାନ୍ସ' ଏକାଡେମୀର ବାର୍ଷିକ ନୃତ୍ୟ ଓ ସଙ୍ଗୀତ ସମାରୋହ ଭଞ୍ଜ କଳାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ପ୍ରିନସପାଲ ଆକାଉଣ୍ଟାଣ୍ଟ ଜେନେରାଲ ରାଜ କୁମାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ଓ ସମାଜସେବୀ ପ୍ରତାପ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏକାଡେମୀର ପ୍ରତିଷ୍ଠାତା ସମ୍ପାଦିକା କ୍ଷଣପ୍ରଭା ପରିଡ଼ା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସରୋଜ ବାରିକ ଓ କୁମାର ସାଗର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉତ୍ସବରେ ସ୍ୱନାମଧନ୍ୟ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଜୟଶ୍ରୀ ଧଳଙ୍କୁ 'ଲକ୍ଷ୍ୟ ସଙ୍ଗୀତ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ଗୁରୁ ସିକତା ଦାସଙ୍କୁ 'ଲକ୍ଷ୍ୟ ନୃତ୍ୟ ସମ୍ମାନ'ରେ ସମ୍ମାନୀତ କରାଯଇଥିଲା। ସେହିପରି ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ 'ଲକ୍ଷ୍ୟ ବାଦ୍ୟ ପୁରସ୍କାର' ପ୍ରଦାନ କରାଯାଇଥିଲା।

## ଓଏଆର୍‌ଏଫ୍‌ଟି ପାଳିଲା ବିଶ୍ୱ ଲୁପସ୍ ଦିବସ

ଭୁବନେଶ୍ୱର, ୧୨।୫(ସମିସ): ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ ରିଉମାଟୋଲୋଜି ଫାଉଣ୍ଡେସନ ଟ୍ରଷ୍ଟ(ଓଏଆର୍‌ଏଫ୍‌ଟି) ପକ୍ଷରୁ ସହିଦ ନଗରସ୍ଥିତ ଓଡ଼ିଶା ଆର୍ଥ୍ରାଇଟିସ୍ ଓ ରିଉମାଟୋଲୋଜି ସେଣ୍ଟର (ଓଏଆର୍‌ସି) ପରିସରରେ ବିଶ୍ୱ ଲୁପସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶିବିରର ଆୟୋଜନ କରାଯାଇଥିଲା। ଭାରତୀୟ ରିଉମାଟୋଲୋଜି ସଂଘ, ଓଡ଼ିଶା ଶାଖାର ସଭାପତି ଡାକ୍ତର ମନୋଜ ଛୋଟରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିୟମିତ ସମୟ ଓ ଜୀବନଶୈଳୀରେ ପରିବର୍ତ୍ତନ ଆଣି ରୋଗୀମାନେ ରିଉମାଟୋଲୋଜିଷ୍ଟଙ୍କ ପରାମର୍ଶ ନେଇ ସାଧାରଣ ଜୀବନଯାପନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଲୁପସ୍ ସମ୍ପର୍କିତ ବିବରଣୀ ପତ୍ର ବଣ୍ଟନ କରାଯାଇଥିଲା। ଲୁପସ୍ ରୋଗୀମାନେ ସେମାନଙ୍କର ରୋଗ ଏବଂ ତାଙ୍କର ଜୀବନ ଶୈଳୀ ବିଷୟରେ ଆଲୋଚନା କରିଥିଲେ। ଓଏଆର୍‌ସିର ମେଡିକାଲ ନିର୍ଦ୍ଦେଶକ ପ୍ରଫେସର ଡଃ ଜ୍ୟୋତି ରଞ୍ଜନ ପରିଡ଼ା କହିଥିଲେ, ଲୁପସ୍ ରୋଗ ବିକଶିତ କରୁଥିବା ଅଧାରୁ ଅଧିକ ଲୋକଙ୍କ ପାଇଁ ଗଣ୍ଠି ଯନ୍ତ୍ରଣା ହେଉଛି ପ୍ରଥମ ଲକ୍ଷଣ ମଧ୍ୟରୁ ଗୋଟିଏ। ଲୁପସ୍ ରୋଗ ଥିବା ଲୋକଙ୍କର ଅବସ୍ଥାର କିଛି ପର୍ଯ୍ୟାୟରେ ଗଣ୍ଠି ଏବଂ ମାଂସପେଶୀ ଯନ୍ତ୍ରଣା ହୁଏ ବୋଲି ସେ କହିଥିଲେ। ପ୍ରତି ୧୦୦୦ ଲୋକଙ୍କ ମଧ୍ୟରେ ଜଣେ ଏହି ରୋଗରେ ଆକ୍ରାନ୍ତ। ୧୦ ଜଣ ଆକ୍ରାନ୍ତଙ୍କ ମଧ୍ୟରେ ୯ ଜଣ ମହିଳା ଅଛନ୍ତି। ଜ୍ୱର, ଛାତି ଯନ୍ତ୍ରଣା, କେଶ ଝଡ଼ିବା, ଚର୍ମ ସଂକ୍ରମଣ ଭଳି ସମସ୍ୟା ଦେଖାଦେଲେ ରୋଗୀଙ୍କୁ ଗଣ୍ଠି ଯନ୍ତ୍ରଣା ହେବାର ଆଶଙ୍କା ଥାଏ। ଟ୍ରଷ୍ଟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପରିଡ଼ା କାର୍ଯ୍ୟକୁ ପରିଚାଳନା କରିବା ସହିତ ଲୁପସ୍ ସହିତ ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ଶୈଳୀ ଉପଭୋଗ କରିବାକୁ ପରାମର୍ଶ ଦେଇଥିଲେ।




**ଅଧାରେ ଅଟକିଛି ମଞ୍ଚେଶ୍ୱର-ହାଇଟେକ୍ ହସ୍ପିଟାଲ୍ ନଦୀପଠା ରାସ୍ତା**

# ଅର୍ଦ୍ଧନିର୍ମିତ ରାସ୍ତା ପାଲଟିଛି ଅଘୋଷିତ ପାର୍କିଂସ୍ଥଳ

ଭୁବନେଶ୍ୱର, ୧୨।୫(ସମିସ):

ପ୍ରତିଦିନ ସାମ୍ନା କରୁଥିବା ଦୁର୍ଘଟଣାରୁ ବର୍ତ୍ତିବ ହାଇଟେକ୍ ଛକ। ଦୈନିକ ଯାତାୟାତ କରୁଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ହେବେ ଉପକୃତ। ସନ୍ଧ୍ୟାରେ ସୃଷ୍ଟି ହେଉଥିବା କୃତିମ ଟ୍ରାଫିକ୍ ଜାମ୍‌ର ସମସ୍ୟାର ଅନ୍ତ ହେବ। ୨୦୨୨ ମସିହାରେ ଏଭଳି କିଛି ପରିକଳ୍ପନା କରି ମଞ୍ଚେଶ୍ୱର କେଉଟ ସାହିଠାରୁ ହାଇଟେକ୍ ହସ୍ପିଟାଲ ରୋଡ୍ ସାଇମନ୍ଦିର ପର୍ଯ୍ୟନ୍ତ ନଦୀପଠାରେ ଏକ ଭୂତଳ ରାସ୍ତାର ମୂଳଦୁଆ ପଡ଼ିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ୪କୋଟି ଟଙ୍କା ବ୍ୟୟରେ ରାସ୍ତା କାମ ଆରମ୍ଭ ହୋଇଥିଲା। ପ୍ରାୟ ୨.୫ କିଲୋମିଟର ଲମ୍ବ ଏହି ରାସ୍ତା ଦେଢ଼ ବର୍ଷରେ ଶେଷ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ନିର୍ଦ୍ଧାରିତ ସମୟରେ କାମ ଆରମ୍ଭ ହେଲା। ମାତ୍ର ସୁନ୍ଦର ପ୍ରଶସ୍ତ ପିଚୁ ରାସ୍ତା କାମ ଠିକ୍ କୂଆଖାଇ ପୋଲ ତଳେ ଅଟକିଗଲା। କାମ ବନ୍ଦକୁ ୨ବର୍ଷ ବିତି ଯାଇଥିଲେ ହେଁ ରାସ୍ତା କାମ ଆରମ୍ଭ ହେଉନି। ଫଳସ୍ୱରୂପ ଯେଉଁ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା, ସେ ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ। ଏବେ ବି ଏହି ଛକ ଦୁର୍ଘଟଣାର ବ୍ଲାକ୍‌ସ୍ପଟ ଭାବେ ଅପବାଦ ମୁଣ୍ଡାଉଛି।



ଏବେ ଯେତିକି ରାସ୍ତା ନିର୍ମାଣ ହୋଇଛି, ତାହା ଲୋକଙ୍କ ବ୍ୟବହାରରେ ଆସୁନି। ବରଂ ବସ୍, ଟ୍ରକ୍ ଓ ଜେସିବି ମେସିନ୍ ପାଇଁ ଅଘୋଷିତ ପାର୍କିଂସ୍ଥଳ ପାଲଟିଛି। କେଉଁ କାରଣରୁ ବନ୍ଦ ହୋଇଛି, କେବେ କାମ ଆରମ୍ଭ ହେବ ତା'ର ସଠିକ ଉତ୍ତର ବି କାହା ପାଖରେ ନାହିଁ। ଅନ୍ୟପକ୍ଷରେ ଏହି ରାସ୍ତାରେ କିଛି ଲୋକଙ୍କ ଘରୋଇ ଜମି ଆସୁଥିବାରୁ ରାସ୍ତା କାମ ବନ୍ଦ ହୋଇଛି। ସେ ଜମି କିଣିବା ନେଇ ପୂର୍ତ୍ତ ବିଭାଗ ଓ ସ୍ଥାନୀୟ ବାସିନ୍ଦାଙ୍କ ଆଲୋଚନା ସଫଳ ହୋଇପାରିନି ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ହାଇଟେକ୍ ହସ୍ପିଟାଲ, ପାଣ୍ଡରା ଓ ପୁରୀ ବାଇପାସ୍ ପଟୁ ଆସୁଥିବା ଲୋକମାନେ ରାଜପଥ ଅତିକ୍ରମ କରି ମଞ୍ଚେଶ୍ୱର ପଟକୁ ଯାଉଥିବା ବେଳେ ମଞ୍ଚେଶ୍ୱର ପଟୁ ଆସୁଥିବା ଲୋକମାନେ ମଧ୍ୟ ବିପଦପୂର୍ଣ୍ଣ ଭାବେ ରାସ୍ତା ଆରପଟକୁ ଯାଇଥା'ନ୍ତି। ଫଳରେ ବ୍ୟସ୍ତବହୁଳ ଏହି ଛକରେ ସବୁବେଳେ ଟ୍ରାଫିକ୍ ଜାମ୍ ଲାଗି ରହିବା ସହ ଦୁର୍ଘଟଣା ଘଟୁଛି। ଏହି ଛକରେ ଟ୍ରାଫିକ୍ ପୁଲିସ ନିୟୋଜିତ ଥିଲେ ମଧ୍ୟ କିଛି ଲାଭ ହେଉନାହିଁ। ଭୁବନେଶ୍ୱର ଓ କଟକ ପଟୁ ଦ୍ରୁତ ଗତିରେ ଆସୁଥିବା ଗାଡ଼ିଗୁଡ଼ିକ ହଠାତ୍ ଅଟକି ପାରୁନାହାନ୍ତି। ତେଣୁ ଦୁର୍ଘଟଣାରେ ଧନଜୀବନ କ୍ଷତି ହେଉଛି। ଏହି ରାସ୍ତା ନିର୍ମାଣ ହୋଇଥିଲେ ଉଭୟପାର୍ଶ୍ୱର ଲୋକମାନେ ଏହି ଭୂତଳ ରାସ୍ତା ଦେଇ ଯାତାୟାତ କରିପାରନ୍ତେ।

### ଦୁର୍ଘଟଣାରୁ ବର୍ତ୍ତୁପାରୁନି ହଂସପାଳ ଛକ

### ପୂର୍ତ୍ତ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ

ମଞ୍ଚେଶ୍ୱର, ଚକେଇସିହାଣୀ, ରୋକଟ, ଇଞ୍ଜଣା, ନୂଆପାଟଣା, ବରିମୁଣ୍ଡ ଆଦି ସ୍ଥାନୀୟ ଅଞ୍ଚଳର ଲୋକମାନେ ହାଇଟେକ୍ ହସ୍ପିଟାଲ୍ କିମ୍ବା ପୁରୀ ବାଇପାସ୍ ପଟକୁ ଯିବା ପାଇଁ ହାଇଟେକ୍ ଛକ ହେଉଛି ଏକମାତ୍ର ରାସ୍ତା। ପୂର୍ବରୁ କମ୍ ଗାଡ଼ି ଯାତାୟାତ କରୁଥିଲା ଏବଂ ଓଭରବ୍ରିଜ୍ ନଥିବାରୁ ଲୋକମାନେ ରାସ୍ତା ପାର ହେବାରେ ବିଶେଷ ସମସ୍ୟାର ସମ୍ମୁଖୀନ ହେଉ ନଥିଲେ। ହେଲେ ଓଭରବ୍ରିଜ୍ ହୋଇ ରାସ୍ତା ସମ୍ପ୍ରସାରଣ ହେବାରୁ ରାସ୍ତା ପାର୍ ହେବା ବେଳକୁ ଅନେକ ସମୟରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବାକୁ ପଡୁଛି। ସେହିଭଳି ପୁରୀ ବାଇପାସ୍ ଏବଂ ହାଇଟେକ୍ ହସ୍ପିଟାଲ ପଟୁ ଆସୁଥିବା ଲୋକମାନେ ମଧ୍ୟ ରାସ୍ତା ପାର୍ ହେଲା ବେଳକୁ ଦୁର୍ଘଟଣାର ଶିକାର ହେଉଛନ୍ତି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଏଏସ୍‌ଡିଓଙ୍କୁ ପଚାରିବାରୁ ସେ କହିଛନ୍ତି, ଘରୋଇ ଜମିଥିବା କହି ଲୋକମାନେ ପ୍ରତିବାଦ କରିବାରୁ ରାସ୍ତା କାମ ଆଗେଇ ପାରୁନି। ଆମେ ଜମି ମାଲିକମାନଙ୍କ ସହ ଆଲୋଚନା କରିଛୁ। ଖୁବ୍‌ଶୀଘ୍ର ରାସ୍ତା କାମ ଆଗେଇବ। ରାସ୍ତା କାମ ପୂର୍ବରୁ ପୂର୍ତ୍ତ ବିଭାଗ ନକ୍ସା ପ୍ରସ୍ତୁତ କଲାବେଳେ ଘରୋଇ ଜମି ବିଷୟରେ କେମିତି ଜାଣିପାରିଲେନି। ତେଣୁ ପୂର୍ତ୍ତ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ତୁରନ୍ତ ରାସ୍ତା କାମ ଶେଷ କରିବା ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।



ଚକ୍ରବୃଦ୍ଧି ସୁଧ ବିଶ୍ୱର ଅଷ୍ଟମ ଆଶ୍ଚର୍ଯ୍ୟ। ଏହାକୁ ବୁଝିପାରୁଥିବା ଲୋକ ଉପକୃତ ହୁଏ, ନ ବୁଝିପାରିଲେ କ୍ଷତି ସହେ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

# ଆଜି ସାମ୍ବିଧାନିକ ଦାୟିତ୍ୱ ଦିବସ, ଛୁଟିଦିନ ନୁହେଁ

ଭାରତର ଅଷ୍ଟାଦଶ ସାଧାରଣ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ତଥା ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟଦାନ ପ୍ରକ୍ରିୟା ଆଜି ସକାଳୁ ଆରମ୍ଭ ହେଉଛି। ଭାରତୀୟ ଗଣତନ୍ତ୍ରର ଏହି ନିର୍ବାଚନ ମହୋତ୍ସବ ବିଶ୍ୱର ସର୍ବବୃହତ୍। ଯଦିଓ ଗଣତନ୍ତ୍ରର ଏକମାତ୍ର ମୁଖ୍ୟ ଅଙ୍ଗ ନିର୍ବାଚନ ନୁହେଁ, ତଥାପି ଏତେ ବିଶାଳ ଆକାରରେ ମୁକ୍ତ, ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା ଭାରତୀୟ ଗଣତନ୍ତ୍ର ପାଇଁ ସାରା ବିଶ୍ୱରେ ଏକ ମହନୀୟ ପରିଚୟ ସୃଷ୍ଟି କରିପାରିଛି। ଆଜିର ଏହି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଓଡ଼ିଶାର ଚାରିଟି ଲୋକସଭା ଆସନ ସମେତ ୧୦ଟି ରାଜ୍ୟର ୯୬ଟି ଲୋକସଭା ଆସନରେ ଭୋଟଦାନ ଅନୁଷ୍ଠିତ ହେବ। ସେହିପରି ଓଡ଼ିଶାର ମୋଟ ୨୮ଟି ଓ ଆନ୍ଧ୍ରପ୍ରଦେଶର ୧୭୫ଟି ବିଧାନସଭା ଆସନ ପାଇଁ ଭୋଟଗ୍ରହଣ ହେବ। ଓଡ଼ିଶାରେ ଆଜିର ଭୋଟଦାନରେ ୬୨.୮୭ ଲକ୍ଷ ଭୋଟର ୩୭ ସାଂସଦ ପ୍ରାର୍ଥୀ ଓ ୨୪୩ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

ଏଥର ପ୍ରଥମ ତିନି ପର୍ଯ୍ୟାୟ ନିର୍ବାଚନ ଭୋଟଦାନରେ ମୋଟ ମତଦାନ ହାର ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ହାରାହାରି ପ୍ରାୟ ତିନି ପ୍ରତିଶତ କମିଥିବାରୁ ବିଭିନ୍ନ ପ୍ରକାର କଳ୍ପନା ଜଳ୍ପନା ପ୍ରକାଶ ପାଉଛି। କଥା ଏ ପର୍ଯ୍ୟନ୍ତ ଯାଇଛି ଯେ କେତେକ ମୁଖ୍ୟ ବିରୋଧୀ ଦଳ ତଥା ଦେଶର ପ୍ରମୁଖ ପେସାଦାର ସାମ୍ବାଦିକ ସଂଘ ନିର୍ବାଚନ କମିଶନ୍‌ଙ୍କ ଦ୍ୱାରା ବିଗତ ତିନି ପର୍ଯ୍ୟାୟ ଭୋଟରେ ମତଦାନ ପରିସଂଖ୍ୟାନର ବିଶ୍ଳେଷଣ ଘୋଷଣା କରା ନ ଯାଇଥିବାରୁ ସମାଲୋଚନା କରିଛନ୍ତି। କଂଗ୍ରେସ ସଭାପତି ଖଡ଼ଗେ ନିର୍ବାଚନ କମିଶନ୍‌ଙ୍କୁ ପତ୍ର ଲେଖି ଆଶଙ୍କା ପ୍ରକାଶ କରିଛନ୍ତି ଯେ ଏହି ସୂଚନା ଘୋଷଣା ନ କରାଯିବା ଫଳରେ କମିଶନ୍‌ଙ୍କ କାର୍ଯ୍ୟକଳାପର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହାକୁ ଦୃଢ଼ ଖଣ୍ଡନ କରି ନିର୍ବାଚନ କମିଶନ୍ ସୂଚାଇଛନ୍ତି ଯେ ପ୍ରତ୍ୟେକ ବୁଥ୍‌ର ମୋଟ ମତଦାନ ସଂଖ୍ୟା ସମସ୍ତ ପୋଲିଂ ଏଜେଣ୍ଟମାନଙ୍କୁ ସୂଚିତ କରାଯାଇସାରିଛି ଏବଂ ଏହା ନିର୍ବାଚନ କମିଶନ୍‌ଙ୍କ ଭୋଟଦାତା ଆପ୍‌ରେ ମଧ୍ୟ ପ୍ରକାଶିତ କରାଯାଉଛି। ଏଭଳି ସନ୍ଦେହ ଆସିବାର କାରଣ ହେଲା ଗତଥରମାନଙ୍କ ପରି ନିର୍ବାଚନ କମିଶନ୍ ପ୍ରତ୍ୟେକ ମତଦାନ ପର୍ଯ୍ୟାୟ ଶେଷରେ ମୋଟ ମତଦାତା ପରିସଂଖ୍ୟାନର ସମୀକ୍ଷା ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କରି ନାହାନ୍ତି। ଏପରି ନ କରିବାର କାରଣ ମଧ୍ୟ ସ୍ପଷ୍ଟ କରାଯାଇନାହିଁ। ତେଣୁ ବିରୋଧୀ ଦଳମାନଙ୍କ ଦ୍ୱାରା ଏହାର ସମାଲୋଚନା ହେବା ସ୍ୱାଭାବିକ।

ଏଥର ପ୍ରଥମ ତିନି ପର୍ଯ୍ୟାୟର ମତଦାନ ହାରକୁ ଲକ୍ଷ୍ୟ କଲେ ପାଖାପାଖି ଚାଳିଶ ପ୍ରତିଶତ ମତଦାତା ଓ ତହିଁରୁ ଅଧିକାଂଶ ସହରାଞ୍ଚଳ ମତଦାତା ଭୋଟ ଦେବାକୁ ଯାଉ ନଥିବା ଜଣାପଡୁଛି। ଅବଶ୍ୟ ଏଥର ଆସାମ୍ ଭଳି ରାଜ୍ୟରେ ମତଦାନ ହାର ଏ ପର୍ଯ୍ୟନ୍ତ ଅଶୀ ପ୍ରତିଶତରୁ ବି ଅଧିକ ହୋଇଛି। ସହରାଞ୍ଚଳର ସମ୍ପନ୍ନ ଓ ଶିକ୍ଷିତ ବର୍ଗର ଭୋଟରମାନେ ଭୋଟ ଦେବାକୁ ହୁଏତ ସମ୍ମାନଜନକ ବୋଲି ବିଚାର କରୁ ନାହାନ୍ତି କିମ୍ବା ଗ୍ରୀଷ୍ମଋତୁର ପ୍ରଭାବରେ ଘରୁ ବାହାରିବାକୁ ସୁରକ୍ଷିତ ମନେ କରୁ ନାହାନ୍ତି। କିନ୍ତୁ ଏହା ଭାରତର ସୁସ୍ଥ ଗଣତନ୍ତ୍ର ପାଇଁ ଆଦୌ ଶୁଭକାରକ ନୁହେଁ। ଭୋଟଦାନ ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର ତଥା ରାଷ୍ଟ୍ରୀୟ କର୍ତ୍ତବ୍ୟ। ଭୋଟ ଗ୍ରହଣ ଦିନଟିକୁ ଛୁଟିଦିନ ଭାବରେ ବିବେଚନା କରି ଏଭଳି ମୌଳିକ ଅଧିକାର ଓ ରାଷ୍ଟ୍ରୀୟ କର୍ତ୍ତବ୍ୟବୋଧକୁ ଅବହେଳା କରିବା ନିନ୍ଦନୀୟ। ଦେଶରେ ରାଜନୀତି ଓ କ୍ଷମତା ସଂଘର୍ଷ ଯେତେ ଅଶାଳୀନ ଓ ଅସ୍ୱଚ୍ଛ ହେଲେ ମଧ୍ୟ ଜନାଦେଶ ସାବ୍ୟସ୍ତ କରିବାର ସାର୍ବଭୌମ ଦାୟିତ୍ୱକୁ ଅବହେଳା କରିବା ଆଦୌ ଶୋଭନୀୟ ନୁହେଁ। ଆପଣମାନଙ୍କର ମନେଥିବ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଟି ଏନ୍ ଶେଷାନ୍ ଓଡ଼ିଶା ନିର୍ବାଚନ ଗସ୍ତରେ ଆସି ଭୁବନେଶ୍ୱରଠାରେ କହିଥିଲେ ଯେ ଲୋକପ୍ରତିନିଧି ନିର୍ବାଚନ ଏକ ପବିତ୍ର ଦାୟିତ୍ୱ। ଆମେ ନିଜର ବହୁମୂଲ୍ୟ ଭୋଟ ଦେବାକୁ ଗଲା ବେଳେ ଜଣେ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛିବା ଉଚିତ, ଯେଉଁଭଳି ଆମେ ପୁତ୍ର ବା କନ୍ୟାର ବିବାହ ପାଇଁ ଉପଯୁକ୍ତ ପାତ୍ର ବା ପାତ୍ରୀଟିଏ ଖୋଜୁଥାଉ। ସତରେ ଏ ବିବୃତ୍ତିରେ ଏକ ନିଷ୍ପାପର ଦେଶପ୍ରେମୀ ନାଗରିକର ସାମ୍ବିଧାନିକ ଦାୟିତ୍ୱର ନିଷ୍କର୍ଷ ସ୍ପଷ୍ଟ ବାରି ହୁଏ।

ବିଶେଷକରି ଚତୁର୍ଥ ପର୍ଯ୍ୟାୟ ଓ ବଳକା ଆଉ ତିନି ପର୍ଯ୍ୟାୟର ଭୋଟଦାନ ପାଇଁ ସମ୍ପୃକ୍ତ ଅଞ୍ଚଳର ନାଗରିକମାନେ ବହୁସଂଖ୍ୟାରେ ଆସି ମତଦାନ କରିବା ଆବଶ୍ୟକ। ଏପରିକି କୌଣସି ପ୍ରାର୍ଥୀ ନିଜର ମନୋନୀତ ନ ହେଲେ ଭୋଟକେନ୍ଦ୍ରକୁ ଆସି 'ନୋଟା'ରେ ତ ଭୋଟ ଦେଇପାରିବେ। ଜଣେ ସାର୍ବଭୌମ ଭୋଟରର ଅଧିକାର ପ୍ରତୀକ ଅଙ୍ଗୁଠି ପଛପଟେ ଅଲିଭା କାଳିଦାଗର ମର୍ଯ୍ୟାଦା ଆସ୍ୱାଦନ ପାଇଁ ଭୋଟକେନ୍ଦ୍ରକୁ ଯିବା ଆବଶ୍ୟକ। ଆମର ଓଡ଼ିଶାର ଭୋଟର ଭାଇଭଉଣୀ ଓ ବିଶେଷକରି ପ୍ରଥମ ଥର ଭୋଟର ଦାୟିତ୍ୱ ପାଇଥିବା ଯୁବବର୍ଗଙ୍କୁ ଅନୁରୋଧ ଯେ ସର୍ବାଧିକ ସଂଖ୍ୟାରେ ମତଦାନ କରି ରାଜ୍ୟର ବିକାଶ ପ୍ରକ୍ରିୟାକୁ ଅଧିକରୁ ଅଧିକ ସଶକ୍ତ କରାନ୍ତୁ। ନିର୍ବାଚନ କମିଶନ୍ ଅଧିକରୁ ଅଧିକ ସଂଖ୍ୟାରେ ମତଦାତାଙ୍କୁ ଭୋଟ ଦେବା ପାଇଁ ଉତ୍ସାହିତ କରିବାକୁ ଅନେକଗୁଡ଼ିଏ ପ୍ରେରଣାତ୍ମକ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଅନେକ ସ୍ଥାନରେ ଘରୋଇ ବ୍ୟବସାୟିକ ଅନୁଷ୍ଠାନମାନେ ମଧ୍ୟ ଭୋଟଦାନକୁ ଉତ୍ସାହିତ କରିବା ପାଇଁ ବିଜ୍ଞାପନ ତଥା ଲଟେରି ପୁରସ୍କାରର ଘୋଷଣା କରିଛନ୍ତି।

ଅବଶ୍ୟ ଯଦି ସତରଟି ସାଧାରଣ ନିର୍ବାଚନ ପରେ ମଧ୍ୟ ଭାରତର ମତଦାତା ଉତ୍ସାହବାଣୀ, ପ୍ରେରଣାଦାୟୀ କାର୍ଯ୍ୟକ୍ରମ ତଥା ପୁରସ୍କାର ଆଦିର ଆବଶ୍ୟକତା ପଡୁଛି ତାହାହେଲେ ଆମ ହୃଦୟରେ ଗଣତନ୍ତ୍ରର ସ୍ଥାନ ଏବେ ବି ଦୃଢ଼ ହୋଇନାହିଁ ବୋଲି ଭାବିବାକୁ ପଡ଼ିବ। ଦେଶ ଆମର, ରାଜ୍ୟ ଆମର, ଶାସନ ପ୍ରଶାସନ ଆମର ଏବଂ ଭୋଟ ପ୍ରାର୍ଥୀ, ରାଜନୈତିକ ଦଳମାନଙ୍କୁ ସାମୟିକ ପ୍ରତିନିଧିତ୍ୱ ଦେଇ ଆମେ ନାଗରିକ ସମୂହ ନିଜର ସାର୍ବଭୌମତ୍ୱ ଜାହିର କରୁଥାଇଁ ବୋଲି ଆଉ କେବେ ହୃଦୟଙ୍ଗମ ହେବ? ଏ ଦିଗରେ ନିର୍ବାଚନ କମିଶନ୍ ତଥା ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କର ଆହୁରି ବହୁତ୍ କିଛି କାର୍ଯ୍ୟ କରିବାକୁ ବାକି ରହିଛି। ନିର୍ବାଚନ ର୍‌ୟାଲି, ରୋଡ୍ ଶୋ, ଗୀତ, ନାଚ ଓ ଅନ୍ୟାନ୍ୟ ମନୋରଞ୍ଜନର ବହୁଳ ବ୍ୟବହାର ସମ୍ପୂର୍ଣ୍ଣ ଗଣମାଧ୍ୟମ ପରିବେଶକୁ କୋଳାହଳମୟ କରି ରଖିବା ତଥା ସକାଳୁ ରାତି ପର୍ଯ୍ୟନ୍ତ କାନଫଟା ଧ୍ୱନି ପ୍ରଦୂଷଣ ମାଧ୍ୟମରେ ଆସନ୍ତା ପାଞ୍ଚବର୍ଷ ପାଇଁ ଶାସନ ନୀତିର କ'ଣ ଯେ ବ୍ୟାଖ୍ୟା କରାଯାଉଛି ତାହା ଦେଖିବାକୁ, ପଢ଼ିବାକୁ, ଶୁଣିବାକୁ କେତେଜଣ ମତଦାତାଙ୍କ ପାଖରେ ସମୟ, ଶକ୍ତି ଓ ରୁଚି ଅଛି ତାହା ଏକ ବଡ଼ ପ୍ରଶ୍ନ। ତେଣୁ ନିର୍ବାଚନ କମିଶନ୍ ସମ୍ପୂର୍ଣ୍ଣ ନିର୍ବାଚନ ପରିଚାଳନାର ଦାୟିତ୍ୱରେ ଥିବାରୁ ଶାସନ ବ୍ୟବସ୍ଥାର ଶାନ୍ତିପୂର୍ଣ୍ଣ ତର୍ଜମା ପାଇଁ ଉଭୟ ରାଜନୈତିକ ଦଳ ଓ ଭୋଟରମାନଙ୍କୁ ସୁବ୍ୟବସ୍ଥିତ ଭାବରେ ଆଉ କେବେ ନିୟୋଜିତ କରିବେ?

ଏବେ କଥା ଉଠୁଛି ନିର୍ବାଚିତ ସରକାରର ଅବଧି ପୂର୍ତ୍ତି ସମୟ ବା 'ଏକ୍ସପାଏରି ଡେଟ୍' ବିଷୟରେ। ଆମ ରାଜ୍ୟରେ ଗତ ୨୪ବର୍ଷ ଧରି ସ୍ଥିର ଶାସନର ସୁଫଳ ଆମେମାନେ ଉପଭୋଗ କରି ଆସୁଛେ। ସମ୍ବିଧାନରେ ନିର୍ବାଚିତ ଜନପ୍ରତିନିଧିଙ୍କ ଦ୍ୱାରା ପ୍ରତ୍ୟେକ ପାଞ୍ଚବର୍ଷର ନିର୍ଦ୍ଧାରିତ ଶାସନ କାଳ ସ୍ଥିରୀକୃତ ସତ୍ତ୍ୱେ ନବୀନ ବାବୁଙ୍କ ନେତୃତ୍ୱରେ ଲଗାତାର ସେହିଦଳ କ୍ଷମତାସୀନ ହେଉଥିବାରୁ ଏହି ସ୍ଥିର ଶାସନର ପୁନଃପୁନଃ ନବୀକରଣ ଏକ ଗତାନୁଗତିକ ଧାରାରେ ପ୍ରବର୍ତ୍ତିତ ହୋଇସାରିଛି। ଏହାଛଡ଼ା ନିର୍ବାଚିତ ଶାସକ ଦଳର କ୍ଷମତାକାଳ କେବଳ ରାଜ୍ୟମାନଙ୍କ ପାଇଁ ସ୍ଥିରୀକୃତ ନୁହେଁ; ଏହା କେନ୍ଦ୍ର ସରକାରଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ। ଆମ ରାଜ୍ୟରେ ଗତ ପଞ୍ଚାୟତ ଓ ସ୍ୱାୟତ୍ତ ଶାସନ ନିର୍ବାଚନରେ ସାଧାରଣ ମତଦାତାଙ୍କ ଦ୍ୱାରା ବିକାଶ, ଜନମଙ୍ଗଳ ଓ ସାମାଜିକ ନ୍ୟାୟ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ବିଶାଳ ଅନୁମୋଦନ ମିଳିସାରିଛି। ବହୁମୁଖୀ ବିକାଶ, ସାଂସ୍କୃତିକ ନବଜାଗରଣ ତଥା ସମାବେଶୀ ସାମାଜିକ ନ୍ୟାୟର ବହୁସ୍ୱୀକୃତ କାର୍ଯ୍ୟକ୍ରମ ହିଁ ଓଡ଼ିଆ ଅସ୍ମିତାର ନିଜସ୍ୱ ଇସ୍ତାହାର। ଏ ପ୍ରବାହକୁ ସମର୍ଥନ କରୁଥିବା ନିର୍ବାଚନ ରଣନୀତି ଯେ ମତଦାତାଙ୍କ ପ୍ରିୟଭାଜନ ହେବ ଏଥିରେ ସନ୍ଦେହ ନାହିଁ। ସ୍ଥିର ଶାସନ, ସାଂସ୍କୃତିକ ନବଜାଗରଣ ଓ ବହୁମୁଖୀ ସମାବେଶୀ ବିକାଶର 'ଅବଧି ପୂର୍ତ୍ତି ତାରିଖ' ଥାଏ କି?

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଅଙ୍ଗପ୍ରତ୍ୟଙ୍ଗର କଳାବଜାର



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼, ମୋ: ୯୪୩୭୬୪୨୯୪୭

ଆଧୁନିକ ଚିକିତ୍ସା ବିଜ୍ଞାନରେ ଅଙ୍ଗଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାଦ୍ୱାରା ଅନେକ ଜୀବନକୁ ଅକାଳ ମୃତ୍ୟୁରୁ ରକ୍ଷା କରାଯାଇପାରୁଛି। ଏଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସଚେତନତା ମଧ୍ୟ କରାଯାଇଛି। କିନ୍ତୁ ଏହି ମହତ୍ତର ସେବା ଓ ମନୋଭାବକୁ କଳଙ୍କିତ କରୁଛି ମାନବର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର କଳାବଜାରୀ ବା ବେଆଇନ କାରବାର। ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ବିଶ୍ୱରେ ପ୍ରତିବର୍ଷ ଦେଢ଼ ଲକ୍ଷରୁ ଅଧିକ ମାନବ ଅଙ୍ଗ ପ୍ରତିରୋପଣ କରାଯାଉଥିବା ବେଳେ ଏହା ଆବଶ୍ୟକ କରୁଥିବା ଲୋକଙ୍କ ସଂଖ୍ୟା ପନ୍ଦର ଲକ୍ଷରୁ ଅଧିକ। ତେଣୁ ଚାହିଦା ଅଧିକ ଥିବାରୁ ଲୋକେ ଜୀବନ ବଞ୍ଚାଇବା ପାଇଁ ଅଧିକରୁ ଅଧିକ ଅର୍ଥ ଦେଇ ଅଙ୍ଗପ୍ରତ୍ୟଙ୍ଗ କିଣିବା ପାଇଁ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ କରିଦେଇଛନ୍ତି, ଯାହାର ଫାଇଦା ନେଉଛନ୍ତି ଦଲାଲ୍ ବା ଅନୈତିକ ଅଙ୍ଗ ଚାଲାଣକାରୀ।

ଏହାକୁ ଦୃଷ୍ଟିରେ ରଖି ୧୯୯୪ ମସିହାରେ ଭାରତରେ ମାନବ ଅଙ୍ଗ ପ୍ରତିରୋପଣ ଆଇନ କାର୍ଯ୍ୟକାରୀ ହୋଇଥିଲା। ଏହାପରେ ମାନବ ଅଙ୍ଗର ବ୍ୟବସାୟକୁ ଦଣ୍ଡନୀୟ ଅପରାଧ ଭାବେ ଘୋଷଣା କରାଗଲା। ତଥାପି ଏହାକୁ ଭ୍ରୂକ୍ଷେପ ନ କରି ଦଲାଲ୍‌ମାନେ ଦେଶର ପ୍ରତିଟି କୋଣରେ ସକ୍ରିୟ ଅଛନ୍ତି। ଅଙ୍ଗ ବେପାରରେ ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତିବିଶେଷ ଯୋଜନାବଦ୍ଧ ଭାବେ ଗରିବ ଓ ଅସହାୟ ଲୋକଙ୍କୁ ଅଳ୍ପ କିଛି ଟଙ୍କା ବିନିମୟରେ ଅଙ୍ଗ ବିକ୍ରି କରିବାକୁ ପ୍ରୋତ୍ସାହିତ କରିଥା'ନ୍ତି। ଅନେକ ସମୟରେ ଅଙ୍ଗଦାତାଙ୍କୁ ନିର୍ଦ୍ଧାରିତ ଟଙ୍କା ମିଳୁନଥିବାରୁ ଠକେଇର ଶିକାର ହୁଅନ୍ତି। ନିକଟରେ ଏଭଳି ଏକ ଗ୍ୟାଙ୍ଗ ଠାବ ହୋଇଥିଲା, ଯାହାର ସମ୍ପର୍କ ବାଂଲାଦେଶରୁ ଝାଡ଼ଖଣ୍ଡ ଦେଇ ଗୁରୁଗ୍ରାମ ଜୟପୁର ପର୍ଯ୍ୟନ୍ତ ଲମ୍ବିଥିଲା। ଏହି ଗ୍ୟାଙ୍ଗ ବାଂଲାଦେଶର ଗରିବ ଲୋକଙ୍କୁ ସେମାନଙ୍କ କିଡନୀ ବିକ୍ରି କରିବା ପାଇଁ ପ୍ରୋତ୍ସାହିତ କରୁଥିବା ଜଣାପଡ଼ିଥିଲା। ଏପରିକି କେତେଜଣ ଗରିବ ବାଂଲାଦେଶୀଙ୍କୁ ଗୁରୁଗ୍ରାମ ଅଣାଯାଇ ସେଠାରେ କିଛିଦିନ ରଖି ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା ନିରୀକ୍ଷା କରି କିଡ୍‌ନି ବିକ୍ରି ପାଇଁ ଜୟପୁର ନିଆଯାଇଥିଲା, ଯେଉଁଠାରେ ବଡ଼ ଡାକ୍ତରଖାନାରେ ସେମାନଙ୍କର ସୁସ୍ଥ ଅଙ୍ଗକୁ ବାହାର କରି ଜଣେ ଧନୀ ବ୍ୟକ୍ତିଙ୍କ ଅସୁସ୍ଥ ଶରୀରରେ ପ୍ରତିରୋପଣ କରାଯାଇଥିଲା।

କିଛି ରୋଗୀ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଯେକୌଣସି ମୂଲ୍ୟ ଦେବାକୁ ଚାହୁଁଥିବା ବେଳେ ବଞ୍ଚିବା ପାଇଁ ଆଇନ ଭାଙ୍ଗିବାକୁ ପ୍ରସ୍ତୁତ ହୁଅନ୍ତି। ଏହି ପ୍ରକ୍ରିୟାରେ ଦୁର୍ବଳ ଓ ଗରିବଙ୍କ ଭୟଙ୍କର ଶୋଷଣ ହୋଇଥାଏ। ୨୦୧୭ ମାର୍ଚ୍ଚରେ ଗ୍ଲୋବାଲ ଫାଇନାନ୍ସିଆଲ ଇଣ୍ଟିଗ୍ରିଟି ଦ୍ୱାରା 'ଗ୍ଲୋବାଲ କ୍ରାଇମ୍ ଆଣ୍ଡ ଦି ଡେଭଲପିଂ ୱାର୍ଲ୍ଡ' ଉପରେ ପ୍ରକାଶିତ ଏକ ରିପୋର୍ଟରେ ଆକଳନ କରାଯାଇଛି ଯେ ମାନବ ଅଙ୍ଗର ବାର୍ଷିକ ବେଆଇନ କାରବାର ଆନୁମାନିକ ୮୪୦ କୋଟି ଡଲାରରୁ ଅଧିକ ହେବ ଏବଂ ପ୍ରତିବର୍ଷ ପ୍ରାୟ ୧୨, ୦୦୦ ଅଙ୍ଗ ପ୍ରତିରୋପଣ ବେଆଇନ ଭାବରେ କରାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୨୦୦୭ ମସିହାରେ ଭାରତରେ ୩୦୫ ଜଣ ବ୍ୟକ୍ତିଙ୍କ ଉପରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ସେମାନଙ୍କ ମଧ୍ୟରୁ ୨୯ ପ୍ରତିଶତ ମହିଳା ଏବଂ ୭୧ ପ୍ରତିଶତ ପୁରୁଷ କିଡନୀ ବିକ୍ରି କରିବାକୁ ପ୍ରସ୍ତୁତ ଥିଲେ। ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତ ମହିଳା ଓ ୯୫ ପ୍ରତିଶତ ପୁରୁଷ ଦିନ ମଜୁରିଆ କିମ୍ବା ରାସ୍ତାକଡ଼ ବିକ୍ରେତା ଭାବେ କାମ କରୁଥିବା ବେଳେ ମୋଟ ୭୧ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିଲେ। ୯୬ ପ୍ରତିଶତ ଅଙ୍ଗ ବିକ୍ରେତା ଋଣ ପରିଶୋଧ କରିବା ପାଇଁ କିଡନି ବିକ୍ରି କରିଥିଲେ। ଏହି ସର୍ବେକ୍ଷଣ ଅନୁଯାୟୀ, ସେମାନଙ୍କ ମଧ୍ୟରୁ ତିନି-ଚତୁର୍ଥାଂଶ ଋଣମୁକ୍ତ ହୋଇପାରିନଥିଲେ। କାରଣ ସେମାନଙ୍କର ଶାରୀରିକ କ୍ଷମତା କ୍ରମାଗତ ଭାବରେ ହ୍ରାସ ପାଉଥିଲା ଏବଂ ସେମାନେ ପୂର୍ବଭଳି କାମ କରିବାକୁ ସକ୍ଷମ ନଥିଲେ।

ଅଙ୍ଗଦାନ ପରେ ଚିକିତ୍ସା ଓ ପରିଚ୍ଛନ୍ନତା ବ୍ୟବସ୍ଥା ଠିକ୍ ନ ଥିଲେ ଅଙ୍ଗଦାନକାରୀ ହେପାଟାଇଟିସ୍ ବି, ହେପାଟାଇଟିସ୍ ସି ଓ ଏଚ୍ ଆଇଭି ଭଳି ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଅସ୍ତ୍ରୋପଚାର ପରେ ଯତ୍ନ ଅଭାବରୁ ମାନସିକ ଓ ଶାରୀରିକ ଯନ୍ତ୍ରଣା, ଅବସାଦ ଓ ଅନ୍ୟାନ୍ୟ ମାନସିକ ଅସୁସ୍ଥତା କାରଣରୁ ଅଙ୍ଗଦାନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାର ତଥ୍ୟ ମିଳିଛି। ଏ ସମ୍ପର୍କିତ ବିଭିନ୍ନ ରିପୋର୍ଟର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ଭାରତରେ ମାନବ ଅଙ୍ଗ ମଧ୍ୟରେ ସବୁଠାରୁ ଅଧିକ ବିକ୍ରି ହୋଇଥିବା ଅଙ୍ଗ ହେଉଛି କିଡ୍‌ନି, ଯାହାର ମୂଲ୍ୟ ୫ ଲକ୍ଷରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ। ଲିଭର ବା ଯକୃତ ହେଉଛି, ଦ୍ୱିତୀୟ ସର୍ବାଧିକ ବିକ୍ରି ହେଉଥିବା ଅଙ୍ଗ, ଯାହାର ହାରାହାରି ମୂଲ୍ୟ ୧୫ ଲକ୍ଷରୁ ଆରମ୍ଭ ହୋଇ ୫୦ ଲକ୍ଷ କିମ୍ବା ଅଧିକ ହୋଇପାରେ। ଏତଦ୍‌ବ୍ୟତୀତ ଆଖି, ରକ୍ତ, ଚର୍ମ, ହାଡ଼ ଓ ଲିଗାମେଣ୍ଟର ଚାହିଦା ମଧ୍ୟ ରହିଛି। ହୃତ୍‌ପିଣ୍ଡ ଓ ଫୁସଫୁସ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ଚାହିଦା ଅଧିକ ଥିବାରୁ ଏହାର ଦାମ୍ ଅଧିକ, କିନ୍ତୁ ପ୍ରତିରୋପଣ ଅସ୍ତ୍ରୋପଚାରର ବୈଷୟିକ ଜଟିଳତା ହେତୁ ସେମାନଙ୍କର ବେଆଇନ ବ୍ୟବସାୟ କମ୍ ରହିଛି।

ବେଆଇନ ଅଙ୍ଗ ପ୍ରତ୍ୟାରୋପଣରେ ଭେଦଭାବର ଆଉ ଏକ ଚିନ୍ତାଜନକ ଦିଗ ହେଉଛି ସୁସ୍ଥ ଅଙ୍ଗଗୁଡ଼ିକ ସାଧାରଣତଃ ସାମାଜିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଦ୍ୱାରା ବିକ୍ରି କରାଯାଏ ଏବଂ ହିତାଧିକାରୀମାନେ ପ୍ରାୟତଃ ଧନୀ ଲୋକ ଅଟନ୍ତି। ଏହି ଧାରା ଏକାଧିକ ସ୍ତରରେ ପ୍ରକାଶ ପାଇଥାଏ। ଉଦାହରଣ ସ୍ୱରୂପ, ବିକାଶଶୀଳ ଦେଶମାନଙ୍କରେ ଲୋକମାନେ ଅଙ୍ଗଦାତା ଏବଂ ବିକଶିତ ଦେଶମାନଙ୍କରେ ଲୋକମାନେ ଗ୍ରହଣକାରୀ ଅଟନ୍ତି। ଅଧିକାଂଶ କ୍ଷେତ୍ରରେ ମହିଳାମାନେ ଅଙ୍ଗଦାନକାରୀ ଏବଂ ପୁରୁଷମାନେ ଗ୍ରହଣକାରୀ। ପ୍ରାୟତଃ କିଡନୀ, ଜୀବନ୍ତ ଟିସୁ କିମ୍ବା ଯକୃତ ଇତ୍ୟାଦି କଳା ଲୋକଙ୍କଠାରୁ ନିଆଯାଇ ଗୋରା ଲୋକଙ୍କ ଠାରେ ପ୍ରୟୋଗ କରାଯାଏ। ଏହା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ଯେ ତୁର୍କୀ କିମ୍ବା ପେରୁ ବଂଶୋଦ୍ଭବ ଲୋକଙ୍କ କିଡନି ଆଫ୍ରିକୀୟ, ଦକ୍ଷିଣ ଏସୀୟ କିମ୍ବା ଫିଲିପାଇନ୍ସ ଲୋକଙ୍କ କିଡନି ତୁଳନାରେ ମହଙ୍ଗା।

ୱାର୍ଲ୍ଡ କିଡନୀ ଫୋରମର ଏକ ଅଧ୍ୟୟନ ଅନୁଯାୟୀ, ପାକିସ୍ତାନ, ଭାରତ ଓ ତୁର୍କୀ ଭଳି ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ଦେଶଗୁଡ଼ିକ ସମଗ୍ର ବିଶ୍ୱରେ ସବୁଠାରୁ ଲୋକପ୍ରିୟ 'କିଡନି ବଜାର' ଭାବରେ ଅପ୍ରୀତିକର ଖ୍ୟାତି ଅର୍ଜନ କରିଛନ୍ତି। ଏହି ଦେଶଗୁଡ଼ିକରେ କିଡନି ପ୍ରତିରୋପଣ ମାତ୍ର ୧୫ ହଜାର ଟଙ୍କାରୁ ଆରମ୍ଭ କରି ଦେଢ଼ଲକ୍ଷ ପର୍ଯ୍ୟନ୍ତ ପ୍ୟାକେଜରେ ସମ୍ପନ୍ନ ହୋଇପାରୁଛି। ଅଙ୍ଗର ମୂଲ୍ୟ ଚାହିଦା ଓ ଯୋଗାଣର ବଜାର ନିୟମ ଦ୍ୱାରା ନିୟନ୍ତ୍ରିତ ହୁଏ। ୨୦୦୭ରେ ପାକିସ୍ତାନରୁ ୨୫୦୦ କିଡନୀ ବିକ୍ରି ହୋଇଥିଲା, ସେଥିମଧ୍ୟରୁ ଦୁଇ-ତୃତୀୟାଂଶ ବିଦେଶୀ ଥିଲା। ଭାରତରେ ମଧ୍ୟ ୨୦୦୮ ମସିହାରେ କୋଟି କୋଟି ଟଙ୍କାର 'କିଡ୍‌ନୀ ଦୁର୍ନୀତି' ସାମ୍ନାକୁ ଆସିଥିଲା, ଯେଉଁଥିରେ ପଶ୍ଚିମ ଉତ୍ତରପ୍ରଦେଶର ଗରିବଙ୍କଠାରୁ କିଡ୍‌ନି ନିଆଯାଇ ଆମେରିକା, ବ୍ରିଟେନ୍, କାନାଡା, ସାଉଦି ଆରବ ଓ ଗ୍ରୀସ୍‌ର ଗ୍ରାହକଙ୍କଠାରେ ପ୍ରତିରୋପଣ କରାଯାଇଥିଲା।

ଅଙ୍ଗର କଳାବଜାର ମାନବିକତା ପ୍ରତି ଅପମାନ ଓ ନିନ୍ଦନୀୟ। ଅଙ୍ଗଗୁଡ଼ିକର କଳାବଜାରୀରେ ଅପରାଧିକ ପୃଷ୍ଠଭୂମି ଗୋପନୀୟତା କାରଣରୁ ସାମ୍ପ୍ରତିକ ପରିସ୍ଥିତି ବିଷୟରେ କୌଣସି ସଠିକ ତଥ୍ୟ ଉପଲବ୍ଧ ନାହିଁ। ତଥାପି ଆମେ ପୁରୁଣା ତଥ୍ୟରୁ ଏହି ବ୍ୟବସାୟର ବ୍ୟାପକତା ଅନୁମାନ କରିପାରିବା। ତେଣୁ ଅଙ୍ଗଦାନକାରୀଙ୍କ କରୁଣାମୟ କାହାଣୀକୁ ଦୃଷ୍ଟିରେ ରଖି ଏଭଳି ପରିସ୍ଥିତିରେ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଉପରକୁ ଉଠି ମାନବିକତାର ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ସହ ନିଜ ଜୀବନ ଭଳି ଅନ୍ୟମାନଙ୍କ ଜୀବନ ପ୍ରତି ସମ୍ବେଦନଶୀଳ ହେବା ଆଜି ଜରୁରୀ ହୋଇପଡ଼ିଛି। ଉଲ୍ଲେଖଯୋଗ୍ୟ, ଯଦି କୌଣସି ବ୍ୟକ୍ତିର ବାଧ୍ୟବାଧକତାର ଫାଇଦା ଉଠାଇ କେହି ନିଜର ଧନଶକ୍ତି ବଳରେ ଅନ୍ୟର ଅଙ୍ଗ ଛଡ଼ାଇ ନେଇ ନିଜର ଆୟୁଷକୁ ଦୁଇରୁ ଚାରି ବର୍ଷ ବୟସ ବଢ଼ାଇ ଦିଅନ୍ତି, ତେବେ ଏହା ଅମାନବୀୟ।



# ଚକ୍ରବୃଦ୍ଧିର ଚମତ୍କାରିତା



ଅନନ୍ତ ଚରଣ ସ୍ୱାଇଁ
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭



ବିଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନ ଚକ୍ରବୃଦ୍ଧି ହାରର ବୃଦ୍ଧିକୁ ବିଶ୍ୱର ଅଷ୍ଟାଚାର୍ଯ୍ୟ ବୋଲି ବର୍ଣ୍ଣନା କରିଛନ୍ତି। ଏକରୁ ଅନେକ ଓ ଅନେକରୁ ଆଶାତୀତ ବୃଦ୍ଧି ହେଉଛି ଚକ୍ରବୃଦ୍ଧିର ଚମତ୍କାରିତା। ଶୁଣାଯାଏ ଯେ ଜଣେ ଚତୁର ବ୍ୟକ୍ତି ନିଜେ ଉଦ୍ଭାବନ କରିଥିବା ସତରଞ୍ଚ ଖେଳ ରାଜାଙ୍କୁ ଉପହାର ଦେଲେ। ରଜା ଅତ୍ୟନ୍ତ ଖୁସି ହୋଇ ପ୍ରତିବଦଳରେ ଉକ୍ତ ବିଜ୍ଞବ୍ୟକ୍ତିଙ୍କୁ ଉପହାର ଦେବାକୁ ଇଚ୍ଛା ପ୍ରକାଶ କଲେ। ବିଜ୍ଞବ୍ୟକ୍ତିଜଣକ କହିଲେ, 'ମୋର ଧନରତ୍ନ କିଛି ଦରକାଏ ନାହିଁ। ଚେସ ବୋର୍ଡରେ ୬୪ଟି ଘର ଅଛି। ପ୍ରଥମ ଘରକୁ ଗୋଟିଏ ଧାନ, ଦ୍ୱିତୀୟ ଘର ପାଇଁ ଦୁଇଟି, ତୃତୀୟ ଘରକୁ ଚାରିଟି, ଚତୁର୍ଥ ଘରକୁ ଆଠଟି ଏବଂ ଏହିକ୍ରମରେ ପ୍ରତିଘର ପାଇଁ ପୂର୍ବ ଘରର ଦୁଇଗୁଣ ଧାନ ମୋତେ ଦେଇପାରିଲେ ମୁଁ କୃତାର୍ଥ ହେବି।' ଲୋକଟିର ପ୍ରସ୍ତାବରେ ରାଜା ତୁରନ୍ତ ରାଜି ହୋଇଗଲେ। ପରେ ବୁଝିଲେ ଯେ ଚତୁର ଲୋକଟିର କହିବା ଅନୁସାରେ ଯଦି ହିସାବ କରାଯାଏ ତେବେ ଧାନର ଓଜନ ୨୧୦୦୦ କୋଟି ଟନରୁ ଅଧିକ ହେବ। ୨୦୨୩ରେ ଆମ ଦେଶରେ ୧୩୫ ନିୟୁତ ଟନ ଧାନ ଉତ୍ପାଦିତ ହୋଇଥିଲା ବେଳେ ବିଶ୍ୱରେ ୨୦୨୨ରେ ସାମଗ୍ରିକ ଧାନ ଉତ୍ପାଦନ ପରିମାଣ ଥିଲା ୫୧୯ ନିୟୁତ ଟନ। ତେଣୁ ଚତୁର ବ୍ୟକ୍ତିଜଣକ ଯେତେ ଧାନ ମାଗିଥିଲେ ତାହା ସମଗ୍ର ବିଶ୍ୱରେ ମୋଟ ବାର୍ଷିକ ଉତ୍ପାଦିତ ଧାନଠାରୁ ଅନେକ ଗୁଣ ଅଧିକ। ଚେସ ବୋର୍ଡ ଓ ଧାନ ପ୍ରସଙ୍ଗରୁ ଶିକ୍ଷା ମିଳେ ଯେ ଛୋଟରାଶିର କ୍ରମାଗତ ବୃଦ୍ଧି ଶେଷରେ ଆଶାତୀତ ସଂଖ୍ୟାରେ ପହଞ୍ଚି ଥାଏ।

ଚକ୍ରବୃଦ୍ଧି ସୁଧର ଉପଯୋଗ କରି ନିଜର କଷ୍ଟାର୍ଜିତ ଧନରୁ ସାଧାରଣ ଗରିବ ଲୋକଟି କିପରି କୋଟିପତି ହୋଇପାରିବ ତାହା ଆଲୋଚନାର ବିଷୟ। ଏବେ ଏକ ଉଦାହରଣ ମାଧ୍ୟମରେ ଏହା ବୁଝିବା। ଅନ୍ୟଘରେ କାମ କରି ପରିବାର ଚଳାଉଥିବା ୨୫ ବର୍ଷ ବୟସ୍କା ଜଣେ ମହିଳା ଦିନକୁ ଟଙ୍କାଏ କରି ମାସକୁ ୩୦ ଟଙ୍କା ବଡ଼ କଷ୍ଟରେ ସଞ୍ଚୟ କରିବା ପାଇଁ ସଂକଳ୍ପ କଲେ। ପ୍ରତି ବର୍ଷ ଏହି ଜମାରାଶିକୁ ମାସିକ ଦଶଟଙ୍କା ଲେଖାଏଁ ବଢ଼ାଇ ଚାଲିଲେ। ଦ୍ୱିତୀୟ ବର୍ଷ ମାସକୁ ୪୦ ଟଙ୍କା, ତୃତୀୟ ବର୍ଷ ମାସକୁ ୫୦ ଟଙ୍କା ଲେଖାଏଁ, ଏହିପରି ଭାବେ ସପ୍ତମ ବର୍ଷ ବେଳକୁ ମାସିକ ସଞ୍ଚୟ ଥିଲା ୯୦ ଟଙ୍କା। ତା'ପରେ କ୍ରମାଗତ ୫୩ ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦ ଟଙ୍କା ହିସାବରେ ସଞ୍ଚୟ କରିବା ସହ ସେହି ସଞ୍ଚୟ ରାଶିର ଲାଭଦାୟକ ବିନିଯୋଗ କରି ୬୦ ବର୍ଷରେ ବା ୮୫ ବର୍ଷ ବୟସରେ ତାଙ୍କ ପାଖରେ କୋଟିଏ ଟଙ୍କାରୁ ଅଧିକ ଟଙ୍କା ରହିପାରିଲା। ମାସକୁ ୩୦ ଟଙ୍କା ବଡ଼ କଷ୍ଟରେ ଜମା କରୁଥିବା ଜଣେ ମହିଳା ୮୫ ବର୍ଷରେ କୋଟିପତି ହେବାଠାରୁ ବଳି ବଡ଼ ଖୁସିର ବିଷୟ କ'ଣ ହୋଇପାରେ?

ଅନେକେ ହୁଏତ ଏହାକୁ ବିଶ୍ୱାସ ନ କରି ପାରନ୍ତି। କିନ୍ତୁ କୋଟିପତି ହେବା ପଛରେ କିଛି ଯାଦୁ ବିଦ୍ୟା ନାହିଁ କିମ୍ବା କୌଣସି ଅନୈତିକ ରାସ୍ତା ଓ ଉପାୟ ଖୋଜିବା ଆବଶ୍ୟକ ନାହିଁ। ନିବେଶ ଓ ଚକ୍ରବୃଦ୍ଧି ହାରରେ ମିଳୁଥିବା ଲାଭର ବିଶ୍ଳେଷଣ ଓ ବାସ୍ତବିକତା ଉପରେ ଏହା ସମ୍ଭବ ହୋଇପାରିଥାଏ। ଉକ୍ତ ମହିଳାଙ୍କ ଉଦାହରଣ ପୁଣି ଥରେ ନିଆଯାଉ। ଅଳ୍ପ ଅଳ୍ପ କରି ପଚିଶରୁ ଷାଠିଏ ବର୍ଷ ପର୍ଯ୍ୟନ୍ତ ସେ ସମୁଦାୟ ୬୮, ୬୪୦ ଟଙ୍କା ସଞ୍ଚୟ କରିପାରିଥିଲେ। ପ୍ରଥମ ସାତ ବର୍ଷରେ ତାଙ୍କର ସଞ୍ଚୟ ରାଶି ଥିଲା ୫୦୪୦ ଟଙ୍କା। ବାର୍ଷିକ ୭% ହାରରେ ଆବର୍ତ୍ତୀ ଜମା(ରେକରିଂ ଡିପୋଜିଟ୍) ଓ ସ୍ଥାୟୀ ଜମା (ଫିକ୍ସଡ୍ ଡିପୋଜିଟ୍)ରେ ବିନିଯୋଗ କରି ସପ୍ତମ ବର୍ଷ ଶେଷକୁ ମୂଳ ସହ ସୁଧ ମିଶି ମିଳିଲା ୬୨୦୮ ଟଙ୍କା। ଏହି ଟଙ୍କାକୁ ଦୀର୍ଘମିଆଦୀ ମିୟୁଚୁଆଲ ଫଣ୍ଡରେ ନିବେଶ କଲେ। ଦୀର୍ଘ ମିଆଦୀ ନିବେଶରୁ ବାର୍ଷିକ ୧୦%ରୁ ୧୫% ଆୟ ବା ରିଟର୍ଣ୍ଣ ମିଳିଥାଏ। ମନେ କରାଯାଉ ଉକ୍ତ ନିବେଶର ରିଟର୍ଣ୍ଣ ହେଉଛି ବାର୍ଷିକ୧୨.୫%। ତେବେ ୬୨୦୮ ଟଙ୍କାରୁ ୫୩ ବର୍ଷରେ ମିଳିବ ୩୧.୯୧ ଲକ୍ଷ ଟଙ୍କା। ଦୀର୍ଘ ୫୩ ବର୍ଷ ମାସକୁ ୧୦୦ ଟଙ୍କା ଲେଖାଏଁ ସ୍ୱୀକୃତିପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡରେ ପଦ୍ଧତିଗତ ନିବେଶ ଯୋଜନାରେ ନିବେଶ କରିବା ଦ୍ୱାରା ଆଶାତୀତ ରିଟର୍ଣ୍ଣ ମିଳିପାରିଲା। ଏହି ଯୋଜନରେ ତାଙ୍କର ମୋଟ ନିବେଶ ରାଶି ହେଉଛି ୬୩୬୦୦ ଟଙ୍କା। ବାର୍ଷିକ ୧୨.୫% ସୁଧ ହାରରେ ଏହି ନିବେଶ ରାଶିର ପରିପକ୍ୱ ମୂଲ୍ୟ(ମାଚୁରିଟି ଭାଲ୍ୟୁ) ହେବ ୭୦.୫୯ ଲକ୍ଷ। ୬୦ ବର୍ଷରେ ସମୁଦାୟ ନିବେଶ ହୋଇଥିବା ମୂଳଧନ ୫୦୪୦+ ୬୩୬୦୦= ୬୮୬୪୦ ଟଙ୍କା। ଯାହାର ପରିପକ୍ୱ ମୂଲ୍ୟ ହେଉଛି ୩୧.୯୧ଲକ୍ଷ + ଟ ୭୦.୫୯ ଲକ୍ଷ= ୧.୦୨ କୋଟି ଟଙ୍କା। ଜଣେ ଗରିବ ମହିଳା କୋଟିପତି ହେବା ଅନ୍ୟ ଗରିବ ଲୋକଙ୍କ ପାଇଁ ଏକ ଦୃଷ୍ଟାନ୍ତ। କୋଟିପତି ହେବାର ଦୁର୍ବାର ଇଚ୍ଛା, ଏଥିପାଇଁ ନିରନ୍ତର ପ୍ରଚେଷ୍ଟା, ଦୀର୍ଘଦିନର ଅପେକ୍ଷା ଏବଂ ପରିଶେଷରେ କୋଟିପତି ହେବାର ଆନନ୍ଦ ଏକ ଅନନ୍ୟ ଅନୁଭୂତି ନିଶ୍ଚୟ।

ଯେକୌଣସି କାମକୁ ଆରମ୍ଭ କଲେ ହିଁ ତାହା ଶେଷ ହୋଇଥାଏ। କାମ ଆରମ୍ଭ ନକରି କେବଳ ଭାବିଲେ ଆପେ ଆପେ ତାହା ସମ୍ପନ୍ନ ହେବନାହିଁ। ପକ୍ଷୀଟି କୁଟା ଖିଏ ଖିଏ ନେଇ କିଛିଦିନ ଭିତରେ ସୁନ୍ଦର ବସା ଗଢ଼ି ଦିଏ। ଶ୍ରମିକମାନେ ଖଣ୍ଡେ ଖଣ୍ଡେ ଇଟା ଯୋଡ଼ି ବୃହତ ପ୍ରାସାଦ ନିର୍ମାଣ କରିଥାଆନ୍ତି। ଗଛଟିଏ ଲଗାଇଲେ ସେଥିରେ ସଙ୍ଗେ ସଙ୍ଗେ ଫୁଲ ଫଳ ଆସେ ନାହିଁ। ଫୁଲ ଫଳ ପାଇବାକୁ ହେଲେ ଗଛର ଯତ୍ନନେବା ସହ କିଛିଦିନ ଅପେକ୍ଷା କରିବାକୁ ହେବ। କୋଟିପତି ହେବାର ଇଚ୍ଛାକୁ କେବଳ ନିଜ ଭାବନାରେ ସୀମିତ ନରଖି କାର୍ଯ୍ୟରେ କରି ଦେଖାଇଦେବା ପ୍ରଶଂସନୀୟ। ସତ୍‌ପଥରେ ରାତାରାତି କୋଟିପତି ହେବା ସମ୍ଭବ ନୁହେଁ। କିନ୍ତୁ ଅଳ୍ପଅଳ୍ପ ସଞ୍ଚୟରୁ କୋଟିଏ ଟଙ୍କା କରିବା ସମ୍ଭବ। କଠୋର ଅନୁଶାସନ, ନିରବଚ୍ଛିନ୍ନ ପ୍ରଚେଷ୍ଟା, ଅସୀମ ଧୈର୍ଯ୍ୟ, ଦୀର୍ଘ ଅବଧିର ସଞ୍ଚୟ ଓ ନିବେଶ, ଚକ୍ରବୃଦ୍ଧି ହାରରେ ନିବେଶ ରାଶିର ଅପ୍ରତ୍ୟାଶିତ ବୃଦ୍ଧି କୋଟିପତି ହେବାର ସୌଭାଗ୍ୟ ଆଣିଥାଏ। ଅନେକ ସୁବିଧା ସୁଯୋଗ ଥିବା ସତ୍ତ୍ୱେ କୋଟିପତି ନହେବାର କାରଣ ନିଜେ। ଏଥିପାଇଁ ନିଜ ଭାଗ୍ୟ, ପରିସ୍ଥିତି ଓ ପରିବେଶ ଉପରେ ଦୋଷ ଲଦିଦେବା ଗ୍ରହଣୀୟ ନୁହେଁ। ଲଟେରୀ କିମ୍ବା ଅସତ ଉପାୟରେ ଅର୍ଜିତ ଧନ ହୁଏତ କାହାକୁ ରାତାରାତି କୋଟିପତି କରିଦେଇ ପାରେ, କିନ୍ତୁ ନିଜ ଝାଳ ବୁହା ଧନରୁ ଟଙ୍କା ଟଙ୍କା କରି ସଞ୍ଚୟ ଓ ସଞ୍ଚିତ ରାଶିର ଦୀର୍ଘମିଆଦୀ ନିବେଶ କରି କୋଟିଏ ଟଙ୍କା କରିବାର କଳା ସମସ୍ତେ ଶିଖିବା ସହ ତାକୁ କାମରେ ଲଗାଇବାର ସମୟ ଆସିଛି। ନିଜର ସାଧ୍ୟମତେ ସଞ୍ଚୟ କରିବା, ପ୍ରଥମେ ସଞ୍ଚୟ କରି ତା'ପରେ ବ୍ୟୟ କରିବା ଅଭ୍ୟାସ, ମିତବ୍ୟୟୀ ହେବା, ବଦ୍‌ଖର୍ଚ୍ଚରୁ ଦୂରରେ ରହିବା ଏବଂ ଦୀର୍ଘ ଅବଧି ପର୍ଯ୍ୟନ୍ତ ସଞ୍ଚୟ ଓ ନିବେଶରୁ ଚକ୍ରବୃଦ୍ଧି ହାରରେ ମିଳୁଥିବା ଲାଭ ଦ୍ୱାରା ନିଶ୍ଚିତ ଜଣେ କୋଟିପତି ହୋଇପାରିବେ।

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମିଶନ୍ ଶକ୍ତିକୁ ମହାମନ୍ତ୍ରରେ ପରିଣତ କରିଛନ୍ତି ମୁଖ୍ୟମନ୍ତ୍ରୀ

# ଆସନ୍ତା ୧୦ ବର୍ଷ ମା'ମାନଙ୍କ ପାଇଁ ସୁବର୍ଣ୍ଣ ସମୟ

**ଭୁବନେଶ୍ୱର, ୧୨।୫(ସମିସ):** ମିଶନ୍ ଶକ୍ତି ଏକ କାର୍ଯ୍ୟକ୍ରମ ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏହା ହେଉଛି ଏକ ମହାମନ୍ତ୍ର। ମହିଳା ସଶକ୍ତୀକରଣର ସଞ୍ଜୀବନୀ। ମହିଳା ସଶକ୍ତୀକରଣ ଏବଂ ନାରୀ ଶକ୍ତି ହେଉଛି ସବୁଠାରୁ ଶକ୍ତିଶାଳୀ ଗ୍ୟାରେଣ୍ଟି, ଯାହା ଏହି ସ୍ୱପ୍ନକୁ ସାକାର କରିବ। ଏହି ସ୍ୱପ୍ନରୁ ବାସ୍ତବତା ପର୍ଯ୍ୟନ୍ତ ଯାତ୍ରାକୁ ସାକାର କରିବ ବିଜେଡିର ନିର୍ବାଚନୀ ଇସ୍ତାହାର। ବିଜେଡିର ୨୦୨୪ ଇସ୍ତାହାର ଅନେକ ପାଦ ଆଗକୁ ଯାଇ ସେମାନଙ୍କୁ ଅଧିକ ସମ୍ମାନ ଦେଇଛି। ୨୦୩୪ ସୁଦ୍ଧା ଓଡ଼ିଶାକୁ ଭାରତର ଏକ ନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହାକୁ ଏହି ଇସ୍ତାହାର ପୂରଣ କରିବ ବୋଲି ବିଜେଡି କହିଛି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ପ୍ରବକ୍ତା ଇପ୍ସିତା ସାହୁ କହିଥିଲେ, ଅନ୍ତର୍ଜାତୀୟ ମାତୃତ୍ୱ ଦିବସକୁ ମୁଖ୍ୟମନ୍ତ୍ରୀ ସର୍ବଦା ଋଦ୍ଧିମନ୍ତ କରିଛନ୍ତି। କେବଳ ମା'ମାନଙ୍କ ସୁରକ୍ଷା ନୁହେଁ, ସେମାନଙ୍କ ଗାରିମା ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ



- ମାଗଣା ବିଦ୍ୟୁତ ବିଲ୍ ମହିଳାଙ୍କ ହାତମୁଠାକୁ ଟାଣ କରିବ
- ୧୦ ବର୍ଷରେ ଏସ୍ଏଚ୍‌ଜି ପାଇବେ ୨୦ ହଜାର କୋଟିର କାମ
- ବିରୋଧୀଙ୍କ କୁମ୍ଭୀର କାନ୍ଦଣା କାମ ଦେବନି

ମିଶନ ଶକ୍ତି ନାମରେ ମହିଳା ସଶକ୍ତୀକରଣ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଏକ ମହିଳା ବିପ୍ଳବରେ ପରିଣତ ହୋଇଛି। ଏଥିରେ ଆଜି ୭୦ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ୬ ଲକ୍ଷ ମହିଳା ଏସ୍ଏଚ୍‌ଜି ଅଛନ୍ତି। ଆଜି ମିଶନ ଶକ୍ତି ମା' ଇଲେକ୍ଟ୍ରିକ୍ ମିଟର ରିଡିଂ, ଧାନ ସଂଗ୍ରହ, ମଧ୍ୟାହ୍ନଭୋଜନ, ବ୍ୟାଙ୍କିଙ୍ଗ୍ ପ୍ରତିନିଧି, ମିଶନ ଶକ୍ତି କାଫେ ଇତ୍ୟାଦିରେ କାର୍ଯ୍ୟ କରୁଛନ୍ତି। ଏହା ହେଉଛି ସେମାନଙ୍କର ଭାଗୀଦାରି। ମା' ମାନଙ୍କୁ ସଶକ୍ତ କରିବା ପାଇଁ ଆସନ୍ତା ୧୦ ବର୍ଷରେ ମୁଖ୍ୟମନ୍ତ୍ରୀ ଏସ୍ଏଚ୍‌ଜିଗୁଡ଼ିକୁ ୨୦ ହଜାର କୋଟି ଟଙ୍କାର କାମ ଦେବେ। ମିଶନ ଶକ୍ତିର ୭୦ ଲକ୍ଷ ମହିଳା ସଦସ୍ୟା ତଥା ମିଶନ ଶକ୍ତିର ସହାୟକ ଗୋଷ୍ଠୀ କର୍ମଚାରୀମାନଙ୍କୁ ପେନସନ୍ ମିଳିବ। କିନ୍ତୁ ରାଜନୀତି ପାଇଁ ମିଶନ ଶକ୍ତି ମା'ମାନଙ୍କୁ ବିଜେପି ନେତା ଅପମାନିତ କରୁଛନ୍ତି, ଲାଞ୍ଛନା ଦେଉଛନ୍ତି। ଓଡ଼ିଶା ବିଜେପି ପ୍ରାର୍ଥୀ ଓ ନେତାମାନେ ସେମାନଙ୍କୁ ଖୋଲାଖୋଲି ଧମକ ଦେଉଛନ୍ତି ଯେ ଯଦି ସେମାନେ ତାଙ୍କୁ ସମର୍ଥନ ନ କରନ୍ତି ତେବେ ଓଡ଼ିଶା ମିଶନ ଶକ୍ତି ମା'ମାନଙ୍କୁ ଭୟାବହ ପରିଣାମ ଭୋଗିବାକୁ ପଡ଼ିବ। ଏହା ହେଉଛି ବିଜେପିର ମାନସିକତା।

ଅନ୍ୟତମ ପ୍ରବକ୍ତା ମାହିକ୍ଷୀତା ମିଶ୍ର କହିଥିଲେ, ମହିଳାମାନଙ୍କ ପାଇଁ ଆମର ବିଏସକେୱାଇ କଭରେଜ ଆୟୁଷ୍ମାନ ଭଳି ୫ ଲକ୍ଷ ନୁହେଁ ବରଂ ୧୦ ଲକ୍ଷ ଟଙ୍କା। ତେଣୁ ଓଡ଼ିଶାର ମହିଳାମାନେ ଆୟୁଷ୍ମାନ ଯୋଜନାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। କିନ୍ତୁ ବିଜେପି ବିଏସକେୱାଇକୁ ବନ୍ଦ କରିବାକୁ ଚାହୁଁଛି। ସେହିପରି ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମଧ୍ୟ ଆମ 'ମମତା' ଯୋଜନାର ଏକ ଦୁର୍ବଳ ନକଲ। ଓଡ଼ିଶାରେ ଗୁଜରାଟ ତୁଳନାରେ ଅଧିକ ମହିଳା ବ୍ୟାଙ୍କ ଆକାଉଣ୍ଟଧାରୀ ଏବଂ ସଞ୍ଚୟ ରହିଛି। ଏହା ଗୁଜରାଟ ତୁଳନାରେ ଓଡ଼ିଶାର ମହିଳାଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକ ବୋଲି ଦର୍ଶାଉଛି। ୨୦୩୬ ସୁଦ୍ଧା ଆମ ଝିଅ, ଭଉଣୀ ଏବଂ ମା'ଙ୍କ ପାଇଁ ଜେଣ୍ଡର ବଜେଟକୁ ୨ଲକ୍ଷ କୋଟି ଟଙ୍କାରୁ ଅଧିକକୁ ବୃଦ୍ଧି କରିବୁ। ଏହା ଦ୍ୱାରା ରାଜ୍ୟର ୫୦ପ୍ରତିଶତ ଲୋକ ଉପକୃତ ହେବେ। ବ୍ୟକ୍ତିଗତ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହଜ ଋଣ ଯୋଗାଇବା ପାଇଁ ଆମେ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିବୁ ବୋଲି କହିଥିଲେ।

ରାଜ୍ୟସଭା ସାଂସଦ ତଥା ବିଜେଡି ରାଷ୍ଟ୍ରୀୟ ପ୍ରବକ୍ତା ଡ. ସସ୍ମିତ ପାତ୍ର କହିଥିଲେ, ଜିରୋ ବିଦ୍ୟୁତ ବିଲ୍ ଓଡ଼ିଶାରେ ମହିଳା ସଶକ୍ତୀକରଣରେ ଆହୁରି ବିପ୍ଳବ ଆଣିବ। ଶୂନ ବିଦ୍ୟୁତ ବିଲ୍‌ରୁ ଓଡ଼ିଶାର ୯୦% ରୁ ଅଧିକ ପରିବାରଙ୍କ ଜୀବନ ଉପକୃତ ହେବା ଦ୍ୱାରା ରାଜ୍ୟର ମା' ଭଉଣୀଙ୍କ ହାତରେ ଅଧିକ ସଞ୍ଚୟ ହେବ। ଏହି ସଞ୍ଚୟ ଆମ ରାଜ୍ୟର ମା' ଭଉଣୀମାନଙ୍କ ଜୀବନ ଏବଂ ଜୀବିକାକୁ ସୁଦୃଢ଼ କରିବ ଏବଂ ୨୦୩୪ ସୁଦ୍ଧା ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ୨୦୨୪ ନିର୍ବାଚନୀ ଇସ୍ତାହାରରେ ଲକ୍ଷ୍ୟ ଓ ପରିକଳ୍ପନା କରିଛନ୍ତି। କିନ୍ତୁ ବିଜେପି ନେତା ଆସି ଏଠାରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ହେଲେ ଜନତା ସତ ଜାଣିଛନ୍ତି ଆଉ ପୂର୍ବ ନିର୍ବାଚନ ଭଳି ବିରୋଧୀଙ୍କୁ ଉଚିତ ଜବାବ ଦେବେ ବୋଲି ଡ. ପାତ୍ର କହିଛନ୍ତି।

## ପ୍ରଫୁଲ୍ଲ ମାଝୀ ବିଜେଡିରୁ ନିଲମ୍ବିତ

**ଅଶୋକ ପାଣିଗ୍ରାହୀଙ୍କ ଉପରୁ ଉଠିଲା ନିଲମ୍ବନ**

**ଭୁବନେଶ୍ୱର, ୧୨।୫(ସମିସ):** ବରିଷ୍ଠ ରାଜ୍ୟ ସାଧାରଣ ସମ୍ପାଦକ ଡ. ପ୍ରଫୁଲ୍ଲ ମାଝୀଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଥିବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ଅପରପକ୍ଷେ ବିଜେପୁରର ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦୁଇଟି ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

## ନିର୍ବାଚନ ପ୍ରଚାର କରୁଛନ୍ତି ସରକାରୀ କର୍ମଚାରୀ



**ସିଇଓଙ୍କ ଦୃଷ୍ଟି ଆକର୍ଷଣ କଲା ବିଜେଡି**

**ଭୁବନେଶ୍ୱର, ୧୨।୫ (ସମିସ):** ମହାନଦୀ କୋଲ ଫିଲ୍ଡସ୍ କାର୍ଯ୍ୟାଳୟରେ ଜେନେରାଲ ମ୍ୟାନେଜରଙ୍କ ପିଏ ଭାବେ ଚାକିରି କରୁଛନ୍ତି। କିନ୍ତୁ ନେତାଙ୍କ ପାଇଁ ଜୋରସୋର୍‌ରେ ନିର୍ବାଚନ ପ୍ରଚାର ଚଳାଇଛନ୍ତି। ଜଣେ ସରକାରୀ କର୍ମଚାରୀ ହୋଇ ସୁଦ୍ଧା ସବୁ ନୀତିନିୟମକୁ ପଛରେ ପକାଇ ନିର୍ବାଚନ ପ୍ରଚାର କରୁଛନ୍ତି ବୈଦ୍ୟନାଥ ସାହୁ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି କରିଛି ବିଜେଡି। ଅଭିଯୋଗ ଅନୁସାରେ, ଶ୍ରୀ ସାହୁ ଜାଣିଶୁଣି ନିର୍ବାଚନ ପ୍ରଚାର କାର୍ଯ୍ୟରେ ସକ୍ରିୟ ଭାବେ ମାତିଛନ୍ତି। ଏପରିକି, ୱେବ୍ ମିଡିଆରେ ରାଜନୈତିକ ମନ୍ତବ୍ୟ ଦେବାକୁ ପଛାଉ ନାହାନ୍ତି। ସରକାରୀ କର୍ମଚାରୀ ରାଜନୈତିକ କାର୍ଯ୍ୟରେ ସାମିଲ ହୋଇପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ଶ୍ରୀ ସାହୁ ଖୋଲାଖୋଲି ଭାବେ ଏହାକୁ ଉଲ୍ଲଂଘନ କରି ଚାଲିଛନ୍ତି। ବିଜେଡି ଏହାର ଭିଡିଓ ପ୍ରମାଣ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବା ସହ ଏହାର ନିରପେକ୍ଷ ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଜେଡି ପ୍ରତିନିଧି ଦଳରେ ସାଂସଦ ଡ. ସସ୍ମିତ ପାତ୍ର ଓ ସୁଲତା ଦେଓ, ଓମ୍ ପ୍ରକାଶ ସାହୁ, ମିହିର ରାୟ, ଡ. ପ୍ରିୟବ୍ରତ ମାଝୀ, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ।

**ବୈଜୟନ୍ତଙ୍କୁ ଜବାବ୍ ଦେଲେ ସସ୍ମିତ**

## ଆଖି ଅପରେସନ୍ ପରେ ବୁଦ୍ଧିଭ୍ରଷ୍ଟ ହୋଇଯାଇଛି

**ଭୁବନେଶ୍ୱର, ୧୨।୫ (ସମିସ):** ସେ ଏବେ ନିକଟରେ ଡାକ୍ତରଖାନାରୁ ଆଖି ଅପରେସନ୍ କରି ଫେରିଛନ୍ତି। ଆଖି ଅପରେସନ୍ ପରେ ତାଙ୍କ ବୁଦ୍ଧିଭ୍ରଷ୍ଟ ହୋଇଯାଇଛି। କେନ୍ଦ୍ରାପଡ଼ା ବିଜେପି ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ଉପରେ ଦେଇଥିବା ମନ୍ତବ୍ୟର ଜବାବ୍ ଦେଇ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଏହା କହିଛନ୍ତି। ଡ. ପାତ୍ର ଟୁଇଟ୍ କରି କହିଛନ୍ତି ଯେ ଶ୍ରୀ ପଣ୍ଡା ଏବେ ଆଖି ଅପରେସନ୍ କରାଇଛନ୍ତି। କିନ୍ତୁ ଯାହା



ଜଣାପଡୁଛି, ଡାକ୍ତରଖାନାରୁ ଫେରିବା ପରେ ତାଙ୍କ ବୁଦ୍ଧି ହଜିଯାଇଛି। ତାଙ୍କ ବୁଦ୍ଧି ଆର୍ଟିଫିସିଆଲ (କୃତ୍ରିମ) କି ଅସଲି, ତାହାକୁ ନେଇ ସନ୍ଦେହ ଜାତ ହେଉଛି। ସେ ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ ବୋଲି ଡ. ପାତ୍ର କହିଛନ୍ତି।

## ପ୍ରତିଟି ବୁଥ୍‌ରେ ମତଦାତାଙ୍କୁ ସ୍ୱାଗତ କରିବାକୁ ଆମେ ପ୍ରସ୍ତୁତ: ମୁଖ୍ୟ ନିର୍ବାଚନ ଅଧିକାରୀ

**ଭୁବନେଶ୍ୱର, ୧୨।୫(ସମିସ):** ଆସନ୍ତାକାଲି ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୮ ବିଧାନସଭା କ୍ଷେତ୍ରରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ପ୍ରତିଟି ବୁଥ୍‌ରେ ମତଦାତାଙ୍କୁ ସୁଖଦ ମତଦାନର ଅନୁଭୂତି ଦେବା ପାଇଁ ନିର୍ବାଚନ କର୍ମଚାରୀମାନେ ପ୍ରସ୍ତୁତ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଏହି ପର୍ଯ୍ୟାୟରେ ୭ହଜାର ୩୦୩ ମତଦାନ କେନ୍ଦ୍ରରେ ୬୨ଲକ୍ଷ ୮୭ହଜାର ୨୨୨ ଜଣ ମତଦାତା ନିଜ ନିଜର ମତାଧିକାର ସାବ୍ୟସ୍ତ କରିବେ। ମତଦାନ କରାଇବା ପାଇଁ ପୋଲିଂ ପାର୍ଟିଗୁଡ଼ିକ ପୋଲିଂ ଷ୍ଟେସନ୍‌କୁ ଯାଇ ସାରିଛନ୍ତି। ଏଥିପାଇଁ ମେ' ୧୧ରେ ୩ହଜାର ୯୧୨ ପୋଲିଂ ପାର୍ଟି ଓ ମେ ୧୨ରେ ୩ହଜାର ୩୯୧ ପୋଲିଂ ପାର୍ଟି ପୋଲିଂ ଷ୍ଟେସନ୍‌କୁ ଯାଇସାରିଛନ୍ତି। ନୂଆପଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଥିବା ୬ ଟି ବୁଥ୍ ପାଇଁ ପୋଲିଂ ପାର୍ଟିଗୁଡ଼ିକୁ ଏୟାର ଡ୍ରପ୍ କରାଯାଇଛି। ଅନେକ ଅଞ୍ଚଳକୁ ବୋଟ୍ ମାଧ୍ୟମରେ ନଦୀ ପାରି ହୋଇ ପୋଲିଂ ପାର୍ଟିଗୁଡ଼ିକ ଯାତ୍ରା କରିଛନ୍ତି। ଏସବୁ ଐତିହାସିକ ମୁହୂର୍ତ୍ତ ନିର୍ବାଚନକୁ ଦେଶର ପ୍ରକୃତ ମହାନତମ ଗଣପର୍ବ ରୂପେ ପ୍ରତିଷ୍ଠିତ କରିବା ସହ 'ମତଦାନର ପର୍ବ- ଆମ ଦେଶର ଗର୍ବ' ବାର୍ତ୍ତାକୁ ସାର୍ଥକ କରୁଛି। ଏହି ୪ ସଂସଦୀୟ କ୍ଷେତ୍ରର ସମସ୍ତ ନାଗରିକଙ୍କୁ ମତଦାନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଅନୁରୋଧ କରି ନିଜ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ଅପିଲ୍ କରିଛନ୍ତି।

# ଅବଶିଷ୍ଟାଂଶ...

### ୨୧ରେ ବଙ୍ଗୋପସାଗରରେ...

ସେ କହିଛନ୍ତି ଯେ ଗତ କିଛି ଦିନ ହେବ ଦକ୍ଷିଣ ଗୋଲାର୍ଦ୍ଧରୁ ବିଷୁବରେଖା ଅତିକ୍ରମ କରି ଦକ୍ଷିଣ ଆଫ୍ରିକା ସଂଲଗ୍ନ ଆରବସାଗରରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବାହିତ ହେଉଥିଲା। ବିଷୁବ ରେଖା ଅତିକ୍ରମ ସ୍ଥାନ କ୍ରମଶଃ ପୂର୍ବ ଆଡ଼କୁ ଆସୁଛି ଏବଂ ଏହା ସପ୍ତାହେ ପରେ ବଙ୍ଗୋପସାଗରକୁ ମଧ୍ୟ କିଛି ଆସିବ ବୋଲି ଆକଳନ କରାଯାଉଛି। ତେବେ ଏହି ଏହି ଘୂର୍ଣ୍ଣିବଳୟ ପରବର୍ତ୍ତୀ ସମୟରେ ଘନୀଭୂତ ହେବା ଦ୍ୱାରା ଥାଇଲାଣ୍ଡ, ମିଆଁମାର, ବଙ୍ଗଳାଦେଶ, ଉତ୍ତର-ପୂର୍ବ ଭାରତ ସହିତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରରେ ମଧ୍ୟ ଭାରୀ ବର୍ଷା ହୋଇପାରେ। ତେବେ ଓଡ଼ିଶାରେ ଏହାର କ'ଣ ପ୍ରଭାବ ରହିବ ଆସନ୍ତା ୧୯ ପରେ ହିଁ କହିହେବ ବୋଲି ପ୍ରଫେସର ପଶୁପାଳକ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ଯେହେତୁ ପ୍ରାକ୍ ମୌସୁମୀ ବାତ୍ୟା ସମୟ ଜାରି ରହିଛି, ତେଣୁ ଏହି ଘୂର୍ଣ୍ଣିବଳୟ ଉପରେ ସଭିଙ୍କ ନଜର ରହିଛି। ଯଦିବା ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଘୂର୍ଣ୍ଣିବଳୟର ପ୍ରଭାବ କଣ ରହିବା ତାହା ସ୍ପଷ୍ଟ ହୋଇନାହିଁ ହେଲେ ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନରେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ ଓ ପରବର୍ତ୍ତୀ ସମୟରେ ଏହା ଘନୀଭୂତ ହୋଇ ଅବପାତର ରୂପ ନେବା ନେଇ ଆକଳନ କରାଯାଉଛି।

ଅନ୍ୟପଟେ ପ୍ରଫେସର ପଶୁପାଳକ ଆହୁରି କରିଛନ୍ତି ଯେ ଆସନ୍ତା ୧୭ ତାରିଖରେ ଦକ୍ଷିଣ ତାମିଲନାଡୁ ଓ କେରଳ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ମଧ୍ୟ ସମ୍ଭାବନା ରହିଛି। ଫଳରେ କେରଳ ଉପକୂଳରେ ଭାରୀ ବର୍ଷାର ଆକଳନ କରାଯାଉଛି। ସେହିପରି ୧୬ ପରେ ପ୍ରାୟ ୩ ଦିନ ଭୁବନେଶ୍ୱର ସମେତ କେନ୍ଦୁଝର, ବାରିପଦା, ବାଲେଶ୍ୱର, ଚାନ୍ଦବାଲି, ଢେଙ୍କାନାଳରେ ତାପମାତ୍ରା ପୁଣି ୪୦ ଡିଗ୍ରୀ ଅତିକ୍ରମ କରିପାରେ ବୋଲି ସେ କହିଛନ୍ତି।

### ଜୁଲାଇରୁ ମାଗଣା...

ଉଲ୍ଲେଖ କରି କହିଛନ୍ତି ଯେ ଆପଣମାନଙ୍କ ବିଜୁଳି ବିଲ୍ ଛାଡ଼ କରିବାକୁ ନିଷ୍ପତ୍ତି ହୋଇଛି। ଜୁଲାଇମାସରୁ ଆପଣମାନଙ୍କୁ ଆଉ ବିଲ୍ ଦେବାକୁ ପଡିବ ନାହିଁ। ଆପଣମାନେ ଖୁସି ତ ? ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱର ମିଳାଇ ଲୋକମାନେ 'ହଁ' ଭରି ଦେଇଛନ୍ତି ବିଶାଳ ଶବ୍ଦରେ ସମ୍ମତି । ତାଳି ମାରି, ନବୀନ ପଟ୍ଟନାୟକ ଜିନ୍ଦାବାଦ କରି ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ମୁଖ୍ୟମନ୍ତ୍ରୀ ପୁଣି ଗୋଟିଗୋଟି କରି ମିଶନ ଶକ୍ତି, ବିଏସ୍‌କେୱାଇ, ମମତା, ଲକ୍ଷ୍ମୀ, ନୂଆ-ଓ ସ୍କଲାରସିପ୍, କାଳିଆ, ମଧୁବାବୁ ପେନ୍‌ସନ, ୫ଟି ସ୍କୁଲ ଭଲ କି ବୋଲି ସେ ପଚାରିଥିଲେ। ସବୁଥିରେ ଲୋକମାନେ ହଁ ଭରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଓ ଶଙ୍ଖ ଚିହ୍ନକୁ ଭୋଟ ଦେବାକୁ ଅନୁରୋଧ କରିଥିଲେ । ବଲାଙ୍ଗିର ସଂସଦୀୟ କ୍ଷେତ୍ରରେ ଅନୁଷ୍ଠିତ ସମାବେଶରେ ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, ବିଧାନସଭା ପ୍ରାର୍ଥୀ କଳିକେଶ ସିଂଦେଓ, ଲୋଇସିଂହାବିଧାନସଭା ପ୍ରାର୍ଥୀ ନିହାର ରଞ୍ଜନ ବେହେରା, ପାଟଣାଗଡ ବିଧାୟକ ପ୍ରାର୍ଥୀ ସରୋଜ ମେହେର, ବୀରମହାରାଜ ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା, ଟିଟିଲାଗଡ ପ୍ରାର୍ଥୀ ଟୁକୁନି ସାହୁ ଏବଂ ସୋନପୁରର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ ବଲାଙ୍ଗୀର ଜିଲ୍ଲାର ବହୁତ ବିକାଶ ହୋଇଛି। ଦୁଃଖର ସମୟରେ ବିଜୁ ଜନତା ଦଳ ହିଁ ପାଖରେ ଛିଡା ହୋଇ ସମସ୍ତଙ୍କୁ ସାହାଯ୍ୟ କରିଥାଏ। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ଇସ୍ତାହାର ହେଉଛି ପଥର ଉପରେ ଗାର ପରି। ଯାହା ନିର୍ବାଚନ ପ୍ରତିଶ୍ରୁତି ଅଛି, ତାକୁ ସେ ନିଶ୍ଚୟ ପୂରଣ କରିବେ। ବଲାଙ୍ଗୀରରେ ନୂଆ ଇତିହାସ ସୃଷ୍ଟି କରିବେ ବୋଲି ସେମାନେ କହିଥିଲେ।

ସେହିପରି ବରଗଡ଼ ଲୋକସଭା କ୍ଷେତ୍ର ଅନ୍ତର୍ଗତ ବରଗଡ଼ରେ ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ଦଳୀୟ ଲୋକସଭା ପ୍ରାର୍ଥୀ ପରିଣିତା ମିଶ୍ର, ବିଧାନସଭା ପ୍ରାର୍ଥର୍ୀ ଦେବେଶ ଆଚାର୍ଯ୍ୟ, ରୀତା ସାହୁ, ବର୍ଷା ସିଂହ ବରିହା, ସ୍ନେହାଙ୍ଗିନୀ ଛୁରିଆ, ଦୀପାଳି ଦାସ ଓ ଅଳକା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଦଳୀୟ ପ୍ରାର୍ଥୀମାନଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ ଦେବାକୁ ଅନୁରୋଧ କରିଥିଲେ ।

### ଜୁନ୍ ୯ରେ...

ଇଲେକ୍ଟ୍ରି ବିଲ୍ ଦେବେନାହିଁ। ଓଡିଶାର ୯୦ ପ୍ରତିଶତ ପରିବାର ବିଜୁଳି ବିଲ୍ ବୋଝରୁ ମୁକ୍ତି ପାଇବେ। ରବିବାର ମୁଖ୍ୟମନ୍ତ୍ରୀଙ୍କ ସହ କଣ୍ଟାବାଞ୍ଜିରେ ନିର୍ବାଚନ ପ୍ରଚାର ସଭାରେ ଏହା କହିଛନ୍ତି ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ।

ମୁଖ୍ୟମନ୍ତ୍ରୀଙ୍କ ସହ କଣ୍ଟାବାଞ୍ଜି ବିଧାନସଭା ସହ ବଲାଙ୍ଗିର ସଂସଦୀୟ କ୍ଷେତ୍ରର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର ଅବସରରେ ବିଜେପି, ଏହାର ନେତା ଓ କେନ୍ଦ୍ରମନ୍ତ୍ରୀଙ୍କୁ ଅତ୍ୟନ୍ତ କଟୁ ଶବ୍ଦରେ ସମାଲୋଚନା କରି ଶ୍ରୀ ପାଣ୍ଡିଆନ କହିଥିଲେ, ମିଛ ପ୍ରତିଶ୍ରୁତି ଦେଇ ଡବଲ ଇଞ୍ଜିନ୍ ସରକାର ଦିନରେ ଲୋକମାନଙ୍କୁ ଲଣ୍ଠନ ଦେଖାଉଛନ୍ତି ଓ ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଉଛନ୍ତି। ଅନୁରୂପ ଭାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ କାନ୍ଧରେ ଛିଡା ହୋଇ କେନ୍ଦ୍ରମନ୍ତ୍ରୀ ନିର୍ବାଚନ ଲଢୁଛନ୍ତି ବୋଲି କଟାକ୍ଷ କରିଛନ୍ତି ଶ୍ରୀ ପାଣ୍ଡିଆନ। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ କାନ୍ଧରୁ କେନ୍ଦ୍ରମନ୍ତ୍ରୀ ତଳକୁ ଓହ୍ଲାଇଲେ ଅମାନତ ହରାଇବେ। ସେ ନିଜ ଜନ୍ମ ମାଟିରୁ ଲଢିବା ପାଇଁ ସାହସ କରିପାରିଲେନି; ସେଥିପାଇଁ ସମ୍ବଲପୁରରୁ ଲଢୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରୁଛନ୍ତି। ଓଡ଼ିଶାବାସୀଙ୍କୁ ଏହା ଖୁବ୍ ବାଧିଛି। ମୁଖ୍ୟମନ୍ତ୍ରୀଙ୍କୁ ଅପମାନର ଲୋକେ ଠିକଣା ଜବାବ୍ ଦେବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ସେ କହିଛନ୍ତି ଯେ ସାରା ଓଡିଶାର ସବୁ ନିର୍ବାଚନମଣ୍ଡଳୀର ଲୋକ ଚାହୁଁଛନ୍ତି ନବୀନ ବାବୁ ତାଙ୍କ ପ୍ରାର୍ଥୀ ହୁଅନ୍ତୁ ; କିନ୍ତୁ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିରୁ ହିଁ ଛିଡା ହେବା ପାଇଁ ନିଷ୍ପତ୍ତି ନେଲେ। ସେ ଚାହୁଁଛନ୍ତି ଆପଣମାନଙ୍କ ଉନ୍ନତି, କଣ୍ଟାବାଞ୍ଜିର ରୂପାନ୍ତର। ଆପଣମାନଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜିରୁ ରେକର୍ଡ ମାର୍ଜିନରେ ଜିତିବେ ଏବଂ ଇତିହାସ ସୃଷ୍ଟି କରିବେ।

ସେ ପୁଣି କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ଏଠାକୁ ଆସିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାରୁ ଅଧିକ କରିବେ ବୋଲି କହିଛନ୍ତି; ମାତ୍ର କେବଳ ନିର୍ବାଚନ ଆସିଲେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଚାଷୀ, ଏମ୍ଏସ୍‌ପି, ଶୀତଳ ଭଣ୍ଡାର କଥା ମନେ ପଡୁଛି। ସେମାନେ ୧୦ ବର୍ଷ ଧରି କ୍ଷମତାରେ ଥିବାବେଳେ ଚାଷୀଙ୍କ କଥା ଭାବିଲେ ନାହିଁ; ଏବେ ନିର୍ବାଚନକୁ ୧୦ ଦିନ ଅଛି ସେମାନଙ୍କ ଚାଷୀଙ୍କ କଥା ମନେ ପଡୁଛି। ୨୦୧୪ରେ ଓ ୨୦୧୯ରେ ମଧ୍ୟ ଏମ୍ଏସ୍‌ପି ଦୁଇ ଗୁଣ କରିବା କଥା କହିଥିଲେ, କଲେ କି ? ୧୦ ବର୍ଷ କ୍ଷମତାରେ ରହିଲେ। ଏହା ଭିତରେ ଅନେକ ଚାଷୀ ଆତ୍ମହତ୍ୟା କଲେ, ଦିଲ୍ଲୀରେ ଚାଷୀ ଆନ୍ଦୋଳନ ହେଲା; କିନ୍ତୁ ପ୍ରଧାନମନ୍ତ୍ରୀ କିଛି କଲେ ନାହିଁ, ସବୁ ଭୁଲି ଗଲେ। ଏବେ ପ୍ରଧାନମନ୍ତ୍ରୀ କହୁଛନ୍ତି ଯେ ସୌରଶକ୍ତି ଜରିଆରେ ମାଗଣା ବିଜୁଳି ଦେବେ। କିନ୍ତୁ ଆପଣମାନଙ୍କ ଠାରୁ ୫୦ ହଜାର ଟଙ୍କା ପ୍ରଥମେ ଆଦାୟ କରାଯିବ। ତା ପରେ ଯାଇ ସୋଲାର ପ୍ୟାନେଲ ଲଗାଯିବ। ଏକ କୋଟି ଘର ମଧ୍ୟରୁ ମାତ୍ର ୩ ଲକ୍ଷ ଘରକୁ ଏହି ସୁବିଧା ମିଳିବ। ଡ଼ବଲ ଇଞ୍ଜିନ ସରକାର ଆପଣମାନଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି। ସେହିପରି ଓଡିଶାରେ ଆୟୁଷ୍ମାନ ଭାରତ ଲାଗୁ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନ ସଂକ୍ରାନ୍ତରେ ସାଧାରଣ ଲୋକଙ୍କୁ ବିଏସ୍‌କେୱାଇ ଓ ଆୟୁଷ୍ମାନ ଭାରତ ମଧ୍ୟରେ ପାର୍ଥକ୍ୟ ବୁଝାଇଛନ୍ତି ଶ୍ରୀ ପାଣ୍ଡିଆନ । ସେ କହିଛନ୍ତି ଯେ ଆୟୁଷ୍ମାନ ଭାରତରେ ମାତ୍ର ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଛି। କେନ୍ଦ୍ର ସରକାର ବୀମା କମ୍ପାନୀଙ୍କୁ ପୋଷୁଛନ୍ତି; କିନ୍ତୁ ବିଏସ୍‌କେୱାଇ ସମସ୍ତଙ୍କୁ ୫ ଲକ୍ଷ, ମା ମାନଙ୍କୁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଛି। ନବୀନ ସରକାର ସିଧାସଳଖ ଲୋକଙ୍କୁ ସୁବିଧା ଦେଉଛନ୍ତି। ବିଏସ୍‌କେୱାଇ ସ୍ମାର୍ଟକାର୍ଡରେ ଏଟିଏମ୍ ଭଳି ସୁବିଧା ମିଳୁଛି। ବିଏସ୍‌କେୱାଇରେ ଓଡିଶାର ୯୦ ପ୍ରତିଶତ ପରିବାର ଅନ୍ତର୍ଭୁକ୍ତ ହୋଇଛନ୍ତି । ଆୟୁଷ୍ମାନ ଭାରତରେ ମାତ୍ର ୪୦ ଲକ୍ଷ ପରିବାର ଏହି ସୁବିଧା ପାଇବେ। କିନ୍ତୁ ଆମେ ୯୦ ଲକ୍ଷ ପରିବାରକୁ ମାଗଣା ସ୍ୱାସ୍ଥ୍ୟ ସୁବିଧା ଦେଉଛୁ। ବାକି ୫୦ ଲକ୍ଷ ପରିବାରଙ୍କ କଣ ହେବ? ତାଙ୍କୁ ସ୍ୱାସ୍ଥ୍ୟ ସେବାର ଗ୍ୟାରେଣ୍ଟି କିଏ ଦେବ? ଯେଉଁ ୪୦ ଲକ୍ଷ ପରିବାର ସୁବିଧା ପାଇବେ, ସେମାନେ ହସ୍ପିଟାଲରେ ଯାଇ ୪ ଲକ୍ଷ ଖର୍ଚ୍ଚ କଲେ , ବୀମା କମ୍ପାନୀ ତାଙ୍କୁ ୨ ଲକ୍ଷ ଦେବ ବୋଲି ସେ ପ୍ରଶ୍ନ କରିଛନ୍ତି ।

### ଟିପ ବାଛିବ...

ଓ ୯୯୮୮ଟି ଭିଭିପାଟର ବ୍ୟବସ୍ଥା ହୋଇଛି। ବିଧାନସଭା କ୍ଷେତ୍ର ମତଦାନ ପାଇଁ ୯୩୮୪ଟି ବାଲାଟ ୟୁନିଟ୍, ୯୫୩୨ଟି କଣ୍ଟ୍ରୋଲ ୟୁନିଟ୍ ଓ ୯୯୫୭ଟି ଭିଭିପାଟ୍ ବ୍ୟବସ୍ଥା ହୋଇଛି।

ନିର୍ବାଚନ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ ମତଦାନ କରାଇବା ପାଇଁ ପୋଲିଂ ପାର୍ଟିଗୁଡ଼ିକ ପୋଲିଂ ଷ୍ଟେସନ୍‌କୁ ଯାଇସାରିଛନ୍ତି। ନୂଆପଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଥିବା ୬ଟି ବୁଥ୍ ପାଇଁ ପୋଲିଂ ପାର୍ଟିଗୁଡ଼ିକୁ ଏୟାର ଡ୍ରପ୍ କରାଯାଇଛି। ଅନେକ ଅଞ୍ଚଳକୁ ବୋଟ୍ ମାଧ୍ୟମରେ ନଦୀ ପାରି ହୋଇ ପୋଲିଂ ପାର୍ଟିଗୁଡ଼ିକ ଯାତ୍ରା କରିଛନ୍ତି। ଏସବୁ ଐତିହାସିକ ମୁହୂର୍ତ୍ତ ନିର୍ବାଚନକୁ ଦେଶର ପ୍ରକୃତ ମହାନତମ ଗଣପର୍ବ ରୂପେ ପ୍ରତିଷ୍ଠିତ କରିବା ସହ "ମତଦାନର ପର୍ବ- ଆମ ଦେଶର ଗର୍ବ' ବାର୍ତ୍ତାକୁ ସାର୍ଥକ କରୁଛି। ଏହି ୪ ସଂସଦୀୟ କ୍ଷେତ୍ରର ସମସ୍ତ ନାଗରିକଙ୍କୁ ମତଦାନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଅନୁରୋଧ କରି ନିଜ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ନିବେଦନ କରିଛନ୍ତି।

### ଓଡ଼ିଶାବାସୀଙ୍କୁ ବୋକା...

ପୀଠ ସବୁ ମୁଖ୍ୟମନ୍ତ୍ରୀ କରିଛନ୍ତି। ବରଗଡ଼ରେ କ୍ୟାନ୍‌ସର ହସ୍ପିଟାଲ କରିବାକୁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ କଥା ଦେଇଥିଲେ ଓ କାର୍ଯ୍ୟକାରୀ କଲେ। ଏହାକୁ ଆହୁରି ବଡ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାକୁ ଓଡ଼ିଶାର ସବୁଠୁ ବଡ କ୍ୟାନସ୍‌ର ହସ୍ପିଟାଲ କରାଯିବ। ଉପ-ନିର୍ବାଚନ ବେଳକୁ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ, ସଚିବ ସବୁ ଆସିଥିଲେ, କ୍ୟାନସ୍‌ର ରୋଗ ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ କଥା ଦେଇଥିଲେ, କିନ୍ତୁ କିଛି କଲେ ନାହିଁ, ସବୁ ଭୁଲି ଗଲେ। ବିଜେପୁର ଉପ-ନିର୍ବାଚନରେ ସେମାନେ କହିଥିଲେ ଏଠାରେ ଏକ୍ସପ୍ରେସ୍ ଟ୍ରେନ ଚାଲିବ, ପଦ୍ମପୁର ଉପ-ନିର୍ବାଚନରେ ସେମାନେ କହିଥିଲେ ଏଠାରେ ଟ୍ରେନ ଚାଲିବ, ଷ୍ଟେସନ ହେବ। ମାତ୍ର ଆପଣମାନେ ଆଜିଯାଏ ଟ୍ରେନ ଦେଖିପାରିଲେ ନାହିଁ। କେବଳ ବଡ ବଡ କଥା କହିବା ଛଡା ସେମାନେ କିଛି ଜାଣନ୍ତି ନାହିଁ। ବରଗଡ଼ ଲୋକସଭା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ୫ ଜଣ ମହିଳା ପ୍ରାର୍ଥୀ ଦେଇଛନ୍ତି। ଆପଣମାନଙ୍କ ସମ୍ମୁଖରେ ଛିଡା ହୋଇଛନ୍ତି, ଏହା ହେଉଛି ମହିଳା ସଶକ୍ତିକରଣ। ବିଜେପି ଏପରି କାମ ୧୦୦ ବର୍ଷରେ ମଧ୍ୟ କରିପାରିବ ନାହିଁ। କେନ୍ଦ୍ର ମନ୍ତ୍ରୀ ମିଶନ ଶକ୍ତି ବନ୍ଦ କରିବା କଥା କହୁଛନ୍ତି, କିନ୍ତୁ ଆମେ ତାଙ୍କୁ ଏହା କରିବାକୁ ଦେବା ନାହିଁ। ପ୍ରଧାନମନ୍ତ୍ରୀ ଏଠାକୁ ଆସିଥିଲେ, ଏମ୍ଏସ୍‌ପି ୩୧୦୦ ଟଙ୍କା କରିବେ ବୋଲି କହିଛନ୍ତି। କିନ୍ତୁ ୧୦ ବର୍ଷ ଧରି କ୍ଷମତାରେ ରହି ସୁଦ୍ଧା ଚାଷୀଙ୍କ ଦୁଃଖ ଦେଖିପାରିଲେ ନାହିଁ। ଏବେ ମୁଣ୍ଡଉପରେ ନିର୍ବାଚନକୁ ଦେଖି ସେମାନଙ୍କର ଚାଷୀଙ୍କ କଥା ମନେ ପଡୁଛି। ନବୀନ ଇଞ୍ଜିନ ସେବାର ଇଞ୍ଜିନ। ଡବଲ ଇଞ୍ଜିନ ୨୦୦ ଟଙ୍କା ପେନ୍‌ସନ୍, ନବୀନ ଇଞ୍ଜିନ ୧୦୦୦ ଟଙ୍କା ପେନ୍‌ସନ୍। ବିଜୁ ଜନତା ଦଳ ସରକାର ଜୁଲାଇ ମାସରୁ ବିଜୁଳି ବିଲ୍ ଛାଡ କରିବ, ଜୁଲାଇରୁ ଆଉ ବିଲ୍ ଦେବାକୁ ପଡ଼ିବ ନାହିଁ। ମେ ୨୦ରେ ଆପଣମାନେ ଇତିହାସ ସୃଷ୍ଟି କରିବେ। ନବୀନ ପଟ୍ଟନାୟକ ଯୋଡି ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ, ବିଜୁ ଜନତା ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାନ୍ତୁ ବୋଲି ଶ୍ରୀ ପାଣ୍ଡିଆନ୍ ନିବେଦନ କରିଥିଲେ।

### ଭୋଟ୍‌ଦାନ ପାଇଁ...

ମତଦାନ ହ୍ରାସ ହେଉଥିବା ଆଶଙ୍କା କରାଯାଉଛି। ତେଣୁ ପାଗ ଉପରେ ଭୋଟଦାନ ହାର ନିର୍ଭର କରୁଛି। ଯେହେତୁ ସୋମବାର ପାଗ ଭଲ ରହିବ ବିଶେଷ ଖରା ହେବ ନାହିଁ ତେଣୁ ରାଜ୍ୟରେ ମତଦାନ ହାର ଭଲ ରହିବା ନେଇ ସମ୍ଭାବନା ରହିଛି। ତେବେ ଆସନ୍ତାକାଲି ଉତ୍ତର ଉପକୂଳ ଓଡ଼ିଶା, ଯେମିତିକି-ବାଲେଶ୍ୱର ଓ ଭଦ୍ରକର କିଛି ସ୍ଥାନରେ ଭାରି ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ଶନିବାର ବିଳମ୍ବିତ ରାତିରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଛି। ଏକାଧିକ ସ୍ଥାନରେ ପ୍ରବଳ ବର୍ଷା ସହ ପବନ ଓ ବିଜୁଳି ଘଡ଼ଘଡ଼ି ଅନୁଭୂତ ହୋଇଛି। ଏଭଳି ସ୍ଥିତି ଯୋଗୁଁ ରବିବାର ରାଜ୍ୟରେ ତାପମାତ୍ରା ହ୍ରାସ ହୋଇଥିଲା। ଏହି ସ୍ଥିତି ଆହୁରି ୪-୫ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ସୋମବାର ମଧ୍ୟ କିଛି ସ୍ଥାନରେ ବର୍ଷା ନେି ପାଣିପାଗ କେନ୍ଦ୍ର ଆକଳନ କରିଛି।

### 'ଗୋଲାପୀ' ନୁହେଁ...

ନାମଲେଖା ହାର ୮୦.୩ ପ୍ରତିଶତ ଥିବା ବେଳେ ଗୁଜୁରାଟରେ ଏହା ୭୫.୨ ପ୍ରତିଶତ। ଗତ ୨୫ ବର୍ଷ ଧରି ଗୁଜରାଟରେ ବିଜେପି ସରକାର ରହିଛି, ଗତ ୧୦ ବର୍ଷ ହେଲା ସେଠାରେ ଡ଼ବଲ ଇଞ୍ଜିନ୍ ସରକାର ଚାଲୁଛି। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଶ୍ରୀ ମୋଦି ଗୁଜରଟରେ ୧୫ବର୍ଷ ମୁଖ୍ୟମନ୍ତ୍ରୀ ରହିଛନ୍ତି। ଏହା ପରେ ଯଦି ଗୁଜରାଟ ଅବସ୍ଥା ଓଡ଼ିଶାଠାରୁ ପଛରେ, ତେବେ ଓଡ଼ିଶାରେ ଡ଼ବଲ ଇଞ୍ଜିନ୍ ସରକାରର ଆବଶ୍ୟକତା କେଉଁଠି ବୋଲି ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ନିର୍ବାଚନରେ ପିଲାଙ୍କୁ...

ନିର୍ବାଚନ ରାଲିରେ ବ୍ୟବହାର କରିଥିବାର ପ୍ରମାଣ ମିଳିଛି। ସେହିପରି ସମ୍ବଲପୁର ବିଜେପି ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ବ୍ୟବହାର କରୁଥିବା ନେଇ ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଥିଲା। ଏବେ ଶ୍ରୀ ଢ଼ାଲି ମଧ୍ୟ ଅନୁରୂପ ଭାବେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି। ତେଣୁ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ। ଏହାଦ୍ୱାରା ପିଲାମାନଙ୍କୁ ବ୍ୟବହାର କରୁଥିବା କିମ୍ବା ନିୟମ ଉଲ୍ଲଂଘନ କରୁଥିବା ବିଜେପି ନେତା ଶିକ୍ଷା ପାଇବେ। ରାଜ୍ୟରେ ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ ପରିଚାଳନା ସମ୍ଭବ ହେବ ବୋଲି ବିଜେଡି କହିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ସାଂସଦ ଡ. ସସ୍ମିତ ପାତ୍ର, ଡ. ପ୍ରିୟବ୍ରତ ମାଝୀ, ମିହିର ରାୟ, ଓମ୍ ପ୍ରକାଶ ସାହୁ, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ।

### ବୋଟ୍‌ରେ ଗଲେ...

ହେଲିକପ୍ଟର ଆବଶ୍ୟକତା ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଲଞ୍ଚ ଘାଟଠାରେ ଯନ୍ତ୍ରୀ ଓ ସନ୍ନ୍ୟାସୀଗୁଡ଼ାକୁ ଯାଉଥିବା ପୁଲିଂ ପାର୍ଟିକୁ ଫୁଲ, ଚନ୍ଦନ ଦେଇ ହୁଳହୁଳି ପକାଇ ମହିଳାମାନେ ଉତ୍ସାହିତ କରିଛନ୍ତି। ଏହି ଦୁଇ ପୁଲିଂ ପାର୍ଟି ସହ ଗୋଟିଏ ରିଜର୍ଭ ପୁଲିଂ ପାର୍ଟି ମଧ୍ୟ ଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଏକଦା ମାଓଗଡ଼ ଯୋଗୁଁ ଏହି ଅଞ୍ଚଳରେ ମତଦାନ ପ୍ରକ୍ରିୟାରେ ନାନା ସମସ୍ୟା ସୃଷ୍ଟି ହେଉଥିବା ବେଳେ ଚଳିତ ନିର୍ବାଚନରେ କିନ୍ତୁ ସେଭଳି କୌଣସି ସମସ୍ୟା ନାହିଁ। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଞ୍ଚଳର ଗାଁଗୁଡ଼ିକୁ ରାସ୍ତା ନିର୍ମାଣ ହେବା ସହ ଘର ଘରକୁ ବିଜୁଳି ପହଞ୍ଚିଛି ଓ ବିଭିନ୍ନ ସ୍ଥାନରେ ବିଏସ୍ଏଫ୍ କ୍ୟାମ୍ପ ମଧ୍ୟ ନିର୍ମାଣ ହୋଇଛି। ପୁଲିସ ଓ ବିଏସ୍ଏଫ୍ ପକ୍ଷରୁ ମାଓଗଡ଼କୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରାଯାଇଥିବା ବେଳେ ଚଳିତ ନିର୍ବାଚନରେ ଚିତ୍ରକୋଣ୍ଡା ବ୍ଲକରେ ସମୁଦାୟ ୫୪ଟି ବୁଥରେ ମତଦାନ ନିମନ୍ତେ ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି। ଏହି ୫୪ଟି ବୁଥ୍ ମଧ୍ୟରୁ ୧୪ଟି ସମ୍ବେଦନଶୀଳ ବୁଥ୍ ରହିଛି। ଏହିସବୁ ଅଞ୍ଚଳରେ ଗତଥର ୬୭% ମତଦାନ ହୋଇଥିଲା। ଚଳିତ ନିର୍ବାଚନରେ ମତଦାନକୁ ଆହୁରି ଅଧିକ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଛି।

ମତଦାନ ସମୟରେ ଯେଭଳି କୌଣସି ବିଶୃଙ୍ଖଳା ଦେଖା ନଯାଏ, ସେଥିପ୍ରତି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ପ୍ରଶାସନ ସୂଚନା ଦେଇଛି। ତେବେ ସ୍ୱାଭିମାନ ଅଞ୍ଚଳରେ ସବୁବେଳେ ନିର୍ବାଚନ ଅତ୍ୟନ୍ତ ରୋଚକ ମୋଡ଼ ନେଉଥିବା ବେଳେ ଚଳିତଥର କିନ୍ତୁ ଲୋକେ ମତଦାନ କରିବାକୁ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ସ୍ୱାଭିମାନ ଅଞ୍ଚଳରେ ଚଳିତଥର ଅନେକ ସ୍ଥାନରେ ନିଜ ଗ୍ରାମରେ ଲୋକେ ମତଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ଯୋଗୁଁ ଅଧିକରୁ ଅଧିକ ଲୋକ ମତଦାନ କରିବେ ବୋଲି ଆଶା କରାଯାଉଛି।

**Mitti Labs: ଓଡିଶାରେ ଜଳବାୟୁ ସ୍ମାର୍ଟ ଧାନ ଚାଷକୁ ସମର୍ଥନ କରୁଛି**
**(Supporting Climate Smart Rice Farming in Odisha)**

**Integrated Social Welfare And Research Centre (ISWAR)** ର ସହଯୋଗରେ **Mitti Labs** ଭାରତ ର ଓଡ଼ିଶା ରାଜ୍ୟ ରେ ଧାନ ଚାଷୀଙ୍କ ପାଇଁ Alternative Wetting and Drying (AWD) ଏବଂ Direct Seeded Rice (DSR) ପ୍ରବର୍ତ୍ତନ କରିବାକୁ ଯୋଜନା କରିଅଛି । ପାରମ୍ପାରିକ ଧାନ ଚାଷ ତୁଳନାରେ ମିଥେନ ନିର୍ଗମନକୁ କମ୍ କରିବା, ଶ୍ରମ ମୂଲ୍ୟ ହ୍ରାସ କରିବା ଓ ଜଳ ସଞ୍ଚୟ କରିବାରେ ସାହାଯ୍ୟ କରେ । ଏହି ପ୍ରକଳ୍ପ Gold Standard ରେଜିଷ୍ଟ୍ରି ମାଧ୍ୟମରେ ପ୍ରମାଣିତ ହେବ ଏବଂ ଯାଞ୍ଚ ହୋଇଥିବା Verified Emissions Reductions (VER) ପାଇବାକୁ ଚେଷ୍ଟା କରିବ ।
Mitti Labs ଏବଂ Integrated Social Welfare And Research Centre (ISWAR) ଦଳ ସମସ୍ତ ଆଗ୍ରହୀ ଦଳଙ୍କୁ ପ୍ରକଳ୍ପ ପରିସର ଏବଂ ଡିଜାଇନ୍ ଉପରେ ଆଲୋଚନା ପାଇଁ ଷ୍ଟେକହୋଲ୍ଡର ପରାମର୍ଶ ବୈଠକ କୁ ଆମନ୍ତ୍ରଣ କରା ଯାଉଛି । **ଏହି ସଭା କାର୍ଯ୍ୟ ଜଳେଶ୍ୱର ସ୍ଥିତ ଖୁସି ପ୍ଲାଜା, ଓଡ଼ିଶା, ପିନ୍-୭୫୬୦୩୦ ଠାରେ ୧୯ ଜୁନ ୨୦୨୪ ଦିନ ୧୦:୦୦ ଘଟିକା ରେ** ଅନୁଷ୍ଠିତ ହେବ । ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଏହି ସଭା ରେ ଯୋଗ ଦେବାପାଇଁ ଅନୁରୋଧ ରହିବ। ଯେଉଁମାନେ ସଭାରେ ଯୋଗ ଦେବାକୁ ଅସମର୍ଥ, ସେମାନେ ସେମାନଙ୍କର ମତାମତ ପଠାଇପାରନ୍ତି: ଯୋଗାଯୋଗ କରନ୍ତୁ @mittilabs.earth କିମ୍ବା କଲ୍ କରନ୍ତୁ: +91 63630 52545.

**ରାଜ୍ୟ ବିଜେପିକୁ ଘାରିଛି ପରାଜୟ ଭୟ**

# ବଳ ବଢ଼ାଇବାକୁ କେନ୍ଦ୍ରୀୟ ନେତାଙ୍କ ଘନଘନ ଗସ୍ତ

**ଭୁବନେଶ୍ୱର, ୧୨।୫(ସମିସ):** ଦେଶରେ ଅତୀତ ନିର୍ବାଚନଗୁଡ଼ିକୁ ବିଶ୍ଳେଷଣ କଲେ ଗୋଟିଏ କଥା ସ୍ପଷ୍ଟ ଦେଖାଯାଇଛି। ଯେଉଁଠି ବିଜେପି ପରାଜିତ ହେବାର ଆଶଙ୍କା ଥାଏ, ସେହି ରାଜ୍ୟକୁ ବିଜେପିର ଜାତୀୟ ନେତାମାନେ ଘନଘନ ଗସ୍ତ କରନ୍ତି। ନିର୍ବାଚନ ପୂର୍ବରୁ ଦଳର ବଡ଼ବଡ଼ ନେତାମାନେ ତମ୍ବୁଟାଣି ସମ୍ପୃକ୍ତ ରାଜ୍ୟରେ ବସା ବାନ୍ଧନ୍ତି। ମିଛ କହି ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ପ୍ରୟାସ କରନ୍ତି। ବିରୋଧୀଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରନ୍ତି। ଅତୀତ ଦିନଗୁଡ଼ିକରେ ପଶ୍ଚିମବଙ୍ଗ, ତେଲଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ ବିଧାନସଭା ନିର୍ବାଚନରେ ଏହା ଘଟିଛି ଓ ଏବେ ଓଡ଼ିଶାରେ ବି ତାହାର ପୁନରାବୃତ୍ତି ହୋଇଛି। ଓଡ଼ିଶାରେ ବିଗତ ଦିନର ବିଭିନ୍ନ ନିର୍ବାଚନରେ ବିଜେପି ରାଜ୍ୟବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛି। କେଇମାସ ତଳେ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେପି ପ୍ରଚଣ୍ଡ ପରାଜୟ ଭୋଗିଛି। ସମସ୍ତ ୩୦ ଜିଲ୍ଲା ପରିଷଦରୁ ଗୋଟିଏ ବି ବିଜେପି ବିଜୟୀ ହେବାକୁ ସକ୍ଷମ ହୋଇପାରି ନାହିଁ। ୨୦୧୭ରେ ବିଜେପି ପାଖାପାଖି ୨୯୫ ଜିଲ୍ଲା ପରିଷଦ ଜିତିଥିବାବେଳେ ଗତ ନିର୍ବାଚନରେ ଏହା ୪୪ ମଧ୍ୟରେ ସୀମିତ ରହିଛି। ପୌର ନିର୍ବାଚନରେ ବି ପ୍ରଚଣ୍ଡ ପରାଭବର ଶିକାର ହୋଇଛି ବିଜେପି। ତେଣୁ ସ୍ୱାଭାବିକ ଭାବରେ ଦଳର ନେତା ଓ କର୍ମୀ ଆତ୍ମବିଶ୍ୱାସ ହରାଇଛନ୍ତି। ଏହି ସମୟରେ ବିଜେଡିର 'ନବୀନ ଗ୍ୟାରେଣ୍ଟି' ସମ୍ବଳିତ ଇସ୍ତାହାର ବିଜେପିକୁ କୋଣେ ପଛକୁ ଠେଲି

- ବର୍ଷକ ତଳେ ସମସ୍ତ ୩୦ ଜିଲ୍ଲା ପରିଷଦ ହାରିଛି ବିଜେପି
- ୨୫୧ ଆସନ ହରାଇ ମାତ୍ର ୪୪ ଜୋନ୍‌ରେ ଦଳ ସୀମିତ
- ୧୦ଟି ଜିଲ୍ଲାରେ ବିଜେପି ଜିତିନାହିଁ ଗୋଟିଏ ବି ଜୋନ୍
- ବିଜେପିର ଶିରପୀଡ଼ା ବଢ଼ାଇଛି ବିଜେଡିର ନିର୍ବାଚନ ଇସ୍ତାହାର
- ଭୟ ବଢ଼ାଇଛି ମାଗଣା ବିଜୁଳି, ମିଶନ ଶକ୍ତି ମା'ଙ୍କୁ ପେନ୍‌ସନ୍
- ରାଜ୍ୟ ବିଜେପି ନେତାଙ୍କୁ ହତାଶ କରିଛି 'ନୂଆ-ଓ' ଛାତ୍ରବୃତ୍ତି

ଦେଇଛି। ରାଜ୍ୟର ୯୦% ଲୋକଙ୍କୁ ମାଗଣା ବିଜୁଳିର ଝଟ୍‌କା ବିଜେପି ନେତାଙ୍କୁ ଜୋର୍‌ରେ ଲାଗିଛି। ଏହା ସହ ମିଶନ ଶକ୍ତି ମା'ମାନଙ୍କୁ ପେନ୍‌ସନ୍ ଓ 'ନୂଆ-ଓ' ଛାତ୍ରବୃତ୍ତି ବୃଦ୍ଧି ବିଜେପି ପାଇଁ ଆହୁରି ଅଡୁଆ ହୋଇଛି। ତେଣୁ ଆତ୍ମବିଶ୍ୱାସ ହରାଇଥିବା ଦଳୀୟ ନେତାମାନଙ୍କ ଉତ୍ସାହ ବୃଦ୍ଧି ସହ ଦଳର ଇଜ୍ଜତ ବଞ୍ଚାଇବା ପାଇଁ ବିଜେପିର ଜାତୀୟ ନେତାମାନେ ଓଡ଼ିଶାକୁ ଘନଘନ ଗସ୍ତ କରୁଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଏହି ଆଶଙ୍କା କରିଛନ୍ତି। କେବଳ ଆଶଙ୍କା କରିନାହାନ୍ତି; ବିରୋଧୀଙ୍କ ଆତ୍ମବିଶ୍ୱାସ ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାର ଗଢ଼ିବାକୁ ଦମ୍ଭୋକ୍ତି ବାଢୁଥିବା ବିଜେପିକୁ ତା'ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରୂପେ ନବୀନ ପଟ୍ଟନାୟକ ଜୁନ୍ ୯ ତାରିଖରେ ଶପଥ ଗ୍ରହଣ ନ କଲେ ସେ ରାଜନୀତିରୁ ସନ୍ନ୍ୟାସ ନେବାକୁ ଘୋଷଣା ସହ ଅନୁରୂପ ଘୋଷଣା କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ତାଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାକୁ ଅନୁରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ରମାଗତ ପରାଜୟରେ ଆତ୍ମବିଶ୍ୱାସ ହରାଇଥିବା ଓଡ଼ିଶା ବିଜେପିକୁ ବୁଷ୍ଟର ଡୋଜ୍ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାହୁଁଛନ୍ତି ବୋଲି ପାଣ୍ଡିଆନଙ୍କ କଟାକ୍ଷ ଅମୂଳକ ନୁହେଁ ବୋଲି କୁହାଯାଉଛି।

ରାଜନୈତିକ ବିଶାରଦଙ୍କ ମତ ଅନୁସାର ଗତ ୩ଟି ବିଧାନସଭା ନିର୍ବାଚନରେ ନିଜର ସମସ୍ତ ଶକ୍ତି ଲଗାଇ ମଧ୍ୟ ବିଜେପି ରାଜ୍ୟରେ ସଫଳ ହୋଇପାରିନାହିଁ। ୨୦୦୯ ନିର୍ବାଚନରେ ବିଜେପି ମାତ୍ର ୬ଟି ବିଧାନସଭା ଆସନ ଜିଣିଥିବା ବେଳେ ୨୦୧୪ ଏହି ସଂଖ୍ୟା ୧୦କୁ ବୃଦ୍ଧି ପାଇଥିଲା। ସେହିପରି ବ୍ୟାପକ ନିର୍ବାଚନୀ ରଣନୀତି, ବ୍ୟୟବହୁଳ ପ୍ରଚାର ସର୍ବୋପରି କେନ୍ଦ୍ରୀୟ ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ପରେ ବିଜେପି ମାତ୍ର ୨୩ ଆସନରେ ସୀମିତ ରହିଥିଲା।

ଚଳିତଥର ମଧ୍ୟ ବିଜେପି ସମାନ ରଣନୀତି ପ୍ରସ୍ତୁତ କରିବା ସହ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜୋର୍‌ଦାର୍ କରିଛି। ତେବେ ନବୀନଙ୍କ ସ୍ୱଚ୍ଛ ଏବଂ ନିର୍ମଳ ଭାବମୂର୍ତ୍ତି, ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି, ସୁଶାସନ, ଜନକଲ୍ୟାଣକାରୀ ଯୋଜନା ଆଗରେ ବିଜେପିର ପ୍ରତିଶ୍ରୁତି ମଳିନ ଦିଶୁଛି। ସେହିପରି କୁଶଳ ରଣନୀତି ସହ କାର୍ତ୍ତିକ ପାଣ୍ଡିଆନ ପ୍ରଚାରକୁ ଗତିଶୀଳ କରିଥିବା ବେଳେ ବିଜେଡିର ନିର୍ବାଚନ ଇସ୍ତାହାର ବିରୋଧୀଙ୍କୁ କୋଣେ ପଛକୁ ଠେଲି ଦେଇଛି। ବିଜେଡିର ମାଗଣାରେ ୧୦୦ ୟୁନିଟ ଯାଏଁ ବିଜୁଳି, ମିଶନ ଶକ୍ତି ମା'ମାନଙ୍କୁ ବିନା ସୁଧରେ ୧୫ ଲକ୍ଷ ଟଙ୍କା ଋଣ ଏବଂ ପେନ୍‌ସନ୍, ଛାତ୍ରୀ ଓ ଛାତ୍ରଙ୍କୁ ଯଥାକ୍ରମେ ୧୪ ଓ ୧୨ ହଜାର ଟଙ୍କାର ବୃତ୍ତି, ଯୁବକଙ୍କ ପାଇଁ ଚାକିରି ଆଦି ନିର୍ବାଚନୀ ପ୍ରତିଶ୍ରୁତି ଆଗରେ ବିରୋଧୀଙ୍କ ଇସ୍ତାହାର ଚମକ ହରାଇଛି। ଏପରି ସ୍ଥିତିରେ ବିରୋଧୀ ବିଶେଷକରି ରାଜ୍ୟ ବିଜେପିର ନେତାମାନେ ସମ୍ପୂର୍ଣ୍ଣ ଭାବେ ନିରୁତ୍ସାହିତ ଏବଂ ହତାଶ ହୋଇପଡ଼ିଛନ୍ତି। ତେଣୁ ସେମାନଙ୍କ ମନରେ ଉତ୍ସାହ ଭରିବାକୁ କେନ୍ଦ୍ର ବିଜେପି ନେତୃତ୍ୱ ବାରମ୍ବାର ଓଡ଼ିଶା ଗସ୍ତ କରୁଛନ୍ତି ବୋଲି ତଥ୍ୟାଭିଜ୍ଞ ମହଲରେ ମତପ୍ରକାଶ ପାଇଛି।

## ୨୬ଟି ପଦ ପାଇଁ ୪୮ ହଜାର ଆଶାୟୀ

**ଭୁବନେଶ୍ୱର, ୧୨।୫ (ସମିସ):** ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ଅଧୀନରେ ୨୬ଟି ଟ୍ରାଫିକ୍ କନେଷ୍ଟବଲ୍ ପଦ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଆବେଦନ ପ୍ରକ୍ରିୟା ସରିଥିବା ବେଳେ ସମୁଦାୟ ୪୮ ହଜାର ୭ଜଣ ଆଶାୟୀ ଆବେଦନ କରିଥିବା ଜଣାପଡ଼ିଛି। ତନ୍ମଧ୍ୟରୁ ୫୬୨୯ଟି ଆବେଦନ ଖାରଜ ହୋଇଯାଇଛି। ଅର୍ଥାତ ସମୁଦାୟ ୪୨୩୭୮ ଜଣ ଆବେଦନକାରୀ ପରୀକ୍ଷା

**୫୬୨୯ ଆବେଦନ ଖାରଜ**

ଦେଇପାରିବେ। ଅସଂପୂର୍ଣ୍ଣ ଆବେଦନକୁ ଖାରଜ କରାଯାଇଥିବା ପରୀକ୍ଷା ସଞ୍ଚାଳନ କରୁଥିବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଖାରଜ ହୋଇଥିବା ଆବେଦନର କାରଣ ଓ ଆବେଦନକାରୀଙ୍କ ନାମ ମଧ୍ୟ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ମୋଟ ପଦବୀର ୨୦ ଗୁଣା ପରୀକ୍ଷାର୍ଥୀଙ୍କୁ ଲିଖିତ ପରୀକ୍ଷା ଅନୁଯାୟୀ ଚୟନ କରାଯିବ। ତନ୍ମଧ୍ୟରୁ ମୋଟ ପଦବୀର ୬ଗୁଣା ପରୀକ୍ଷାର୍ଥୀଙ୍କୁ ଶାରୀରିକ ପରୀକ୍ଷା ପାଇଁ ଚୟନ କରାଯିବ।

■ ଝିଅ ଅନ୍ୟ ଜାତିରେ ବାହା ହୋଇଥିଲା ବୋଲି

## ବାପା ଶବକୁ ମିଳିଲାନି କାନ୍ଧ

**ବୌଦ୍ଧ, ୧୨।୫ (ସମିସ):** ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ବାପାର ଶବକୁ ମିଳିଲାନି କାନ୍ଧ। ଯେତେ କାକୁତିମିନତି, ନେହୁରା ହେଲେ ବି ସାହିଭାଇ କେହି ଆସିଲେନି। ଓଲଟି ବିବାହିତ ଝିଅ ଆଗରେ ଅଜବ ସର୍ତ୍ତ ରଖିଲେ। ଚୂଡ଼ି, ଶଙ୍ଖା ଭାଙ୍ଗି ଜାତିକୁ ଫେରିବା ସହ ନିୟମ ଅନୁସାରେ ଭୋଜି ଦେବାକୁ କହିଲେ। କିନ୍ତୁ ଏଥିରେ ପରିବାରଲୋକ ଅକ୍ଷମତା ପ୍ରକାଶ କରିବାରୁ ପାଖାପାଖି ୧୨ ଘଣ୍ଟା ଧରି ଘର ଭିତରେ ସେମିତି ପଡ଼ି ରହିଲା ଶବ। ସବୁଆଡୁ ନିରାଶ ହେବା ପରେ ପରିବାରଲୋକ ଏକ ଟ୍ରଲି



- ୧୨ ଘଣ୍ଟା ପଡ଼ି ରହିଲା ମୃତଦେହ
- ଟ୍ରଲିରେ ବୋହି ବୋହି ଶ୍ମଶାନକୁ ନେଲେ ପରିବାରବର୍ଗ

ରିକ୍ସାରେ ଶବକୁ ନେଇ ଶ୍ମଶାନରେ ଦାହ ସଂସ୍କାର କରାଇଛନ୍ତି। ବୌଦ୍ଧ ସହର ବାପୁଜୀନଗର ଅଞ୍ଚଳରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୂଚନାନୁଯାୟୀ, ଏଠାରେ ବସବାସ କରୁଥିବା ନୀଳାମ୍ବର ମେହେରଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଥିଲା। ନୀଳାମ୍ବରଙ୍କ ମୃତ୍ୟୁ ଖବର ପାଇ ତାଙ୍କ ଝିଅ ସୁନି ଘରେ ପହଞ୍ଚିଥିଲେ। ଅନ୍ତିମ ସଂସ୍କାର ପାଇଁ ନିଜ ଜାତି ଲୋକଙ୍କ ସେ ସହାୟତା ଲୋଡ଼ିଥିଲେ। କିନ୍ତୁ ସୁନି ଅନ୍ୟ ଜାତିରେ ବିବାହ କରିଥିବାରୁ ଜାତିଭାଇ ସେହି ପୁରୁଣା ରାଗକୁ ଧରି ବସିଥିଲେ। ନୀଳାମ୍ବରଙ୍କ ଶବ ଉଠାଇବା ପାଇଁ ସେମାନେ ସୁନିଙ୍କୁ ଜାତିକୁ ଫେରିବା ପାଇଁ କହିଥିଲେ।

## ସମର୍ଥକଙ୍କଠାରୁ ବିଦେଶୀ ମଦ ସଂଗ୍ରହ କରୁଛନ୍ତି ଟିକିଟି ବିଜେପି ବିଧାୟକ ପ୍ରାର୍ଥୀ

**ଭୁବନେଶ୍ୱର, ୧୨।୫ (ସମିସ):** ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ମତଦାତାମାନଙ୍କୁ ପ୍ରଭାବିତ କରିବା ପାଇଁ ଅପଚେଷ୍ଟା ଚଳାଇଛନ୍ତି ବିଜେପି ନେତା। ଯେନତେନ ଉପାୟରେ ସେମାନେ ମତଦାତାମାନଙ୍କୁ ମନେଇବାକୁ ଉଦ୍ୟମ କରୁଛନ୍ତି ବୋଲି ବିଜେଡି ଅଭିଯୋଗ କରିବା ସହ ଟିକିଟି ବିଜେପି ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଜେଡିର ପ୍ରତିନିଧି ଦଳ ଆଜି ରାତିରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛି। ବିଜେଡି କହିଛି ଯେ ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ସାମନ୍ତରାୟ ବିଜେପିର ଜଣେ ସମର୍ଥକଙ୍କଠାରୁ ବିଦେଶୀ ମଦ ସଂଗ୍ରହ କରିଛନ୍ତି। ଆଉ ଦିନକ ପରେ ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ମତଦାନ ହେଉଥିବା ବେଳେ ଶ୍ରୀ ସାମନ୍ତରାଙ୍କ କାର୍ଯ୍ୟକଳାପ ଆଦର୍ଶ ଆଚରଣବିଧିର ଉଲ୍ଲଙ୍ଘନ କରୁଛି। ଏହି ଲୋକସଭା କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ପ୍ରଦୀପ ପାଣିଗ୍ରାହୀ କ୍ରମାଗତ ଭାବେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଅନୈତିକ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ଶାନ୍ତିପୂର୍ଣ୍ଣ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନାରେ ବିଜେପି ନେତାମାନେ ବାଧା ସୃଷ୍ଟି କରିବା ଆଶଙ୍କା ରହିଛି। ତେଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ବିଜେଡି କହିଛି। ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଓ ସୁଲତା ଦେଓ, ଡ.ପ୍ରିୟବ୍ରତ ମାଝୀ, ଓମ୍ ପ୍ରକାଶ ସାହୁ, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ମାହିକ୍ଷୀତା ମିଶ୍ର, ମିହିର ରାୟ ପ୍ରମୁଖ ସାମିଲ ହୋଇଥିଲେ।

**ଅନିଶ୍ଚିତତାରେ ତାଳଚେର-ବିମଳାଗଡ଼ ରେଳପଥ**

# ୨୦ ବର୍ଷରେ ସରିଛି ମାତ୍ର ୩୩ କିମି

**ଅନୁଗୋଳ,୧୨।୫(ସମିସ):** ପଦ୍ମ ଘୁଞ୍ଚିଘୁଞ୍ଚି ଗଲା ପରି ମନ୍ଥର ଗତିରେ ଚାଲିଛି ତାଳଚେର-ବିମଳାଗଡ଼ ରେଳପଥ କାମ। କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଏଠି ପାଣିର ଗାର ପାଲଟିଛି। ଅପରପକ୍ଷେ, ଧାର୍ଯ୍ୟ ସମୟରେ ରେଳପଥ କାର୍ଯ୍ୟ ନସରିବା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତାଳଚେର ଓ ଓଡ଼ିଶା ପ୍ରତି କେନ୍ଦ୍ରର ଆଉ ଏକ ଅବହେଳା ଏହି ରେଳପଥ କାର୍ଯ୍ୟରୁ ସ୍ପଷ୍ଟ ବାରି ହେଉଛି।

କଳାହୀରାର ସହର ତାଳଚେର ଦୀର୍ଘ ବର୍ଷ ଧରି ଅର୍ଥନୈତିକ ମାନଚିତ୍ରରେ ନିଜର ସ୍ୱତନ୍ତ୍ର



ସ୍ଥାନ ବଜାୟ ରଖିଛି। ଏଠି ଭରି ରହିଛି ଏକାଧିକ କୋଇଲା ଖଣି, ଶିଳ୍ପ ଏବଂ କଳ କାରଖାନା। ଖଣି ଏବଂ କଳ କାରଖାନା ଯୋଗୁଁ ବାପା ଜେଜେବାପା ଅମଳର ଭିଟାମାଟିକୁ ହରାଇ ବିସ୍ଥାପିତ ହୋଇଛନ୍ତି ସ୍ଥାନୀୟ ଲୋକେ। କିନ୍ତୁ ସାଧାରଣ ଜନତାଙ୍କୁ ଏଠି ମିଳୁଛି କୋଇଲା ଖଣି ଏବଂ କଳ କାରଖାନାରୁ ନିର୍ଗତ ଧୂଳିଧୂଆଁ। କେନ୍ଦ୍ର ସରକାର ତାଳଚେରରୁ ଦୈନିକ କୋଟି କୋଟି ଟଙ୍କାର ରାଜସ୍ୱ ନେଉଥିଲେ ମଧ୍ୟ ତାଳଚେର ପ୍ରତି ବୈମାତୃକ ମନୋଭାବ ଦେଖାଇ ଆସୁଛନ୍ତି। ତାଳଚେରବାସୀ ଏଠି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରତିଟି କ୍ଷେତ୍ରରେ ତାଳଚେରବାସୀଙ୍କୁ ସହିବାକୁ ପଡୁଛି କେନ୍ଦ୍ରର ପ୍ରତାରଣା। ତାଳଚେର ସାର କାରଖାନାଠାରୁ ଆରମ୍ଭ କରି ଘଣ୍ଟପଡ଼ା ରେଲୱେ ଓଭରବ୍ରିଜ୍ କିମ୍ବା ତାଳଚେର ଥର୍ମାଲ ପାୱାର ଷ୍ଟେସନଠାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ; ସବୁଠି ଅଧାପନ୍ତରିଆ ହୋଇ ପଡ଼ି ରହିଛି କାମ। ସେଥିରୁ ତାଳଚେର-ବିମଳାଗଡ଼ ରେଳପଥର ଧିମା କାମ ଅନ୍ୟତମ।

ପାସେଞ୍ଜର୍ ଟ୍ରେନ୍ ଭଳି ଧକେଇ ଧକେଇ ଚାଲିଛି ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ। ୧୯୬୯ ମସିହାରୁ ଏହି ପ୍ରକଳ୍ପ ପାଇଁ ଆନ୍ଦୋଳନ ହୋଇଆସୁଥିବା ବେଳେ ୨୦୦୨ ମସିହାରେ ପ୍ରସ୍ତାବ ଗୃହୀତ ହୋଇ ବଜେଟ ବ୍ୟବସ୍ଥା କରାଯାଇଥିଲା। ୨୦୦୩-୦୪ ଆର୍ଥିକ ବର୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଆଜକୁ ୨୦ବର୍ଷ ବିତିଯାଇଥିଲେ ହେଁ ସମଲ ଷ୍ଟେସନ ପର୍ଯ୍ୟନ୍ତ ମାତ୍ର ୩୩.୯୨୦ କିମି କାର୍ଯ୍ୟ ଶେଷ ହୋଇଛି। ତାଳଚେରରୁ ଦେବଗଡ଼, ସୁନ୍ଦରଗଡ଼ ଦେଇ ଯିବାକୁ ଥିବା ବିମଳାଗଡ଼ ଷ୍ଟେସନର ଦୂରତା ପ୍ରାୟ ୧୪୯.୭୮୦ କିଲୋମିଟର ହୋଇଥିବା ବେଳେ ୨୦୦୭-୦୮ ମସିହାରେ ତାଳଚେରଠାରୁ ସୁନାଖଣି ଷ୍ଟେସନ ପର୍ଯ୍ୟନ୍ତ ମାତ୍ର ୧୭.୬୨ କିମି କାର୍ଯ୍ୟ ଶେଷ ହୋଇଥିଲା। ପରେ ୨୦୦୮ ରୁ ଆଜକୁ ୧୬ ବର୍ଷ ଭିତରେ କାମ ଆଗେଇଛି ମାତ୍ର ୧୬.୩୦ କିମି (ସମଲ ଷ୍ଟେସନ ପର୍ଯ୍ୟନ୍ତ)।

ତାଳଚେର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ପ୍ରେମାନନ୍ଦ ଉର୍ମାଙ୍କ ସୂଚନା ଅନୁଯାୟୀ. ତାଳଚେରଠାରୁ ଅନୁଗୋଳ ଜିଲ୍ଲାର ସୀମା ଜୟପୁରା ପର୍ଯ୍ୟନ୍ତ ବେସରକାରୀ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି। ଅନୁଗୋଳ ଜିଲ୍ଲାର ପ୍ରାୟ ୬୭ ଗ୍ରାମର ୫୪୯.୮୬୫ ଏକର ଜମି ଅଧିଗ୍ରହଣ ସରିଛି। ଜମି ଅଧିଗ୍ରହଣ ସତ୍ତ୍ୱେ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ନକରି ବାରମ୍ବାର କେନ୍ଦ୍ରୀୟ ନେତାମାନେ ଜମି ଅଧିଗ୍ରହଣକୁ ଢାଲ କରି ନିର୍ବାଚନ ବୈତରଣୀ ପାର୍ ହେବାକୁ ଚେଷ୍ଟା କରୁଛନ୍ତି। ସବୁଠାରୁ ଦୁଃଖର ବିଷୟ, ତାଳଚେରର କଣିହାଁଠାରେ ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ତାପଜ ବିଦ୍ୟୁତ କେନ୍ଦ୍ର ଏନ୍‌ଟିପିସି ଥିବା ବେଳେ କଣିହାଁ କିମ୍ବା ଏନ୍‌ଟିପିସି ଅଞ୍ଚଳବାସୀଙ୍କ ପାଇଁ ଯାତ୍ରୀବାହୀ ଟ୍ରେନ୍ ସ୍ୱପ୍ନ ପାଲଟିଛି। ଭିତ୍ତିଭୂମି ଥାଇ ମଧ୍ୟ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ର ସରକାର ଇଚ୍ଛା

- କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର
- ଭିତ୍ତିଭୂମି ସତ୍ତ୍ୱେ କଣିହାଁକୁ ଗଡ଼ିପାରୁନି ଟ୍ରେନ୍
- ନିଜ ଗାଁକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଉପେକ୍ଷା

ପ୍ରକାଶ କରୁନାହାନ୍ତି। କଣିହାଁ ବ୍ଲକ ଅନ୍ତର୍ଗତ ଅଧିବାସୀମାନେ ଟ୍ରେନ୍ ପାଇଁ ତାଳଚେର କିମ୍ବା ତାଳଚେର ରୋଡ୍ ଷ୍ଟେସନ୍ ଉପରେ ନିର୍ଭର କରୁଛନ୍ତି।

କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଗ୍ରାମ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗ୍ରାମ। କିନ୍ତୁ ଏହି ଅଞ୍ଚଳର ବାସିନ୍ଦା ହୋଇ ମଧ୍ୟ ରେଳପଥର କାମ ତ୍ୱରାନ୍ୱିତ ଦିଗରେ ସେ ଦୃଷ୍ଟି ଦେଉନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। କିଛି ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା ହେଲା, କେବଳ ନିର୍ବାଚନ ଆସିଲେ କେନ୍ଦ୍ରୀୟ ନେତାମାନଙ୍କ ତାଳଚେର ବିକାଶ କଥା ମନେପଡ଼େ। ରାଜ୍ୟ ସରକାରଙ୍କୁ ଦୋଷ ଦେଇ ସେମାନେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଚେଷ୍ଟା କରନ୍ତି। କିନ୍ତୁ ସାଧାରଣ ଭୋଟର୍ ଏକଥା ଭଲ ଭାବେ ଜାଣିସାରିଲେଣି। ଆଗାମୀ ନିର୍ବାଚନରେ ଅଞ୍ଚଳବାସୀ ଭୋଟ୍ ମାଧ୍ୟମରେ ଏହାର ଜବାବ ଦେବେ ବୋଲି ସେମାନେ କହିଛନ୍ତି।

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : BIJU JANATA DAL
*Name of Election : GENERAL ELECTIONS TO THE STATE LAGISLATIVE ASSEMBLY OF ODISHA -2024
Name of State : ODISHA

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 110-PIPILI Assembly Constituency | SHRI RUDRA PRATAP MAHARATHY | JMFC (Pipili); GR Case No – 441/2008; Final Report submitted | U/s- 147-Rioting, 341 – Wrongful Restraint, 323 – Voluntarily Causing Hurt, 294 – Obscene Acts & Songs, 379 – Theft, 506 – Criminal Intimidation, 109- Abatement, 149 – Unlawful Assembly. | NA | NA | NA |
| 2 | | | JMFC (Pipili) GR Case No – 582/2012 Final Report submitted | 147 –Rioting, 148 – Rioting armed with a deadly weapon, 294 – Obscene Acts & Songs, 427- Mischief causing damage to the amount of Rs 50/-, 506 – Criminal Intimidation, 435 – Mischief by fire or Explosive Substance with intent to cause damage to an amount of Rs 100/-, 149 – unlawful Assembly, 9(b) I.E Act possessing, using, selling or transporting any explosive, Sec 25, 27 Arms Act – Any arms or Ammunition of any class or description in contravention of sec 11 & 5 of the Act. | | | |
| 3 | | | JMFC (Pipili) GR Case No – 581/2012 Final Report submitted | 147 – Rioting, 148- Rioting armed with deadly weapon, 341 – Wrongful restraint, 323- Voluntarily Causing Hurt, 294 – Obscene Acts & Songs, 307- Attempt to Murder, 354 - Assault or use of Criminal force to a woman with intent to outrage her modesty. 395 – Dacoity, 427 – Mischief causing damage to the amount of Rs 50/-, 435 – Mischief by fire or explosive Substance with intent to damage one amount of Rs 100/- 506 – Criminal intimidation, 149 – Unlawful Assembly 9(b) I.E Act possessing, using, selling or transporting any explosive, Sec 25, 27 Arms Act – Any arms or Ammunition of any class or description in contravention of sec 11 & 5 of the Act. | | | |

*In the case of election of Council of States or election to legislative Council by MLAs, mention the election concerned in place of constituency.

Sd/-
(Dr. SASMIT PATRA)
General Secretary,
Biju Janata Dal, Odisha

N. B. -The above information may be given by the candidate for the necessary action at the end of Party.



# ଆବେଗର ପରିଭାଷା ମା’

ଭୁବନେଶ୍ୱର, ୧୨।୫(ସମିସ): ମା’ କେବଳ ଏକ ଉଚ୍ଚାରଣ ନୁହେଁ, ଏହା ଆବେଗର ପରିଭାଷା। ଯାହାର ପଣତକାନି ତଳେ ସନ୍ତାନର ସବୁ ଦୁଃଖ ଯନ୍ତ୍ରଣା ଲୁଚିଯାଏ। କଥାରେ ଅଛି ମା’ ଅଛି ଯାହାର ଡର ନାହିଁ ତାହାର। ମା’ର ଋଣ ଜନ୍ମ ଜନ୍ମ ବିତିଗଲେ ବି ଶୁଝି ହୁଏନି। କାରଣ ପିଲାଟିଏ ମା’ କୋଳକୁ ଆସିବା ଆଗରୁ ମାନସିକ, ଶାରିରୀକ ଓ ଆର୍ଥିକ ଭାବେ ଅନେକ ଘାତ ପ୍ରତିଘାତ ଆସିଥିଲେ ମଧ୍ୟ ଏସବୁକୁ ଏଡ଼ାଇ ମା’ ଟିଏ ଶେଷ ନିଃଶ୍ୱାସ ନେବା ପର୍ଯ୍ୟନ୍ତ ତା ପିଲାର ମଙ୍ଗଳ କାମନା କରେ। କିନ୍ତୁ ସନ୍ତାନକୁ ଦୁନିଆକୁ ଆଣିଥିବା ଓ ସମାଜରେ ଛିଡ଼ା କରାଇବାକୁ ନିଜକୁ ତିଳ ତିଳ କରି ଜାଳିଥିବା ମା’ ଯେ ଦିନେ ପିଲାମାନଙ୍କ ଅନୁପସ୍ଥିତିରେ ଯନ୍ତ୍ରଣା ଜର୍ଜରିତ ଜୀବନ ବିତାଏ, ତାହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ବିଶ୍ୱ ମାତୃତ୍ୱ ଦିବସରେ ଏମିତି କିଛି ମା’ଙ୍କ ସମ୍ପର୍କରେ...

## ଆଦିବାସୀ ପଲ୍ଲୀରେ ଯଶୋଦା ମା’ ସନ୍ତୋଷିନୀ



ସନ୍ତୋଷିନୀଙ୍କ ଘର କଳାହାଣ୍ଡି, ସେ ଦୀର୍ଘ ବର୍ଷ ହେବ ଭୁବନେଶ୍ୱର ଫରେଷ୍ଟ ପାର୍କ ଅଞ୍ଚଳରେ ରୁହନ୍ତି। ବୃଦ୍ଧ ବୟସରେ ନିଜ ବାପା ମା’ ଙ୍କ ସେବା କରିବାକୁ ସେ ଚାଲି ଆସିଥିଲେ ରାଜଧାନୀ। ହେଲେ ମୁଣ୍ଡ ଉପରୁ ବାପା ମାଙ୍କ ହାତ ତ ଚାଲିଗଲା, ତାସାଙ୍ଗରେ ନିଜର କୋଳ ବି ଶୂନ୍ୟ ହୋଇଗଲା। ବିବାହର ୧୩ ବର୍ଷ ପରେ ଅନେକ ଦିଅଁ ଦେବତା ପୂଜା କରି କନ୍ୟା ସନ୍ତାନ ପାଇଥିଲେ ବି ସେ ସୁଖ ବେଶୀ ଦିନ ରହିଲା ନାହିଁ। ଏକ ଦୁର୍ଘଟଣାରେ ୭ବର୍ଷର ଝିଅ ଚିନ୍ମୟୀ ଆରପାରିକୁ ଚାଲିଗଲା ପରେ ସନ୍ତୋଷୀଙ୍କ ପାଇଁ ଚାରି ଦିଗ ଅନ୍ଧକାର ପାଲଟିଗଲା। ପରେ ସେ ଜଣେ ଗୁରୁଙ୍କ ନିକଟକୁ ଯାଇଥିଲେ। ତାଙ୍କ ପରାମର୍ଶରେ ଯଶୋଦା ମା’ ହୋଇ ଆଜି ଅନେକ ଗରିବ, ଅସହାୟ ପିଲାଙ୍କ ମା ହୋଇପାରିଛନ୍ତି। ସେବେଠାରୁ ସନ୍ତୋଷୀ ଗରିବ ପିଲାଙ୍କୁ କୋଳେଇ ନେଲେ। ଯେଉଁମାନେ ଅର୍ଥ ଅଭାବରୁ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ପାଠ୍ୟ ଉପକରଣ ସମେତ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ତାଙ୍କ ସହାୟତାରେ ୨ଜଣ ଛାତ୍ର ବି ଟେକ୍ ପଢୁଥିବା ବେଳେ ଜଣେ ଛାତ୍ରୀ ବି ଫର୍ମା କରୁଛନ୍ତି। ଏହା ବ୍ୟତୀତ ରାଜଧାନୀ ଉପକଣ୍ଠ ଚନ୍ଦକା ଜଙ୍ଗଲ ମଧ୍ୟରେ ଥିବା ଆଦିବାସୀ ଗ୍ରାମ କନ୍ଦଲେଇର ଗରିବ ପିଲାଙ୍କ ଯଶୋଦା ମା’ ପାଲଟିଛନ୍ତି ସନ୍ତୋଷୀ। ସେ ତାଙ୍କ ଝିଅ ନା’ରେ ଏକ ଫାଉଣ୍ଡେସନ୍ ‘ଚିନ୍ମୟୀ ଫାଉଣ୍ଡେନ’ ଗଠନ କରୁଛନ୍ତି। ଏଭଳି କାର୍ଯ୍ୟ କରି ପିଲାମାନଙ୍କ ଭିତରେ ନିଜ ଝିଅକୁ ପାଉଛନ୍ତି ବୋଲି କହିଛନ୍ତି।

## ପୁଅର ସ୍ମୃତିରେ ସଡ଼କ ସୁରକ୍ଷା ସଚେତନତା



ସେହିପରି ଆଉ ଜଣେ ମା’ ହେଉଛନ୍ତି ରାଜଧାନୀର ଅମୀୟବାଳା। ପେଶାରେ ସେ ଜଣେ ଅଧ୍ୟକ୍ଷା। ଏକ ଟ୍ରକ୍ ଦୁର୍ଘଟଣାରେ ୧୮ ବର୍ଷର ପୁଅକୁ ହରାଇଥିଲେ। ସେ ତାଙ୍କ ପୁଅ ଗିରିଜାଙ୍କ ନାମରେ ଏକ ଟ୍ରଷ୍ଟ କରି ସଡ଼କ ସୁରକ୍ଷା ନେଇ ସଚେତନ କରାଉଛନ୍ତି।

୨୦୧୯ ମସିହା ମେ ମାସରେ ଏକ ଦୁର୍ଘଟଣା ଅମୀୟବାଳାଙ୍କ ଜୀବନର ଗତି ବଦଳାଇଦେଲା। ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଗିରିଜା ସାଙ୍ଗମାନଙ୍କ ସହ ବାଇକ୍‌ରେ ଯାଉଥିବା ସମୟରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ପୁଅ ଗିରିଜା ନାମରେ ‘ମାଷ୍ଟର ଗିରିଜା ମେମୋରିଆଲ ରୋଡ୍ ସେଫଟି ଫାଉଣ୍ଡେସନ୍’ ଗଠନ କରି ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି।

## ମାତୃ ଦିବସରେ କନ୍ୟାଦାନ କଲେ ଯଶୋଦା ମା’ ନିବେଦିତା



ମାତୃ ଦିବସରେ ଜଣେ ମା’ କନ୍ୟାଦାନ କରି ନିଜର ମହାନତା ଦେଖାଇଛନ୍ତି। ନିଜର ନହୋଇ ବି ଆଜି ଯଶୋଦା ମା’ ସାଜି ପ୍ରକୃତ ମା’ଠାରୁ କିଛି କମ୍ କରିନାହାନ୍ତି ବୋଲି ମତଦେଇ ପ୍ରଶଂସା କରିଛନ୍ତି ଅଞ୍ଚଳବାସୀ। ୨୦୦୭ରେ ଚନ୍ଦ୍ରଶେଖରପୁର ବିଡିଏ କଲୋନୀରେ ଗ୍ୟାସ୍ ଟାଙ୍କି ଫାଟି ଏକ ଦମ୍ପତିଙ୍କର ମୃତ୍ୟୁ ହୋଇଥିଲା। ଏଭଳି ଦୁଃଖଦ ସମୟରେ ପିତୃମାତୃ ହରା ତିନୋଟି ସନ୍ତାନଙ୍କର ପାଠ ପଢ଼ାର ସମସ୍ତ ବ୍ୟବସ୍ଥା କରିଥିଲେ ଯଶୋଦା ମା’ ନିବେଦିତା ଲେଙ୍କା। ସେହି ସନ୍ତାନଙ୍କ ମଧ୍ୟରୁ ଝିଅ ତୃପ୍ତିମୟୀ ପଣ୍ଡାଙ୍କୁ ଆଜି ବିବାହ ଦେଇ କନ୍ୟାଦାନ କରିଛନ୍ତି ନିବେଦିତା। ଆଜି ମାତୃ ଦିବସରେ ଭିନ୍ନ ଏକ ମାତୃତ୍ୱର ଉଦାହରଣ ପାଲଟିଛନ୍ତି ସେ। ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ପାଳିତ ଝିଅ ତୃପ୍ତିମୟୀ ପଣ୍ଡା। ଶ୍ରୀମତୀ ଲେଙ୍କା ଭାବପ୍ରବଣ ହୋଇ କହିଛନ୍ତି, ସେ ଯଶୋଦା ମାଆ ହେବାର ପ୍ରଥମ ପରିଚୟ ହିଁ ଏହି ଝିଅ ଠାରୁ ପାଇଥିଲେ। ଏହି ବିବାହ କାର୍ଯକ୍ରମରେ ଯଶୋଦା ମାଆ ଫାଉଣ୍ଡେସନର ସଦସ୍ୟମାନେ ସହଯୋଗ କରିଥିଲେ।

## ଲୋକ ଅଦାଲତରେ ୩୮ ହଜାର ମାମଲାର ଫଇସଲା

ଭୁବନେଶ୍ୱର, ୧୨।୫(ସମିସ): ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭୁବନେଶ୍ୱରଙ୍କ ପକ୍ଷରୁ ଶନିବାର ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଜିଲ୍ଲା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିଶିଥ୍ ନିଶଙ୍କ ନିର୍ଦ୍ଦେଶରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଇନ୍ ସେବା ଶ୍ରୀ ନିଶଙ୍କ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ସଚିବ ସୌଦାମିନୀ ସିଂ ପରିଚାଳନା କରିଥିଲେ। ଲୋକ ଅଦାଲତରେ ପ୍ରାୟ ସମସ୍ତ ବର୍ଗରୁ ୫୫ ହଜାର ୯୫୦ଟି ମାମଲା ଅଦାଲତରେ ଆଗତ କରାଯାଇ ସର୍ବମୋଟ ୩୮ ହଜାର ୪୩୬ଟି ମାମଲାର ଆପୋଷ ସମାଧାନ ମାଧ୍ୟମରେ ମାମଲା ଗୁଡ଼ିକର ଫଇସଲା ବିଭାଗୀୟ କୋର୍ଟ ମାନଙ୍କରେ ହୋଇଥିଲା। ଜରିମାନା ଓ ସେଟେଲ୍‌ମେଣ୍ଟ ବାବଦକୁ ୨୪ କୋଟି ୯୦ଲକ୍ଷ ୧୧ହଜାର ୯୩୮ଟଙ୍କା ସ୍ଥିରୀକୃତ ହୋଇଥିଲା। ତନ୍ମଧ୍ୟରୁ ୧୪୩୫ଟି ଫୌଜଦାରୀ ସାଲିସ୍‌ଯୋଗ୍ୟ ମାମଲା, ୫୨୭ଟି ଚେକ୍ ବାଉନ୍ସ, ୨୮ଟି ଗାଡ଼ିମୋଟର ଦୁର୍ଘଟଣା ମାମଲା, ୨୦୫ଟି ବ୍ୟାଙ୍କ ଋଣ, ୮୭ଟି ବୈବାହିକ (ଛାଡ଼ପତ୍ର ବ୍ୟତୀତ), ୧୪୫ଟି ଦେୱାନୀ, ୩୫ ହଜାର ୭୧୬ଟି ରାଜସ୍ୱ ମାମଲା ଓ ଅନ୍ୟାନ୍ୟ ଜନ ଉପଯୋଗ ୨୯୩ ମାମଲା ଫଇସଲା ହୋଇଥିଲା। ଲୋକ ଅଦାଲତର ସାମୂହିକ ସଫଳତା ପାଇଁ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ନିଶିଥ୍ ନିଶଙ୍କ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ, ଆଞ୍ଚଳିକ ବ୍ୟାଙ୍କ ପଦାଧିକାରୀ, ଟେଲିକମ୍ ଅଧିକାରୀ, ଆଇନଜୀବୀ, ପ୍ରତିପକ୍ଷ ଓକିଲ ଓ କୋର୍ଟ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ଦିନ ହେବାକୁ ଥିବା ଚଳିତ ବର୍ଷର ତୃତୀୟ ଲୋକ ଅଦାଲତ ଲାଗି ଆଗୁଆ ପ୍ରସ୍ତୁତ ହେବା ପାଇଁ ପରାମର୍ଶ ଦେଇଥିଲେ। ଆଇନସେବା ପ୍ରାଧିକରଣ ସଚିବ ସୌଦାମିନୀ ସିଂ ସହାୟତା କରିବା ସହ ସହାୟତା କରିଥିବା ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ।

## ‘ନୃତ୍ୟନିପୁଣା’ର ଗ୍ରୀଷ୍ମକାଳୀନ କର୍ମଶାଳା

ଭୁବନେଶ୍ୱର, ୧୨।୫(ସମିସ): ନୃତ୍ୟନିପୁଣା ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଗତ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟ ଗୁରୁ ଭରତ ଚରଣ ଗିରି, ଗାୟକ ଓ ପରୀକ୍ଷକ ଦିବ୍ୟ ରଞ୍ଜନ ପଟ୍ଟନାୟକ, ଓଡ଼ିଶୀ ବ୍ୟାଖାକାର ମମତା ଶତପଥୀ ଓ ବିଶିଷ୍ଟ କଣ୍ଠଶିଳ୍ପୀ ଅପର୍ଣ୍ଣା ତ୍ରିପାଠୀ ଅତିଥିଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ଯୋଗଦେଇଥିବା ସମସ୍ତ ନୃତ୍ୟଶିଳ୍ପୀମାନେ ୧୦ ଦିନରେ ଶିଖିଥିବା ନୃତ୍ୟକୁ ଦର୍ଶକମାନଙ୍କ ସମ୍ମୁଖରେ ପରିବେଷଣ କରିଥିଲେ। ଗୁରୁ ଡ. ପ୍ରିୟଙ୍କା ମିଶ୍ରଙ୍କ ପ୍ରଶିକ୍ଷଣରେ ଓ ପ୍ରତିମା ମିଶ୍ରଙ୍କ ପରିଚାଳନାରେ ଏହି ଗ୍ରୀଷ୍ମକାଳୀନ କର୍ମଶାଳା ସମ୍ପାଦିତ ହୋଇଥିଲା।



## ୟୁଥ୍ ଫର୍ ୱାଟର ପ୍ଲସ୍‌ର ‘ପୋଖରୀ’ ସମ୍ମିଳନୀ

ଭୁବନେଶ୍ୱର, ୧୨।୫(ସମିସ): ୟୁନିସେଫ୍ ପରିଚାଳିତ ୟୁଥ୍ ଫର୍ ୱାଟର ପ୍ଲସ୍ ପକ୍ଷରୁରୁ ପାଣ୍ଟିସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଓଡ଼ିଶା ପୋଖରୀ ସମ୍ମିଳନୀ ଆଚାର୍ଯ୍ୟ ବିହାରସ୍ଥିତ ଆଇଏମ୍‌ଏମ୍‌ଟି ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ପୋଖରୀ ନବୀକରଣ, ବର୍ଷାଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି, ପୋଖରୀକୁ ନେଇ ଯୁବ ସମ୍ପ୍ରଦାୟର ଯୋଗଦାନ ଆଦି ବିଷୟବସ୍ତୁକୁ ନେଇ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ୧୩୦ରୁ ଅଧିକ ଯୁବକ, ଯୁବତୀ, ଛାତ୍ରଛାତ୍ରୀ, ସରକାରୀ ଓ ବେସରକାରୀ ସଂଗଠନର ଅଧିକାରୀ ଉପସ୍ଥିତ ଥିଲେ। ସମ୍ମିଳନୀରେ ପଣ୍ଡ ମ୍ୟାନ୍ ଅଫ୍ ଇଣ୍ଡିଆ ରାମଭିର୍ ତନୱାର ଦିଲ୍ଲୀରୁ ଆସି ଏହି ସଭାରେ ଯୋଗ ଦେଇଥିଲେ। ଏଥିରେ ପ୍ରଥମେ ୱାସ୍ ଆଣ୍ଡ କ୍ଲାଇମେଟ ଚେଞ୍ଜ, ଏନ୍‌ଭର୍ଣ୍ଣମେଣ୍ଟ ସଷ୍ଟେନବିଲିଟି, ୟୁନିସେଫ୍ ଓଡ଼ିଶାର ସିପ୍ରା ସକ୍ସେନା ସ୍ୱାଗତ ଭାଷଣ ଦେଇଥିଲେ। କ୍ୟାମ୍ପେନ୍ ମ୍ୟାନେଜର ଧର୍ମାନନ୍ଦ ସୁନ୍ଦରରାୟ ୟୁଥ୍ ଫର୍ ୱାଟର ପ୍ଲସ୍ କ୍ୟାମ୍ପେନ୍ ଉପରେ ବିବରଣୀ ଦେଇଥିଲେ। ପାଣ୍ଟିସ୍‌ର ପ୍ରତିଷ୍ଠାତା ଓ ମୁଖ୍ୟ ଷ୍ଟାଲିନ ନାୟକ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଯାଜପୁର ଜିଲ୍ଲାର ଗୋବର୍ଦ୍ଧନ ପଞ୍ଚାୟତ ଅଧୀନରେ ଥିବା ତାରି ଗାଁର ୨୩ବର୍ଷୀୟ ଲକ୍ଷ୍ମୀ ବୁଡୁଲିଙ୍କୁ ଓଡ଼ିଶା ପଣ୍ଡ ଓମେନ୍ ଭାବେ ଘୋଷଣା କରାଯାଇଥିଲା। ଏହା ସହିତ ପୋଖରୀ ସମ୍ବଳିତ ତଥ୍ୟ ଏବଂ ବିଭିନ୍ନ ଜିଲ୍ଲାର ଯୁବକ ଯୁବତୀଙ୍କ ଦ୍ୱାରା ଲେଖା ହୋଇଥିବା ସତ ଗପକୁ ନେଇ ‘ଆମ ପୋଖରୀ କଥା’ ବହି ଉନ୍ମୋଚନ ହୋଇଥିଲା। ଶେଷରେ ୱାର୍ଲ୍ଡ ୱାଟର୍ ଡେ ପରିପ୍ରେକ୍ଷୀରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।



## ବିଭୂତି ପଟ୍ଟନାୟକ ପାଇବେ ‘ପରୀକ୍ଷିତ ଜେନା ବାଣୀଚିତ୍ର ସ୍ମୃତି ସମ୍ମାନ’

ଭୁବନେଶ୍ୱର, ୧୨।୫(ସମିସ): ବୁଧବାର ସ୍ଥାନୀୟ ରବୀନ୍ଦ୍ରମଣ୍ଡପଠାରେ ୫୬ ତମ ବାର୍ଷିକ ଉତ୍ସବ ଏବଂ ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବେଶେଷ ଓ ୨୦୨୩ରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠତ୍ୱ ଲାଭ କରିଥିବା କଳାକାର, ପ୍ରଯୋଜକ, ନିର୍ଦ୍ଦେଶକ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏ ନେଇ ଏକ କାର୍ଯ୍ୟକ୍ରମ ଆସନ୍ତା ୧୫ରେ ଅନୁଷ୍ଠିତ ହେବ। ଉତ୍ସବରେ ସାହିତ୍ୟ ଓ ଚଳଚ୍ଚିତ୍ରରେ ଡ. ବିଭୂତି ପଟ୍ଟନାୟଙ୍କୁ ‘ପରୀକ୍ଷିତ ଜେନା ବାଣୀଚିତ୍ର ସ୍ମୃତି ସମ୍ମାନ- ୨୦୨୪’ ପ୍ରଦାନ କରାଯିବ। ଚଳଚ୍ଚିତ୍ର, ନାଟକ, ନୃତ୍ୟ, ସଙ୍ଗୀତ ବ୍ୟତୀତ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ମାନିତ କରାଯିବ।

### ଓୟୁଟିଆର୍‌ରେ ମିଳୁନି ସୁବିଧା

## ଅଧାରୁ ପାଠ ଛାଡୁଛନ୍ତି ଦିବ୍ୟାଙ୍ଗ ଶିକ୍ଷାର୍ଥୀ

ଭୁବନେଶ୍ୱର, ୧୨।୫(ସମିସ): ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଯାତାୟାତ ପାଇଁ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର୍) ରେ ନାହିଁ ପର୍ଯ୍ୟାପ୍ତ ସୁବିଧା। ଅନେକ ଦିନ ପର୍ଯ୍ୟନ୍ତ ଲିଫ୍ଟ ଅଚଳ ରହୁଛି। ଉପର ମହଲାକୁ ଉଠିବା ପାଇଁ ଷ୍ଟେୟାର ନାହିଁ। ଭିନ୍ନକ୍ଷମଙ୍କ ପାଇଁ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ମଧ୍ୟ ନାହିଁ। କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଅଧାରୁ ପାଠ ଛାଡ଼ିବାକୁ ପଡ଼ିଛି ବୋଲି ଶିବମ୍ ପଟ୍ଟନାୟକ ନାମକ ଜଣେ ପ୍ରାକ୍ତନ ଛାତ୍ର ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୩-୨୪ ଶିକ୍ଷାବର୍ଷରେ ମ୍ୟାଥ୍‌ମେଟିକସ୍ ଆଣ୍ଡ କମ୍ପ୍ୟୁଟିଙ୍ଗ୍ ପାଠ୍ୟକ୍ରମରେ ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି କରିବାକୁ ଶିବମ ନାମଲେଖାଇଥିଲେ। ଚତୁର୍ଥ ମହଲାରେ ତାଙ୍କର ପାଠପଢ଼ା ହେଉଥିଲା। ସେଠାକୁ ଯିବାପାଇଁ ଲିଫ୍ଟ ଅଚଳ ଥିବାରୁ ବିଭାଗୀୟ ମୁଖ୍ୟଙ୍କୁ ଜଣାଇଥିଲେ। ଥିଓରୀ କ୍ଲାସ୍ ତଳ ମହଲାରେ କରିବାକୁ ସହମତ ହୋଇଥିଲେ ମଧ୍ୟ ପ୍ରାକ୍ଟିକାଲ କରିବାକୁ ଚତୁର୍ଥ ମହଲାକୁ ଯିବାକୁ ପଡୁଥିଲା। ବହୁ କଷ୍ଟରେ କିଛିଦିନ ଚତୁର୍ଥ ମହଲାକୁ ଯିବା ଆସିବା କରିବା ପରେ ଲିଫ୍ଟ ମରାମତି କରିବାକୁ ସେ କୁଳପତିଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗକୁ ହାଲୁକା ନେଇ ଲିଫ୍ଟ ସଜାଡ଼ିବା କାମ କୁଳପତିଙ୍କ ନୁହେଁ ବୋଲି କହି ଏଡ଼ାଇ ଯାଇଥିବା ସେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନିଆ ନଯିବା ତାଙ୍କୁ ମାନସିକ ଭାବେ ଚାପଗ୍ରସ୍ତ କରିଥିଲା। ଫଳରେ ସେ ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ ହେଇଥିବା କହିଛନ୍ତି। ଟିସି ନେବା ସମୟରେ ସମ୍ପୂର୍ଣ୍ଣ ନାମଲେଖା ଦେୟ ଫେରସ୍ତ କରିବା ପାଇଁ କୁଳପତି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ଟଙ୍କା ଫେରସ୍ତ କରାଯାଇ ନଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ କହିଛନ୍ତି, ସମ୍ପୃକ୍ତ ଛାତ୍ରଙ୍କ ଅଭିଯୋଗ ସମ୍ପର୍କରେ ସେ ଜାଣିନାହାନ୍ତି। ଦୁଇଟି ଲିଫ୍ଟ ସଠିକ୍ ଭାବେ ଚାଲୁଛି। ଯାନ୍ତ୍ରିକ ତ୍ରୁଟି ପାଇଁ କିଛି ସମୟ ବନ୍ଦ ହୋଇଥାଇପାରେ ବୋଲି କହିଥିଲେ।

## ବିନ୍ଦୁ ସାହିତ୍ୟ ସମାଜର ସାରସ୍ୱତ ଉତ୍ସବ

ଭୁବନଶ୍ୱେର, ୧୨।୫(ସମିସ): ରବିବାର ବିନ୍ଦୁ ସାହିତ୍ୟ ସମାଜ ପକ୍ଷରୁ ଦଶମ ସାରସ୍ୱତ ଉତ୍ସବ ଲୋହିଆ ଏକାଡେମୀଠାରେ ପାଳିତ ହୋଇଯାଇଛି। ବାଉରିବନ୍ଧୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ତଥା ଦୈନିକ ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇଆଇଏମ୍‌ସି, ଢେଙ୍କାନାଳର ନିର୍ଦ୍ଦେଶକ, ପ୍ରଫେସର ମୃଣାଳ ଚାଟାର୍ଜୀ ଓ ମୁଖ୍ୟବକ୍ତା ଭାବେ ଡଃ କାଳିପ୍ରସନ୍ନ ଶତପଥୀ ଯୋଗ ଦେଇଥିଲେ। ଉତ୍ସବରେ ବିନ୍ଦୁ ସାହିତ୍ୟ ସମାଜର ମୁଖପତ୍ର ‘ବିନ୍ଦୁ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ୨୦୨୩-୨୦୨୪ ପାଇଁ ‘ବିନ୍ଦୁ ସାହିତ୍ୟ ସମ୍ମାନ’ କବି ସଙ୍ଗୀତ ବଳଙ୍କୁ ପ୍ରଦାନ କରାଯାଇଛି। ‘ବିନ୍ଦୁ ପ୍ରତିଭା ସମ୍ମାନ-୨୦୨୩-୨୦୨୪‘, ସମୀର କୁମାର ଜେନା, କୁମୁଦିନୀ ଜୀ, ପ୍ରଭାତ ନଳିନୀ ମହାପାତ୍ର, କୈଳାସ ଚନ୍ଦ୍ର ସାହାଣୀ, ପ୍ରଦୀପ ସାହୁ, ସୁଜାତା ରାଉତରାୟ ଓ ଅଜିତା ମିଶ୍ରଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକାରୀ ସଭାପତି ଡ. ଶଶୀ ଭୂଷଣ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅରୁଣ କୁମାର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାହିତ୍ୟିକ ଭକ୍ତ ଚରଣ ମଲ୍ଲ, ସ୍ୱପ୍ନା ବେହେରା ଓ କବି ପୂର୍ଣ୍ଣାନନ୍ଦ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ବିଜନ ରାୟ।




## ଏନ୍‌ଆଇସି ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର, ୧୨।୫(ସମିସ): ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ପ୍ରତିଷ୍ଠା ଦିବସ ଅବସରରେ ଏକ ରକ୍ତଦାନ ଶିବିର କେନ୍ଦ୍ରର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଏନ୍‌ଆଇସି ନିର୍ଦ୍ଦେଶକ ଅଶୋକ ହୋତା, ରେଡକ୍ରସ୍ ସେକ୍ରେଟାରୀ ବିଭୂତି ଭୂଷଣ ପାଢ଼ୀ, ଏନ୍‌ଆଇସିର ଅଳକା ପ୍ରଧାନ, ସାମାଜସେବୀ ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ତଥା କ୍ୟାପିଟାଲ ହସ୍‌ପିଟାଲ ରକ୍ତ ଭଣ୍ଡାରର ଲାବ୍ ଟେକ୍ନିସିଆନ ପ୍ରଦୀପ କୁମାର ଦେହୁରୀ ରକ୍ତସଂଗ୍ରହରେ ସହଯୋଗ କରିଥିଲେ। ପ୍ରଦୀପ ଦେହୁରୀ ଓ ତାଙ୍କ ପତ୍ନୀ କ୍ଷଣପ୍ରଭା ଦେହୁରୀଙ୍କ ବିବାହ ବାର୍ଷିକ ଅବସରରେ ଉଭୟ ଦମ୍ପତିଙ୍କ ସମେତ ଏକାଧିକ ପୁରୁଷ ମହିଳା ରକ୍ତଦାନ କରିଥିଲେ।



### ବିଲଡର ସଂସ୍ଥା ଉପରେ ଆୟକର ଚଢ଼ଉ ଜାରି

## ମନି ଲଣ୍ଡରିଂ ମାମଲାରେ ତଦନ୍ତ କରିବ ଇଡ଼ି

ଭୁବନେଶ୍ୱର, ୧୨।୫(ସମିସ): ରାଜଧାନୀରେ ଏକ ବିଲ୍ଡର ସଂସ୍ଥା ଉପରେ ଆୟକର ବିଭାଗ ଚଢ଼ଉ କରିଛି। ଷ୍ଟଲୱାର୍ଟ ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ୍ ଉପରେ ଆୟକର ବିଭାଗ ଚଢ଼ଉ ଦ୍ୱିତୀୟ ଦିନରେ ଜାରି ରହିଛି। ଉକ୍ତ ସଂସ୍ଥାର ସମସ୍ତ ଆର୍ଥିକ କାଗଜପତ୍ର ଯାଞ୍ଚ କରୁଛି ଆଇଟି। ଗତକାଲି ମାଲିକଙ୍କୁ ପଚରାଉଚରା କରିଥିଲା ଆୟକର ବିଭାଗ। ଜଣେ ବ୍ୟାଙ୍କ କର୍ମଚାରୀରୁ କିଭଳି ଏତେ ବଡ଼ ସାମଗ୍ରୀ ସ୍ଥାପନ କଲେ, ତାହାର ଖୋଳତାଡ଼ କରୁଛି ଆୟକର ବିଭାଗ। ଏହି ମାମଲାରେ ମନିଲଣ୍ଡରିଂ ଲିଙ୍କ୍ ଆସିବା ପରେ ତଦନ୍ତ କରିବ ଇଡ଼ି। ଏନେଇ ଇଡ଼ିର ଅଧିକାରୀମାନେ ଆୟକର ବିଭାଗ ସହ କଥା ହେବା ସହ ଏହି ମାମଲା ଉପରେ ନଜର ରଖିଛନ୍ତି। ଏପରିକି ବିଲ୍ଡର ସଂସ୍ଥା ମାଲିକଙ୍କ ନାମରେ ଏକାଧିକ ହୋଟେଲ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଟିକସ ଫାଙ୍କି ଥିବା ଅଭିଯୋଗରେ ଏହି ଚଢ଼ଉ କରିଥିଲା ଆଇଟି।

## ଆର୍ଯ୍ୟ ସମାଜରେ ଶପଥ ଗ୍ରହଣ ଓ ସମ୍ବର୍ଦ୍ଧନା ସମାରୋହ



ଭୁବନେଶ୍ୱର, ୧୨।୫(ସମିସ): ସହିଦନଗରସ୍ଥିତ ଆର୍ଯ୍ୟସମାଜରେ ଶପଥ ଗ୍ରହଣ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବୈଦିକ ସଂସ୍କୃତି ଓ ବେଦର ପ୍ରଚାର ପ୍ରସାର ପାଇଁ ୧୮୭୫ ମସିହାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟସମାଜ ଏକ ଆନ୍ଦୋଳନରେ ପରିଣତ ହୋଇଛି। ଭୁବନେଶ୍ୱର ଆର୍ଯ୍ୟସମାଜର ସଭାପତି ତଥା ପ୍ରତିଷ୍ଠାତା ଇଂ ପ୍ରିୟବ୍ରତ ଦାସ ୩ଟି ମନ୍ତ୍ରର ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ଉପସ୍ଥିତ ଆର୍ଯ୍ୟସମାଜର ସମସ୍ତ ନୂତନ ସଦସ୍ୟ/ ସଦସ୍ୟାମାନଙ୍କୁ ଯୁଗ୍ମ ସମ୍ପାଦକ ଶନ୍ନୋ ଦେବୀ ମାନବତାର ନିତି ଦଶକ ଓ ଆର୍ଯ୍ୟସମାଜ ଦଶ ନିୟମର ମିଳିତ ଶପଥପାଠ କରାଇଥିଲେ। ନିୟମିତ ବେଦପାଠ କରିବା ସହ ସତସଙ୍ଗରେ ନିଜକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ସଭାପତି ଶ୍ରୀ ଦାସଙ୍କ ସମେତ ଉପସଭାପତି ଇଂ ବ୍ରଜବନ୍ଧୁ ପଣ୍ଡା, ସମ୍ପାଦକ ବୀରେନ୍ଦ୍ର କର, ଭଗବାନ ଆଚାର୍ଯ୍ୟ, ଅନିରୁଦ୍ଧ ପଟ୍ଟନାୟକ ଓ ସୁଧାକର ପତ୍ରୀ ପ୍ରମୁଖ ନୂତନ ସଦସ୍ୟ/ସଦସ୍ୟାମାନଙ୍କୁ ମାନପତ୍ର ଓ ପୁସ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବେଦର ପ୍ରଚାର ପ୍ରସାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ସମ୍ପାଦକ ଶ୍ରୀ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାପ୍ତାହିକ ସତ୍‌ସଙ୍ଗରେ ଯଜମାନ ଭାବେ ଯଜ୍ଞାନୁଷ୍ଠାନ କରିଥିଲେ ସୁଧାଂଶୁ ସାମନ୍ତରାୟ ଓ ଅରୁନ୍ଧତୀ ସାମନ୍ତରାୟ। ବୈଦିକ ଭଜନ ପରିବେଷଣ କରିଥିଲେ ଅଶ୍ୱିନୀ ପ୍ରଧାନ। ବରିଷ୍ଠ ସଦସ୍ୟ ସିଦ୍ଧାର୍ଥ ରଥ, ଜୟନ୍ତ ଦେ, ସଦସ୍ୟା ସୁପ୍ରିୟା ରଥ, ଲିତା ଦାସ, ନିହାରବାଳା ପତ୍ରୀ, ବାଣୀ ଦେ, ଡାକ୍ତର ଗୋପାଳ ଦାଶ ଓ ଡାକ୍ତର କାନନବାଳା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଯୁଗ୍ମ ସମ୍ପାଦକ ସୁନୀଲ ଦେ। ଶେଷରେ ଶାନ୍ତିପାଠ କରାଯାଇଥିଲା।

## ଆପାର୍ଟମେଣ୍ଟର ନୂତନ କର୍ମକର୍ତ୍ତା ନିର୍ବାଚନ



ଭୁବନେଶ୍ୱର, ୧୨।୫(ସମିସ): ରାଜ୍ୟ ସରକାରଙ୍କ ଆପାର୍ଟମେଣ୍ଟ ମାଲିକାନା ପରିଚାଳନା ଅଧିନିୟମ ଅନୁଯାୟୀ ସୁନ୍ଦରପୁରସ୍ଥିତ ଲାଇଫ୍ ଷ୍ଟାଇଲ ଅର୍କିଡ ଆପାର୍ଟମେଣ୍ଟର ୨୦୨୪-୨୬ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଭାବେ ଜୀବନ କୁମାର ମାହାପାତ୍ର ଏବଂ ପ୍ରଶାନ୍ତ କୁମାର ପଟ୍ଟନାୟକ ରଖାଯାଇଥିଲା ବେଳେ ସଭାପତି ଭାବେ ମନୋଜ କୁମାର ପାଳଙ୍କୁ ନିର୍ବାଚିତ କରାଯାଇଥିଲା। ସେହିପରି ଉପସଭାପତି ଭାବେ କମଳ ଲୋଚନ ଖୁଣ୍ଟିଆ, ସମ୍ପାଦକ ଆର୍ଯ୍ୟ ଶିଳାଦିତ୍ୟ, କ୍ୟାସିୟର ନଦିଆ ମେଗବେଲପୁର, ସଦସ୍ୟ ଭାବେ ପ୍ରଫେସର ସନ୍ତୋଷ କୁମାର ରାଉତ, ସୁନିଲ କୁମାର ସାହୁ, ତାରିଣୀ ଶଙ୍କର ସ୍ୱାଇଁଙ୍କୁ ନିର୍ବାଚିତ କରାଯାଇଥିଲା। ପ୍ରଭାତ କୁମାର ପଟ୍ଟନାୟକ ନିର୍ବାଚନ ପରିଚାଳନା କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୪ • ପାଉଣ୍ଡ ୧୦୪.୬୨
- ୟୁରୋ ୮୯.୯୮ • ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୨୫୦ (ଭୁବନେଶ୍ୱର)
- ରୁପା : ୯୦,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ 72,664.00
- ନିଫ୍ଟି 22,055.00



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ପୋଗୋ ଚ୍ୟାନେଲ୍ ଆରମ୍ଭ କରିବ 'ଜୟ ଜଗନ୍ନାଥ' କାର୍ଯ୍ୟକ୍ରମ




ମୁମ୍ବାଇ, ୧୨।୫(ଏଜେନ୍ସି): ଘରୋଇ ମନୋରଞ୍ଜନ ଚ୍ୟାନେଲ ପୋଗୋ ପ୍ରଭୁ ଜଗନ୍ନାଥଙ୍କୁ ଆଧାର କରି ଏକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଘୋଷଣା କରିଛି। 'ଜୟ ଜଗନ୍ନାଥ' ଶୀର୍ଷକ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତୀୟ ସଂସ୍କୃତି ଓ ଲୋକନୃତ୍ୟରୁ ଆରମ୍ଭ କରି ବନ୍ଧୁତା ପାଳନ ପର୍ଯ୍ୟନ୍ତ ନୂଆ ଆନିମେଟେଡ ସିରିଜ ଶିଶୁ ଓ ପରିବାର ଲାଗି ରୋମାଞ୍ଚକର ଅନୁଭୂତି ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା୨୦ ତାରିଖ ସକାଳ ୯.୩୦ରେ ହିନ୍ଦୀ, ତାମିଲ, ତେଲଗୁ, କନ୍ନଡ, ମରାଠି ଓ ମାଲାୟାଲମ ଆଦି ଛଅଟି ଭାଷାରେ ଏହା ପ୍ରସାରିତ ହେବ। ଟୁ ମିଡିଆ ଗ୍ରୁପ ସହଯୋଗରେ ଇଏଲଇ ଆନିମେଶନ ଦ୍ୱାରା ନିର୍ମିତ ଓ ୱାର୍ନର ବ୍ରୋସ ଆବିଷ୍କାର ପ୍ରସାରଣ ସହଭାଗୀ ଭାବରେ ଜୟ ଜଗନ୍ନାଥ ପୁରୀର ପ୍ରଭୁ ଜଗନ୍ନାଥଙ୍କ କାହାଣୀ ଦ୍ୱାରା ଏହା ଅନୁପ୍ରାଣିତ। ଜଗନ୍ନାଥଙ୍କ ବନ୍ଧୁତ୍ୱର କାହାଣୀରୁ ଦର୍ଶକ ଭରପୁର ଶିକ୍ଷା ଓ ଜଗନ୍ନାଥ ସଂସ୍କୃତିର ମହାନତାକୁ ଉପଲବ୍ଧ କରିପାରିବେ। ଏହି କାର୍ଯ୍ୟକ୍ରମରେ ଅଭିନୟ ସହିତ ହାସ୍ୟରସ ଓ ମୂଲ୍ୟବାନ ଜୀବନ କାହାଣୀର ଆନନ୍ଦ ଦାୟକ ମିଶ୍ରଣ, ଜୟ ଜଗନ୍ନାଥ ବିଶ୍ୱାସର ଶକ୍ତିର ଏକ ମନୋରମ ଅଭିଜ୍ଞତା ପ୍ରଦାନ କରାଯାଇଛି। ଏହି ଅବସରରେ ଦକ୍ଷିଣ ଏସିଆର କିଡ୍‌ସ କ୍ଲଷ୍ଟରର ମୁଖ୍ୟ ଉତ୍ତମ ପାଲ ସିଂ କହିଛନ୍ତି ଯେ ପୋଗୋ ସ୍ଥାନୀୟ କାହାଣୀ ଓ ପ୍ରତିଭାକୁ ନେଇ ଦର୍ଶକ ମହଲରେ ଚମ୍ପିୟନ ସାଜିଛି। ଏହିକ୍ରମରେ ପ୍ରଭୁ ଜଗନ୍ନାଥଙ୍କ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମ ସବୁ ମହଲକୁ ଆନନ୍ଦିତ କରିବ। ଯାହାକୁ ନେଇ ଆମର ପ୍ରତିବଦ୍ଧତା ରହିଛି ବୋଲି ସେ କହିଛନ୍ତି।

# ୬ କମ୍ପାନୀଙ୍କ ବଜାର ପୁଞ୍ଜି ୧.୭୩ ଲକ୍ଷ କୋଟି ହ୍ରାସ

ମୁମ୍ବାଇ,୧୨।୫(ଏଜେନ୍ସି)



ବିଗତ କିଛି ସପ୍ତାହ ଧରି ଭାରତୀୟ ଶେୟାର ବଜାର ଉତ୍ତମ ପ୍ରଦର୍ଶନ କରିବା ସହିତ ଦୁଇ ପ୍ରମୁଖ ସୂଚକାଙ୍କ ସେନସେକ୍ସ ଏବଂ ନିଫ୍ଟି ସ୍ଥିତିରେ ମଧ୍ୟ ଉନ୍ନତି ଘଟିଥିଲା। ତେବେ ବିଭିନ୍ନ କାରଣକୁ ନେଇ ଗତ ସପ୍ତାହରେ ଶେୟାର କାରବାର ହ୍ରାସ ପାଇବା ଏବଂ ପ୍ରମୁଖ କମ୍ପାନୀଗୁଡିକର ପୁଞ୍ଜି ପ୍ରତ୍ୟାହାର ଯୋଗୁ ଏହି ସ୍ଥିତିରେ ଅବନତି ଦେଖାଯାଇଛି। ଗତ ସପ୍ତାହରେ ହୋଇଥିବା କାରବାର ଅନୁସାରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ତାଲିକାଭୁକ୍ତ ୧୦ ପ୍ରମୁଖ କମ୍ପାନୀଙ୍କ ମଧ୍ୟରୁ ୬ଟି କମ୍ପାନୀର ବଜାର ପୁଞ୍ଜିରେ ସର୍ବାଧିକ ହ୍ରାସ ଘଟିବା ସାମଗ୍ରିକ ଭାବେ ଶେୟାର ବଜାର ସ୍ଥିତିରେ ଅବନତି ଆଣିଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁସାରେ ସପ୍ତାହକ ମଧ୍ୟରେ ଏହି ୬ଟି କମ୍ପାନୀର ମୋଟ ବଜାର ପୁଞ୍ଜିରେ ଅନୂନ୍ୟ ୧ ଲକ୍ଷ ୭୩ ହଜାର ୯୭ କୋଟି ଟଙ୍କା ହ୍ରାସ ପାଇଛି। ତେବେ ଏହି କମ୍ପାନୀଙ୍କ ମଧ୍ୟରୁ ଏଚଡିଏଫସି ଏବଂ ଏଲଆଇସି ସର୍ବାଧିକ କ୍ଷତିର ସମ୍ମୁଖୀନ ହୋଇଥିବା କୁହାଯାଇଛି। ଏଚଡିଏଫସିର ବଜାର ପୁଞ୍ଜିରେ ୬୦ ହଜାର ୬୭୮ କୋଟି ଟଙ୍କା ହ୍ରାସ ଘଟି ଏହା ୧୦ ଲକ୍ଷ ୯୩ ହଜାର ୨୬ କୋଟି ଟଙ୍କାକୁ ହ୍ରାସ ପାଇଥିଲା ବେଳେ ଏଲଆଇସି ବଜାର ପୁଞ୍ଜି ୪୩ ହଜାର ୧୬୮ କୋଟି ଟଙ୍କା ହ୍ରାସରେ ଏହାର ମୋଟ ବଜାର ପୁଞ୍ଜି ୫ ଲକ୍ଷ ୭୬ ହଜାର ୪୯ କୋଟି ଟଙ୍କାରେ ପହଞ୍ଚିଥିବା କୁହାଯାଇଛି। ଗତ ସପ୍ତାହରେ ଇକ୍ୱିଟି କାରବାରରେ ହ୍ରାସ

### ଏଚ୍‌ଡିଏଫ୍‌ସି , ଏଲ୍‌ଆଇସିର ସର୍ବାଧିକ ହ୍ରାସ

ଘଟିବାର ବିଏସଇ ସେନସେକ୍ସ ୧୨୧୩ ପଏଣ୍ଟ ହ୍ରାସ ପାଇବା ଘଟଣା ମଧ୍ୟ ପ୍ରମୁଖ କମ୍ପାନୀଙ୍କ ବଜାର ପୁଞ୍ଜି ସ୍ଥିତି ପାଇଁ ନକରାତ୍ମକ ପ୍ରଭାବ ଆଣିଛି। ଏଚଡିଏଫସି ଏବଂ ଏଲଆଇସି ବ୍ୟତୀତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ , ଆଇସିଆଇସିଆଇ ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ , ହିନ୍ଦୁସ୍ତାନ ୟୁନିଲିଭର, ଟିସିଏସ୍ ଏବଂ ଭାରତୀ ଏୟାରଟେଲ ଭଳି କମ୍ପାନୀଙ୍କ ବଜାର ପୁଞ୍ଜିରେ ହ୍ରାସ ଘଟିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ବଜାର ପୁଞ୍ଜିରେ ୩୬ ହଜାର ୯୪ କୋଟି ଟଙ୍କା ହ୍ରାସ ଘଟି ଏହାର ମୋଟ ବଜାର ପୁଞ୍ଜି ପରିମାଣ ୧୯ ଲକ୍ଷ ୪ ହଜାର ୬୪୩ କୋଟି ଟଙ୍କାକୁ ହ୍ରାସ ପାଇଥିଲା ବେଳେ ଆଇସିଆଇସିଆଇ ବ୍ୟାଙ୍କର ୧୭ ହଜାର ୫୬୭ କୋଟି ଏବଂ ଷ୍ଟେଟ ବ୍ୟାଙ୍କର ୧୧ ହଜାର ୭୮୦ କୋଟି ଟଙ୍କା ହ୍ରାସ ପାଇଛି। ସେହିପରି ଆଇଟିସି ବଜାର ପୁଞ୍ଜିରେ ମଧ୍ୟ ୩୮୦୭ କୋଟି ଟଙ୍କା ହ୍ରାସ ଘଟିଛି। ଅନ୍ୟପକ୍ଷରେ ହିନ୍ଦୁସ୍ତାନ ୟୁନିଲିଭରର ୩୩ ହଜାର ୨୭୦ କୋଟି ଟଙ୍କା ହ୍ରାସ ଘଟିବା ସହିତ ଟିସିଏସ୍‌ର ୨୦ ହଜାର ୪୪୨ କୋଟି,ଭାରତୀ ଏୟାରଟେଲ ୧୪ ହଜାର ୬୫୩ କୋଟି ଏବଂ ଇନଫୋସିସ୍‌ର ୩୬୧୧ କୋଟି ଟଙ୍କା ହ୍ରାସ ପାଇଥିବା କୁହାଯାଇଛି।

### ନିର୍ବାଚନ , ମୁଦ୍ରାସ୍ଫୀତି ଏବଂ କର୍ପୋରେଟ୍ ଫଳାଫଳ ସ୍ଥିର କରିବ ଚଳିତ ସପ୍ତାହର କାରବାର

ଗତ ସପ୍ତାହରେ ଶେୟାର କାରବାରରେ ଅବନତି ପରିଲକ୍ଷିତ ହୋଇଥିଲା ବେଳେ ଆଗାମୀ ସପ୍ତାହରେ ସ୍ଥିତି କିଭଳି ରହିବ ତାହାକୁ ନେଇ ବଜାର ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି। ଏହି ସପ୍ତାହରେ ମୁଖ୍ୟତଃ ନିର୍ବାଚନ , କର୍ପୋରେଟ୍ କ୍ଷେତ୍ରର ଚତୁର୍ଥ ତ୍ରୟମାସ ଫଳାଫଳ ଏବଂ ମୁଦ୍ରାସ୍ଫୀତି ସ୍ଥିତି ନିୟନ୍ତ୍ରଣ କରିବ ବୋଲି ସେମାନେ କହିଛନ୍ତି। ସେହିପରି ଆନ୍ତର୍ଜାତିକ ବଜାରରେ ଅଶୋଧିତ ପେଟ୍ରୋଲିୟମ ମୂଲ୍ୟ ସହିତ ଡଲାର-ଟଙ୍କା ବିନିମୟ ସ୍ଥିତିକୁ ନେଇ ବିଦେଶୀ ନିବେଶକଙ୍କ ଆଭିମୁଖ୍ୟ କିଭଳି ରହିବ ତାହା ମଧ୍ୟ ଏକ ବଡ଼ କାରଣ ହୋଇପାରେ ବୋଲି କୁହାଯାଉଛି।

# ଓଡ଼ିଶା ବଜାରରେ ମହିନ୍ଦ୍ରା 'ଏକ୍ସୟୁଭି ୩ ଏକ୍ସଓ'




ଭୁବନେଶ୍ୱର,୧୨।୫(ସମିସ): ଦେଶର ଅନ୍ୟତମ ପ୍ରତିଷ୍ଠିତ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପ୍ରସ୍ତୁତ ଏବଂ ବହୁ ପ୍ରତିକ୍ଷୀତ 'ଏକ୍ସୟୁଭି ୩ ଏକ୍ସଓ' ଯାନ ଓଡ଼ିଶା ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ଆଦିତ୍ୟ ମୋଟର୍ସ ଶୋ'ରୁମ୍‌ରେ ଏହାର ଉନ୍ମୋଚନ ହୋଇଥିବା ବେଳେ ଆଦିତ୍ୟ ମୋଟର୍ସ ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର ଏବଂ ମହିନ୍ଦ୍ରା କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଏହାର ବଜାର ପ୍ରବେଶ ଘୋଷଣା କରିଛନ୍ତି। ଏହି ମଡେଲର ଏସୟୁଭି ପାଇଁ ଗ୍ରାହକମାନଙ୍କ ଚାହିଦା ଯଥେଷ୍ଟ ରହିଛି। ଏହି ଅବସରରେ ପ୍ରାୟ ୧୦୦ରୁ ଅଧିକ ଗ୍ରାହକ ଏବଂ ଅତିଥି ଉପସ୍ଥିତ ରହିବା ସହ ସେମାନଙ୍କ ମଧ୍ୟରୁ ୩୫ ଜଣ ଗ୍ରାହକ ଏହି ମଡେଲ ପାଇଁ ସ୍ପଟ୍ ବୁକିଂ କରିଥିଲେ। ଏକ୍ସୟୁଭି ୩ ଏକ୍ସଓ ଏସୟୁଭି କ୍ଷେତ୍ରରେ ଗେମ୍ ଚେଞ୍ଜର ପାଲଟିବା ସହିତ ଗ୍ରାହକମାନଙ୍କୁ ଏକ ନୂତନ ଅନୁଭୂତି ଦେବା ଏବଂ ବିପ୍ଳବ ଆଣିବ ବୋଲି ଶ୍ରୀ ପାତ୍ର କହିଥିଲେ।

# କେନ୍ଦ୍ରକୁ ୧ ଲକ୍ଷ କୋଟି ଦେବ ଆର୍‌ବିଆଇ




ନୂଆଦିଲ୍ଲୀ,୧୨।୫(ଏଜେନ୍ସି): ଚଳିତ ଆର୍ଥିକ ବର୍ଷ(୨୦୨୪-୨୫)ଶେଷ ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କ କେନ୍ଦ୍ର ସରକାରଙ୍କୁ ଲାଭାଂଶ ବାବଦ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଦେବ ବୋଲି ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଥିବା ଏକ ରିପୋର୍ଟ ସୂତ୍ରରୁ ଜଣାପଡ଼ିଛି। ୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ଲାଭାଂଶ ବାବଦରେ ୮୭୪ ବିଲିୟନ ଟଙ୍କା ଦେଇଥିଲା ବେଳେ ଚଳିତ ବର୍ଷ ଏହା ଠାରୁ ଅଧିକ ପରିମାଣରେ ଅର୍ଥ ପୈଠ କରିବ ବୋଲି କୁହାଯାଇଛି। ୨୦୨୪-୨୫ ବଜେଟ୍‌ରେ ରିଜର୍ଭ ବ୍ୟାଙ୍କ ସମେତ ଅନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡିକରୁ କେନ୍ଦ୍ର ସରକାର ଯେଉଁ ଲାଭାଂଶ ପ୍ରାପ୍ତ ଲକ୍ଷ୍ୟ ରଖିଥିଲେ ତାହା ପ୍ରାୟ ୧୦୨୦ ବିଲିୟନ ଟଙ୍କା ରହିଥିଲା। ତେବେ ଏହାଠାରୁ କିଛି କମ୍ ପରିମାଣର ଅର୍ଥ ପାଇବା ନିଶ୍ଚିତ ବୋଲି ୟୁବିଆଇ କହିଛି। ତେବେ ଏହି ପରିମାଣ ପୂର୍ବ ବର୍ଷଗୁଡିକ ତୁଳନାରେ ଅଧିକ ବୋଲି କୁହାଯାଇଛି।

## ଦିଲ୍ଲୀ ଆଇଆଇଟି ସର୍ଭେ

# ୟୁପିଆଇ ନେଣଦେଣ ଲୋକଙ୍କ ଖର୍ଚ୍ଚ ବଢ଼ାଉଛି



ନୂଆଦିଲ୍ଲୀ,୧୨।୫(ଏଜେନ୍ସି): ଆଜିକାଲି ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବଡ଼ ବଡିଆଙ୍କ ଯାଏଁ ସମସ୍ତେ ଡିଜିଟାଲ ଉପାୟରେ ଅର୍ଥ ନେଣ ଦେଣ କରିବା ଅଭ୍ୟସ୍ତ ହୋଇଗଲାଣି। ସ୍ମାର୍ଟଫୋନ ଜରିଆରେ ଡିଜିଟାଲ ବା ୟୁପିଆଇ କାରବାର ସହଜ ହୋଇଯାଇଛି। ସହଜ ଅନ୍‌ଲାଇନ୍ କାରବାରକୁ ନେଇ ଲୋକମାନେ ଘରେ ବସି ଜିନିଷ କିଣାକିଣି କରୁଥିବା ବେଳେ ଅନ୍ୟ କ୍ଷେତ୍ରରେ ଦୋକାନ ବଜାରରେ ଅର୍ଥ ପୈଠ ମଧ୍ୟ ଆଖି ପିଛୁଳାକେ ହୋଇପାରୁଛି। ଲୋକଙ୍କୁ ଆଉ ନଗଦ ଅର୍ଥ ଦେବାର ଆବଶ୍ୟକତା ପଡୁନାହିଁ। ଫଳରେ ନଗଦ ଟଙ୍କା ପାଇଁ ଲୋକଙ୍କୁ ବ୍ୟାଙ୍କ କିମ୍ବା ଏଟିଏମ୍‌କୁ ଦୌଡ଼ିବାକୁ ପଡୁନାହିଁ। ଏଭଳି ବ୍ୟବସ୍ଥା ସବୁ ଶ୍ରେଣୀର ଲୋକଙ୍କ ପାଇଁ ଏକପ୍ରକାର ସୁବିଧା ଆଣିଦେଇଛି ସତ ; ହେଲେ ଏହାର ବିପରୀତ ଦିଗକୁ ନେଇ ଏକ ରିପୋର୍ଟ ଆସିଛି। ଅନଲାଇନ ବା ୟୁପିଆଇ ଭଳି ସହଜ ବ୍ୟବସ୍ଥାକୁ ନେଇ ଲୋକମାନେ ବିଭିନ୍ନ ଦିଗରୁ ସୁବିଧା ସୁଯୋଗ ପାଉଥିଲେ ହେଁ ଏହା ସେମାନଙ୍କୁ ପରୋକ୍ଷରେ ଅଧିକ ଖର୍ଚ୍ଚାନ୍ତ କରାଉଛି ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନେକ ସ୍ଥଳରେ ଲୋକମାନେ ନିଜର ଆବଶ୍ୟକତା ତୁଳନାରେ ଅଧିକ ଖର୍ଚ୍ଚ କରୁଥିବା ଦେଖାଯାଉଛି। ଏଭଳି ଏକ ରିପୋର୍ଟ ଦିଲ୍ଲୀ ଆଇଆଇଟି ପକ୍ଷରୁ ପ୍ରକାଶ କରାଯାଇଛି। ଏ ସମ୍ପର୍କରେ ଏହି ସଂସ୍ଥାନ ପକ୍ଷରୁ ଏକ ସ୍ୱତନ୍ତ୍ର ଅନୁଧ୍ୟାନ କରାଯାଇଥିଲା ବେଳେ ୟୁପିଆଇ ଜରିଆରେ ଲୋକମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଇଲେକଟ୍ରୋନିକ୍ସ ,ଗୃହୋପକରଣ ସାମଗ୍ରୀ, ପୋଷାକ ଏବଂ ଅତି ଦାମୀ ସାମଗ୍ରୀ ମଧ୍ୟ କିଣୁଛନ୍ତି। ନଗଦ ଅର୍ଥ କାରବାରରେ ଜଣେ ଜିନିଷ କିଣିବାକୁ ଚାହିଁଲେ ଅନେକ ସମୟରେ ଭାବି ଚିନ୍ତି କିଣିଥାଆନ୍ତି। କିନ୍ତୁ ଏବେ ଏହି ବ୍ୟବସ୍ଥାରେ ସେଭଳି ଚିନ୍ତା ଆସୁ ନାହିଁ। ଏହାଦ୍ୱାରା ଲୋକମାନେ ଅନେକ ସମୟରେ ଅନାବଶ୍ୟକ ଜିନିଷ ମଧ୍ୟ କିଣୁଛନ୍ତି। ୟୁପିଆଇ/କ୍ୟୁଆର୍ କୋଡ୍ ଜରିଆରେ ଲୋକମାନେ କିଣାକିଣି କରିବାକୁ ପସନ୍ଦ କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହାବ୍ୟତୀତ ଅନେକ ଅନଲାଇନ କମ୍ପାନୀ ଏକ ବହୁ ମୂଲ୍ୟ ସାମଗ୍ରୀ କିଣିବାକୁ ଗ୍ରାହକମାନଙ୍କୁ କିସ୍ତି ସୁଯୋଗ ଦେଉଛନ୍ତି। ଏହା ଗ୍ରାହକମାନଙ୍କୁ ଲୋଭାନ୍ୱିତ କରୁଥିବାରୁ ସେମାନେ ଏହି ମୋହରୁ ବର୍ତ୍ତି ପାରୁନାହାନ୍ତି। ନିକଟରେ ଦିଲ୍ଲୀ ଆଇଆଇଆଇଟି ପକ୍ଷରୁ କରାଯାଇଥିବା ଅନୁଧ୍ୟାନରୁ ଏହା ଜଣାପଡ଼ିଛି। ଏହି ଅନୁଧ୍ୟାନ ଅନୁସାରେ ୟୁପିଆଇ ଏବଂ ଅନ୍ୟ ଡିଜିଟାଲ ଉପାୟ ଦ୍ୱାରା ପାଖାପାଖି ୭୪ ପ୍ରତିଶତ ଲୋକ ଅଧିକ ଖର୍ଚ୍ଚ କରୁଥିବା ଜଣାପଡ଼ିଛି। ଅନଲାଇନ ବ୍ୟବସ୍ଥାରେ ନଗଦ କାରବାର ହେଉ ନଥିବାରୁ ଏହା ଲୋକଙ୍କୁ ବାଧୁ ନାହିଁ। ତେଣୁ ଖର୍ଚ୍ଚ ବୃଦ୍ଧି ନେଇ ଲୋକମାନେ ସେତେଟା ସଚେତନ ନାହାନ୍ତି ବୋଲି ଆଇଆଇଟି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସଂପ୍ରତି ନ୍ୟାସନାଲ ପେମେଣ୍ଟ୍‌ସ କର୍ପୋରେସନ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରକାଶ କରାଯାଇଥିବା ଏକ ସଦ୍ୟତମ ତଥ୍ୟ ଅନୁସାରେ ଗତ ଏପ୍ରିଲ ମାସରେ ଦେଶରେ ୟୁପିଆଇ କାରବାର ୧୩୩୦ କୋଟିକୁ ବୃଦ୍ଧି ପାଇଛି। ଯାହାକି ୨୦୨୩ ଏପ୍ରିଲ ତୁଳନାରେ ୫୦ ପ୍ରତିଶତ ଅଧିକ। ସ୍ମାର୍ଟଫୋନ୍‌ରେ କାରବାର ପାଇଁ ଲୋକଙ୍କୁ ସୁବିଧା ମିଳୁଥିବାରୁ ଡିଜିଟାଲ ପୈଠ ପାଇଁ ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଥିବା କୁହାଯାଉଛି। ବର୍ଷର ଅନ୍ୟ ଦିନ ତୁଳନାରେ ପାର୍ବଣ ଋତୁରେ ସର୍ବାଧିକ ଅନ୍‌ଲାଇନ୍ ସପିଂ ହେଉଛି। ଏହି ସମୟରେ ମଧ୍ୟ ଲେକମାନେ ଆବଶ୍ୟକତା ତୁଳନାରେ ଅଧିକ କ୍ରୟ କରୁଛନ୍ତି ବୋଲି କୁହାଯାଇଛି। କିନ୍ତୁ ଏହା ଯେ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ କରାଉଛି ତାହା ବୁଝିବାକୁ ପଡ଼ିବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

# ଆଇଜିକେସି ହସ୍ପିଟାଲରେ ଆନ୍ତର୍ଜାତିକ ନର୍ସ ଦିବସ ପାଳିତ

ଭୁବନେଶ୍ୱର, ୧୨।୫(ସମିସ): ଆଇଜିକେସି ମଲ୍ଟି ସ୍ପେଶାଲିଟ ହସ୍ପିଟାଲ ପକ୍ଷରୁ ଆନ୍ତର୍ଜାତିକ ନର୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେବା କ୍ଷେତ୍ରରେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିବା ସମସ୍ତ ନର୍ସମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଜିକେସି ହସ୍ପିଟାଲର ଚେୟାରମ୍ୟାନ ଡାକ୍ତର ସୁବୋଧ ଦାଶ, ପ୍ରବନ୍ଧ ନିର୍ଦ୍ଦେଶକ ଡାକ୍ତର ପି.ସି ଦଳେଇ, ନିର୍ଦ୍ଦେଶକ ଡାକ୍ତର ବୃନ୍ଦାବନ ନାହକ ଓ ଡାକ୍ତର ମନୋରଞ୍ଜନ ମହାପାତ୍ର, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଅସୀମା ଦାଶ, ଡିଏମ୍‌ଏସ୍ ଡାକ୍ତର ଅଭିଷେକ ବାରିକ, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଯଶବନ୍ତୀ ନାୟକ, ପ୍ରଶାସନ ଓ ଅର୍ଥ ବିଭାଗ ଏଜିଏମ୍ ସୁବ୍ରତ ଦାଶ, ଏଜିଏମ୍ ଅପରେସନ୍ କୌଳାଶ ଚନ୍ଦ୍ର ଦଳେଇଙ୍କ ସମେତ ଅନ୍ୟ ବିଭାଗୀୟ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ। ନର୍ସିଂ ସପ୍ତାହ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।




## ଜିଓ ପକ୍ଷରୁ ନୂଆ 'ଓଟିଟି ଷ୍ଟ୍ରିମିଂ ପ୍ଲାନ୍'ର ଶୁଭାରମ୍ଭ

# ୮୮୮ ଟଙ୍କାରେ ମିଳିବ ୧୫ ପ୍ରମୁଖ ଓଟିଟି ଆପ୍

ଲାଭ ଉଠାଇପାରିବେ ଜିଓ ଫାଇବର ଓ ଜିଓ ଏୟାରଫାଇବର ଉପଭୋକ୍ତା

ମିଳିବ ନେଟଫ୍ଲିକ୍ସ, ଆମାଜନ୍ ପ୍ରାଇମ୍ ଏବଂ ଜିଓସିନେମା ପ୍ରିମିୟମ୍ ଆପ୍ ସୁବିଧା

ମୁମ୍ବାଇ,୧୨।୫(ଏଜେନ୍ସି):




ରିଲାଏନ୍ସ ଜିଓ ଷ୍ଟ୍ରିମିଂ ପ୍ରେମୀଙ୍କ ପାଇଁ ଏକ ନୂଆ ପୋଷ୍ଟପେଡ ଓଟିଟି ବଣ୍ଡଲ ପ୍ଲାନ ଆଣିଛି। ଏହି ପ୍ଲାନ୍ ଜରିଆରେ ଗ୍ରାହକଙ୍କୁ ୧୫ଟି ପ୍ରମୁଖ ପ୍ରିମିୟମ୍ ଓଟିଟି ଆପ୍ ସହ ଅସୀମିତ ଡାଟା ମିଳୁଛି ଯାହାଦ୍ୱାରା ସେମାନେ ଯେତେବେଳେ ଚାହିଁବେ ନିଜ ପସନ୍ଦର ଆପ୍‌ରେ ଏହି ପ୍ରୋଗ୍ରାମ୍ ଦେଖିପାରିବେ। ମାସିକ ୮୮୮ ଟଙ୍କା ମୂଲ୍ୟର ଏହି ସୁଲଭ ପ୍ଲାନ ଉଭୟ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକଙ୍କ ପାଇଁ ଉପଲବ୍ଧ। ନୂଆ ପ୍ଲାନରେ ଗ୍ରାହକଙ୍କୁ ୩୦ ଏମବିପିଏସ ସ୍ପିଡ ମିଳିବ। ଏହାବ୍ୟତୀତ ନେଟଫ୍ଲିକ୍ସର ବେସିକ୍ ପ୍ଲାନ୍, ଆମାଜନ୍ ପ୍ରାଇମ୍ ଏବଂ ଜିଓସିନେମା ପ୍ରିମିୟମ୍ ଭଳି ୧୫ରୁ ଅଧିକ ପ୍ରମୁଖ ଓଟିଟି ଆପ୍‌କୁ ଏହି ପ୍ଲାନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଅର୍ଥାତ୍ ଏହି ଲୋକପ୍ରିୟ ଆପ୍‌ଗୁଡ଼ିକର ସବସ୍କ୍ରିପସନ ଏହି ପ୍ଲାନରେ ଉପଲବ୍ଧ ହେବ। ଏହି ପ୍ଲାନର ଆଉ ଏକ ବିଶେଷ ବୈଶିଷ୍ଟ୍ୟ ହେଉଛି, ନୂଆ ଗ୍ରାହକ ହୁଅନ୍ତୁ କିମ୍ବା ବର୍ତ୍ତମାନ ୧୦ ଏମବିପିଏସ କିମ୍ବା ୩୦ ଏମବିପିଏସ ପ୍ଲାନ ବ୍ୟବହାର କରୁଥିବା ଉପଭୋକ୍ତା, ୮୮୮ ଟଙ୍କାର ପୋଷ୍ଟପେଡ ପ୍ଲାନ ସମସ୍ତଙ୍କ ପାଇଁ ଉପଲବ୍ଧ। ବର୍ତ୍ତମାନ ପ୍ରିପେଡ୍ ପ୍ଲାନ୍ ରହିଥିବା ସମସ୍ତ ଉପଭୋକ୍ତା ସହଜରେ ଏହି ନୂଆ ପୋଷ୍ଟପେଡ୍ ପ୍ଲାନ୍‌କୁ ଅପଗ୍ରେଡ୍ କରିପାରିବେ। ଏହାବ୍ୟତୀତ ନିକଟରେ ଘୋଷଣା ହୋଇଥିବା ଜିଓ ଆଇପିଏଲ ଧନ ଧନା ଧନ ଅଫର ମଧ୍ୟ ଏହି ପ୍ଲାନରେ ଲାଗୁ ହେବ। ଜିଓ ଫାଇବର କିମ୍ବା ଏୟାରଫାଇବର ପାଇଁ ଯୋଗ୍ୟ ଗ୍ରାହକମାନେ ସେମାନଙ୍କ ଜିଓ ହୋମ୍ ବ୍ରଡବ୍ୟାଣ୍ଡ କନେକ୍ସନରେ ୫୦ ଦିନର ରିହାତି କ୍ରେଡିଟ୍ ଭାଉଚର ପାଇପାରିବେ। ୨୦୨୪ ମେ ୩୧ ପର୍ଯ୍ୟନ୍ତ ଉପଲବ୍ଧ ଜିଓ ଧନ ଧନା ଧନ ଅଫରକୁ ଟି-୨୦ ସିଜନ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି।

# କାର୍ଯ୍ୟକୁ ଫେରିଲେ ଏୟାର ଇଣ୍ଡିଆ କର୍ମଚାରୀ




ନୂଆଦିଲ୍ଲୀ, ୧୨।୫(ଏଜେନ୍ସି): ଏୟାର ଇଣ୍ଡିଆରୁ ସମୂହ ଛୁଟି ନେଇଥିବା କର୍ମଚାରୀ ଧୀରେ ଧୀରେ କାର୍ଯ୍ୟକ୍ଷେତ୍ରକୁ ଫେରିଛନ୍ତି। ଗତ ମଙ୍ଗଳବାର ରାତିଠାରୁ ଏହି କର୍ମଚାରୀମାନେ ସମୂହ ଛୁଟିରେ ଥିଲେ। ଏୟାର ଇଣ୍ଡିଆ ସୂଚନା ଅନୁସାରେ ରବିବାର ଦିନ ସମସ୍ତ କ୍ର୍ୟୁ ସଦସ୍ୟ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହାଦ୍ୱାରା ଆଜି ୨୦ଟି ବିମାନ ସ୍ୱାଭାବିକ ଭାବେ ଚଳାଚଳ କରିଛି। ଉଲ୍ଲେଖଯୋଗ୍ୟ, କ୍ୟାବିନ୍ କ୍ର୍ୟୁ ସଦସ୍ୟ ଅଭିଯୋଗ କରିଥିଲେ ଯେ, ଏୟାର ଇଣ୍ଡିଆରେ କିଛ ଭୁଲ୍ ବୁଝାମଣା ଚାଲୁଥିଲା। ଯାହାକୁ ନେଇ କର୍ମଚାରୀମାନେ ସମୂହ ଛୁଟି ନେଇଥିଲେ। ଏହି କାରଣରୁ ଗତ ଗୁରୁବାର ଏୟାର ଲାଇନ୍ସ ତରଫରୁ ୨୫ କ୍ର୍ୟୁ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ନିଲମ୍ବିତ କର୍ମଚାରୀ ଦେଶର ମୁଖ୍ୟ ଶ୍ରମ ଆୟୋଗଙ୍କ ପାଖରେ ଅଭିଯୋଗ କରିଥିଲେ। ଶ୍ରମ ଆୟୋଗଙ୍କ ପାଖରେ ଏୟାର ଇଣ୍ଡିଆ ଏକ୍ସପ୍ରେସ କର୍ମଚାରୀଙ୍କ ଏକ ବୈଠକ ବସିଥିଲା। ଆଜି ସଂଘ ତରଫରୁ କୁହାଯାଇଛି ସମସ୍ତ କ୍ର୍ୟୁ ସଦସ୍ୟ କାର୍ଯ୍ୟକୁ ଫେରିଛନ୍ତି ଓ ଆଗକୁ କାର୍ଯ୍ୟରେ କୈଣସି ଅସୁବିଧା ହେବନାହିଁ। ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ଏୟାର ଇଣ୍ଡିଆ ଗଭୀର ଦୁଖ ପ୍ରକାଶ କରିଛି ବୋଲି ଏୟାର ଲାଇନ୍ସର ଅଧିକାରୀ କହିଛନ୍ତି। ଟାଟା ଗ୍ରୁପ ଦ୍ୱାରା ପରିଚାଳିତ ଏୟାର ଇଣ୍ଡିଆ ୩୧ଟି ଘରୋଇ ଓ ୧୪ଟି ଆନ୍ତର୍ଜାତିକ ବିମାନ ବନ୍ଦରରେ ସପ୍ତାହକୁ ୨୫୦୦ ବିମାନ ପରିଚାଳନା ସେବା ଯୋଗାଇଥାଏ।

## ବିଜେପିକୁ ପ୍ରଶ୍ନବାଣ ମାରିଲେ କେଜ୍ରିୱାଲ

# ଅବସର ନିୟମ କେବଳ ଆଡଭାନୀଙ୍କ ପାଇଁ ଥିଲା କି

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ତିହାର ଜେଲ୍‌ରୁ ବାହାରିବା ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କେନ୍ଦ୍ର ସରକାର ଏବଂ ବିଜେପିକୁ ତୀବ୍ର ସମାଲୋଚନା କରୁଛନ୍ତି। ସେ ରବିବାର ଦିଲ୍ଲୀରେ ରୋଡ୍ ଶୋ' କରି ବିଜେପି ଉପରେ ବର୍ଷିଛନ୍ତି। ସେ ଲୋକଙ୍କୁ ଆମ ଆଦମୀ ପାର୍ଟି (ଆପ)କୁ ଭୋଟ ଦେବା ପାଇଁ କହିଛନ୍ତି। ଆପକୁ ଭୋଟ ଦେଲେ ତାଙ୍କୁ ଆଉ ଜେଲ୍ ଯିବାକୁ ପଡ଼ିବ ନାହିଁ। ଯଦି ସେ ପୁଣି ଜେଲ୍ ଯିବେ ତେବେ ବିଜେପି ସବୁ କାମ ବନ୍ଦ କରିଦେବ। ମାଗଣା ବିଜୁଳି, ମୋହଲ୍ଲା କ୍ଲିନିକ, ହସ୍ପିଟାଲ ବନ୍ଦ କରାଇ ଦେବ। ବିଦ୍ୟାଳୟଗୁଡ଼ିକର ମାନକୁ ବି ହ୍ରାସ କରିଦେବ। ସେହିପରି କେଜ୍ରିୱାଲ ଆଜି ପୁଣି ସାମ୍ବାଦିକ ସମ୍ମିଳନୀ କରିଛନ୍ତି।



- ମୋଦୀ ନିଜ ଉତ୍ତରାଧିକାରୀଙ୍କ ନାମ କହିବା ଉଚିତ
- ସେ ନିଜ ନେତାଙ୍କ କ୍ୟାରିୟର ଶେଷ କରିବାରେ ଲାଗିଛନ୍ତି
- ୨ ମାସରେ ଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବିଦା କରାଯିବ

ସେ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅବସର କଥା ଉଠାଇଛନ୍ତି। ସେ କହିଛନ୍ତି ଯେ ଆଗାମୀ ବର୍ଷ ମୋଦୀଙ୍କୁ ୭୫ ହୋଇଯିବ। ତାଙ୍କ ଅବସରକୁ ବିଜେପି ନେତାମାନେ ଖଣ୍ଡନ କରିଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ଏହା ଉପରେ ନିରବ ରହିଛନ୍ତି। ସେ ନିଜ ଉତ୍ତରାଧିକାରୀଙ୍କ ନାମ କହିବା ଉଚିତ। ୭୫ ବର୍ଷରେ ଅବସର ନିୟମ ମୋଦୀଙ୍କ ପାଇଁ ନୁହେଁ କି? ଯଦି ମୋଦୀ ଅବସର ନେବେନି ତେବେ ସେ ସ୍ପଷ୍ଟ କରିଦିଅନ୍ତୁ ଏହି ନିୟମ ତାଙ୍କ ପାଇଁ କାର୍ଯ୍ୟକାରୀ ହେବ ନାହିଁ। ଏହି ନିୟମ କେବଳ ଲାଲକୃଷ୍ଣ ଆଡଭାନୀ ଏବଂ ଅନ୍ୟ କିଛି ନେତାଙ୍କ ପାଇଁ ଥିଲା। ମୋଦୀ ଏକ ଦେଶ-ଏକ ନେତା ନୀତିରେ ବିରୋଧୀଙ୍କ ସବୁ ନେତାଙ୍କୁ ଜେଲ୍ ପଠାଉଛନ୍ତି। ନିଜ ନେତାଙ୍କ ରାଜନୀତିକ କ୍ୟାରିୟର ବର୍ବାଦ କରୁଛନ୍ତି। ସେ ଶିବରାଜ ସିଂହ ଚୌହାନ, ବସୁନ୍ଧରା ରାଜେ, ଡ.ରମଣ ସିଂହ ଭଳି ନେତାଙ୍କ କ୍ୟାରିୟରକୁ ଶେଷ କରିଦେଇଛନ୍ତି। ଏବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପାଳି ଆସୁଛି। ମୋଦୀ ଅବସର ଗ୍ରହଣ କରିବେ ନାହିଁ ବୋଲି ବିଜେପି କହୁଛି, ମାତ୍ର ଯୋଗୀଙ୍କୁ ହଟାଯିବ ନାହିଁ ବୋଲି କହୁନାହିଁ। ଅର୍ଥାତ୍ ଆଗାମୀ ଦୁଇ ମାସ ମଧ୍ୟରେ ଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଦିଆଯିବ।

## ଲୋକସଭା ନିର୍ବାଚନ: କେଜ୍ରିୱାଲଙ୍କ ୧୦ ଗ୍ୟାରେଣ୍ଟି

ଆମ୍ ଆଦମୀ ପାର୍ଟି(ଆପ୍)ର ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଆଜି ଭୋଟର୍‌ଙ୍କ ଉଦ୍ଦେଶ୍ୟରେ ତାଙ୍କର ୧୦ ଗ୍ୟାରେଣ୍ଟି ଏଠାରେ ଆପ୍ ମୁଖ୍ୟାଳୟରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଇଣ୍ଡିଆ ବ୍ଲକ୍ ଯଦି ନିର୍ବାଚନ ଜିତି କେନ୍ଦ୍ରରେ ସରକାର ଗଢ଼େ ତେବେ ଆମ୍ ଆଦମୀ ପାର୍ଟିର ୧୦ ଗ୍ୟାରେଣ୍ଟି ପୂରଣ କରାଗଲେ ତାହା ଇଣ୍ଡିଆ ବ୍ଲକ୍ ଅର୍ନ୍ତଭୁକ୍ତ ଅନ୍ୟ କୌଣସି ଦଳ ପାଇଁ ଅସୁବିଧା ଜନକ ହେବନାହିଁ ବୋଲି କେଜ୍ରିୱାଲ ଆଶା ପ୍ରକାଶ କରିଛନ୍ତି। କେଜ୍ରିୱାଲଙ୍କ ଗ୍ୟାରେଣ୍ଟିଗୁଡ଼ିକ ହେଲା, ସମଗ୍ର ଦେଶରେ ଦିବାରାତ୍ର ୨୪ ଘଣ୍ଟା ବିଜୁଳି ସଂଯୋଗ ଦିଆଯିବ ଓ ପ୍ରଥମ ୨୦୦ ୟୁନିଟ୍ ମାଗଣାରେ ମିଳିବ। ସମସ୍ତଙ୍କୁ ଶିକ୍ଷା ମାଗଣାରେ ମିଳିବ। ସରକାରୀ ସ୍କୁଲରେ ଘରୋଇ ସ୍କୁଲଠାରୁ ଉଚ୍ଚ ମାନର ଶିକ୍ଷା ଉପଲବ୍ଧ କରାଯିବ। ସରକାରୀ ହସପିଟାଲଗୁଡ଼ିକର ଭିତ୍ତିଭୂମି ଆଧୁନିକୀକରଣ ହୋଇ ଘରୋଇ ହସ୍‌ପିଟାଲ୍ ଭଳି ଉଚ୍ଚ ଗୁଣବତ୍ତାସଂପନ୍ନ ସ୍ୱାସ୍ଥ୍ୟ ସେବା ଯେପରି ସମସ୍ତଙ୍କ ପାଇଁ ନିଃଶୁଳ୍କ ଉପଲବ୍ଧ ହୁଏ ତାହା ସୁନିଶ୍ଚିତ କରାଯିବ। ଚାଷୀଙ୍କୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ମିଳିବାର ଗ୍ୟାରେଣ୍ଟି ଦେଉଥିବା ଭଳି ଆଇନ ପ୍ରଣୟନ କରାଯିବ। ବେକାରଙ୍କ ପାଇଁ କର୍ମସଂସ୍ଥାନ ସୃଷ୍ଟି ଓ ସେମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ପ୍ରତିବର୍ଷ ୨କୋଟି ସରକାରୀ ଚାକିରୀର ବ୍ୟବସ୍ଥା କରାଯିବ। ଦେଶରୁ ଦୁର୍ନୀତିର ମୂଳୋତ୍ପାଟନ କରାଯିବ। ବାଣିଜ୍ୟରେ ଚୀନକୁ ଟପିବା ଲକ୍ଷ୍ୟ ନେଇ ସାମଗ୍ରୀ ଓ ସେବା କର(ଜିଏସ୍‌ଟି)କୁ ସରଳ ଓ ସୁବିଧାଜନକ କରାଯିବ। ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ମିଳିବ। ଭାରତର ସୀମାନ୍ତବର୍ତ୍ତୀ ଯେଉଁ ଅଞ୍ଚଳ ଚୀନ ଦଖଲ କରିଛି ତାହା ଫେରାଇ ଅଣାଯିବ। ସେଥି ପାଇଁ ସେନାକୁ ଅବାଧ ତଥା ପୂର୍ଣ୍ଣ କ୍ଷମତା ଦିଆଯିବ। ନରେନ୍ଦ୍ର ମୋଦୀଙ୍କ ସରକାର ଲଞ୍ଚ୍ କରିଥିବା ଅଗ୍ନିବୀର ସ୍କିମ୍‌କୁ ରଦ୍ଦ କରାଯିବ। କେଜ୍ରିୱାଲ କହିଛନ୍ତି, ତାଙ୍କର ଏହି ଗ୍ୟାରେଣ୍ଟିଗୁଡ଼ିକ ସମ୍ପର୍କରେ ସେ ଇଣ୍ଡିଆ ବ୍ଲକର ଅଂଶୀଦାର ଦଳଙ୍କ ସହ ଆଲୋଚନା କରିନାହାନ୍ତି, କିନ୍ତୁ ଏହି ଜରୁରୀ ଗ୍ୟାରେଣ୍ଟିଗୁଡ଼ିକ ପୂରଣ କରାଗଲେ କାହାରି କିଛି ଆପତ୍ତି ରହିବ ତାହା ସେ ଭାବୁନାହାଁନ୍ତି। ପୁଣି ତାଙ୍କୁ ଜେଲରେ ରହିବାକୁ ପଡ଼ିବାରୁ ଗ୍ୟାରେଣ୍ଟିଗୁଡ଼ିକ ସାର୍ବଜନୀନ କରିବାରେ ବିଳମ୍ବ ହୋଇଛି। ତଥାପି ନିର୍ବାଚନର ଆହୁରି ୪ଟି ପର୍ଯ୍ୟାର ମତଦାନ ବାକି ଥିବାରୁ ସେ ଆଜି ତାଙ୍କ ୧୦ ଗ୍ୟାରେଣ୍ଟି ଘୋଷଣା କରିଛନ୍ତି।

## ମୋଦୀଙ୍କ ସହ ବିତର୍କ ପ୍ରସ୍ତାବକୁ ସ୍ୱୀକାର କଲେ ରାହୁଲ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଗୋଟିଏ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିତର୍କ କରିବା ପ୍ରସ୍ତାବକୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସ୍ୱୀକାର କରିନେଇଛନ୍ତି। ରାହୁଲ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଏହା ଏକ ଭଲ ପଦକ୍ଷେପ ବୋଲି କହିଛନ୍ତି। ବଡ଼ ରାଜନୈତିକ ଦଳଗୁଡ଼ିକ ନିଜର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ଗୋଟିଏ ପ୍ଲାଟଫର୍ମରେ ଆସି ରଖିବା ଉଚିତ। ପ୍ରଧାନମନ୍ତ୍ରୀ ମୋଦୀ ଏହି ବିତର୍କରେ ଭାଗ ନେବେ ବୋଲି ଆଶା। ସୂଚନା ଅନୁଯାୟୀ ୨ ଅବସରପ୍ରାପ୍ତ ବିଚାରପତି ମଦ ବି ଲୋକୁର, ଜଷ୍ଟିସ ଅଜିତ ପି ଶାହା ଏବଂ 'ଦ ହିନ୍ଦୁ'ର ପୂର୍ବତନ ମୁଖ୍ୟ ସମ୍ପାଦକ ଏନ ରାମ ପ୍ରଧାନମନ୍ତ୍ରୀ ଏବଂ ରାହୁଲଙ୍କୁ ଚିଠି ଲେଖିଥିଲେ। ଏଥିରେ ଗୋଟିଏ ମଞ୍ଚରେ ଉଭୟ ନେତାଙ୍କୁ ବିତର୍କ କରିବା ପାଇଁ କହିଥିଲେ।

## ଝାଡ଼ଖଣ୍ଡ ମନ୍ତ୍ରୀଙ୍କୁ ଇଡି ସମନ

ରାଞ୍ଚି, ୧୨।୫(ଏଜେନ୍ସି): ଝାଡ଼ଖଣ୍ଡ ଗ୍ରାମ୍ୟ ବିକାଶ ମନ୍ତ୍ରୀ ଆଲାମଗିରି ଆଲାମଙ୍କୁ ରବିବାର ଇଡି ସମନ ଜାରି କରିଛି। ଗତ ସପ୍ତାହରେ ଇଡି ତାଙ୍କ ବ୍ୟକ୍ତିଗତ ସଚିବ ସଞ୍ଜୀବଲାଲ ଓ ତାଙ୍କ ସହଯୋଗୀ ଜାହାଙ୍ଗୀର ପାଖରୁ ୩୫.୨୩ କୋଟି ଟଙ୍କା ବିଭିନ୍ନ ସ୍ଥାନରୁ ଜବତ କରିଥିଲା। କେବଳ ସେତିକି ନୁହେଁ ଜାହାଙ୍ଗୀର ଆଲମଙ୍କ ଫ୍ଲାଟରୁ ଅନେକ ଦାମୀ ଅଳଙ୍କାର ମଧ୍ୟ ଜବତ କରାଯାଇଥିଲା। ଏହାପରେ ବ୍ୟକ୍ତିଗତ ସଚିବ ସଞ୍ଜୀବ ଲାଲ ଏବଂ ଜାହାଙ୍ଗୀର ଆଲାମଙ୍କୁ ଇଡି ଗିରଫ କରିଥିଲା। ତେବେ ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବା ଉଦ୍ଦେଶ୍ୟରେ ପଚରାଉଚରା ପାଇଁ ଆଲାମଙ୍କୁ ଇଡି ସମନ ପଠାଇଥିବା କୁହାଯାଇଛି। ମନି ଲଣ୍ଡରିଂ ମାମଲାରେ ଇଡି ଆସନ୍ତାକାଲି ମନ୍ତ୍ରୀଙ୍କ ବୟାନ ରେକର୍ଡ କରିବ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଆଲାମଗିରି ଆଲାମ ହେଉଛନ୍ତି କଂଗ୍ରେସ ନେତା ଏବଂ ଏବେ ଝାଡ଼ଖଣ୍ଡ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ।



## ବିହାରରେ ବଜ୍ରପାତ ନେଲା ୧୨ ଜୀବନ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଦେଶର ଅନେକ ରାଜ୍ୟରେ ଝଡ଼ ତୋଫାନ ସହିତ ପ୍ରବଳ ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେବଳ ବିହାରରେ ବଜ୍ରପାତରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ବିକ୍ରମଗଞ୍ଜର ୬ଜଣ, ଗୟାର ୩ ଜଣ ଏବଂ ଔରଙ୍ଗାବାଦର ଜଣେ ସାମିଲ ଅଛନ୍ତି। ଆଜି ରାଜ୍ୟରେ ୪୦-୫୦ କିମି ବେଗରେ ମଧ୍ୟ ପବନ ହୋଇଛି।

## ୫ ମାସ ଲାଗି ବନ୍ଧୁ ପାଲଟିବେ ଗ୍ରୀସ୍-ତୁର୍କୀ

ଅଙ୍କାରା, ୧୨।୫ (ଏଜେନ୍ସି): ଦୀର୍ଘ ବର୍ଷର ଶତ୍ରୁତା ଶେଷ କରିବା ପାଇଁ ତୁର୍କୀ ଏବଂ ଗ୍ରୀସ୍ ନୂଆ ପଦକ୍ଷେପ ନେଇଛନ୍ତି। ଉଭୟ ଦେଶ ପାଞ୍ଚ ମାସ ପାଇଁ ବନ୍ଧୁତା କରି ୫୦ ବର୍ଷର ସୀମା ବିବାଦ ସମାଧାନ କରିବାକୁ ପ୍ରୟାସ କରିବେ। ଏଥିପାଇଁ ଗ୍ରୀସ ପ୍ରଧାନମନ୍ତ୍ରୀ କିରିୟାକୋସ ମିତ୍ସୋଟାକିସ ସୋମବାର ତୁର୍କୀ ଗସ୍ତ କରିବେ। ସେ ତୁର୍କୀ ରାଷ୍ଟ୍ରପତି ରେସେପି ଏର୍ଦୋଗାନଙ୍କୁ ଭେଟିବେ। ଉଭୟଙ୍କ ମଧ୍ୟରେ ସାମୁଦ୍ରିକ ସୀମା, ବ୍ୟବସାୟ ଏବଂ ଶକ୍ତି କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ଚର୍ଚ୍ଚା ହେବ।

## ଇସ୍ରାଏଲ ଆକ୍ରମଣରେ ୬୩ ମୃତ

ତେଲ ଆଭିଭ, ୧୨।୫ (ଏଜେନ୍ସି): ଗାଜାରେ ଇସ୍ରାଏଲ ଏବଂ ହମାସ ଯୁଦ୍ଧ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଅସ୍ତ୍ରବିରତି ଆଲୋଚନା ବିଫଳ ହେବା ପରେ ଇସ୍ରାଏଲ ସେନା ଗାଜାର ବିଭିନ୍ନ ଅଞ୍ଚଳରେ ଜୋରଦାର ଆକ୍ରମଣ କରିଛି। ଏଥିରେ ଗତ ୨୪ ଘଣ୍ଟାରେ ୬୩ ଜଣଙ୍କ ମୃତ୍ୟୁ ହୋଇଛି। ଏହା ସହିତ ମୋଟ ମୃତ୍ୟୁସଂଖ୍ୟା ୩୫ ହଜାର ପାର୍ କରିଛି। ଅନ୍ୟପକ୍ଷରେ ହମାସ ମୁଖ୍ୟ ୟାହା ସିନୱାର ଉତ୍ତର ଗାଜାର ସୁଡ଼ଙ୍ଗରେ ଲୁଚିଛି ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ତାକୁ ଧରିବା ପାଇଁ ଅଭିଯାନ ଆରମ୍ଭ କରାଯାଇଛି।

## ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ବିରୋଧରେ ମାମଲା

ଅମରାବତୀ, ୧୨।୫ (ଏଜେନ୍ସି): ଆନ୍ଧ୍ର ପ୍ରଦେଶ ନନ୍ଦୟାଲରେ ଶନିବାର ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ସୋମବାର ରାଜ୍ୟରେ ମତଦାନ ହେବାକୁ ଥିବାବେଳେ ବିନା ଅନୁମତିରେ ଭିଡ଼ ଜମା କରିବାକୁ ନେଇ ଏହି ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ ଅଲ୍ଲୁ ଅର୍ଜୁନ ସମର୍ଥନ ଦେବା ପାଇଁ ତାଙ୍କ ବନ୍ଧୁ ତଥା ୱାଇଏସଆରସିପି ବିଧାୟକ ପ୍ରାର୍ଥୀ ଶିଳ୍ପା ରବିଙ୍କ ଘରକୁ ଯାଇଥିଲେ। ଏହା ପୂର୍ବରୁ ଅଭିନେତା ଆସୁଥିବାର ଖବର ଚାରିଆଡ଼େ ପ୍ରସାର ହୋଇ ଯାଇଥିଲା। ତେଣୁ ତାଙ୍କୁ ଦେଖିବା ପାଇଁ ଅସଂଖ୍ୟ ଲୋକ ଜମା ହୋଇଥିଲେ। ଶିଳ୍ପାଙ୍କ ପରିବାର ସହ ବାଲକୋନୀକୁ ଆସି ଅଲ୍ଲୁ ସମସ୍ତଙ୍କୁ ଅଭିବାଦନ ଜଣାଇ ଥିଲେ।

## ଇସ୍ରୋ ମୁଖ୍ୟଙ୍କ ମନ୍ତବ୍ୟ

## ଇସ୍ରୋ ଜ୍ଞାନକୌଶଳର ଲାଭ ନେଉଛନ୍ତି ୪୦୦ କମ୍ପାନୀ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଆଗାମୀ ୧୦ ବର୍ଷରେ ଭାରତୀୟ ମହାକାଶ କ୍ଷେତ୍ର ୯-୧୦ ବିଲିୟନ ଡଲାର (ପ୍ରାୟ ୮୩ ହଜାର କୋଟି ଟଙ୍କା)ର ଉଦ୍ୟୋଗ ପାଲଟିବ। ଏବେ ଏହା ୨ ବିଲିୟନ ଡଲାରର ଉଦ୍ୟୋଗ ଅଛି। ଏସଏଫ୍‌ଓ ଟେକ୍ନୋଲୋଜିର କାର୍ବନ ରିଡକ୍ସନ ଇନିସିଏଟିବ କାର୍ଯ୍ୟକ୍ରମରେ ସାମିଲ ହୋଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମୁଖ୍ୟ ଏସ୍ ସୋମନାଥ ଏହି ମନ୍ତବ୍ୟ ଦେଇଛନ୍ତି। ସେ ନେଷ୍ଟ ହାଇଟେକ ପାର୍କରେ ଚନ୍ଦ୍ରଯାନର ପ୍ରତିକୃତି ଉଦ୍‌ଘାଟନ କରି ଏବେ ଘରୋଇ କ୍ଷେତ୍ରର ୪୦୦ କମ୍ପାନୀଙ୍କୁ ଇସ୍ରୋ ଜ୍ଞାନକୌଶଳର ଲାଭ ମିଳୁଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ଏସ୍‌ଏଫଓ ଟେକ୍ନଲୋଜି ନେଷ୍ଟ ଗ୍ରୁପ୍‌ର ଏକ କମ୍ପାନୀ। ଅନେକ ବର୍ଷ ହେଲା ଏହି କମ୍ପାନୀ ଇସ୍ରୋ ସହ ଜଡ଼ିତ ରହିଛି। ଏସ୍‌ଏଫ୍‌ଓ ଏବଂ ଇସ୍ରୋ ଏକାଠି ଚନ୍ଦ୍ରଯାନ ଓ ଆଦିତ୍ୟ ଅଭିଯାନ ପାଇଁ ଆରଏଫ୍ ସବ୍-ସିଷ୍ଟମ୍ସ, ଆଣ୍ଟିନା ସିଷ୍ଟମ୍ସ, ଲଞ୍ଚ ଭେଇକିଲ ପାଇଁ କ୍ରାୟୋଜେନିକ ଇଞ୍ଜିନ କଣ୍ଟ୍ରୋଲ ସିଷ୍ଟମ ପ୍ରସ୍ତୁତ କରିସାରିଛନ୍ତି।



## ୨୯ଥର ଏଭରେଷ୍ଟ ଶିଖର ଛୁଇଁଲେ କାମି ରିତା

କାଠମାଣ୍ଡୁ, ୧୨।୫(ଏଜେନ୍ସି): ନିଜ ରେକର୍ଡ ନିଜେ ଭାଙ୍ଗିଲେ ଏଭରେଷ୍ଟ ମ୍ୟାନ୍ ଭାବେ ପରିଚିତ ନେପାଳର ସେର୍ପା କାମି ରିତା। ବିଶ୍ୱର ସବୁଠାରୁ ଉଚ୍ଚତମ ପର୍ବତ ଶିଖରରେ ପହଞ୍ଚିଛନ୍ତି କାମି।୨୯ ଥର ପାଇଁ ସେ ମାଉଣ୍ଟ ଏଭରେଷ୍ଟ ଶିଖର ଛୁଇଁ ନିଜ ରେକର୍ଡ ନିଜେ ଭାଙ୍ଗିଛନ୍ତି। ୫୪ ବର୍ଷୀୟ ପର୍ବତାରୋହୀ କାମି ଗତ ବର୍ଷ ୮୮୪୮.୮୬ ମିଟର ପର୍ବତ ଉଚ୍ଚକୁ ୨ ଥର ଚଢ଼ି ୨୮ ଥର ରେକର୍ଡ କରିଥିଲେ। ଏଥର ମଧ୍ୟ ଦୁଇଥର ପର୍ବତ ଶିଖରକୁ ଛୁଇଁବାକୁ ସେ ଯୋଜନା କରିଥିଲେ। ତେବେ ରବିବାର ସକାଳେ କାମି ଏଭରେଷ୍ଟ ଶିଖରରେ ପହଞ୍ଚିଥିଲେ। ସେ 'ସେଭେନ ସମିତି ଟ୍ରେକ୍' ଦ୍ୱାରା ଆୟୋଜିତ ଏକ ଅଭିଯାନର ମାର୍ଗଦର୍ଶକ ସାଜିଥିବା ବେଳେ ୨୯ ଥର ପାଇଁ ଏହି ସଫଳତା ହାସଲ କରି ନୂଆ ରେକର୍ଡ କରିଛନ୍ତି। ଏଥିପାଇଁ ତାଙ୍କ ପ୍ରତି ବିଭିନ୍ନ ସ୍ତରରୁ ଶୁଭେଚ୍ଛାର ସୁଅ ଛୁଟିଛି। ଉଲ୍ଲେଖଯୋଗ୍ୟ ଯେ, ଏଭରେଷ୍ଟ ଗିରିଶୃଙ୍ଗ ଚଢିବାର ୭୧ ବର୍ଷ ଇତିହାସରେ କାମି ରିତା ବିଶ୍ୱରେ ସର୍ବାଧିକ ଥର ପର୍ବତ ଶିଖରରେ ପହଞ୍ଚିବାର ରେକର୍ଡ କରିଛନ୍ତି। ୧୯୯୪ ମସିହାରୁ କ୍ରମାଗତ ଭାବେ ଏଭରେଷ୍ଟ ଆରୋହଣ କରି ଆସୁଛନ୍ତି ସେର୍ପା କାମି ରିତା।



# ଆଜି ୯୬ ଲୋକସଭା, ୨୦୪ ବିଧାନସଭା ଆସନରେ ମତଦାନ

ନୂଆଦିଲ୍ଲୀ,୧୨।୫(ଏଜେନ୍ସି)

ଲୋକସଭା ନିର୍ବାଚନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ (ଚତୁର୍ଥ) ରେ ସୋମବାର ୯ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୯୬ଟି ସଂସଦୀୟ କ୍ଷେତ୍ର ଏବଂ ୨୦୪ଟି ବିଧାନସଭା କ୍ଷେତ୍ରରେ ମତଦାନ ହେବାକୁ ଯାଉଛି। ଏହି ଆସନ ମଧ୍ୟରେ ଆନ୍ଧ୍ରପ୍ରଦେଶର ୨୫, ତେଲଙ୍ଗାନାର ୧୭, ଉତ୍ତରପ୍ରଦେଶର ୧୩, ମହାରାଷ୍ଟ୍ରର ୧୧, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ୮ ଟି ଲେଖାଏଁ, ବିହାରର ୫, ଝାଡ଼ଖଣ୍ଡର ୪, ଓଡ଼ିଶାର ୪ (କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଏବଂ କୋରାପୁଟ) ଓ ଜମ୍ମୁ-କାଶ୍ମୀରର ୪ଟି ଆସନ ସାମିଲ ରହିଛି। ସେହିଭଳି ଆସନ୍ତା କାଲି ଆନ୍ଧ୍ର ପ୍ରଦେଶର ସମସ୍ତ ୨୫ ସଂସଦୀୟ କ୍ଷେତ୍ରରେ ଓ ୧୭୫ ବିଧାନସଭା ଆସନ ପାଇଁ ଏକସଙ୍ଗେ ମତଦାନ ହେବ। ଓଡ଼ିଶାର ୨୮ଟି ବିଧାନସଭା କ୍ଷେତ୍ର ଏବଂ ତେଲଙ୍ଗାନାର ସିକନ୍ଦରାବାଦ ବିଧାନସଭା ଆସନରେ ଉପନିର୍ବାଚନ ହେବ। ୯୬ ସଂସଦୀୟ କ୍ଷେତ୍ରରେ ସୋମବାର ଦିନ ମତଦାନ ପାଇଁ ସ୍କୁଲ, କଲେଜ ବନ୍ଦ ରହିବ। ଆସନ୍ତା କାଲି ଅଖିଳେଶ ଯାଦବ, ୟୁସୁଫ୍ ପଠାନ, ମହୁଆ ମୋଇତ୍ର, ଅସାଦୁଦ୍ଦିନ୍ ଓୱେସି, ଅଧୀର ରଞ୍ଜନ ଚୌଧୁରୀ, ମାଧବୀ ଲତା, ଗିରିରାଜ ସିଂହ, ଶତ୍ରୁଘ୍ନ ସିହ୍ନା, ଅର୍ଜୁନ ମୁଣ୍ଡା, ୱାଇଏସ୍ ଶର୍ମିଳା ପ୍ରମୁଖଙ୍କ ଭାଗ୍ୟ ଓ ଭବିଷ୍ୟତ ଇଭିଏମରେ କଏଦ ହେବ।

ତେଲଙ୍ଗାନାରେ ୩କୋଟି ୩ଲକ୍ଷରୁ ଅଧିକ ଭୋଟର ଅଛନ୍ତି। ସେଠାରେ ବୁଥ୍ ସଂଖ୍ୟା ରହିଛି ୩୫ହଜାର ୩୫୬। ରାଜ୍ୟର ସମସ୍ତ ୧୭ ସଂସଦୀୟ କ୍ଷେତ୍ରରେ ମୋଟ ୬୨୫ ଜଣ ପ୍ରାର୍ଥୀ ଅଛନ୍ତି। ୨୦୧୯ ଲୋକସଭା ନିର୍ବାଚନରେ ତେଲଙ୍ଗାନାରେ ମତଦାନ ହାର ୬୨% ଥିଲା। ୨୦୧୯ରେ ତେଲଙ୍ଗାନାରେ ଟିଆରଏସ୍(ଏବେକାର ବିଆରଏସ୍) ୯, ବିଜେପି ୪, କଂଗ୍ରେସ ୩ ଓ ଏଆଇଏମଆଇଏମ୍ ୧ ଲୋକସଭା ଆସନ ଜିତିଥିଲେ। ଆନ୍ଧ୍ର ପ୍ରଦେଶରେ ୪କୋଟି ୪୧ଲକ୍ଷରୁ ଅଧିକ ଭୋଟର ଅଛନ୍ତି। ରାଜ୍ୟର ସମସ୍ତ ୨୫ ସଂସଦୀୟ କ୍ଷେତ୍ରରେ ମୋଟ ୫୦୩ ଜଣ ପ୍ରାର୍ଥୀ ଓ ସମସ୍ତ ୧୭୫ ବିଧାନସଭା ଆସନରେ ୨୭୦୫ ଜଣ ପ୍ରାର୍ଥୀ ଅଛନ୍ତି। ଆନ୍ଧ୍ର ପ୍ରଦେଶରେ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡିଙ୍କ ୱାଇଏସ୍‌ଆରସିପି ସମସ୍ତ ୨୫ ସଂସଦୀୟ କ୍ଷେତ୍ରରେ ଓ ସମସ୍ତ ୧୭୫ ବିଧାନସଭା ଆସନରେ ପ୍ରାର୍ଥୀ ଦେଇଛି।



ଆନ୍ଧ୍ର ପ୍ରଦେଶରେ ତେଲୁଗୁ ଦେଶମ୍ ପାର୍ଟି ଓ ଜନ ସେନା ପାର୍ଟି ସହ ବିଜେପି ମେଣ୍ଟ କରିଛି। ସେଠାରେ ୨୫ ସଂସଦୀୟ କ୍ଷେତ୍ରରୁ ବିଜେପି ୬, ଜନସେନା ୨ ଓ ତେଲୁଗୁ ଦେଶମ୍ ପାର୍ଟି ୧୭ଟିରେ ପ୍ରାର୍ଥୀ ଦେଇଛନ୍ତି। ସେହିଭଳି ୧୭୫ ବିଧାନସଭା ଆସନ ମଧ୍ୟରୁ ତେଲୁଗୁ ଦେଶମ୍ ପାର୍ଟି ୧୪୪, ଜନ ସେନା ପାର୍ଟି ୨୧ ଓ ବିଜେପି ୧୦ ଟି ଆସନରେ ପ୍ରାର୍ଥୀ ଦେଇଛନ୍ତି।

## ଆପ୍ ବିଧାୟକଙ୍କ ଘରେ ନୋଟିସ ଲଗାଇଲା ପୁଲିସ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ) ନେତାଙ୍କ ସମସ୍ୟା କମ୍ ହେବାର ନା ଧରୁନି। ଏବେ ନୋଏଡ଼ା ପୁଲିସ ଆପ୍ ବିଧାୟକ ଅମାନତୁଲ୍ଲାହ ଖାନ୍ ଘରେ ନୋଟିସ ଲଗାଇଛି। ଗତ ୭ ତାରିଖରେ ବିଧାୟକ ଏବଂ ତାଙ୍କ ପୁଅଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ନୋଏଡ଼ାର ଏକ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ତାଙ୍କ ପୁଅ ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ବିଧାୟକ ପେଟ୍ରୋଲ ପମ୍ପର ମ୍ୟାନେଜରଙ୍କୁ ଧମକ ଦେଇଥିଲେ। ଏହି ମାମଲାରେ ପୁଲିସ ଶନିବାର ତାଙ୍କ ବାଟଲା ହାଉସ ସ୍ଥିତ ଘରେ ପହଞ୍ଚି ଥିଲା। ଘରେ ତାଲା ଲାଗିଥିବାରୁ ବାହାରେ ନୋଟିସ ଲଗାଇ ଚାଲି ଯାଇଥିଲା।

## ୧୨ ବିମାନ ବନ୍ଦର, ୨ ହସ୍ପିଟାଲ ଉଡ଼ାଇ ଦେବାକୁ ଧମକ

ନୂଆଦିଲ୍ଲୀ, ୧୨।୫(ଏଜେନ୍ସି): ଦିଲ୍ଲୀ, ଭୋପାଳ, ଜୟପୁର, ଲକ୍ଷ୍ନୌ, ପାଟନା, ଅଗରତାଲା, ଗୌହାଟୀ, ଜମ୍ମୁ, ସହିତ ୧୨ଟି ବିମାନ ବନ୍ଦର ଏବଂ ୨ଟି ହସ୍ପିଟାଲକୁ ବୋମା ଲଗାଇ ଉଡାଇ ଦେବାକୁ ଧମକ ମିଳିଛି। ଇ-ମେଲ୍ ଜରିଆରେ ଏହି ଧମକ ଆସିଥିବା ବେଳେ ଦିଲ୍ଲୀ ପୁଲିସ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ଦିଲ୍ଲୀ ଅଗ୍ନି ସେବା ଅଧିକାରୀଙ୍କ କହିବା ଅନୁସାରେ ବୁରାରି ସରକାରୀ ଡାକ୍ତରଖାନା ଓ ସଞ୍ଜୟ ଗାନ୍ଧୀ ଡାକ୍ତରଖାନାକୁ ବୋମା ବିସ୍ଫୋରଣ ଧମକ ମିଳିଛି। ଏହାପରେ ସମ୍ପୃକ୍ତ ଅଞ୍ଚଳରେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏହି ଧମକପୂର୍ଣ୍ଣ ମେଲ୍ ଆସିବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ଘଟଣାସ୍ଥଳରେ ବୋମା ନିଷ୍କ୍ରିୟକାରୀ ଟିମ୍ ମଧ୍ୟ ପହଞ୍ଚିଛି। ଡିଏସ୍‌ପି ସଞ୍ଜୀବ ମୀନାଙ୍କ କହିବା ମୁତାବକ, ପ୍ରଥମେ ରବିବାର ୩ଟା ବେଳେ ବୁରାଡି ଡାକ୍ତରଖାନାକୁ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା ଓ ୪ଟା ୨୬ରେ ସଞ୍ଜୟ ଗାନ୍ଧୀ ଡାକ୍ତରଖାନାକୁ ସମାନ ମେଲ୍ ଆସିଥିଲା। ଏହାପରେ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରକୁ ୬.୧୫ରେ ଏକ ଧମକ ପୂର୍ଣ୍ଣ କଲ ଆସିଥିଲା। ତା ସହିତ ୮ରୁ ୧୦ ଡାକ୍ତରଖାନାକୁ ଧମକ ପୂର୍ଣ୍ଣ ମେଲ୍ ଆସିଛି। ଏନେଇ ସୂଚନା ମିଳିବା ପରେ ପୁଲିସ ଟିମ୍, ବମ ସ୍କ୍ୱାଡ, ଦମକଳ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଡାକ୍ତରଖାନା ଓ ବିମାନ ବନ୍ଦର ପରିସର ଭିତରେ ସର୍ଚ୍ଚ ଅପରେସନ୍ ଜାରି ରହିଛି।

# ପିଓକେରେ ଜୋର୍ ଧରିଲା ସ୍ୱାଧୀନତା ଦାବି

ମୁଜଫରାବାଦ, ୧୨।୫ (ଏଜେନ୍ସି)

ଦରଦାମ ବୃଦ୍ଧି, ଅଘୋଷିତ ବିଦ୍ୟୁତ କାଟ, ଅତ୍ୟଧିକ ଟିକସ ଲଗାଇବା ପ୍ରତିବାଦରେ ପିଓକେରେ ଆରମ୍ଭ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ଦିନକୁ ଦିନ ଉଗ୍ର ରୂପ ଧାରଣ କରିବାରେ ଲାଗିଛି। ଏହା ସମଗ୍ର ଅଞ୍ଚଳକୁ ବ୍ୟାପିଯାଇଛି। ଏବେ ଏହା ଅଧିକାର ଏବଂ ସ୍ୱାଧୀନତା ଆନ୍ଦୋଳନରେ ପରିଣତ ହୋଇଯାଇଛି। ମୁଜଫରାବାଦ ସହିତ ଅନେକ ଜିଲ୍ଲାରେ ପ୍ରଦର୍ଶନକାରୀ 'ଆଜାଦି' ସ୍ଲୋଗାନ ଦେଇ ପୁଲିସ ଏବଂ ସୁରକ୍ଷାବାହିନୀ ସହ ମୁହାଁମୁହିଁ ହୋଇଛନ୍ତି। ଏହି ସଂଘର୍ଷରେ ଜଣେ ସବ୍-ଇନ୍ସପେକ୍ଟରଙ୍କ ମୃତ୍ୟୁ ହୋଇଛି। ଶହେରୁ ଅଧିକ ଆହତ ହୋଇଛନ୍ତି। ପ୍ରଦର୍ଶନକାରୀ ଗୁଳିମାଡ଼ କରୁଛନ୍ତି ବୋଲି ପୁଲିସ ଅଭିଯୋଗ କରିଛି। ଏଥିରେ ଏଏସଆଇ ଅଦନାନ କ୍ୟୁରେଶୀଙ୍କ ଛାତିରେ ଗୁଳି ବାଜିଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ମାଡ଼ କରିଥିଲା। ବଦଳରେ ପ୍ରଦର୍ଶନକାରୀ ପଥର ମାଡ଼ କରିଛନ୍ତି। ଅନେକ ଗାଡ଼ି ଜାଳି ଦେଇଛନ୍ତି। ଏହା ପରେ ପୁଲିସ ପ୍ରଦର୍ଶନକାରୀଙ୍କୁ ଗିରଫ କରିବାରୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ବିକ୍ଷୋଭକାରୀ ପୁଲିସ ଏବଂ ସୁରକ୍ଷାକର୍ମୀଙ୍କୁ ଦଉଡ଼ାଇ ପିଟୁଥିବା ଦେଖାଯାଉଛି। ତେଣୁ ସମଗ୍ର ଅଞ୍ଚଳରେ ୧୪୪ ଧାରା ଲଗାଇ ଦିଆଯାଇଛି। ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ପ୍ରଦର୍ଶନକାରୀ ପାକିସ୍ତାନର ମୁଣ୍ଡବିନ୍ଧା ବଢ଼ାଇ ଦେଇଛନ୍ତି। ଶାହବାଜ ସରିଫ ସରକାରଙ୍କ ସ୍ଥିତି ଖରାପ କରିଦେଇଛନ୍ତି। ଏହା ଦେଖି ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜରଦାରୀ ସୋମବାର ଜରୁରୀକାଳୀନ ବୈଠକ ଡାକିଛନ୍ତି। ଅନ୍ୟପକ୍ଷରେ ବଲୁଚିସ୍ତାନରେ ବିଦ୍ରୋହର ବହ୍ନି ଜଳିବା ଆରମ୍ଭ ହୋଇଛି। ସାମାଜିକ କର୍ମୀ ମହରଙ୍ଗ ବଲୁଚ ସରକାରଙ୍କ ଘେରାବନ୍ଦୀ ବିରୋଧରେ ଆନ୍ଦୋଳନ କରିବାକୁ ଘୋଷଣା କରିଛନ୍ତି।




- ସୁରକ୍ଷାବାହିନୀ ସହ ସଂଘର୍ଷ; ଜଣେ ମୃତ, ୧୦୦ ଆହତ
- ଜରୁରୀକାଳୀନ ବୈଠକ ଡାକିଲେ ରାଷ୍ଟ୍ରପତି

## ଘୁଷୁରି କିଡ୍‌ନୀ ଲଗାଇଥିବା ଆମେରିକୀୟଙ୍କ ମୃତ୍ୟୁ

ୱାଶିଂଟନ, ୧୨।୫(ଏଜେନ୍ସି): ନ୍ୟୁୟର୍କରେ ପ୍ରାୟ ୨ମାସ ପୂର୍ବରୁ ରିଚାର୍ଡ ସ୍ଲୋମନ ନାମକ(୬୨) ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରଥମକରି ଘୁଷୁରି କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ସେତେବେଳେ ଏହି ପ୍ରତିରୋପଣ ସଫଳତାକୁ ନେଇ ଡାକ୍ତରମାନେ ଉତ୍ସାହିତ ହୋଇପଡ଼ିଥିଲେ। କାରଣ ଏହା ଏକ ବିରଳ ଅସ୍ତ୍ରୋପଚାର ଥିଲା। କିନ୍ତୁ ସର୍ଜରୀର ଦୁଇମାସ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେ ଅନେକ ଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ତାଙ୍କର ଗତ ମାର୍ଚ୍ଚ ମାସରେ ମାସୁଚୁସେଟ୍ସ ଜେନେରାଲ ମେଡିକାଲରେ ଅସ୍ତ୍ରୋପଚାର କରାଯାଇଥିଲା। ତେବେ ରିଚାର୍ଡଙ୍କ ମୃତ୍ୟୁର କାରଣ କିଡ୍‌ନୀଜନିତ ନୁହେଁ ବୋଲି ଡାକ୍ତର କହିଛନ୍ତି।





## ପ୍ରେମରେ ପଡ଼ିଲେ ଆଦିତ୍ୟ!

ବଲିଉଡ୍ ଅଭିନେତା ଆଦିତ୍ୟ ରାୟ କପୁର, ଅନନ୍ୟା ପାଣ୍ଡେଙ୍କ ବ୍ରେକ୍ଅପ୍, କିଛିଦିନ ପୂର୍ବରୁ ଖବରର ଶିରୋନାମା ପାଲଟିଥିଲା । ଉଭୟ ମାସେ ପୂର୍ବରୁ ଅଲଗା ହୋଇ ଯାଇଥିବା ସେମାନଙ୍କର ଜଣେ ସାଙ୍ଗ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିଲେ । ତେବେ ଇତିମଧ୍ୟରେ ଆଦିତ୍ୟ ପୁଣି ଥରେ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି । 'ମେଟ୍ରୋ ଇନ୍ ଦିନୋ'ରେ ତାଙ୍କର ନାୟିକା ସାଜିଥିବା ସାରା ଅଲ୍ଲୀ ଖାନ୍‌ଙ୍କ ପ୍ରେମରେ ଆଦିତ୍ୟ ପଡ଼ିଥିବା ଚର୍ଚ୍ଚା ହେଉଛି । ଉଭୟଙ୍କୁ ନିକଟରେ 'ମେଟ୍ରୋ ଇନ୍ ଦିନୋ'ର ନିର୍ଦ୍ଦେଶକ ଅନୁରାଗ ବସୁଙ୍କ ଜନ୍ମଦିନ ପାର୍ଟିରେ ଦେଖାଯାଇଥିଲା । ଅନୁରାଗଙ୍କ ଜନ୍ମଦିନର ଭିଡିଓ ଭାଇରାଲ୍ ହେବା ପରେ ଆଦିତ୍ୟ ଓ ସାରା ବଲିଉଡ୍‌ର ନୂଆ ଲଭ୍ ବାର୍ଡ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ଭିଡିଓରେ ଅନୁରାଗ ଜନ୍ମଦିନ କେକ୍ ନେଇ ଆଦିତ୍ୟଙ୍କ ପାଖକୁ ଯିବା ସମୟରେ ତାଙ୍କ ପାଖରେ ସାରା ଠିଆ ହୋଇଥିଲେ । ରିଲ୍ ଲାଇଫ୍‌ର ପ୍ରେମ ଏବେ ରିଅଲ୍ ଲାଇଫ୍‌ରେ ଦେଖାଯାଇଥିବା ଚର୍ଚ୍ଚା ହେଉଛି । 'ମେଟ୍ରୋ ଇନ୍ ଦିନୋ' ଫିଲ୍ମ ସେପ୍ଟେମ୍ବର ୧୩, ୨୦୨୪ରେ ରିଲିଜ୍ ହେବ । ଏହା ଅନୁରାଗଙ୍କ ଫିଲ୍ମ 'ଲାଇଫ୍ ଇନ୍ ଏ ମେଟ୍ରୋ' ର ସିକ୍ୱେଲ ।

## ଆଜିର ଇତିହାସ

- ୧୬୪୮ - ଦିଲ୍ଲୀରେ ଲାଲ୍ କିଲ୍ଲାର ନିର୍ମାଣ ଶେଷ ହେଲା ।
- ୧୮୩୦-ଇକ୍ୱାଡୋର ଗଣରାଜ୍ୟର ସ୍ଥାପନା ।
- ୧୯୬୨- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ହେଲେ ।
- ୧୯୭୮ -ଦେଶର ପ୍ରଥମ ଧ୍ୱଜାବାହକ ଜାହାଜ ଆଇଏନ୍ଏସ୍ ଦିଲ୍ଲୀ ସେବା ନିବୃତ୍ତ ହେଲା ।
- ୧୯୯୫- ଚେଲ୍‌ସି ସ୍ମିଥ୍ ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ ।
- ୨୦୧୪- ତୁର୍କୀର ଏକ କୋଇଲା ଖଣିରେ ବିସ୍ଫୋରଣ ଯୋଗୁଁ ୩୦୧ ଶ୍ରମିକଙ୍କ ପ୍ରାଣହାନି ।

ଆଜି ଆସିଥିଲେ

## ମାଟିର ମହାକବି ସଚ୍ଚିଦାନନ୍ଦ ରାଉତରାୟ



ଆଧୁନିକ ଓଡ଼ିଆ କାବ୍ୟ ଜଗତରେ କବି ସଚ୍ଚି ରାଉତରାୟ ଏକ ଅବିସ୍ମରଣୀୟ ପ୍ରତିଭା । ମା', ମାଟି ଏବଂ ମମତାକୁ ନେଇ ଚିର ଅମର ତାଙ୍କ କାବ୍ୟ କବିତା । ଅଳଙ୍କାର, ଶ୍ଳେଷ, ଛନ୍ଦ ପ୍ରଭୃତିରେ କାବ୍ୟକୁ ସଜ୍ଜିତ ନ କରି ସେ ଚିତ୍ରକଳ୍ପ, ମିଥ୍ ଓ ପ୍ରତୀକର ବ୍ୟବହାର କରି ରଚିଥିଲେ ଅସୁମାରି କାବ୍ୟ କବିତା । 'ଛୋଟ ମୋର ଗାଁଟି, ଭୂଗୋଳ ପୋଥି ପତରେ ପଛେ ନ ଥାଉ ତାର ନାଁଟି", ତାଙ୍କ ରଚିତ ଏହି ଆବେଗପୂର୍ଣ୍ଣ କବିତା ଏବେ ବି ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିଛି । 'ମାଟିର ଦ୍ରୋଣ' 'ମାଟିର ମହାକବି', 'ସମୟର ସଭାକବି' ନାମରେ ନାମିତ ସଚ୍ଚି ରାଉତରାୟ ଥିଲେ ଓଡ଼ିଆ ସାରସ୍ୱତ ଜଗତରେ ଜଣେ ପ୍ରଗତିଶୀଳ କବି । ଏକାଧାରରେ ସେ ଥିଲେ ଜଣେ କବି, ଗାଳ୍ପିକ ଓ ଔପନ୍ୟାସିକ । ଦୀର୍ଘ ସାତ ଦଶନ୍ଧି ଧରି ତାଙ୍କ କଲମ ନିରବଚ୍ଛିନ୍ନ ଭାବେ ସକ୍ରିୟ ଥିଲା । ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତା ପ୍ରବର୍ତ୍ତନର ଶ୍ରେୟ ସଚ୍ଚି ରାଉତରାୟଙ୍କୁ ଯାଇଥାଏ ।

ଓଡ଼ିଆ ସାହିତ୍ୟର ଏହି ପ୍ରବାଦ ପୁରୁଷ ୧୯୧୬ ମସିହା ଆଜିର ଦିନରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୁରୁଜଙ୍ଗରେ ଜନ୍ମଗ୍ରହଣ କରିଥିଲେ । ଚାଟଶାଳୀରେ ପଢ଼ିବା ଦିନଠାରୁ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ସେ ଇଂରେଜ ସରକାରଙ୍କ ବିରୋଧରେ ଲଢ଼ି ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲେ । କବିଙ୍କ ଲେଖନୀ ଚାଳନା ହୋଇଥିଲା ୧୧ ବର୍ଷ ବୟସରୁ । ପ୍ରଥମ କବିତା ପୁସ୍ତକ 'ପାଥେୟ' ପ୍ରକାଶ ପାଇଥିଲା ୧୯୩୧ ମସିହାରେ ଏବଂ ପରେ ପରେ ଅନେକ ଗୁଡ଼ିଏ କବିତା, ଗଳ୍ପ ଏବଂ ଉପନ୍ୟାସ ସବୁ ପ୍ରକାଶ ପାଇଥିଲା । ତାଙ୍କର କେତୋଟି ପ୍ରସିଦ୍ଧ କବିତା ଗ୍ରନ୍ଥ ହେଉଛି 'ପାଥେୟ', 'ପଲ୍ଲିଶ୍ରୀ', 'ଅଭିଯାନ', 'ବାଜିରାଉତ', 'ପାଣ୍ଡୁଲିପି', 'ଭାନୁମତୀର ଦେଶ', 'ସ୍ୱାଗତ' । କବିଙ୍କର କ୍ଷୁଦ୍ରଗଳ୍ପ ମଧ୍ୟରେ 'ମଶାଣିର ଫୁଲ', 'ମାଟିର ତାଜ' 'ଛାଇ' ଆଦି ପ୍ରସିଦ୍ଧ । ସ୍ୱାଧୀନତା ଆନ୍ଦୋଳନ ସମେତ ଗଡ଼ଜାତ ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗ ନେଇ ସେ ଅନେକବାର ଜେଲ୍ ଯାଇଥିଲେ । ବ୍ରିଟିଶ୍ ଶାସନ ସମୟରେ ତାଙ୍କର ଅନେକ କବିତାକୁ ନିଷିଦ୍ଧ କରାଯାଇଥିଲା । ତାଙ୍କର ଏକମାତ୍ର ଉପନ୍ୟାସ 'ଚିତ୍ରଗ୍ରୀବ' । ୧୯୬୨ରେ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା । ୧୯୮୬ରେ ସେ ଜ୍ଞାନପୀଠ ପୁରସ୍କାର ପାଇଥିଲେ । ଏହି ଯୋଗଜନ୍ମା କାବ୍ୟପୁରୁଷଙ୍କର ଦେହାବସାନ ହୁଏ ୨୧ ଅଗଷ୍ଟ, ୨୦୦୪ ମସିହାରେ ।





## ବିହଙ୍ଗ ବିନାଶକାରୀ ବୃକ୍ଷ

ଗଛ ଯେଉଁଠି, ପକ୍ଷୀ ସେଇଠି । ଗଛରେ ପକ୍ଷୀଟିଏ ବସା ବାନ୍ଧିଥାଏ । ଗଛର ଫଳଖାଇ ଜଙ୍ଗଲ ବୃଦ୍ଧିରେ ସାହାଯ୍ୟ କରିଥାଏ ପକ୍ଷୀ । ଗଛ ହେଉଛି ପକ୍ଷୀର ନିରାପଦ ଆଶ୍ରୟସ୍ଥଳ । ହେଲେ ଏପରି ଏକ ଗଛ ଅଛି, ଯାହା ପକ୍ଷୀଙ୍କ ଜୀବନ ନେଇଥାଏ । ଏହାକୁ 'ପକ୍ଷୀ ହତ୍ୟାକାରୀ' ଗଛ ବୋଲି କୁହାଯାଏ । ପିସୋନିଆ ନାମକ ଏହି ଗଛ 'ପକ୍ଷୀଧରା ବା ବାର୍ଡକ୍ୟାଚର୍' ଭାବେ ଜଣାଶୁଣା । ଏହି ଗଛ କାରିବିୟାନ୍ ଏବଂ ଇଣ୍ଡୋ-ପ୍ୟାସିଫିକ୍ ଦ୍ୱୀପପୁଞ୍ଜରେ ଦେଖାଯାଏ । ଏହି ଗଛର ମଞ୍ଜି ଅତ୍ୟନ୍ତ ବଡ଼ ଏବଂ ଅଠାଳିଆ ହୋଇଥାଏ । ମଞ୍ଜିଗୁଡ଼ିକ ଗୋଛା ଭଳି ହୋଇଥାଏ । ପ୍ରତିଟି ଗୋଛାରେ ୧୨ରୁ ଆରମ୍ଭ କରି ୨୦୦ ମଞ୍ଜି ଥାଏ । ସାଧାରଣତଃ ସାମୁଦ୍ରିକ ପକ୍ଷୀଗୁଡ଼ିକ ଏହି ଗଛର ଶାଖାରେ ବସା ବାନ୍ଧିବାକୁ ଆସନ୍ତି । ସେମାନେ ଏଠାରେ ଅଣ୍ଡା ଫୁଟାନ୍ତି । ହେଲେ ବଡ଼ ଚଢ଼େଇଗୁଡ଼ିକ ଉଡ଼ି ଯାଉଥିବାବେଳେ ଶାବକମାନେ ଏହାର ମଞ୍ଜିଗୁଡ଼ିକରେ ଲାଗିଯାଆନ୍ତି । ମଞ୍ଜିର ଓଜନ ଅଧିକ ହେତୁ ପକ୍ଷୀ ଶାବକଗୁଡ଼ିକ ଉଡ଼ି ପାରନ୍ତି ନାହିଁ, ଫଳରେ ତଳେ ପଡ଼ି ପଡ଼ି ମରିଯାନ୍ତି । ଅନେକ ପକ୍ଷୀ ଗଛ ଡାଳରେ ହିଁ ମରିଯାଆନ୍ତି । ଏହି କାରଣରୁ ଅନେକ ପକ୍ଷୀ କଙ୍କାଳ ଡାଳରେ ଓହଳିଥିବାର ଦେଖାଯାଏ । ଏହି ଗଛ ଯୋଗୁଁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପକ୍ଷୀଙ୍କର ମୃତ୍ୟୁ ହୋଇଥାଏ । ଏସବୁ ସତ୍ତ୍ୱେ ସାମୁଦ୍ରିକ ପକ୍ଷୀମାନେ ଏହି ଗଛରେ ହିଁ ବସା ବାନ୍ଧିବାକୁ ପସନ୍ଦ କରନ୍ତି ।

## ଆଜିର ରାଶିଫଳ

**ମେଷ:** ସମସ୍ତ କାର୍ଯ୍ୟରୁ ସଫଳତା ମିଳିବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଅଯଥା ଖର୍ଚ୍ଚ କରନ୍ତୁନି ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପାରିବାରିକ ଜୀବନ ସୁଖମୟ ହେବ । ଭବିଷ୍ୟତ ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ଦୂରସ୍ଥାନ ଯାତ୍ରା ଯୋଗ ରହିଛି ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**କର୍କଟ:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ଭଲ ସମୟ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବେ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ପୁରୁଣା ବନ୍ଧୁ ସାକ୍ଷାତ ଯୋଗ ରହିଛି ।

**ତୁଳା:** ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ । ଆୟ ଅନୁସାରେ ବ୍ୟୟ ହେବ । ଧାର ଦେଇଥିବା ଟଙ୍କା ଫେରସ୍ତ ପାଇବେ । ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟ ଆରମ୍ଭ କରିବା ଭଲ ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ଧନୁ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଭ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ଘରକୁ ଅତିଥି ଆସିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଦୂରସ୍ଥାନ ଯାତ୍ରା କରିପାରନ୍ତି ।



## ବୃହସ୍ପତି-ଶୁକ୍ର ଗ୍ରହ ଅସ୍ତରେ ମାଙ୍ଗଳିକ କାର୍ଯ୍ୟ ମନା

**ନବଗ୍ରହଙ୍କ ମଧ୍ୟରେ ଗୁରୁ ଓ ଶୁକ୍ର ଗ୍ରହର ବିଶେଷ ମହତ୍ତ୍ୱ ଅଛି । ଏହି ଦୁଇ ଗ୍ରହ ପରିବର୍ତ୍ତନର ପ୍ରଭାବ ମାଙ୍ଗଳିକ ତଥା ଶୁଭ କାର୍ଯ୍ୟ ଉପରେ ପଡ଼ିଥାଏ । ଗୁରୁ ଅର୍ଥାତ୍ ବୃହସ୍ପତି ସହିତ ଶୁକ୍ର ଗ୍ରହ ଅସ୍ତ ହେବା ଯୋଗୁଁ ମାଙ୍ଗଳିକ କାର୍ଯ୍ୟ ବନ୍ଦ ରହେ । ସେହିପରି ଏହି ଦୁଇ ଗ୍ରହ ଉଦୟରେ ହିଁ ମାଙ୍ଗଳିକ କାର୍ଯ୍ୟର ପ୍ରାରମ୍ଭ ହୋଇଥାଏ ।**

- ଜ୍ୟୋର୍ତିବିଦ୍‌ଙ୍କ ଅନୁସାରେ, ଏପ୍ରିଲ ୨୮ ରେ ଦୈତ୍ୟ ଗୁରୁ ଶୁକ୍ର ମେଷ ରାଶିରେ ଅସ୍ତ ହୋଇଥିଲେ । ଉକ୍ତ ଗ୍ରହ ୨୦୨୪ ମସିହା ଜୁନ୍ ୨୯ ରେ ମିଥୁନ ରାଶିରେ ଉଦୟ ହେବେ । ଏହାସହିତ ଦେବତାଙ୍କ ଗୁରୁ ବୃହସ୍ପତି ମେ ୭ରେ ବୃଷ ରାଶିରେ ଅସ୍ତ ହୋଇ ଜୁନ୍ ୬ରେ ଉଦୟ ହେବେ । ଏଣୁ ସେପର୍ଯ୍ୟନ୍ତ ସମସ୍ତ ମାଙ୍ଗଳିକ କାର୍ଯ୍ୟ ବନ୍ଦ ରହିବ ।
- ଶୁକ୍ର ଗ୍ରହଙ୍କୁ ସୁଖ, ବୈବାହିକ ଜୀବନ, ଧନ ଏବଂ ଐଶ୍ୱର୍ଯ୍ୟର କାରକ ଭାବେ ବିବେଚନା କରାଯାଏ । ଏଣୁ ଶୁକ୍ର ଗ୍ରହ ଅସ୍ତ ହେଲେ ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳି ନ ଥାଏ । କାରଣ ଶୁକ୍ର ଗ୍ରହ ଅସ୍ତ ସ୍ଥିତରେ କୋପ କରିଥାନ୍ତି । ଯଦ୍ଦ୍ୱାରା ଶୁଭଫଳ ପ୍ରାପ୍ତି ହୋଇ ନ ଥାଏ ।
- ସେହିପରି ଦେବଗୁରୁ ବୃହସ୍ପତି ଧର୍ମ ଓ ମାଙ୍ଗଳିକ କାର୍ଯ୍ୟର କାରକ ହୋଇଥାନ୍ତି । ଏଣୁ ଗୁରୁ ଗ୍ରହ ଅସ୍ତ ହେବା ଦ୍ୱାରା ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇ ନ ଥାଏ । ମୁଖ୍ୟତଃ ଏହି ଦୁଇ ଗ୍ରହ ଅସ୍ତ ଯୋଗୁଁ ବିବାହ, ଗୃହ ପ୍ରବେଶ, ଗୃହ ନିର୍ମାଣ, ଉପନୟନ, ନବ ବଧୂଙ୍କ ଗୃହପ୍ରବେଶ ଭଳି ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟ କରିବା ବର୍ଜନୀୟ ।

## ସ୍ୱସ୍ତି



## ବୃକ୍ଷରେ ରକ୍ଷାସୂତ୍ର

**ହିନ୍ଦୁ ଧର୍ମରେ ଲୋକମାନେ କେତେକ ବୃକ୍ଷଲତାକୁ ପୂଜାର୍ଚ୍ଚନା କରିଥାନ୍ତି । ସେଗୁଡ଼ିକ ମଧ୍ୟରେ ରହିଛି ତୁଳସୀ, ଅଁଳା, ବେଲ, ଶମି, ଅଶ୍ୱତ୍ଥ, ବର ଆଦି ଗଛ । ଏହି ବୃକ୍ଷରେ ଦେବୀ ଦେବତା ବାସ କରୁଥିବା ବିଶ୍ୱାସ ରହିଛି । ଏହି ବୃକ୍ଷକୁ ପୂଜା କରିବା ସହ ଲୋକେ ଏଥିରେ ରକ୍ଷାସୂତ୍ର ବାନ୍ଧିଥାନ୍ତି । କୁହାଯାଏ, ଏହି ରକ୍ଷାସୂତ୍ର ଅନେକ ସମସ୍ୟାକୁ ଦୂର କରିଥାଏ । ମନୋକାମନା ବି ପୂରଣ ହୁଏ । ତେବେ କେଉଁ ଗଛରେ ରକ୍ଷାସୂତ୍ର ବାନ୍ଧିବା ଦ୍ୱାରା କେଉଁ ଫଳ ପ୍ରାପ୍ତି ହୁଏ, ସେ ସମ୍ପର୍କରେ ଜାଣିବା ।**

**ଅଶ୍ୱତ୍ଥ ବୃକ୍ଷ:** ଏହି ଗଛରେ ଭଗବାନ ବିଷ୍ଣୁଙ୍କ ସହ ମା' ଲକ୍ଷ୍ମୀ ବାସ କରୁଥିବା ବିଶ୍ୱାସ କରାଯାଏ । ଏହି ବୃକ୍ଷ ପୂଜା ଦ୍ୱାରା କେବଳ ଭଗବାନଙ୍କ ଆଶୀର୍ବାଦ ମିଳିଥାଏ ତାହା ନୁହେଁ, ବରଂ ପିତୃପୁରୁଷଙ୍କ ଆତ୍ମାକୁ ମଧ୍ୟ ଶାନ୍ତି ମିଳିଥାଏ । ଅଶ୍ୱତ୍ଥ ଗଛରେ ରକ୍ଷାସୂତ୍ର ବାନ୍ଧିବା ଦ୍ୱାରା ସୁଖଶାନ୍ତି ବଜାୟ ରହେ । ତା'ସହ ଘରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ ।

**ତୁଳସୀ ବୃକ୍ଷ:** କୁହାଯାଏ, ଯେଉଁ ଘର ଅଗଣାରେ ତୁଳସୀ ଗଛ ଥାଏ, ସେହି ଘରେ ସବୁବେଳେ ହସଖୁସି ବଜାୟ ରହେ । ତୁଳସୀ ଗଛରେ ରକ୍ଷାସୂତ୍ର ବାନ୍ଧିବା ଦ୍ୱାରା ବାଧାବିଘ୍ନ ଦୂର ହୁଏ । ନିତିଦିନ ଏହାକୁ ପୂଜା କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ବଜାୟ ରହେ ।

**ବରଗଛ:** ବରଗଛରେ ରକ୍ଷା ସୂତ୍ର ବାନ୍ଧିବା ଦ୍ୱାରା ଅକାଳ ମୃତ୍ୟୁ ହରଣ ହେଉଥିବା ବିଶ୍ୱାସ କରାଯାଏ । ଏହାବାଦ୍ ମହିଳାମାନେ ବରଗଛରେ ରକ୍ଷାସୂତ୍ର ବାନ୍ଧିଲେ, ଅଖଣ୍ଡ ସୌଭାଗ୍ୟର ବରଦାନ ପ୍ରାପ୍ତି ହୁଅନ୍ତି । ଏହା ସହ ବୈବାହିକ ଜୀବନରେ ଖୁସି ବଜାୟ ରହେ ।

**ଶମି ବୃକ୍ଷ:** ଶମି ଗଛକୁ ପୂଜା କରିବା ଦ୍ୱାରା ଶନି ଦେବ ପ୍ରସନ୍ନ ହୁଅନ୍ତି । ଶନି ସାଢ଼େ ସାତିରୁ ରକ୍ଷା ପାଇବା ପାଇଁ ଏହି ଗଛକୁ ପୂଜା କରିବା ଉଚିତ । ଉକ୍ତ ଗଛକୁ ପୂଜା କରିବା ଦ୍ୱାରା ରାହୁର ଦୁଷ୍ପ୍ରଭାବରୁ ରକ୍ଷା ମିଳେ ।

**କଦଳୀ ଗଛ:** କଦଳୀ ଗଛରେ ଭଗବାନ ବିଷ୍ଣୁ ବାସ କରନ୍ତି । କଦଳୀ ଗଛର ପୂଜା ସହ ସେଥିରେ ରକ୍ଷାସୂତ୍ର ବାନ୍ଧିଲେ, ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି । ଏହାବାଦ୍ ବିବାହରେ ବାଧା ଆସୁଥିଲେ, ଏଭଳି କରିବା ଦ୍ୱାରା ସମସ୍ୟା ଦୂର ହୁଏ ।

## ଖୁସି ରହିବାର ସୂତ୍ର

**କିଛି ଲୋକ କିଭଳି ଖୁସି ବା ପ୍ରସନ୍ନ ରହିବା ଦରକାର ତାହାର ବାଟ ଖୋଜିଥାନ୍ତି । ତେବେ ଖୁସି ରହିବାର ସୂତ୍ର କୌଣସି ବସ୍ତୁରେ ନାହିଁ, ବରଂ ଏହା ନିଜ ଭିତରେ ହିଁ ଅଛି । କାରଣ ମଣିଷ ହେଉଛି ସ୍ୱୟଂ ଆନନ୍ଦର ସ୍ରୋତ ।**



ଯଦି ସୁଖ ଆଇସ୍‌କ୍ରିମ୍‌ରେ ଥାନ୍ତା, ତେବେ ସମସ୍ତଙ୍କୁ ପ୍ରତ୍ୟେକ ସମୟରେ ଆଇସ୍‌କ୍ରିମ୍ ଖାଇବାର ଇଚ୍ଛା ରହନ୍ତା । କିନ୍ତୁ ଦୁଇଥର, ତିନିଥର, ଚାରିଥର ଆଇସ୍‌କ୍ରିମ୍ ଖାଇବା ପରେ ଆଇସ୍‌କ୍ରିମ୍ ପ୍ରତି ଆସକ୍ତ କମିବାକୁ ଲାଗେ । ଏହାସହ ଆଇସ୍‌କ୍ରିମ୍ ବି ଦୁଃଖର କାରଣ ହୋଇଥାଏ । ଏଣୁ ଆମକୁ ବୁଝିବା ଦରକାର ଯେ, ଖୁସି ଜିନିଷରେ ନୁହେଁ, ବରଂ ଅସଲ ଖୁସି ନିଜ ଭିତରେ ଅଛି । ଆମେ ନିଜେ ହିଁ ହେଉଛେ ସୁଖର ପ୍ରମୁଖ ସ୍ରୋତ । ଏହି ଜ୍ଞାନକୁ ବୁଝିଲେ ମଣିଷ ତା'ର ଇଚ୍ଛାକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇଥାଏ । ଏହି ସତ୍ୟକୁ ଉପଲବ୍ଧି କରିବା ଦ୍ୱାରା ମଣିଷ ଅଧିକ ଶାନ୍ତି ପାଇଥାଏ ଆଉ ଏହା ନିଜ ଭିତରର ଆନନ୍ଦକୁ ଅନୁଭବ କରିବାରେ ସହାୟକ ହୁଏ ।

ତେବେ ନିଜ ଭିତରର ଖୁସି ବଜାୟ ରଖିବା ପାଇଁ କିଛି ଅଭ୍ୟାସକୁ ବି ଆପଣାଇବା ଉଚିତ । ମୁଖ୍ୟତଃ ନିଜ ପାଖରେ ଯାହା ଅଛି, ସେଥିରେ ସନ୍ତୁଷ୍ଟ ରହିବା ଜରୁରି । ସେହିପରି ଅନ୍ୟଠୁ ଖାଲି ନ ନେଇ, ବରଂ ଅନ୍ୟକୁ କିଛି ଦେବାର କଳାକୁ ଆପଣାଇବା ଦରକାର । ସକଳ ବିଶ୍ୱକୁ ନିଜ ପରିବାର ଭାବିବା ସହ ଧର୍ମକୁ ପାଳନ କରିବା ଆବଶ୍ୟକ । କେବଳ ସେତିକି ନୁହେଁ, ସତ୍ୟ, ଦୟା, ଆଦର, ସମ୍ମାନଭରା ଜୀବନ ଜିଇଁବା ଆବଶ୍ୟକ ।

ଏହାବାଦ୍ କର୍ମକୁ ପୂରା ଏକାଗ୍ରତାର ସହ କଲେ ଉତ୍ତମ ଫଳ ହୋଇଥାଏ । ଅନ୍ୟପକ୍ଷରେ ବସ୍ତୁବାଦୀ ବାହ୍ୟଜଗତ ଏବଂ ଆତ୍ମନିଷ୍ଠ ଅନ୍ତର୍ଜଗତରେ ମନ ଓ ହୃଦୟରେ ସନ୍ତୁଳନ ରକ୍ଷା କରିବା ଉଚିତ । ପ୍ରତିଦିନ କିଛି ସମୟ ଧ୍ୟାନରେ ବସିବା ଭଲ । ତା'ସହ ଜୀବନ ପ୍ରତି ଅବଶ୍ୟ କୃତଜ୍ଞ ରହିବା ଦରକାର ।

## ରୋଷେଇଘର ସ୍ଲାବ୍‌ରେ ପାଣି ରଖିବା ଶୁଭ



**ରୋଷେଇ ଘରେ ମା' ଅନ୍ନପୂର୍ଣ୍ଣା ବାସ କରନ୍ତି । ଏଣୁ ରୋଷେଇ ଘରକୁ ସବୁବେଳେ ସଫାସୁତୁରା ରଖିବା ଉପରେ ବିଶେଷ ଦୃଷ୍ଟି ଦିଆଯାଏ । ବାସ୍ତୁ ନିୟମାନୁସାରେ, ରୋଷେଇ ଘର ସ୍ଲାବ୍‌ରେ ତମ୍ବା ପାତ୍ରରେ ପାଣି ଭର୍ତ୍ତି କରି ରଖିଲେ ଗ୍ରହଦୋଷ ଦୂର ହୁଏ । ସେଥିପାଇଁ ରୋଷଇ ଘର ସ୍ଲାବ୍‌ରେ ପାଣି ରଖିବା ଶୁଭ ।**

- ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି, ଅଗ୍ନି ତତ୍ତ୍ୱ ପାଖରେ ପାଣି ରଖିବା ଦରକାର ।
- ଏହାଦ୍ୱାରା ଗ୍ରହଦୋଷ ଦେଖାଦେଇ ନ ଥାଏ ।
- ମା' ଅନ୍ନପୂର୍ଣ୍ଣାଙ୍କ କୃପା ବି ମିଳେ ।
- ନକାରାତ୍ମକ ଶକ୍ତି ଏବଂ ରାହୁର ହାନିକାରକ ପ୍ରଭାବ ପଡ଼ି ନ ଥାଏ ।
- ଅଗ୍ନି ତତ୍ତ୍ୱର ପ୍ରଭାବ ସନ୍ତୁଳିତ ରହେ ।

## ଗୀତାବାଣୀ

ଜ୍ଞେୟଃ ସ ନିତ୍ୟସନ୍ନ୍ୟାସୀ ଯୋ ନ
ଦ୍ୱେଷ୍ଟି ନ କାଙ୍‌କ୍ଷତି ।
ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ ॥



ହେ ମହାବାହୁ! ଯେଉଁ ମନୁଷ୍ୟ କାହା ପ୍ରତି ଦ୍ୱେଷ କରେ ନାହିଁ କି କିଛି ଆକାଂକ୍ଷା କରେ ନାହିଁ, ତାକୁ (କର୍ମଯୋଗକୁ) ନିତ୍ୟସନ୍ନ୍ୟାସୀ ବୁଝିବା ଉଚିତ; କାରଣ ଦ୍ୱନ୍ଦ୍ୱାତୀତ ମନୁଷ୍ୟ ସୁଖପୂର୍ବକ ସଂସାର ବନ୍ଧନରୁ ମୁକ୍ତ ହୋଇଯାଏ ।

(ପଞ୍ଚମୋଽଧ୍ୟାୟ – ଶ୍ଳୋକ - ୩)

# କୁସ୍ତିରେ ଅମନଙ୍କୁ ପ୍ୟାରିସ ଅଲିମ୍ପିକ୍ସ କୋଟା

**ଇସ୍ତାନବୁଲ୍,୧୨।୫(ଏଜେନ୍ସି):** କୁସ୍ତିରେ ଅମନ ସେରାୱତ ଭାରତ ପାଇଁ ଷଷ୍ଠ ଅଲିମ୍ପିକ୍ କୋଟା ହାସଲ କରିଛନ୍ତି। ଇସ୍ତାନବୁଲ୍‌ରେ ଚାଲିଥିବା ବିଶ୍ୱ ଅଲିମ୍ପିକ୍ସ କ୍ୱାଲିଫାୟର ଫାଇନାଲରେ ପ୍ରବେଶ କରି ଏହି ସଫଳତା ପାଇଛନ୍ତି। ଏଥିସହ ପୁରୁଷ କୁସ୍ତିରେ ସେ ଭାରତ ପାଇଁ ପ୍ରଥମ କୋଟା ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ମହିଳା ବର୍ଗରେ ନିଶା ଦହିୟା ୬୮ କେଜି ଓଜନ ବର୍ଗରେ ୫ମ କୋଟା ହାସଲ କରିଥିଲେ। ନିଶାଙ୍କ ପୂର୍ବରୁ ୫୦ କେଜି ବର୍ଗରେ ଭିନେସ ଫୋଗଟ, ୫୩ କେଜିରେ ଅନ୍ତିମ ପଙ୍ଘାଲ, ୫୭ କେଜିରେ ଅଂଶୁ ମଲିକ୍ ଓ ୭୬ କେଜି ବର୍ଗରେ ରତିକ ହୁଦା ପ୍ୟାରିସ ଅଲିମ୍ପିକ୍ସ ପାଇଁ କୋଟା ହାସଲ କରିସାରିଛନ୍ତି। ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିଅନସିପ ହାସଲ କରିଥିବା ଅମନ ବିଶ୍ୱ ଅଲିମ୍ପିକ୍ସ କ୍ୱାଲିଫାୟରରେ ୫୭ କେଜି ବର୍ଗ ସେମିଫାଇନାଲରେ କୋରିଆର ଚୋଙ୍ଗସୋଙ୍ଗ୍ ହାନ୍‌ଙ୍କୁ ୧୨-୨ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଏହାପୂର୍ବରୁ ସେ ବୁଲଗେରିଆର ଜାର୍ଜି ବାଙ୍ଗେଲୋଭଙ୍କୁ ୧୦-୪ରେ କ୍ୱାର୍ଟର ଫାଇନାଲରେ ପରାସ୍ତ କରିଥିଲେ। ଏହାପରେ ସେ ୟୁକ୍ରେନ୍‌ର ଏଣ୍ଡ୍ରି ୟାସ୍ତେକୋଙ୍କୁ ୧୨-୨ରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲେ।




## ଦୀପକ ପୁନିଆ ବିଫଳ

ତାରକା ପୁରୁଷ କୁସ୍ତିଯୋଦ୍ଧା ଦୀପକ ପୁନିଆ ୮୬ କେଜିରେ ଅଳ୍ପକେ ଅଲିମ୍ପିକ୍ସ କୋଟା ହାସଲ କରିବାରେ ବିଫଳ ହୋଇଛନ୍ତି। ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଥିବା ଦୀପକ ୩-୦ରେ ଅଗ୍ରଣୀ ରହିବା ସତ୍ତ୍ୱେ ଚୀନ୍‌ର ଜୁଶେନ ଲେନ୍‌ଙ୍କଠାରୁ ୬-୪ରେ ପରାସ୍ତ ହୋଇଛନ୍ତି। ଏହାପରେ ଜୁଶେନ ଲେନ୍ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଫଳରେ ରିପେଚେଜ୍ ମାଧ୍ୟମରେ ଦୀପକ ଅଲିମ୍ପିକ କୋଟା ହାସଲ କରିବାର ଆଶା ଶେଷ ହୋଇଛି।

ଇଟାଲିଆନ୍ ଓପନ୍ ଟେନିସ୍

# ଜୋକୋଭିଚ୍‌ଙ୍କ ବିପର୍ଯ୍ୟୟ

**ରୋମ,୧୨।୫(ଏଜେନ୍ସି):** ଏଠାରେ ଚାଲିଥିବା ଇଟାଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ସର୍ବିୟ ଖେଳାଳି ନୋଭାକ ଜୋକୋଭିଚ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ଜୋକୋଭିଚ୍ ରବିବାର ତୃତୀୟ ରାଉଣ୍ଡ ମୁକାବିଲାରେ ୨-୬, ୩-୬ ସିଧାସଳଖ ସେଟ୍‌ରେ ଚିଲିର ୨୯ତମ ସିଡ୍ ଖେଳାଳି ଆଲେଜାଣ୍ଡ୍ରୋ ତାବିଲୋଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୂର୍ବରୁ ସ୍ପେନ୍ ଅଭିଜ୍ଞ ଖେଳାଳି ତଥା କ୍ଲେ କୋର୍ଟର ରାଜା ଆଖ୍ୟା ପାଇଥିବା ରାଫେଲ ନାଦାଲ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ରବର୍ଟ ହୁରକାଜଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ ୭-୬, ୬-୩ ସେଟ୍‌ରେ ଫ୍ରାନ୍ସର ଟେରେନ୍ସ ଅଟମାନେଙ୍କୁ, ରୁଷିଆର ୧୬ତମ ସିଡ୍ ଖେଳାଳି କାରେନ ଖାଚାନୋଭ ୬-୨, ୬-୪ ସେଟ୍‌ରେ ଆର୍ଜେଣ୍ଟିନର ବିଂଶତମ ସିଡ୍ ଖେଳାଳି ଫ୍ରାନସିସ୍କୋ ସେରୁଣ୍ଡୋଲୋଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ଚତୁର୍ଥ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ ୫-୭, ୬-୪, ୭-୫ ସେଟ୍‌ରେ ଆମେରିକାର ମାର୍କସ ଗିରୋନଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ୧୦ମ ସିଡ୍ ଡେନମାର୍କର ହୋଲଗାର ରୁନ୍ ୬-୪, ୬-୪ ସେଟ୍‌ରେ ଇଟାଲୀର ଲୁକା ନାର୍ଡିଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।

## ଚତୁର୍ଥ ରାଉଣ୍ଡରେ ସାକାରି, ସାବାଲେଙ୍କା


ମାରିଆ ସାକାରି

ଇଟାଲିଆନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ପ୍ରତିଯୋଗିତାରେ ଗ୍ରୀସ୍‌ର ମାରିଆ ସାକାରି, ବେଲାରୁଷର ଅରିନା ସାବାଲେଙ୍କା ଓ ଅନ୍ୟ ତାରକା ଖେଳାଳିମାନେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୫ମ ସିଡ୍ ମାନ୍ୟତା ପାଇଥିବା ସାକାରି ୭-୬, ୬-୦ ସିଧାସଳଖ ସେଟ୍‌ରେ ୩୦ତମ ସିଡ୍ ୟୁକ୍ରେନ୍‌ର ଅନହେଲିନା କାଲିନିନାଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ଦ୍ୱିତୀୟ ସିଡ୍ ସାବାଲେଙ୍କା ୬-୪, ୬-୨ ସିଧାସଳଖ ସେଟ୍‌ରେ ୟୁକ୍ରେନ୍‌ର ଅନ୍ୟତମ ଖେଳାଳି ଡାୟାନା ୟାସ୍ତ୍ରେମସ୍କାଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆମେରିକାର ସୋଫିଆ କେନିନ୍ ତୃତୀୟ ରାଉଣ୍ଡ ମୁକାବିଲାରେ ୪-୬, ୬-୪, ୪-୬ ସେଟ୍‌ରେ ସ୍ଲୋଭାକିଆର ରେବେକା ଶ୍ରମକୋଭାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ରୋମାନିଆର ଇରିନା କାମେଲିଆ ବେଗୁ ୬-୨, ୬-୦ ସେଟ୍‌ରେ ନିଜ ଦେଶର ୨୭ତମ ସିଡ୍ ଏଲିସ ମେର୍ଟେନ୍ସଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି।

ପ୍ୟାରିସ ଅଲିମ୍ପିକ୍ସ :୪୪ ବର୍ଷ ପରେ ହକିରେ ଭାରତର ସ୍ୱର୍ଣ୍ଣ ପଦକ ଆଶା

# ନ୍ୟୁଜିଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ

**ବେଙ୍ଗାଲୁରୁ, ୧୨।୫(ଏଜେନ୍ସି)**




ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଆସନ୍ତା ଜୁଲାଇ ମାସରେ ଆରମ୍ଭ ହେବାକୁ ଯାଉଛି ଗ୍ରୀଷ୍ମକାଳୀନ ଅଲିମ୍ପିକ୍ କ୍ରୀଡ଼ା। ଏଥିଲାଗି ଯୋଗ୍ୟ ବିବେଚିତ ଖେଳାଳି ଓ ଦଳଗୁଡ଼ିକ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଏଭଳି ସ୍ଥିତିରେ ଭାରତୀୟ ହକି ଦଳ ମଧ୍ୟ ପ୍ରସ୍ତୁତି ଚଳାଇଛି। ଲକ୍ଷ୍ୟ ହେଉଛି ଦୀର୍ଘ ୪୪ ବର୍ଷ ପରେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହେବା। ଭାରତ ଶେଷଥର ଲାଗି ୧୯୮୦ ମସ୍କୋରେ ଅନୁଷ୍ଠିତ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଗତଥର ଟୋକିଓରେ କାଂସ୍ୟ ପଦକ ଜିତିବାରେ ଦଳର ପଦକ ଜିତିବା ମରୁଡ଼ି ଶେଷ ହୋଇଥିଲା। ଏହି ସଫଳତାକୁ ଭିତ୍ତିକରି ଭାରତ ସ୍ୱର୍ଣ୍ଣପଦକ ଜିତିବାର ସ୍ୱପ୍ନ ଦେଖୁଛି। କିନ୍ତୁ ଏହି ସ୍ୱପ୍ନକୁ ସାକାର କରିବାକୁ ହେଲେ ପ୍ରଥମେ ସ୍ଥାନ ପାଇଥିବା ଗ୍ରୁପ୍-ବି'ରେ ଶ୍ରେଷ୍ଠ ଦଳଗୁଡ଼ିକୁ ହରାଇ ୪ଟି ଦଳ ମଧ୍ୟରେ ସ୍ଥାନ ପାଇବାକୁ ହେବ। ଏହା ପରେ ଶେଷ ୮ଟି, ଶେଷ ୪ଟି ଓ ପରେ ପ୍ରଥମ ସ୍ଥାନ ହାସଲ କରିବାକୁ ପଡ଼ିବ। ଭାରତକୁ ଟକ୍କର ଦେବା ଲାଗି ଅନ୍ୟଦଳଗୁଡିକ ଅନୁରୂପ ଭାବେ ପ୍ରସ୍ତୁତି ଚଳାଇଛନ୍ତି। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଡିଫେଣ୍ଡିଂ ଅଲିମ୍ପିକ୍ ଚାମ୍ପିଅନ୍ ତଥା ବିଶ୍ୱର ନଂ-୨ ଟିମ୍ ବେଲଜିୟମ, ନଂ-୩ ଟିମ୍ ଅଷ୍ଟ୍ରେଲିଆ, ନଂ-୭ ଟିମ୍ ଆର୍ଜେଣ୍ଟିନା, ନଂ-୧୦ ଟିମ୍ ନ୍ୟୁଜିଲାଣ୍ଡ ଓ ନଂ-୧୧ ଟିମ୍ ଆୟର୍ଲାଣ୍ଡ ସହ ସ୍ଥାନ ପାଇଛି। ଦଳକୁ ଆଗକୁ ବଢ଼ିବାକୁ ହେଲେ ଏମାନଙ୍କୁ ହରାଇବାକୁ ପଡ଼ିବ ବା ଏହି ଦଳଗୁଡ଼ିକ ବିପକ୍ଷରେ ଭଲ ଖେଳିବାକୁ ହେବ। ନିଜ ଗ୍ରୁପ୍‌ରେ ଚତୁର୍ଥ ସ୍ଥାନରେ ରହିଲେ ମଧ୍ୟ ଦଳ ନକ୍‌ଆଉଟ ବା କ୍ୱାର୍ଟର ଫାଇନାଲକୁ ଉନ୍ନିତ ହୋଇପାରିବ। ଅନ୍ୟପକ୍ଷରେ ପୁଲ-ଏ'ରେ ଶୀର୍ଷମାନ୍ୟତାପ୍ରାପ୍ତ ଦଳକୁ ସ୍ଥାନ ମିଳିଛି। ଏହି ଗ୍ରୁପ୍‌ରେ ବିଶ୍ୱର ନଂ-୧ ଟିମ୍ ନେଦରଲାଣ୍ଡସ ସହ ଜର୍ମାନୀ, ଗ୍ରେଟ ବ୍ରିଟେନ, ସ୍ପେନ୍, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ଫ୍ରାନ୍ସକୁ ସ୍ଥାନ ମିଳିଛି। ଅଲିମ୍ପିକ୍ସ ହକିରେ ମୋଟ ୧୨ଟି ଦଳ ପଦକ ହାସଲ କରିବାକୁ ଜୋରଦାର ଲଢ଼େଇ କରିବେ।

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ଜୁଲାଇ ୨୭ରୁ ଅଭିଯାନ ଆରମ୍ଭ କରିବ। ଏହା ପରେ ଆର୍ଜେଣ୍ଟିନା ସହ ୨୯ ଓ ଆୟର୍ଲାଣ୍ଡ ସହ ୩୦ରେ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ଦଳର ଚତୁର୍ଥ ମୁକାବିଲା ବେଲଜିୟମ ସହ ହେବ। ଏହି ମ୍ୟାଚ୍‌ଟି ଅଗଷ୍ଟ ୧ରେ ଖେଳାଯିବ। ଅଷ୍ଟ୍ରେଲିଆ ସହ ଭାରତ ତାହାର ଶେଷ ଗ୍ରୁପ୍ ମ୍ୟାଚ୍ ଅଗଷ୍ଟ ୨ରେ ଖେଳିବ।

ଭାରତୀୟ ଦଳର ପ୍ରସ୍ତୁତି ସମ୍ପର୍କରେ ଅଧିନାୟକ ହରମନପ୍ରୀତ ସିଂ କହନ୍ତି, ଅଲିମ୍ପିକ୍ସରେ ଲଢ଼େଇ କରିବାକୁ ଆଉ ୭୫ ଦିନ ବାକି ରହିଛି। ଏହି ପ୍ରତିଯୋଗିତା ଲାଗି ଘରୋଇ ମାଟିରେ ଆମର ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆମେ ଅଷ୍ଟ୍ରେଲିଆ ସିରିଜ୍‌ରେ ଯେଉଁ ଦୋଷ ଦୁର୍ବଳତା ପ୍ରକାଶ ପାଇଛି ଆମେ ତାହାକୁ ପ୍ରଶିକ୍ଷଣ ଶିବିରରେ ସଜାଡ଼ିବାକୁ ଚେଷ୍ଟା କରିଛୁ। ଶିବିର ପରେ ୟୁରୋପରେ ଖେଳାଯିବାକୁ ଥିବା ହକି ପ୍ରୋ-ଲିଗ୍ ଆମର ଶେଷ ପ୍ରସ୍ତୁତି ହେବ। ଏହି ଟୁରରେ ଆର୍ଜେଣ୍ଟିନା, ବେଲଜିୟମ, ଜର୍ମାନୀ ଓ ଗ୍ରେଟବ୍ରିଟେନ ସହ ଖେଳିବ। ଏହା ଅଲିମ୍ପିକ୍ସ ଲାଗି ଭଲ ସହାୟତା କରିବ ବୋଲି ହରମନପ୍ରୀତ ସିଂ କହିଛନ୍ତି। ଉପଅଧିନାୟକ ହାର୍ଦ୍ଦିକ ସିଂଙ୍କ ମତରେ ଅଲିମ୍ପିକ୍ସ ଲାଗି ଆମେ କୌଣସି କ୍ଷେତ୍ରକୁ ଛାଡୁ ନାହୁଁ। ଭାରତ ସ୍ୱର୍ଣ୍ଣ ପଦକ ଜିତିବା ଲାଗି ଯାହାକିଛି ଅଭ୍ୟାସରେ କରିବାକୁ ହେବ ତାହା ଆମେ କରିବୁ। ଆମ ନିକଟରେ ପିଆର ଶ୍ରୀଜେଶ ଓ ମନ୍‌ପ୍ରୀତ୍ ସିଂଙ୍କ ପରି ଅଭିଜ୍ଞ ଖେଳାଳି ରହିଛନ୍ତି। ଏମାନେ ଚତୁର୍ଥଥର ଅଲିମ୍ପିକ୍ସ ଖେଳୁଛନ୍ତି। ଅଧିନାୟକ ହରମନପ୍ରୀତ ସିଂ ମଧ୍ୟ ବେଶ ଅଭିଜ୍ଞ। ଏଣୁ ଆମେ ଏବେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବୁ।

ଅଲିମ୍ପିକ୍ସ ହକି ଇତିହାସରେ ଭାରତ ସର୍ବାଧିକ ପଦକ ଜିତିଥିବା ଦଳ ଭାବେ ବିବେଚିତ ହୋଇଛି। ଏହି ଦଳ ୧୯୨୮ରୁ ୧୯୮୦ ମଧ୍ୟରେ ୮ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଅନ୍ୟ ସ୍ୱର୍ଣ୍ଣପଦକ ୧୯୩୨, ୧୯୩୬, ୧୯୪୮, ୧୯୫୨, ୧୯୫୬ ଓ ୧୯୬୪ରେ ଜିତିଥିଲା। ୧୯୬୦ରେ ଭାରତ ଥରେ ରୌପ୍ୟ ପଦକ ବିଜୟୀ ହୋଇଥିଲା। ଏହା ବ୍ୟତୀତ ଦଳ ୩ଥର କାଂସ୍ୟ ପଦକ ହାସଲ କରିଛି। ଏହା ୧୯୬୮, ୧୯୭୨ ଓ ଗତଥର ୨୦୨୦ରେ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ନିକଟରୁ ୦-୫ରେ ଟେଷ୍ଟ ସିରିଜ୍ ହାରିଯିବା ପରେ ଏଥର ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବା ନେଇ

### ଭାରତର ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ସମୟ* |
|---|---|---|
| ଜୁଲାଇ ୨୭ | ନ୍ୟୁଜିଲାଣ୍ଡ | ରାତି ୯ଟା |
| ଜୁଲାଇ ୨୯ | ଆର୍ଜେଣ୍ଟିନା | ଅପରାହ୍ଣ ୪ଟା୧୫ |
| ଜୁଲାଇ ୩୦ | ଆୟର୍ଲାଣ୍ଡ | ଅପରାହ୍ଣ ୪ଟା୪୫ |
| ଅଗଷ୍ଟ ୦୧ | ବେଲଜିୟମ | ଅପରାହ୍ଣ୧ଟା୩୦ |
| ଅଗଷ୍ଟ ୦୨ | ଅଷ୍ଟ୍ରେଲିଆ | ଅପରାହ୍ଣ ୪ଟା୪୫ |
| ଅଗଷ୍ଟ ୦୪ | କ୍ୱାର୍ଟରଫାଇନାଲ (୪) | |
| ଅଗଷ୍ଟ ୦୬ | ସେମିଫାଇନାଲ (୨) | |
| ଅଗଷ୍ଟ ୦୮ | ଫାଇନାଲ | ରାତି ୧୦ଟା ୩୦ |

ବିଦ୍ର:- * - ଭାରତୀୟ ସମୟଅନୁସାରେ

ତ୍ରିନାଥ ଦାସ ସ୍ମାରକୀ ସ୍କୁଲ ଚେସ୍

# ବିନୀତ ଚାମ୍ପିଅନ, ଶାଶ୍ୱତ ରନର୍ସଅପ୍



**ଭୁବନେଶ୍ୱର, ୧୨।୫(ସମିସ)**

ଭୁବନେଶ୍ୱର ବିଜେଇଏମ୍ ସ୍କୁଲ-୧'ର ବିନୀତ ନାୟକ ତୃତୀୟ ତ୍ରିନାଥ ଦାସ ସ୍ମାରକୀ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛନ୍ତି। ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲର ଶାଶ୍ୱତ ମହାପାତ୍ର ରନର୍ସଅପ୍ ହୋଇଛନ୍ତି। ଏମାନଙ୍କ ପଛକୁ କେଦାରଗୌରୀ ସେଣ୍ଟ ଜାଭିୟର ହାଇସ୍କୁଲର ନମସ୍ୟ ନଳୀନି, ଭଦ୍ରକ ସେଣ୍ଟ ଜାଭିୟର ହାଇସ୍କୁଲର ସାଇ ବିଦ୍ୟାଶ୍ରୀ, ଭୁବନେଶ୍ୱରର ଷ୍ଟିୱାର୍ଟ ସ୍କୁଲ୍‌ର ଦିବ୍ୟାଂଶୁ ଦାସ, କେଭି ନଂ-୧'ର ସତ୍ୟନାରାୟଣ ସ୍ୱାଇଁ, ଷ୍ଟିୱାର୍ଟ ସ୍କୁଲ୍‌ର ରୁଦ୍ରପ୍ରତାପ ମିଶ୍ର, କେଭି ଆଇଆଇଟିର ହୃଦୟ ଶ୍ରୀନିବାସ, ପୋଖରୀପୁଟ ଡିଏଭି ସ୍କୁଲର ଦିବ୍ୟାଂଶ ମହାନ୍ତ ଓ ଇ-ଟେକ୍ନୋ ସ୍କୁଲ୍‌ର ଆଦ୍ୟାଶ୍ରୀ ପଣ୍ଡା ଯଥାକ୍ରମେ ତୃତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ସ୍ୱର୍ଗତ ତ୍ରିନାଥ ଦାସଙ୍କ ଝିଅ ଶ୍ରୀମତୀ ସବିତା ଦାସ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା।

ଜାତୀୟ କରାଟେ ପ୍ରତିଯୋଗିତା

# ଆଲିଶା, ଅଂଶୁମାନଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର,୧୨।୫(ସମିସ)**

ଡେରାଡୁନ୍‌ରେ ଅନୁଷ୍ଠିତ ହୋଇଥିବା ଜାତୀୟ କ୍ୟାଡେଟ, ଜୁନିଅର, ୨୧ ବର୍ଷରୁ କମ୍ ଓ ବିରଷ୍ଠ କରାଟେ ପ୍ରତିଯୋଗିତାରେ ରବିବାର ଅନ୍ତିମ ଦିବସରେ ଓଡ଼ିଶା ପ୍ରତିଯୋଗୀମାନେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ଜିତି ମୋଟ ଉପରେ ୬ଟି ପଦକ ପାଇଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ୬ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୭ଟି କାଂସ୍ୟ ହାସଲ କରି ମୋଟ୍ ଉପରେ ୨୧ଟି ପଦକ ହାସଲ କରିଛି।

ଶେଷ ଦିବସରେ ଓଡ଼ିଶାର ମହିଳା କ୍ୟାଡେଟ୍ କାଟାରେ ଆଲିଶା ସୁବୁଦ୍ଧି ଓ ଅଂଶୁମାନ ଆଚାର୍ଯ୍ୟ ପୁରୁଷ କ୍ୟାଡେଟ (-୭୦ କିଗ୍ରା) ଫାଇଟ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁନିତ୍ କୁମାର ମହନ୍ତ କ୍ୟାଡେଟ ପୁରୁଷ କାଟାରେ ରୌପ୍ୟ ପଦକ ଜିତିଥିବା ବେଳେ ଜ୍ୟୋତିର୍ମୟୀ ରଣା ମହିଳା (-୬୧ କେଜି) ଫାଇଟ୍‌ରେ କାଂସ୍ୟ, ଓମ୍ ସତ୍ୟମ ମହାନ୍ତି କ୍ୟାଡେଟ ପୁରୁଷ (-୪୫ କେଜି) ଫାଇଟ୍‌ରେ କାଂସ୍ୟ ଓ ଚନ୍ଦନା ପ୍ରୟଦର୍ଶନୀ କ୍ୟାଡେଟ ମହିଳା (-୪୨ କେଜି) ଫାଇଟ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଟିମ୍ ମ୍ୟାନେଜର ଅବିନାଶ ପୁହିର, ମହିଳା ଟିମ୍ ମ୍ୟାନେଜର ଭାବେ ସୁସ୍ମିନ ପାଲଟାସିଂ ଓ ବ୍ରତତି ବିଶ୍ୱରୂପା ପତି, କୋଚ୍ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ରାଜୀବ ସିଂ, ସନ୍ତୋଷ ମହାରାଣା, କେଜିକେ ପ୍ରତିହାରୀ, ରାଜେନ୍ଦ୍ର କେଶରୀ ସାମଲ ଓ ଦିଲ୍ଲୀପ ଜେନା ପ୍ରମୁଖ ଯୋଗ ଦେଇଥିଲେ। ୧୫ ତାରିଖରେ ଓଡ଼ିଶା ଦଳ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବ।




# ୧୫୦୦ ମିଟରରେ ଦୁଇ ଭାରତୀୟଙ୍କ କମାଲ

## ଦୀକ୍ଷାଙ୍କ ନୂଆ ଜାତୀୟ ରେକର୍ଡ

**ଲସ୍ ଏଞ୍ଜେଲ୍ସ, ୧୨।୫ (ଏଜେନ୍ସି):** ମଧ୍ୟପ୍ରଦେଶ ଧାବିକା କେ.ଏମ୍. ଦୀକ୍ଷା ୧୫୦୦ ମିଟର ରେସରେ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଲସ୍ ଏଞ୍ଜେଲ୍ସରେ ଅନୁଷ୍ଠିତ ଟ୍ରାକ୍ ଫେଷ୍ଟିଭାଲ ଆଥ୍‌ଲେଟିକ ମିଟ୍‌ରେ ଦୀକ୍ଷା ୧୫୦୦ ମିଟର ରେସ୍‌କୁ ୪ ମିନିଟ୍ ୪.୭୮ ସେକେଣ୍ଡରେ ଫିନିଶ କରି ୩ୟ ସ୍ଥାନ ହାସଲ କରିଥିଲେ। ଏହି ଇଭେଣ୍ଟରେ ଭାରତର ଏହା ନୂତନ ରେକର୍ଡ ହୋଇଛି। ପୂର୍ବରୁ ମହିଳା ୧୫୦୦ ମିଟର ଜାତୀୟ ରେକର୍ଡ ହର୍ମିନ ବୈଂଶଙ୍କ ନାମରେ ରହିଥିଲା। ୨୦୨୧ରେ ଜାତୀୟ ଓପନ୍ ଚାମ୍ପିଅନସିପ୍‌ରେ ହର୍ମିନ ଏହି ଦୂରତାକୁ ୪ ମିନିଟ୍ ୫.୩୯ ସେକେଣ୍ଡରେ ଫିନିଶ୍ କରି ରେକର୍ଡର ଅଧିକାରିଣୀ ରହିଥିଲେ।

୨୫ ବର୍ଷୀୟା ଦୀକ୍ଷାଙ୍କ ଏହା ମଧ୍ୟ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି। ପୂର୍ବରୁ ସେ ୨୦୨୩ରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଜାତୀୟ ଦୌଡ଼କୁଦ ପ୍ରତିଯୋଗିତାରେ ୧୫୦୦ ମିଟର ଦୂରତାକୁ ୪ ମିନିଟ୍ ୬.୦୩ ସେକେଣ୍ଡରେ ଶେଷ କରି ବ୍ୟକ୍ତିଗତ ଶ୍ରେଷ୍ଠ ହାସଲ କରିଥିଲେ।




## ପର୍‌ଭେଜ ଖାନଙ୍କୁ ସ୍ୱର୍ଣ୍ଣିମ ସଫଳତା

**ଫ୍ଲୋରିଡା, ୧୨।୫ (ଏଜେନ୍ସି):** ଆଉ ଜଣେ ଭାରତୀୟ ଧାବକ ୧୫୦୦ ମିଟର ରେସରେ କମାଲ କରିଛନ୍ତି। ସେ ହେଲେ ପରଭେଜ ଖାନ। ଫ୍ଲୋରିଡାରେ ଅନୁଷ୍ଠିତ ସାଉଦର୍ନ କନଫରେନ୍ସ ଆଉଟ୍‌ଡୋର ଟ୍ରାକ୍ ଆଣ୍ଡ ଫିଲ୍ଡ ଚାମ୍ପିଅନସିପ୍‌ର ପୁରୁଷ ୧୫୦୦ ମିଟର ରେସରେ ପରଭେଜ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ଏହି ଦୂରତାକୁ ୩ ମିନିଟ୍ ୪୨.୭୩ ସେକେଣ୍ଡରେ ଫିନିଶ୍ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହା ସତ୍ତ୍ୱେ ୧୯ ବର୍ଷୀୟ ହରିୟାଣା ଧାବକ ସିଜନରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନକୁ ଛୁଇଁପାରି ନ ଥିଲେ। ଗତ ଏପ୍ରିଲରେ ବ୍ରାୟନ କ୍ଲେ ଆମନ୍ତ୍ରଣୀୟ ପ୍ରତିଯୋଗିତାରେ ପରଭେଜ ୩ ମିନିଟ୍ ୩୮.୭୬ ସେକେଣ୍ଡ ସମୟ ନେଇ ରେସ୍ ଶେଷ କରିଥିଲେ।

ପରଭେଜ ଏହାବାଦ୍ ଫ୍ଲୋରିଡାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଏକ କାଂସ୍ୟ ପଦକ ମଧ୍ୟ ବିଜୟୀ ହୋଇଛନ୍ତି। ସେ ପୁରୁଷ ୮୦୦ ମିଟର ରେସ୍‌କୁ ୧ ମିନିଟ୍ ୪୬.୮୦ ସେକେଣ୍ଡରେ ଫିନିଶ କରି ୩ୟ ସ୍ଥାନ ହାସଲ କରିଥିଲେ।




● ୫ମ ଟି-୨୦ରେ ବାଂଲାଦେଶ ପରାସ୍ତ

# ସିରିଜ ମୂଳପୋଛ ଏଡ଼ାଇଲା ଜିମ୍ବାୱେ

**ମୀରପୁର,୧୨।୫(ଏଜେନ୍ସି):** ବାଂଲାଦେଶ ବିପକ୍ଷ ୫ମ ତଥା ଅନ୍ତିମ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଜିମ୍ବାୱେ ୯ ବଲ ବାକିଥାଇ ୮ ୱିକେଟରେ ବିଜୟୀ ହୋଇଛି। ପରାଜୟ ସତ୍ତ୍ୱେ ବାଂଲାଦେଶ ୪-୧ ବ୍ୟବଧାନରେ ସିରିଜ ହାତେଇଛି। ଅନ୍ୟପଟେ ସାନ୍ତ୍ୱନାମୂଳକ ବିଜୟ ସହ ଜିମ୍ବାୱେ ସିରିଜ ମୂଳପୋଛକୁ ଏଡାଇବାରେ ସମର୍ଥ ହୋଇଛି। ସ୍ଥାନୀୟ ଶେର ଇ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଅନ୍ତିମ ମୁକାବିଲାରେ ଟସ୍ ହାରି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲା। ଜବାବରେ ଜିମ୍ବାୱେ ୧୮.୩ ଓଭରରେ ୨ ୱିକେଟ ହରାଇ ୧୫୮ ରନକରି ବିଜୟୀ ହୋଇଛି। ଜିମ୍ବାୱେ ପାଇଁ ଓପନ୍ ବ୍ରାଏଣ୍ଟ ୪୯ ବଲରୁ ୫ଟି ଲେଖାଏ ଚୌକା ଓ ଛକା ସହ ଦ୍ରୁତ ୭୦ ରନ କରିବା ସହ ୨ ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ଅଧିନାୟକ ସିକନ୍ଦର ରାଜା ୪୬ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୪ ଛକା ସହ ୭୨ ରନକରି ଅପରାଜିତ ରହିବା ସହ ଦଳକୁ ବିଜୟ ପ୍ରଦାନ କରିଥିଲେ। ଜୋନାଥନ କ୍ୟାମ୍ପବେଲ୍ ୮ ରନକରି ଅପରାଜିତ ରହିଥିବା ବେଳେ ତାଡିୱାନଶେ ମରୁମାନି ୧ ରନକରି ଆଉଟ ହୋଇଥିଲେ। ବାଂଲାଦେଶ ପାଇଁ ସକିବ ଅଲ ହାସନ ଓ ମହମ୍ମଦ ସୈଫୁଦ୍ଦିନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

## ମହମ୍ମୁଦୁଲ୍ଲାଙ୍କ ଅର୍ଦ୍ଧଶତକ

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପାଇଁ ମହମ୍ମୁଦୁଲ୍ଲା ୫୪, ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ୩୬, ସକିବ ୨୧ ରନକରି ଆଉଟ ହୋଇଥିବା ବେଳେ ୱିକେଟରକ୍ଷକ ବ୍ୟାଟର ଜାକେର ଅଲି ୨୪ ଓ ମହମ୍ମଦ ସୈଫୁଦ୍ଦିନ ୬ ରନକରି ଅପରାଜି ରହିଥିଲେ। ଜିମ୍ବାୱେର ବ୍ଲେସିଂ ମୁଜାରବାନୀ, ବ୍ରାଏନ୍ ବେନ୍ନେଟ ଦୁଇଟି ଲେଖାଏ, ୱେଲିଂଟନ ମାସାକାଜା ଓ ଲ୍ୟୁକ ଜଙ୍ଗୱେ ଗୋଟିଏ ଲେଖାଏ ୱିକେଟ ନେଇଥିଲେ।

କ୍ରୀଡ଼ା
ସକାଳ
www.sakalaepaper.com

### ଆଇପିଏଲ୍-୧୭ : ପ୍ଲେ ଅଫ୍ ଲାଗି ଲଢ଼େଇ ଜୋରଦାର

# ରାଜସ୍ଥାନକୁ ହରାଇ ଆଉ ପାଦେ ଆଗେଇଲା ଚେନ୍ନାଇ



**ଚେନ୍ନାଇ, ୧୨।୫(ଏଜେନ୍ସି)**

ସିମରଜିତ ସିଂ (୩/୨୬)ଙ୍କ ଶ୍ରେଷ୍ଠ ବୋଲିଂ ସଫଳତା ଓ ଅଧିନାୟକ ଋତୁରାଜ ଗାଏକୱାଡ (୪୧ବଲ୍‌ରେ ୪୨* ରନ୍)ଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ୫ ୱିକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ୫ଥରର ଚାମ୍ପିଅନ ଚେନ୍ନାଇ ପ୍ଲେ ଅଫ୍‌ରେ ପ୍ରବେଶ କରିବାକୁ ଆଉ ପାଦେ ଆଗେଇଛି। ଅବଶ୍ୟ ପ୍ଲେ ଅଫ୍‌ରେ ପ୍ରବେଶ କରିବାକୁ ହେଲେ ଦଳକୁ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ହରାଇବାକୁ ପଡ଼ିବ। ଏହି ମ୍ୟାଚ୍‌ଟି ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ମେ ୧୮ ତାରିଖରେ ଖେଳାଯିବ। ଚଳିତ ସିଜନରେ ଚେନ୍ନାଇ ତାହାର ଘରୋଇ ପଡ଼ିଆରେ ମ୍ୟାଚ୍ ଖେଳିବା ଶେଷ କରିଛି। ନିଜ ପଡ଼ିଆରେ ଚେନ୍ନାଇ ୭ଟି ମ୍ୟାଚ୍ ଖେଳି ୫ଟିରେ ବିଜୟୀ ହୋଇଛି। କିନ୍ତୁ ବାହାର ପଡ଼ିଆରେ ଦଳ ୬ଟି ମ୍ୟାଚ୍ ଖେଳି ମାତ୍ର ୨ଟିରେ ଜିତ୍ ହାସଲ କରିଛି। ଏହି ମ୍ୟାଚ୍‌କୁ ମିଶାଇ ଚେନ୍ନାଇ ସୁପର କିଙ୍ଗ୍‌ସ ଗୋଟିଏ ଭେନ୍ୟୁ (ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍)ରେ ସର୍ବାଧିକ ୫୨ଟି ମ୍ୟାଚ୍ ଜିତିବାର ରେକର୍ଡ ସହ ସମକକ୍ଷ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ମୁମ୍ବଇର ୱାଙ୍ଖଡେ ଷ୍ଟାଡିୟମ୍‌ରେ ମଧ୍ୟ ୫୨ଟି ମ୍ୟାଚ୍ ବିଜୟୀ ହୋଇଛି। ଚେନ୍ନାଇ ଦଳର ଆଉ ଏକ ସଫଳତା ହେଲା, ରାଜସ୍ଥାନ ବିପକ୍ଷରେ କ୍ରମାଗତ ୪ଟି ମ୍ୟାଚ୍ ହାରିବା ପରେ ପ୍ରଥମ ବିଜୟ ହାସଲ କରିଛି।

## ବୋଲର ମ୍ୟାଚ୍ ଜିତାଇଲେ

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ୫ ୱିକେଟରେ ୧୪୧ ରନ୍ କରିବାକୁ ସମର୍ଥ ହୋଇଥିଲା। ରାଜସ୍ଥାନର ଏହି କମ୍ ରନ୍ ସଂଗ୍ରହ କରିବା ଲାଗି ଚେନ୍ନାଇର ବୋଲରମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ଦଳର ପ୍ରଥମ ପସନ୍ଦର ୩ ଜଣ ପେସ୍ ବୋଲର ମୁସ୍ତାଫିଜୁର ରହମନ, ମଥୀଶା ପତିରାଣା ଓ ଦୀପକ ଚହରଙ୍କ ଅନୁପସ୍ଥିତିରେ ସିମରଜିତ ସିଂ ଓ ତୁଷାର ଦେଶପାଣ୍ଡେ ଚମତ୍କାର ବୋଲିଂ କରି ରାଜସ୍ଥାନକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲେ। ଦିଲ୍ଲୀର ୨୬ ବର୍ଷୀୟ ପେସ୍ ବୋଲର ସିମରଜିତ ସିଂ ୪ ଓଭରରେ ୨୬ ରନ୍ ଦେଇ ୩ଟି ଓ ତୁଷାର ଦେଶପାଣ୍ଡେ ୩୦ ରନ୍‌ରେ ୨ଟି ୱିକେଟ ନେଇଥିଲେ। ଏମାନଙ୍କ ଛଡ଼ା ଅନ୍ୟ ସମସ୍ତ ବୋଲର ଭଲ ପ୍ରଦର୍ଶନ କରିଥିଲେ। ୪ ଓଭର ସ୍ପେଲ୍‌ରେ ରବୀନ୍ଦ୍ର ଜାଡେଜା, ମହୀଶ ଥିକ୍ସାନା ଓ ଶାର୍ଦ୍ଦୁଳ ଠାକୁର ଯଥାକ୍ରମେ ୨୪, ୨୮ ଓ ୩୨ ରନ୍ ବ୍ୟୟ କରିଥିଲେ। ରାଜସ୍ଥାନ ପକ୍ଷରୁ ରିୟାନ ପରାଗ ସର୍ବାଧିକ ୪୭ ରନ୍ କରି ଅପରାଜିତ ରହିଥିଲେ। ଯଶସ୍ୱୀ ଜୟସ୍ୱାଲ ୨୪, ଜୋସ ବଟ୍ଲର ୨୧, ସଞ୍ଜୁ ସାମସନ ୧୫ ରନ୍ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିବାରେ ସମର୍ଥ ହୋଇ ନ ଥିଲେ। ଧ୍ରୁବ ଜୁରେଲଙ୍କ ୨୮ ରନ୍ ଯୋଗୁଁ ଦଳ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା।

## ଋତୁରାଜଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ

ରାଜସ୍ଥାନ ପ୍ରଦତ୍ତ ୧୪୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ଆରମ୍ଭରୁ ସତର୍କ ହୋଇ ଖେଳିଥିଲା। କିନ୍ତୁ ଓପନର ରାଚିନ ରବୀନ୍ଦ୍ର ୧୮ ବଲ୍‌ରେ ଦ୍ରୁତ ୨୭ ରନ୍ କରି ଆଉଟ ହୋଇଥିଲେ ମଧ୍ୟ ଅନ୍ୟପଟେ ଅଧିନାୟକ ଗାଏକୱାଡ ଦୃଢ଼ତାର ସହ ବ୍ୟାଟିଂ କରିଥିଲେ। ଡାରିଲ ମିଚେଲ ୧୩ ବଲ୍‌ରେ ୨୨, ମୋଇନ୍ ଅଲି ୧୦, ଶିବମ ଦୁବେ ୧୧ ବଲ୍‌ରେ ୧୮ ଓ ସମୀର ରିଜଭୀ ୮ ବଲ୍‌ରେ ଅପରାଜିତ ୧୫ ରନ୍ କରିବା ଫଳରେ ଦଳ ୧୮.୨ ଓଭରରେ ୫ ୱିକେଟ ହରାଇ ୧୪୫ ରନ୍ କରିବା ସହ ବିଜୟୀ ହୋଇଥିଲା। ଗାଏକୱାଡ ବ୍ୟାଟିଂ ଆରମ୍ଭ କରି ୪୨ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ଘରୋଇ ମାଟିରେ ଗାଏକୱାଡ ଚଳିତ ସିଜନରେ ଶ୍ରେଷ୍ଠ ସଫଳତା ପାଇଛନ୍ତି। ଏଠାରେ ସେ ଯଥାକ୍ରମେ ୧୫, ୪୬, ୬୭*, ୧୦୮*, ୯୮, ୬୨ ଓ ୪୨* ରନ୍‌ର ସ୍କୋର କରିଛନ୍ତି। ଏଠାରେ ସେ ଇନିଂସ ପ୍ରତି ୧୦୯.୫ ହାରରେ ମୋଟ ୪୩୮ ରନ୍ କରି ଗୋଟିଏ ଭେନ୍ୟୁରେ ସର୍ବାଧିକ ରନ୍ କରିବାରେ ସମର୍ଥ ହୋଇଛନ୍ତି।

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ଗୁଜରାଟ- କୋଲକାତା**

**ସ୍ଥାନ-** ଅହମ୍ମଦାବାଦ୍, **ସମୟ-** ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୧୨ | ୯ | ୩ | ୧୮ | +୧.୪୨୮ |
| ରାଜସ୍ଥାନ | ୧୨ | ୮ | ୪ | ୧୬ | +୦.୩୪୯ |
| ଚେନ୍ନାଇ | ୧୩ | ୭ | ୬ | ୧୪ | +୦.୫୨୮ |
| ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ବେଙ୍ଗାଲୁରୁ | ୧୩ | ୬ | ୭ | ୧୨ | +୦.୩୮୭ |
| ଦିଲ୍ଲୀ | ୧୩ | ୬ | ୭ | ୧୨ | -୦.୪୮୨ |
| ଲକ୍ଷ୍ନୌ | ୧୨ | ୬ | ୬ | ୧୨ | -୦.୭୬୯ |
| ଗୁଜରାଟ | ୧୨ | ୫ | ୭ | ୧୦ | -୧.୦୬୩ |
| ମୁମ୍ବାଇ | ୧୩ | ୪ | ୯ | ୮ | -୦.୨୭୧ |
| ପଞ୍ଜାବ | ୧୨ | ୪ | ୮ | ୮ | -୦.୪୨୩ |

### ରଜତ ପଟିଦାରଙ୍କ ଅର୍ଦ୍ଧଶତକ

# ଆରସିବିର କ୍ରମାଗତ ୫ମ ବିଜୟ



**ବେଙ୍ଗାଲୁରୁ, ୧୨।୫(ଏଜେନ୍ସି):** ରଜତ ପଟିଦାର (୩୨ବଲ୍‌ରେ ୫୨ରନ୍)ଙ୍କ ଅର୍ଦ୍ଧଶତକ ଓ ୱିଲ ଜ୍ୟାକ୍ସ (୨୯ ବଲ୍‌ରେ ୪୧)ଙ୍କ ଦ୍ରୁତ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୬୨ତମ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୪୭ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ପ୍ଲେ ଅଫ୍ ପ୍ରବେଶ ଦୌଡ଼ରେ ତିଷ୍ଠି ରହିଛି। ଏହା ବେଙ୍ଗାଲୁରୁର କ୍ରମାଗତ ୫ମ ବିଜୟ। ଏହି ମ୍ୟାଚ୍ ଜିତିବା ପରେ ବେଙ୍ଗାଲୁରୁ ୧୩ଟି ମୁକାବିଲାରୁ ୧୨ ପଏଣ୍ଟ ପାଇ ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଦଳ ଯଦି ଶେଷ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିପାରିଲେ ପ୍ଲେ ଅଫ୍ ଲାଗି ତିଷ୍ଠି ରହିବ। ଯଦି ବେଙ୍ଗାଲୁରୁ ଏହି ମ୍ୟାଚ୍ ହାରିଯାଏ ତେବେ ପ୍ଲେ ଅଫ୍ ଦୌଡ଼ରୁ ବିଦା ହୋଇଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୭ ରନ୍ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯.୧ ଓଭରରେ ୧୪୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କାମଚଳା ଅଧିନାୟକ ଅକ୍ଷର ପଟେଲ ୫୭ ଓ ସାଇ ହୋପ୍ ୨୯ ରନ୍ କରିଥିଲେ। କିନ୍ତୁ ତାରକା ଖେଳାଳି ଡେଭିଡ୍ ୱାର୍ଣ୍ଣର ୧, ଜେକ୍ ଫ୍ରେଜର-ମ୍ୟାକ୍‌ଗ୍ରୁକ ୨୧ ରନ୍ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ଯଶ ଦୟାଲ ୩ଟି ଓ ଲକି ଫର୍ଗୁସନ ୨ଟି ୱିକେଟ ପାଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ଦଳ ୩୬ ରନ୍‌ରେ ଦୁଇ ଓପନରଙ୍କୁ ହରାଇଥିଲା। ଅଧିନାୟକ ଫାଫ୍ ଡୁ ପ୍ଲେସିସ ୬ ଓ ବିରାଟ କୋହଲି ୨୭ ରନ୍ କରିଥିଲେ। ଏମାନଙ୍କ ଆଉଟ ପରେ ତୃତୀୟ ୱିକେଟ ଭାଗୀଦାରିରେ ରଜତ ପଟିଦାର ଓ ୱିଲ ଜ୍ୟାକ୍ସ ୫୩ ବଲ୍‌ରୁ ୮୮ ରନ୍ ଉଠାଇ ଦଳର ସମ୍ମାନ ରକ୍ଷା କରିଥିଲେ। ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିବା ପଟିଦାର (୩୨ବଲ୍‌ରେ ୫୨ରନ୍, ୩ଚୌକା, ୩ଛକା) ଦଳୀୟ ସ୍କୋର ୧୨୪ ଓ ଜ୍ୟାକ୍ସ (୨୯ବଲ୍‌ରେ ୪୧ରନ୍, ୩ଚୌକା, ୨ଛକା) ୧୩୭ ରନ୍‌ରେ ଆଉଟ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ କାମେରନ ଗ୍ରୀନ୍ ୨୪ବଲ୍‌ରେ ୩୨ ରନ୍ କରିବା ସହ ୫ମ ୱିକେଟରୁ ମହିପାଲ ଲୋମରରଙ୍କ ସହ ୧୮ ବଲ୍‌ରୁ ୩୭ ରନ୍ ଉଠାଇବା ଫଳରେ ଦଳ ୧୫୦ରନ୍ ସ୍କୋର ଅତିକ୍ରମ କରିଥିଲା। ଦଳ ପକ୍ଷରୁ ୩ ଖେଳାଳି ଦିନେଶ କାର୍ତ୍ତିକ, ସ୍ୱପ୍ନିଲ ସିଂ ଓ ମହମ୍ମଦ୍ ସିରାଜ ଖାତା ଖୋଲିବାରେ ସମର୍ଥ ହୋଇ ନ ଥିଲେ। ଦିଲ୍ଲୀ ପକ୍ଷରୁ ଖଲୀଲ ଅହମ୍ମଦ୍ ଓ ରସିକ ସଲାମ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

## ବାସନ୍ଦ ଯୋଗୁଁ ଖେଳିଲେନି ଋଷଭ ପନ୍ତ

ଚଳିତ ଟୁର୍ଣ୍ଣାମେଣ୍ଟରେ ତୃତୀୟଥର ମନ୍ଥର ବୋଲିଂ ଯୋଗୁଁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଋଷଭ ପନ୍ତଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯିବା ସହ ୩୦ ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା। ଯାହା ଫଳରେ ବେଙ୍ଗାଲୁରୁ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସେ ଖେଳି ନଥିଲେ। ତାଙ୍କ ସ୍ଥାନରେ ଅକ୍ଷର ପଟେଲ ଦଳର ନେତୃତ୍ୱନେଇଥିଲେ।

### ଆଇପିଏଲ୍‌ରେ ୪୦୦ ରନ ଓ ୧୫ ୱିକେଟ୍ ସଫଳତା

# ନାରିନ ବିଶ୍ୱର ୩ୟ କ୍ରିକେଟର୍



**କୋଲକାତା, ୧୨।୫ (ଏଜେନ୍ସି):** ବିଶ୍ୱର ୩ୟ କ୍ରିକେଟର୍ ଭାବେ ୱେଷ୍ଟଇଣ୍ଡିଜର ସୁନିଲ ନାରିନ ଆଇପିଏଲ୍‌ର ଗୋଟିଏ ସଂସ୍କରଣରେ ୪୦୦ରୁ ଊର୍ଦ୍ଧ୍ୱ ରନ କରିବା ସହ ୧୫ ୱିକେଟ୍ ସଫଳତା ପାଇଛନ୍ତି। କୋଲକାତା ନାଇଟ୍ ରାଇଡର୍ସର ଏହି ତାରକା ଅଲ୍‌ରାଉଣ୍ଡର ବର୍ତ୍ତମାନ ସୁଦ୍ଧା ଚଳିତ ଆଇପିଏଲ୍‌ରେ ୧୨ ମ୍ୟାଚ୍ ଖେଳି ୩୮.୪୨ ହାରରେ ୪୬୧ ରନ କରିଛନ୍ତି। ଯେଉଁଥିରେ ସେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେହିଭଳି ନାରିନଙ୍କ ନାମରେ ବର୍ତ୍ତମାନ ସୁଦ୍ଧା ୧୫ ୱିକେଟ୍ ଲିପିବଦ୍ଧ ରହିଛି। ନାରିନଙ୍କ ପୂର୍ବରୁ ସେନ୍ ୱାଟସନ ଓ ଜ୍ୟାକ କାଲିସ ଆଇପିଏଲ୍‌ର ଗୋଟିଏ ସଂସ୍କରଣରେ ୪୦୦ରୁ ଊର୍ଦ୍ଧ୍ୱ ରନ ଓ ୧୫ ୱିକେଟ୍ ସଫଳତା ପାଇଥିଲେ। ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳି ୱାଟସନ ୪୭୨ ରନ କରିବା ସହ ୧୭ ୱିକେଟ୍ ଅକ୍ତିଆର କରିଥିଲେ। ସେହିଭଳି ଆଇପିଏଲ୍‌ର ୨୦୧୨ ସଂସ୍କରଣରେ କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ପ୍ରତିନିଧିତ୍ୱ କରି କାଲିସ ୪୦୯ ରନ ସହ ୧୫ ୱିକେଟ ନେଇଥିଲେ।

# ଫିଲ୍ଡିଂରେ ବାଧା ଦେଇ ଜାଡେଜା ଆଉଟ୍

**ଚେନ୍ନାଇ, ୧୨।୫ (ଏଜେନ୍ସି)**



ଆଇପିଏଲ୍‌ରେ ରବିବାର ଅପରାହ୍ଣରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ୫ ୱିକେଟ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରି ପ୍ଲେ-ଅଫ୍ ଦିଗରେ ଆଉ ପାଦେ ଆଗେଇଛି। ଏହି ମ୍ୟାଚରେ ଚେନ୍ନାଇର ତାରକା ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଆଉଟ୍‌କୁ ନେଇ ବିବାଦ ଦେଖାଦେଇଛି। ମ୍ୟାଚରେ ଜାଡେଜା ୫ ରନ କରିଥିବାବେଳେ 'ଓବଷ୍ଟ୍ରକ୍ଟିଂ ଦି ଫିଲ୍ଡ'ର ଶିକାର ହୋଇ ଆଉଟ୍ ହୋଇଥିଲେ। ଅର୍ଥାତ୍ 'ଫିଲ୍ଡିଂରେ ବାଧାଦେବା' ନିୟମରେ ସେ ପ୍ୟାଭିଲିୟନ ଫେରିଥିଲେ। ମ୍ୟାଚର ୧୬ତମ ଓଭରରେ ଆଭେସ ଖାନ ବୋଲିଂ କରୁଥିବାବେଳେ ଜାଡେଜା ଥାର୍ଡମ୍ୟାନ ଅଞ୍ଚଳକୁ ଏକ ସଟ୍ ଖେଳି ଦୁଇ ରନ ପାଇଁ ପ୍ରୟାସ କରୁଥିଲେ। କିନ୍ତୁ ତାଙ୍କ ପାର୍ଟନର ଶିଭମ ଦୁବେ ୧ ରନ ପରେ ଜାଡେଜାଙ୍କୁ ଦୁଇ ରନ ପାଇଁ ମନା କରିଥିଲେ। ଜାଡେଜା ଅଧା କ୍ରିଜ ପର୍ଯ୍ୟନ୍ତ ଦୌଡ଼ିଯାଇଥିବାରୁ ନନ୍-ଷ୍ଟ୍ରାଇକ୍ ପାର୍ଶ୍ୱକୁ ଫେରୁଥିବାବେଳେ ୱିକେଟ୍‌ରକ୍ଷକ ସଞ୍ଜୁ ସାମସନ ବଲ୍‌କୁ ଥ୍ରୋ କରିଥିଲେ। କିନ୍ତୁ ଜାଡେଜା ଜାଣିଶୁଣି ବଲ୍ ଆଗରେ ଦୌଡ଼ି ବଲକୁ ଷ୍ଟମ୍ପରେ ବାଜିବାରେ ବାଧା ଦେଇଥିଲେ। ଫଳରେ ଅମ୍ପାୟର ୩ୟ ଅମ୍ପାୟରଙ୍କ ସହାୟତା ନେଇ ଜାଡେଜାଙ୍କୁ 'ଓବଷ୍ଟ୍ରକ୍ଟିଂ ଦି ଫିଲ୍ଡ'ରେ ଆଉଟ୍ ଘୋଷିତ କରିଥିଲେ। ଆଇପିଏଲ୍ ଇତିହାସରେ ଜାଡେଜା ୩ୟ ଖେଳାଳି ଭାବେ 'ଓବଷ୍ଟ୍ରକ୍ଟିଂ ଦି ଫିଲ୍ଡ'ର ଶିକାର ହୋଇଛନ୍ତି। ଆଇପିଏଲ୍‌ରେ ପ୍ରଥମ ଖେଳାଳି ଭାବେ ୨୦୧୩ରେ କୋଲକାତାର ୟୁସୁଫ ପଠାନ ପୁଣେ ବିପକ୍ଷରେ ଏହି ଆଉଟ୍‌ର ଶିକାର ହୋଇଥିଲେ। ଏହାପରେ ୨୦୧୯ରେ ଦିଲ୍ଲୀ କ୍ୟାପିଟାଲ୍ସର ଅମିତ ମିଶ୍ରା 'ବଲ୍‌କୁ ବାଧା ଦେବା' ଅଭିଯୋଗରେ ଆଉଟ୍ ହୋଇଥିଲେ।

### ଗୋଟିଏ ଟିମ୍‌ରୁ ୨୫୦ ଆଇପିଏଲ୍ ମ୍ୟାଚ୍

# କୋହଲିଙ୍କ କୀର୍ତ୍ତିମାନ



**ବେଙ୍ଗାଲୁରୁ,୧୨।୫ (ଏଜେନ୍ସି):** ଘରୋଇ ବେଙ୍ଗାଲୁରୁ ରୟାଲ୍ ଚ୍ୟାଲେଞ୍ଜର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍ ମୁକାବିଲା ବିରାଟ କୋହଲିଙ୍କ ପାଇଁ ସ୍ମରଣୀୟ ହୋଇରହିବ। ଆଇପିଏଲ୍ ଇତିହାସରେ କୋହଲିଙ୍କ ଏହା ୨୫୦ତମ ମ୍ୟାଚ୍ ଥିଲା। ଏହି ମ୍ୟାଚରେ ସେ ୧୩ ବଲରୁ ୨୭ ରନ କରିବା ସହ ବଡ଼ ପାଳି ଖେଳିବାରେ ବିଫଳ ହୋଇଥିଲେ। ତେବେ ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ ଗୋଟିଏ ଫ୍ରାଞ୍ଚାଇଜ ପକ୍ଷରୁ ୨୫୦ ମ୍ୟାଚ୍ ଖେଳିବାର କୀର୍ତ୍ତିମାନ କୋହଲିଙ୍କ ନାମରେ ଲିପିବଦ୍ଧ ହୋଇଛି। ଆଇପିଏଲ୍ ଆରମ୍ଭ ହେବା ଦିନଠାରୁ କୋହଲି ଏକମାତ୍ର ଖେଳାଳି ଭାବେ ଗୋଟିଏ ଦଳ ବେଙ୍ଗାଲୁରୁ ପକ୍ଷରୁ ଖେଳିଆସୁଛନ୍ତି। ମହେନ୍ଦ୍ର ସିଂ ଧୋନି (୨୬୩ ମ୍ୟାଚ୍), ରୋହିତ୍ ଶର୍ମା (୨୫୬) ଓ ଦୀନେଶ କାର୍ତ୍ତିକ (୨୫୪) ଆଇପିଏଲ୍‌ରେ ୨୫୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିସାରିଛନ୍ତି। କିନ୍ତୁ ଏହି ଖେଳାଳିମାନେ ଏକାଧିକ ଫ୍ରାଞ୍ଚାଇଜ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। କୋହଲି ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ରେ ୨୫୦ ମ୍ୟାଚ୍ ଖେଳି ୩୮.୬୫ ହାରରେ ୭୯୨୪ ରନ କରିଛନ୍ତି। ଏହାମଧ୍ୟରେ ସେ ୮ଟି ଶତକ ଓ ୫୫ଟି ଅର୍ଦ୍ଧଶତକ ମାରିଛନ୍ତି। ଚଳିତ ଆଇପିଏଲ୍‌ରେ ସେ ୧୨ ମ୍ୟାଚରୁ ୬୩୪ ରନ କରି 'ପର୍ପଲ କ୍ୟାପ୍'ର ଅଧିକାରୀ ରହିଛନ୍ତି।

### ଏଆଇଏଫ୍‌ଏଫ୍ ଉପକନିଷ୍ଠ ଲିଗ୍

# ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ବିଜୟୀ

**ଭୁବନେଶ୍ୱର, ୧୨।୫ (ସମିସ):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଭୁବନେଶ୍ୱରରେ ଚାଲିଥିବା ଉପକନିଷ୍ଠ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋର୍ବେଟ୍ଟ ଏଫ୍‌ସି (ଉତ୍ତରାଖଣ୍ଡ) ୭-୪ରେ ପାରାପ୍ପୁର ଏଫ୍‌ସି (କେରଳ)କୁ, ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ୫-୧ ବେଲ୍‌ଗାମ ଫୁଟ୍‌ବଲ ଏକାଡେମୀ (କର୍ଣ୍ଣାଟକ)କୁ ଏବଂ ତିଦ୍ଦିମ ରୋଡ୍ ଆଥ୍‌ଲେଟିକ ୟୁନିୟନ (ମଣିପୁର) ୬-୫ ଗୋଲରେ ଦି ସ୍ପୋର୍ଟ୍ସ ସ୍କୁଲ (କର୍ଣ୍ଣାଟକ)କୁ ପରାସ୍ତ କରିଛି। ପୂର୍ବରୁ ପ୍ରତିଯୋଗିତାର ପ୍ରଥମ ଦିବସରେ ମଣିପୁରର ଫୁଟ୍‌ବଲ ଫର୍ ଚେଞ୍ଜ ଏକାଡେମୀ, ପଞ୍ଜାବ ଏଫ୍‌ସି ଓ ବେଲ୍‌ଗାମ ଫୁଟ୍‌ବଲ ଏକାଡେମୀ ବିଜୟ ଲାଭ କରିଥିଲେ।

# ଟି-୨୦ରୁ ସିନ୍ ୱିଲିୟମ୍ସଙ୍କ ଅବସର



**ମୀରପୁର,୧୨।୫(ଏଜେନ୍ସି):** ଆଗାମୀ ଜୁନରେ ଟି-୨୦ ବିଶ୍ୱକପ୍ ଆୟୋଜନ ହେବା ପୂର୍ବରୁ ଜିମ୍ବାୱେ ଅଭିଜ୍ଞ ଅଲରାଉଣ୍ଡର ସିନ୍ ୱିଲିୟମ୍ସ ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେଇଛନ୍ତି। ବାଂଲାଦେଶ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଶେଷ ହେବା ପରେ ରବିବାର ସେ ଏହି ନିଷ୍ପତ୍ତି ନେଇଛନ୍ତି। ୩୭ ବର୍ଷୀୟ ୱିଲିୟମ୍ସ ଜିମ୍ବାୱେ ତରଫରୁ ପ୍ରତିନିଧିତ୍ୱ କରି ୮୧ଟି ଟି-୨୦ ମ୍ୟାଚ୍ ଖେଳି ୧୨୬.୩୮ ଷ୍ଟ୍ରାଇକ୍‌ରେଟ୍‌ରେ ଓ ୨୩.୬୮ ହାରରେ ୧୬୯୧ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୧୧ଟି ଅର୍ଦ୍ଧଶତକ ସାମିଲ ରହିଛି। ବାମହାତୀ ସ୍ପିନ ବୋଲିଂ କରି ସେ ୬. ୯୩ ଇକୋନୋମି ରେଟ୍‌ରେ ୪୮ଟି ୱିକେଟ ମଧ୍ୟ ହାସଲ କରିଛନ୍ତି। ଟି-୨୦ରୁ ଅବସର ନେଇଥିଲେ ମଧ୍ୟ ସେ ଦିନିକିଆ ଓ ଟେଷ୍ଟ କ୍ରିକେଟ ଖେଳିବା ଜାରି ରଖିବେ ବୋଲି କହିଛନ୍ତି। ସେ ୨୦୦୬ରେ ବାଂଲାଦେଶ ବିପକ୍ଷରେ ଜିମ୍ବାୱେ ପାଇଁ ଟି-୨୦ ପଦାର୍ପଣ କରିଥିଲେ। ସେ ଜିମ୍ବାୱେ ପାଇଁ ୧୫୬ଟି ଦିନିକିଆ ମ୍ୟାଚ୍ ଖେଳି ୪୯୮୬ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୮ଟି ଶତକ ଓ ୩୫ଟି ଅର୍ଦ୍ଧଶତକ ସାମିଲ ରହିଛି। ଦିନିକିଆରେ ସେ ୮୩ଟି ୱିକେଟ ମଧ୍ୟ ଅକ୍ତିଆର କରିଛନ୍ତି। ସେହିପରି ସେ ଜିମ୍ବାୱେ ତରଫରୁ ୧୪ଟି ଟେଷ୍ଟ ଖେଳିଛନ୍ତି।

### ଜାତୀୟ ଫେଡେରେସନ ଦୌଡ଼କୁଦ ଆରମ୍ଭ

# ପ୍ରଥମ ସ୍ୱର୍ଣ୍ଣ ଜିତିଲେ ସନ୍ତୋଷ କୁମାର

**ଭୁବନେଶ୍ୱର,୧୨।୫(ସମିସ)**

ସ୍ଥାନୀୟ କଳିଙ୍ଗ ଆଥଲେଟିକ ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହୋଇଛି ୨୭ତମ ଜାତୀୟ ଫେଡେରେସନ ଦୌଡ଼କୁଦ ପ୍ରତିଯୋଗିତା। ତାମିଲନାଡୁର ସନ୍ତୋଷ କୁମାର ତାମିଲାରାସନ ପୁରୁଷ ୪୦୦ ମିଟର ବାଧାଦୌଡ଼ରେ ପ୍ରଥମ ଦିବସର ପ୍ରଥମ ପଦକ ହାସଲ କରିଛନ୍ତି। ସେ ୫୦.୦୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତି ଏହି ସଫଳତା ପାଇଛନ୍ତି। ପଞ୍ଜାବର ନିଖିଲ ଭରଦ୍ୱାଜ ୫୦.୯୨ ସେକେଣ୍ଡ ସମୟ ନେଇ ରୌପ୍ୟ, ଗୁଜରାଟର ଧବାଲ ମହେଶ ଉତେକର ୫୧.୧୩ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି। ଏସିଆନ ଆଥଲେଟିକ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ହାସଲ କରିଥିବା ସନ୍ତୋଷ ୫୦ ସେକେଣ୍ଡରୁ କମ୍ ସମୟ ନେବାକୁ ଲକ୍ଷ୍ୟ ରଖିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ୨୦୨୩ ଏସିଆନ୍‌ରେ ସେ ୪୯.୯ ସେକେଣ୍ଡ ସମୟ ନେଇ କାଂସ୍ୟ ଜିତିଥିଲେ।



ଟି ସନ୍ତୋଷ କୁମାର



କେ ରଶ୍ମି



ବୀରପାଲ କୌର



ଦେବ ମୀନା

## ୪୦୦ମି ମହିଳା ବାଧାଦୌଡ଼ରେ ବୀରପାଲଙ୍କୁ ସ୍ୱର୍ଣ୍ଣ

ପଞ୍ଜାବର ବୀରପାଲ କୌର ମହିଳା ୪୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୫୯.୪୩ ସେକେଣ୍ଡ ସମୟରେ ଦୌଡ଼ ଶେଷ କରି ବାଜି ମାରିଥିଲେ। କେରଳର ସାଳିନୀ ଭରୁପରମ୍ବିଲ୍ ୧:୦୦.୭୩ ସେକେଣ୍ଡ ସମୟ ନେଇ ରୌପ୍ୟ ଓ ପଞ୍ଜାବର ରମଣଦୀପ କୌର ୧:୦୧. ୨୯ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି।

## ମହିଳା ଜାଭେଲିନ୍‌ରେ କେ ରଶ୍ମୀଙ୍କୁ ସ୍ୱର୍ଣ୍ଣିମ ସଫଳତା

ସେହିପରି ମହିଳା ଜାଭେଲିନ୍ ଇଭେଣ୍ଟରେ ଆନ୍ଧ୍ର ପ୍ରଦେଶର କେ ରଶ୍ମୀ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ସେ ୫୪.୭୫ ମିଟର ଜାଭେଲିନ୍ ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ଜିତିଛନ୍ତି। କର୍ଣ୍ଣାଟକର ଏସ୍ କରିଶ୍ମା ୪୯.୯୧ ମିଟର ସହ ରୌପ୍ୟ ଓ ପଞ୍ଜାବର ରୁପିନ୍ଦର କୌର ୪୭.୬୬ ମିଟର ଜାଭେଲିନ ଫିଙ୍ଗି କାଂସ୍ୟ ପଦକ ହାସଲ କରିଛନ୍ତି। ମହିଳା ଜାଭେଲିନ୍ ଇଭେଣ୍ଟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା।

## ପୁରୁଷ ପୋଲ ଭୋଲ୍ଟରେ ଦେବ କୁମାର ମୀନାଙ୍କୁ ସ୍ୱର୍ଣ୍ଣ

ପୁରୁଷ ପୋଲ ଭୋଲ୍ଟରେ ମଧ୍ୟପ୍ରଦେଶର ଦେବ କୁମାର ମୀନା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୫.୧୦ ମିଟର ଉଚ୍ଚ ଡେଇଁ ପ୍ରଥମ ସ୍ଥାନ ଅଧିକାର କରିବା ସହ ଏହି ସଫଳତା ପାଇଛନ୍ତି। ଉତ୍ତରପ୍ରଦେଶର ଶେଖର କୁମାର ପାଣ୍ଡେ ୪.୯୦ ମିଟର ଡେଇଁ ରୌପ୍ୟ ଓ ତାମିଲନାଡୁର ଆର ହରିହରନ ୪.୦ ମିଟର ଡେଇଁ କାଂସ ପଦକ ହାସଲ କରିଥିଲେ।

## ଟ୍ରିପଲ ଜମ୍ପରେ ଏମ ଅନୁଶାଙ୍କୁ ସ୍ୱର୍ଣ୍ଣ

ମହିଳା ଟ୍ରିପଲ ଜମ୍ପରେ ଆନ୍ଧ୍ରପ୍ରଦେଶର ଏମ୍ ଅନୁଶା ୧୩. ୫୩ ମିଟର ଡେଇଁ ସ୍ୱର୍ଣ୍ଣ, କେରଳର ଏନ୍‌ଭି ଶିନା ୧୩.୩୨ ମିଟର ଡେଇଁ ରୌପ୍ୟ ଓ କେରଳର ଗାୟତ୍ରୀ ଶିବକୁମାର ୧୩.୦୮ ମିଟଟ ଡେଇଁ ତୃତୀୟ ସ୍ଥାନରେ ରହି କାଂସ୍ୟ ଜିତିଛନ୍ତି।

## ଦର୍ଶକଙ୍କ ଲାଗି ମାଗଣା ପ୍ରବେଶ

ସ୍ଥାନୀୟ କଳିଙ୍ଗ ଆଥଲେଟିକ୍ ଷ୍ଟାଡିୟମରେ ରବିବାରଠାରୁ ୨୭ତମ ଜାତୀୟ ଫେଡେରେସନ ବରିଷ୍ଠ ଦୌଡ଼କୁଦ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଏହି ମୋଗ ଇଭେଣ୍ଟ ପାଇଁ କ୍ରୀଡ଼ାପ୍ରେମୀ ଓ ଦର୍ଶକମାନେ ବିନା ଟିକେଟ୍‌ରେ ଅର୍ଥାତ ମାଗଣାରେ ଷ୍ଟାଡିୟମରେ ପ୍ରବେଶ କରି ବିଭିନ୍ନ ଆଥଲେଟିକ୍ ଇଭେଣ୍ଟ ଦେଖିପାରିବେ। ଷ୍ଟାଡୟମର ପଶ୍ଚିମ ଷ୍ଟାଣ୍ଡରେ ଦର୍ଶକମାନେ ବସିପାରିବେ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA